ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୯/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Berhampur, Saturday, January 29/2022 ★★★

୧୮ଶ ଭାଗ ୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ବାଇଡେନ୍‌ଙ୍କୁ ଏଲନ୍ ମସ୍କଙ୍କ ସମାଲୋଚନା**

ଟେସ୍‌ଲା ସିଇଓ ଏଲନ୍ ମସ୍କ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସମାଲୋଚନା କରିଛନ୍ତି। ବାଇଡେନ୍ ଆମେରିକୀୟଙ୍କୁ ବୋକା ଭଳି ବ୍ୟବହାର କରୁଥିବା ସେ କହିଛନ୍ତି।

୦୨

୦୮

**ଶ୍ୱେତପର୍ଣ୍ଣା ସେମିଫାଇନାଲରେ**

ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡା।



# ଫେବୃୟାରୀ ୧ରୁ ଖୋଲିବ ଶ୍ରୀମନ୍ଦିର

■ ପ୍ରତି ରବିବାର ଦର୍ଶନ ବନ୍ଦ

■ ଆର୍‌ଟି-ପିସିଆର୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକା ପ୍ରମାଣପତ୍ର ବାଧ୍ୟତାମୂଳକ

ପୁରୀ ଅଫିସ,୨୮।୧

ଆସନ୍ତା ଫେବୃୟାରୀ ୧ରୁ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବ। ତେବେ ପୂର୍ବପରି ସାନିଟାଇଜ୍ ଲାଗି ପ୍ରତି ରବିବାର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପୁରୀ ସହରବାସୀ ଓ ସିଂହଦ୍ୱାର ଦେଇ ସମସ୍ତ ଶ୍ରଦ୍ଧାଳୁ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ।



ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବେ। ଶ୍ରୀମନ୍ଦିର ପ୍ରବେଶ ପାଇଁ ଆର୍‌ଟି -ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା କୋଭିଡ୍ ଡବଲ୍ ଡୋଜ୍ ଭାକ୍ସିନେଶନ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ☞ପୃଷ୍ଠା-୪

# ଏନ୍‌ଜିଟି ରାୟ ସଂରକ୍ଷିତ



## ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ମାମଲା

ନୂଆଦିଲ୍ଲୀ,୨୮।୧

ବାଲେଶ୍ୱର ଜିଲାରେ ସୁବର୍ଣ୍ଣରେଖା ନଦୀଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ ଅଭିଯୋଗ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଶୁକ୍ରବାର ତାଙ୍କ ରାୟ ସଂରକ୍ଷିତ ରଖିଛନ୍ତି। ଏନ୍‌ଜିଟିର ନ୍ୟାୟିକ ସଦସ୍ୟ ବି. ଅମିତ ସ୍ଥାଲେକର ଏବଂ ବିଶେଷଜ୍ଞ ସଦସ୍ୟ ସାଇବାଲ ଦାସଗୁପ୍ତା ମାମଲାର ଶୁଣାଣି କରିଥିଲେ।

ବେଆଇନ ଭାବେ ନଦୀଶଯ୍ୟାରୁ ପ୍ରଚୁର ବାଲି ଉତ୍ତୋଳନ କରାଯିବା ସହ ଗାଁ ରାସ୍ତାରେ ତାହା ପରିବହନ କରାଯିବା ଯୋଗୁ ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଛି। ଏଥିସହିତ ଜଳସ୍ତର ହ୍ରାସ ପାଇବା ସହ ନଦୀ ଦିଗ ବଦଳାଉଛି। ନଦୀରେ କାଠ ପୋଲ ଏବଂ ଆପ୍ରୋଚ ରୋଡ୍ ନିର୍ମାଣ ଯୋଗୁ ସ୍ୱାଭାବିକ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି। ଫଳରେ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଆବେଦନରେ ଦର୍ଶାଯାଇଥିଲା। ମନଇଚ୍ଛା ବାଲି ଉତ୍ତୋଳନ ଯୋଗୁ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି। ବାଲି ପରିବହନରେ ବହୁସଂଖ୍ୟାରେ ଟ୍ରକ୍ ଓ ଟ୍ରାକ୍ଟର ନିୟୋଜିତ ହୋଇଛନ୍ତି। ପ୍ରଦୂଷଣ ରୋକିବା ଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଉ ନାହିଁ। ସେହିପରି ଶବ୍ଦ ଓ ଧୂଳି ରୋକିବା ଲାଗି ମଧ୍ୟ କୌଣସି ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଆବେଦନପତ୍ର ପାଇବା ପରେ ଉକ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ପାଇଁ ପୂର୍ବରୁ ଟ୍ରିବ୍ୟୁନାଲ ବାଲେଶ୍ୱର ଜିଲାପାଳ, ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଜଣେ ସଦସ୍ୟଙ୍କୁ ନେଇ କମିଟି ଗଠନ କରିଥିଲେ।

# ୫୧ ଶିଳ୍ପ ନେଇଛନ୍ତି ୬୯୮୯.୩୯ କୋଟି

## ସରକାରୀ ଜମିରେ ଋଣ

■ ୧୪ ଜିଲାରେ ଅବ୍ୟବହୃତ ହୋଇ ପଡ଼ିଛି ୧୧୭୦ ଏକର

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଶିଳ୍ପାୟନ ପାଇଁ ସରକାର ଜମି ଦେଉଛନ୍ତି। ହେଲେ ବିଭିନ୍ନ ଶିଳ୍ପସଂସ୍ଥା ସେହି ଜମିକୁ ଉଦ୍ଦେଶ୍ୟ ବାହାରେ ଅନ୍ୟ କାର୍ଯ୍ୟରେ ବିନିଯୋଗ କରୁଛନ୍ତି। ଫଳରେ ମୂଲ୍ୟବାନ ଜମି ଦୀର୍ଘଦିନ ଧରି ତଥାକଥିତ ଶିଳ୍ପ ମାଲିକମାନଙ୍କ କବ୍‌ଜାରେ ରହୁଛି। ସରକାରୀ ଜମି ବନ୍ଧକ ରଖି ରାଜ୍ୟର ୫୧ ଶିଳ୍ପସଂସ୍ଥା ୬୯୮୯.୩୯ କୋଟି ଟଙ୍କା ଋଣ ନେଇଛନ୍ତି। ସେହିପରି ଶିଳ୍ପ ଉଦ୍ଦେଶ୍ୟ ପୂରଣ ହେଉ ନ ଥିବାରୁ ୧୪ ଜିଲାରେ ଅବ୍ୟବହୃତ ହୋଇ ପଡ଼ିଛି ୧୧୭୦ ଏକର ଜମି। କେବଳ ସେତିକି ନୁହେଁ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ଆଇଟି, ଇଲେକ୍ଟ୍ରୋନିକ୍ସ ଇତ୍ୟାଦି ଶିଳ୍ପ ପାଇଁ ବିଭିନ୍ନ ବେସରକାରୀ ସଂସ୍ଥାକୁ ଯୋଗାଇ ଦିଆଯାଇଥିବା ଜମିରୁ ବହୁ ଜମି ପରିତ୍ୟକ୍ତ ହୋଇ ପଡ଼ିରହିଛି। ଅବ୍ୟବହୃତ ଜମିକୁ ସରକାର ଫେରାଇ ଆଣୁନାହାନ୍ତି କିମ୍ବା ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ



ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବରଗଡ଼, କଟକ, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ନୟାଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ରାୟଗଡ଼ା, ବାଲେଶ୍ୱର, ମୟୂରଭଞ୍ଜ ଆଦି ୧୪ ଜିଲାରେ ୪୧୦ଟି ଶିଳ୍ପ ସଂସ୍ଥାକୁ ରାଜସ୍ୱ ବିଭାଗ ୩୬,୮୫୧.୧୦୩୬ ଏକର ଜମି ଯୋଗାଇ ଦେଇଥିଲା। ସେଥିରୁ ଦୀର୍ଘବର୍ଷ ହେବ ୧୧୭୦.୫୯୬ ଏକର ଜମି ଅବ୍ୟବହୃତ ହୋଇ ପଡ଼ିରହିଛି। କଟକ ଜିଲାରେ ବିଭିନ୍ନ ଶିଳ୍ପ ସଂସ୍ଥାକୁ ୨୮୫୧.୯୦୦ ଏକର ଜମି ଯୋଗାଇ ଦିଆଯାଇଥିଲା। ସେଥିରୁ ୨୩୨୪.୬୬୫ ଏକର ଜମି ବ୍ୟବହୃତ ହୋଇଛି। ୪୯୪.୩୮୦ ଏକର ଜମି ଅବ୍ୟବହୃତ ହୋଇ ପଡ଼ିରହିଛି।

ଅନୁରୂପ ଭାବେ ଢେଙ୍କାନାଳ ଜିଲାରେ ୫୫୪.୯୪ ଏକର, କଳାହାଣ୍ଡି ଜିଲାରେ ୩୨.୪୦ ଏକର, ବାଲେଶ୍ୱର ଜିଲାରେ ୩୨.୯୮ ଏକର ଜମି ଅବ୍ୟବହୃତ ହୋଇ ପଡ଼ିରହିଛି। ମୟୂରଭଞ୍ଜ ଜିଲାକୁ ବିଭିନ୍ନ ଶିଳ୍ପ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨୨୬.୬ ଏକର ଜମିରୁ ମାତ୍ର ୪୩.୯୬ ଏକର ବ୍ୟବହୃତ ହୋଇଛି। ତେବେ ବିଡମ୍ବନାର ବିଷୟ ଯେ ୫୧ଟି ଶିଳ୍ପ ସଂସ୍ଥା ସରକାରଙ୍କଠାରୁ ଲିଜ୍ ସୂତ୍ରରେ ନେଇଥିବା ୩୯୭.୩୧୦ ଏକର ଜମିକୁ ବିଭିନ୍ନ ବ୍ୟାଙ୍କରେ ବନ୍ଧକ ପକାଇ ୬୯୮୯.୩୯୫ କୋଟି ଟଙ୍କା ଋଣ ନେଇ ଯାଇଛନ୍ତି। ବନ୍ଧକ ରହିଥିବାରୁ ସରକାର ସେହି ଜମିକୁ ଫେରାଇ ଆଣିବା ମଧ୍ୟ ସହଜ ହେଉ ନାହିଁ। ଅନ୍ୟପକ୍ଷରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଶିଳ୍ପର ପ୍ରସାର ପାଇଁ ରାଜ୍ୟ ସରକାର ରସୁଲଗଡ଼, ଚନ୍ଦକା, ଇନ୍‌ଫୋସିଟି, ☞ପୃଷ୍ଠା-୪

# ୩ ଦିନ ୧୦ ଡିଗ୍ରୀ ତଳେ ରହିବ ପାରଦ

■ ଦାରିଙ୍ଗବାଡ଼ି ୬.୫ ଡିଗ୍ରୀ

■ ୧୦ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ପାରଦ ଉପରମୁହାଁ ରହିଥିବା ବେଳେ ଗୁରୁବାରଠାରୁ ତଳମୁହାଁ ହୋଇଛି। କେତେକ ସ୍ଥାନରେ ଶୀତ ଲହରି ଆରମ୍ଭ ହୋଇଛି। ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡାବାୟୁ ପ୍ରବାହ ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ତଳକୁ ଖସିଛି। ୮ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ୧୫ ଡିଗ୍ରୀ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡ଼ିରେ ୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮, କେନ୍ଦୁଝର ୮, ସୋନପୁର ୯, ବୌଦ୍ଧ ୯, ଝାରସୁଗୁଡା ୯, ଅନୁଗୋଳ ୯.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**


**ଏମ୍‌ଏଚ୍‌ଏରେ ବନ ଅଧିକାରୀ**

# ଓଡ଼ିଶାରେ ପ୍ରସ୍ତୁତ ଆଣ୍ଟିଜେନ୍ ଟେଷ୍ଟ କିଟ୍‌କୁ ଆଇସିଏମ୍‌ଆର୍ ଅନୁମୋଦନ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

କରୋନା ଭୂତାଣୁ ଚିହ୍ନଟ ପାଇଁ ପ୍ରଥମଥର ଓଡ଼ିଶାରେ ତିଆରି ହୋଇଛି ରାପିଡ୍ ଆଣ୍ଟିଜେନ୍ କିଟ୍। ଏହାର ନାଁ ରହିଛି ଇମ୍‌କୋଭ୍-ଏଜି (Im-COV-Ag)। ଏହି କରୋନା ଟେଷ୍ଟିଂ କିଟ୍‌କୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍) ଅନୁମୋଦନ ଦେଇଛି। ଭୁବନେଶ୍ୱରର ଇମ୍‌ଜେନେକ୍ସ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ଏହି ଆଣ୍ଟିଜେନ୍ କିଟ୍ ପ୍ରସ୍ତୁତ ହୋଇଥିବାବେଳେ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ସବୁ ପ୍ରକାର ଇଣ୍ଟେଲେକ୍‌ଚୁଆଲ୍ ସହାୟତା ଯୋଗାଇଦେଇଛି। ଏହି କିଟ୍ ବିକାଶ ଲାଗି ଏକକୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦ ଜୁନ୍‌ରୁ ଏହା ଉପରେ ଗବେଷଣା ଚାଲିଥିଲା। ଏହି କିଟ୍ ଦୁଇମାସ ମଧ୍ୟରେ ବଜାରକୁ ଆସିବ ବୋଲି ଶୁକ୍ରବାର ଇମ୍‌ଜେନେକ୍ସ ଇଣ୍ଡିଆର ପ୍ରତିଷ୍ଠାତା ତଥା ସିଇଓ ଡା. ସୁଜୟ ସିଂହ ସୂଚନା ଦେଇଛନ୍ତି।


ଏ ନେଇ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି, କୌଣସି କୋଭିଡ୍-୧୯ କିଟ୍ (ରାପିଡ୍ ଆଣ୍ଟିଜେନ୍ ବା ଆଣ୍ଟିବଡି ବା ଆର୍‌ଟି-ପିସିଆର କିଟ୍)ର ଆଇସିଏମ୍‌ଆର୍ ଅନୁମୋଦନ ମିଳିବା ପରେ ଜନସାଧାରଣଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ। ତେବେ Im-COV-Ag କିଟ୍‌କୁ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ଓ ଇମ୍‌ଜେନେକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି। ଆମେ ପ୍ରଥମେ କିଟ୍‌ରେ ଇନ୍‌ହାଉସ୍ ଟେଷ୍ଟିଂ କରିଥିଲୁ। ସେଥିରେ ରେଜଲ୍ଟ ଭଲ ଆସିଥିଲା। ଏହା ପରେ




## ଦୁଇମାସରେ ବଜାରରେ ମିଳିବ

ଆଇସିଏମ୍‌ଆର୍‌ଠାରୁ ଅନୁମତି ପାଇବା ପାଇଁ ଆବେଦନ କରିଥିଲୁ। ଆଇସିଏମ୍‌ଆର ଆବଶ୍ୟକ ପରୀକ୍ଷା ନିରୀକ୍ଷା କରି ଏହି କିଟ୍‌କୁ ଅନୁମୋଦନ କରିଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଚିହ୍ନଟ କରିବାରେ ଆଣ୍ଟିଜେନ୍ ଟେଷ୍ଟ କିଟ୍‌ର ବଡ଼ ଭୂମିକା ରହୁଛି। ବର୍ତ୍ତମାନ ଏହି କିଟ୍ ପାଇଁ ଓଡ଼ିଶାକୁ ବାହାର ରାଜ୍ୟର କମ୍ପାନୀ ଉପରେ ନିର୍ଭର କରିବାକୁ ପଡୁଛି। ତେବେ ଓଡ଼ିଶା ତିଆରି ଆଣ୍ଟିଜେନ୍ ଟେଷ୍ଟ କିଟ୍ ବଜାରରେ ମିଳିବା ପରେ ଆମକୁ ଆଉ ସେତେ ପରିମାଣରେ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ି ନ ପାରେ ବୋଲି ଆଶା କରାଯାଉଛି। ଖାଲି ସେତିକି ନୁହେଁ, କରୋନା ଚିକିତ୍ସା କ୍ଷେତ୍ରରେ ଓଡ଼ିଶା ଆଉ ଏକ ପାଦ ଆଗକୁ ବଢ଼ିଛି। ଏହି ଟେଷ୍ଟ କିଟ୍ ବାହାରକୁ ମଧ୍ୟ ରପ୍ତାନି କରାଯିବାର ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୧୦ ପାକ୍ ସୈନ୍ୟ ନିହତ

**ବେଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ**

**ନୂଆଦିଲ୍ଲୀ,୨୮।୧:** ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ କେଚ୍ ଜିଲାସ୍ଥିତ ଏକ ସେନା ଚେକ୍‌ପୋଷ୍ଟକୁ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ଏହି ଆକ୍ରମଣରେ ୧୦ ପାକିସ୍ତାନୀ ସୈନ୍ୟ ନିହତ ହୋଇଛନ୍ତି। ପାକିସ୍ତାନୀ ସେନାର ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଜାନୁୟାରୀ ୨୫-୨୬ ରାତିରେ ଆତଙ୍କବାଦୀମାନେ ଉକ୍ତ ଶିବିର ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଗୁଳି ବିନିମୟ ବେଳେ ଜଣେ ଆତଙ୍କବାଦୀ ନିହତ ହୋଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୧୦ ସୈନ୍ୟ ଟଳିପଡ଼ିଛନ୍ତି। ଏହା ପରେ ତଲାସି ଅଭିଯାନ ବେଳେ ୩ ଆତଙ୍କବାଦୀ ଧରାପଡ଼ିଛନ୍ତି।

### ବାଇଡେନ୍ ଆମେରିକୀୟଙ୍କୁ ବୋକା ଭଳି ବ୍ୟବହାର କରୁଛନ୍ତି: ଏଲନ୍ ମସ୍କ



**ୱାଶିଂଟନ,୨୮।୧:** ଟେସ୍‌ଲା ସିଇଓ ଏଲନ୍ ମସ୍କ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସମାଲୋଚନା କରିଛନ୍ତି। ବାଇଡେନ୍ ଆମେରିକୀୟମାନଙ୍କୁ ବୋକା ଭଳି ବ୍ୟବହାର କରୁଥିବା ମସ୍କ କହିଛନ୍ତି। ରାଷ୍ଟ୍ରପତି ବାଇଡେନ୍ ମସ୍କଙ୍କ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଜେନେରାଲ ମୋଟର୍ସ ଏବଂ ଫୋର୍ଡ ମୋଟରର ଅଧିକାରୀମାନଙ୍କୁ ଭେଟିବା ଏବଂ ଆମେରିକାର ଭବିଷ୍ୟତ ଇଲେକ୍ଟ୍ରିକ୍ କାର୍ ଆଲୋଚନାରେ ଟେସ୍‌ଲା ସ୍ଥାନ ନ ପାଇବା ପରେ ମସ୍କ ଏଭଳି ପ୍ରତିକ୍ରିୟା ରଖିଛନ୍ତି। ବାଇଡେନ୍ ମାନବ ରୂପରେ ପୁତ୍ତଳିକା, ଯିଏ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ସେ ଆମେରିକୀୟ ଜନସାଧାରଣଙ୍କୁ ବୋକା ଭଳି ବ୍ୟବହାର କରୁଥିବା ଟେସ୍‌ଲା ସିଇଓ ଟୁଇଟ୍ କରିଛନ୍ତି।


### ବଜେଟ ଅଧିବେଶନ: ଚାଷୀ, ସୀମା ବିବାଦ ପ୍ରସଙ୍ଗ ଉଠାଇବ କଂଗ୍ରେସ

**ନୂଆଦିଲ୍ଲୀ,୨୮।୧(ପି.ଟି.):** ଜାନୁୟାରୀ ୩୧ରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ କଂଗ୍ରେସ ଅନ୍ୟ ସମଭାବାପନ୍ନ ଦଳଗୁଡ଼ିକ ସହ ଏକାଠି କାର୍ଯ୍ୟ କରିବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମିଳିତ ଭାବେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଅଧକ୍ଷତାରେ ଦଳର ସଂସଦୀୟ ଷ୍ଟ୍ରାଟେଜି ଗ୍ରୁପ୍ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ମୃତକଙ୍କ ପରିବାରକୁ ସହାୟତା ପ୍ୟାକେଜ୍, ଚାଷୀ ସମସ୍ୟା ଓ ସୀମା ବିବାଦକୁ ମୁଖ୍ୟ ପ୍ରସଙ୍ଗ କରାଯିବ ବୋଲି ଉକ୍ତ ଭର୍ଚୁଆଲ ବୈଠକରେ ସ୍ଥିର ହୋଇଛି। କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ୟାକେଜ ଦେବା ଲାଗି କଂଗ୍ରେସ ଦାବି କରିଆସୁଛି। ସେହିପରି ଟାଟା ଗ୍ରୁପ୍‌କୁ ଏୟାର ଇଣ୍ଡିଆ ବିକ୍ରି, ଭାରତୀୟ ଅର୍ଥନୀତିରେ ଅଧୋଗତି ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ବୃଦ୍ଧି ବିରୋଧରେ ମଧ୍ୟ କଂଗ୍ରେସ ପ୍ରତିବାଦ ଜଣାଇବ। ବୈଠକରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ବରିଷ୍ଠ ନେତା ଏ.କେ. ଆଣ୍ଟୋନି, କେ.ସି. ବେଣୁଗୋପାଳ, ଆନନ୍ଦ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

# ନିଓକୋଭ୍ ବିପଜ୍ଜନକ ଭାରିଆଣ୍ଟ

**ଜେନେଭା,୨୮।୧**

ଚାଇନାର ଗବେଷକମାନେ ଦକ୍ଷିଣ ଆଫ୍ରିକାରେ ବାଦୁଡ଼ିମାନଙ୍କଠାରେ କରୋନା ଭୂତାଣୁର ଏକ ନୂଆ ଭାରିଆଣ୍ଟ ଚିହ୍ନଟ କରିଛନ୍ତି। ନିଓକୋଭ୍ ନାମକ ଏହି ଭୂତାଣୁ ରୂପ ବଦଳାଇବାର କ୍ଷମତା ରଖିଥିବାବେଳେ ଏହା ମାନବଜାତି ପାଇଁ ବିପଜ୍ଜନକ ବୋଲି ଗବେଷକମାନେ ଦାବି କରିଛନ୍ତି। ତେବେ ଏହା ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଚାଇନାର ଉହାନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ମତରେ ନିଓକୋଭ୍ କରୋନା ଭୂତାଣୁ ଭଳି ମାନବ କୋଷ ମଧ୍ୟରେ ପ୍ରବେଶ କରିପାରେ। ମଧ୍ୟପ୍ରାଚ୍ୟର ରେସ୍ପିରେଟୋରି ସିଣ୍ଡ୍ରୋମ୍ କରୋନାଭୂତାଣୁ (ଏମ୍‌ଇଆର୍‌ଏସ୍-କୋଭ୍) ସହ ଏହି ଭାରିଆଣ୍ଟର ଘନିଷ୍ଠ ସମ୍ପର୍କ ଥିବା



କୁହାଯାଉଛି। ନିଓକୋଭ୍ ସମ୍ପର୍କରେ ଅଧିକ ଗବେଷଣା ଲାଗି ଡବ୍ଲ୍ୟୁଏଚ୍‌ଓ ବିଶ୍ୱ ପ୍ରାଣୀସ୍ୱାସ୍ଥ୍ୟ ସଂଗଠନ (ଓଆଇଇ), ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ସହ ଏକାଠି କାର୍ଯ୍ୟ କରୁଛି।

ମାନବଶରୀରକୁ ସଂକ୍ରମିତ ହେଉଥିବା ବିଭିନ୍ନ ରୋଗର ୭୫ ପ୍ରତିଶତରୁ ଅଧିକର ଉତ୍ସ ହେଉଛନ୍ତି ବନ୍ୟପ୍ରାଣୀ। କରୋନା ଭୂତାଣୁ ମଧ୍ୟ ବାଦୁଡ଼ି ଭଳି ପ୍ରାଣୀ ଶରୀରରୁ ଆସିଥିଲା। ଚାଇନା ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ସେମାନେ ଅପ୍ରତ୍ୟାଶିତ ଭାବେ ନିଓକୋଭ୍ ଓ ଏହାର ଘନିଷ୍ଠ ସମ୍ପର୍କ ରହିଥିବା ପିଡିଏଫ୍-୨୧୮୦-କୋଭ୍ ପାଇଛନ୍ତି। ବାଦୁଡ଼ିଠାରେ ଦେଖାଦେଇଥିବା ଆଞ୍ଜିଓଟେନ୍‌ସିନ ପରିବର୍ତ୍ତନୀ ଏନ୍‌ଜାଇମ୍୨ (ଏସିଇ୨)କୁ ଅନୁଧ୍ୟାନ କରିବା ପରେ ଏମ୍‌ଇଆର୍‌ଏସ୍ ଭୂତାଣୁଠାରେ ଏହା ରହିଥିବା ଜଣାପଡ଼ିଥିଲା। ଏମ୍‌ଇଆର୍‌ଏସ୍-କୋଭ୍-୨ ବ୍ୟବହାର କରୁଥିବା ଏସିଇ୨ ମାନବ ଶରୀରରେ ପ୍ରବେଶ କଲେ ସଂକ୍ରମଣ ଓ ମୃତ୍ୟୁ ହାର ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। କରୋନା କିମ୍ବା ଏମ୍‌ଇଆର୍‌ଏସ୍-କୋଭ୍‌କୁ ପ୍ରତିରୋଧ କରୁଥିବା ଆଣ୍ଟିବଡ଼ି ଏହି ନୂଆ ଭୂତାଣୁକୁ ନିଷ୍କ୍ରିୟ କରିପାରିବ ନାହିଁ ବୋଲି ଗବେଷକମାନେ କହିଛନ୍ତି। ତେବେ ଉକ୍ତ ଭୂତାଣୁ କେତେ ବିପଦ ଆଣିବ ତାହା ଆକଳନ କରିବା କଷ୍ଟକର ବୋଲି ରୁଷିଆର ଗାମାଲେୟା ସେଣ୍ଟରର ବାୟୋଟେକ୍‌ନୋଲୋଜି ଲାବରେଟୋରି ମୁଖ୍ୟ ସର୍ଗେଇ ଆଲଖୋଭସ୍କି କହିଛନ୍ତି।

# ନାଜାଲ ଭାକ୍ସିନ୍ ପରୀକ୍ଷାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୮।୧(ପି.ଟି.)**



ଭାରତ ବାୟୋଟେକ୍‌ର ଇଣ୍ଟ୍ରାନାଜାଲ ବୁଷ୍ଟର ଡୋଜ୍‌କୁ ଦେଶରେ ପରୀକ୍ଷା କରାଇବା ପାଇଁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ୯ଟି ବିଭିନ୍ନ ସ୍ଥାନରେ ଉକ୍ତ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା କରାଯିବ। ଯେଉଁମାନେ କୋଭାକ୍ସିନ ଏବଂ କୋଭିଶିଲ୍ଡ ଟିକା ନେଇଛନ୍ତି, ସେମାନେ ବୁଷ୍ଟର ଡୋଜ୍ ଭାବେ ଉକ୍ତ ଇଣ୍ଟ୍ରାନାଜାଲ ଭାକ୍ସିନ୍ ବିବିଭି୧୫୪କୁ ନେଇପାରିବେ। ଭାରତ ବାୟୋଟେକ୍ ମୋଟ ୫,୦୦୦ ଲୋକଙ୍କ ଉପରେ ଏହାର ପରୀକ୍ଷା କରାଇବାକୁ ଲକ୍ଷ୍ୟ ରଖିଛି। ପରୀକ୍ଷାରେ ୨,୫୦୦ କୋଭିଶିଲ୍ଡ ଟିକା ନେଇଥିବା ବ୍ୟକ୍ତି ଏବଂ ଅନ୍ୟ ୨,୫୦୦ କୋଭାକ୍ସିନ ନେଇଥିବା ହିତାଧିକାରୀଙ୍କୁ ସାମିଲ କରାଯିବ। ଦ୍ୱିତୀୟ ଡୋଜ୍ ଏବଂ ଇଣ୍ଟ୍ରାନାଜାଲ ବୁଷ୍ଟର ଡୋଜ୍ ମଧ୍ୟରେ ୬ ମାସ ବ୍ୟବଧାନ ରହିବ। କ୍ଲିନିକାଲ ପରୀକ୍ଷା ପରେ ମାର୍ଚ୍ଚ ବେଳକୁ ଏହି ଟିକା ବଜାରକୁ ଆସିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଗତ ଡିସେମ୍ବର ୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଖୁବ୍‌ଶୀଘ୍ର ନାଜାଲ ଭାକ୍ସିନ ପ୍ରସ୍ତୁତ ହେବ ବୋଲି କହିଥିଲେ।

ଭାରତ ବାୟୋଟେକ୍ ଉକ୍ତ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷାକୁ ଅନୁମତି ଦେବା ଲାଗି ଡିସେମ୍ବରରେ ଡିସିଜିଆଇକୁ ଆବେଦନ କରିଥିଲା। ଗତ ଅଗଷ୍ଟରେ ଇଣ୍ଟ୍ରାନାଜାଲ ଭାକ୍ସିନର ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାକୁ ଅନୁମତି ମିଳିଥିଲା।

# ଦିଲ୍ଲୀରେ ଅଖିଳେଶଙ୍କ ହେଲିକପ୍ଟର ଅଟକାଇଲା ଭାଜପା

**ନୂଆଦିଲ୍ଲୀ,୨୮।୧**

ମୋ ହେଲିକପ୍ଟରକୁ କୌଣସି କାରଣ ନ ଦର୍ଶାଇ ଦିଲ୍ଲୀରେ ଅଟକାଇ ଦିଆଯାଇଛି। ଏବେ ଜଣେ ବରିଷ୍ଠ ଭାଜପା ନେତାଙ୍କୁ ଏଠାରୁ ହେଲିକପ୍ଟରରେ ଉଡ଼ାଣ ଅନୁମତି ଦିଆଯାଇଥିବାବେଳେ ମୋତେ ମୁଜାଫରନଗର ଯିବାକୁ ଦିଆଯାଉ ନାହିଁ। ପରାଜୟମୁହାଁ ଭାଜପାର ଏହା ହେଉଛି ନୈରାଶ୍ୟପୂର୍ଣ୍ଣ ଷଡ଼ଯନ୍ତ୍ର। ଜନତା ସବୁ ଜାଣୁଛନ୍ତି। ଶୁକ୍ରବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବଙ୍କ ଏହି ଟୁଇଟ୍ କେବଳ ଉତ୍ତର ପ୍ରଦେଶ ନୁହେଁ, ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିଲା।

ୟୁପିର ୪୦୩ ବିଧାନସଭା ଆସନରେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ମଧ୍ୟରେ ସାତଟି ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ମାର୍ଚ୍ଚ ୧୦ରେ ଭୋଟ ଗଣତି ହେବ। ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ପାଇଁ ସବୁ ଦଳ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଥିବାବେଳେ ଅଖିଳେଶ ଲକ୍ଷ୍ନୌସ୍ଥିତ ଅମଉସି ଏୟାରପୋର୍ଟରୁ ପୂର୍ବାହ୍ନ ୧୦ଟା ୩୦ରେ ଏକ ଘରୋଇ ପ୍ଲେନ୍‌ରେ ଦିଲ୍ଲୀ ଯାଇଥିଲେ। ଦିଲ୍ଲୀ ବିମାନବନ୍ଦରରେ ସେ ୧୧ଟା ୪୫ରେ ଅବତରଣ କରିଥିଲେ। ସେଠାରୁ ସେ ୧୨ଟା ୧୫ରେ ୟୁପିର ମୁଜାଫରନଗର ଓ ପରେ ମିରଟକୁ ପ୍ରଚାର ପାଇଁ ବାହାରିଥିଲେ। କିନ୍ତୁ ତାଙ୍କୁ ଉଡ଼ାଣ ଅନୁମତି ମିଳି ନ ଥିଲା। ସମାଜବାଦୀ ପାର୍ଟିର ପ୍ରଚାର ରୋକିବା ପାଇଁ ଏହା ଭାଜପାର ଏକ ଷଡ଼ଯନ୍ତ୍ର ବୋଲି ଅଖିଳେଶ ସମାଲୋଚନା କହିଥିଲେ। ଗୈରିକ ଦଳର ମୁଖ୍ୟ ଚ୍ୟାଲେଞ୍ଜର ଆହୁରି କହିଥିଲେ, କ୍ଷମତାର ଦୁରୁପଯୋଗ ହେଉଛି ପରାଜୟର ସଙ୍କେତ। ଆଜିର ଦିନ ସମାଜବାଦୀଙ୍କ ସଂଗ୍ରାମର ଦିବସ ଭାବେ ସ୍ମରଣୀୟ ହୋଇ ରହିବ। ଏସ୍‌ପି ଏକ ଐତିହାସିକ ବିଜୟ ଆଡ଼କୁ ଅଗ୍ରସର ହେଉଛି ବୋଲି ଅଖିଳେଶ ଟୁଇଟ୍ କରିଥିଲେ।



ନୂଆଦିଲ୍ଲୀରେ ନିଜ ହେଲିକପ୍ଟର ସହ ଏସ୍‌ପି ଅଧକ୍ଷ ଅଖିଳେଶ ଯାଦବ।

# ୧୨ ଭାଜପା ବିଧାୟକଙ୍କ ନିଲମ୍ବନ ଅସାମ୍ବିଧାନିକ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୧(ଆଇଏଏନ୍‌ଏସ୍)**

ମହାରାଷ୍ଟ୍ର ବିଧାନସଭାରୁ ୧୨ ଜଣ ଭାଜପା ବିଧାୟକଙ୍କୁ ବର୍ଷକ ପାଇଁ ନିଲମ୍ବନ କରାଯିବା ଅସାମ୍ବିଧାନିକ ଓ ମନମାନି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲଙ୍କରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିଲମ୍ବନ ଆଦେଶକୁ ଖାରଜ କରିଦେଇଛନ୍ତି। ନିଲମ୍ବନ କେବଳ ଗୋଟିଏ ଅଧିବେଶନ ପାଇଁ କରାଯାଇପାରେ। ୧୨ ଜଣ ବିଧାୟକଙ୍କୁ ଗୋଟିଏ ବର୍ଷ ନିଲମ୍ବନ କରିବା ଲାଗି ପ୍ରସ୍ତାବ ଆଣିବା ବେଆଇନ ଏବଂ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଖଣ୍ଡପୀଠ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇରେ ବିଧାନସଭାରେ ଅଶୋଭନୀୟ ଆଚରଣ ପାଇଁ ଭାଜପାର ୧୨ ବିଧାୟକଙ୍କୁ ଗୋଟିଏ ବର୍ଷ ନିମନ୍ତେ ନିଲମ୍ବନ କରାଯାଇଥିଲା। ଏହାକୁ ବିଧାୟକମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗତ ୧୯ ତାରିଖରେ ସର୍ବୋଚ୍ଚ ଅଦାଲତ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ନିଲମ୍ବିତ ବିଧାୟକମାନଙ୍କ ତରଫରୁ ମହେଶ ଜେଠମାଲାନି, ମୁକୁଲ ରୋହତଗୀ, ନୀରଜ କିଷନ କୌଲ ଏବଂ ସିଦ୍ଧାର୍ଥ ଭଟନାଗର ମାମଲା ଲଢ଼ୁଥିଲେ।

# ୟେଦୁରପ୍ପାଙ୍କ ନାତୁଣୀଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ,୨୮।୧**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ନାତୁଣୀ ସୌନ୍ଦର୍ଯ୍ୟା ନୀରଜ(୩୦) ଶୁକ୍ରବାର ବେଙ୍ଗାଲୁରୁର ବସନ୍ତନଗରସ୍ଥିତ ତାଙ୍କ ଆପାର୍ଟମେଣ୍ଟ ଫ୍ଲାଟ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଡାକ୍ତର ଥିଲେ ଏବଂ ୨୦୧୯ରେ ଡାକ୍ତର ନୀରଜଙ୍କୁ ବିବାହ କରିଥିଲେ। ତାଙ୍କର ୯ ମାସର ସନ୍ତାନ ଅଛନ୍ତି। ଶିଶୁଟିକୁ ଅନ୍ୟ ରୁମ୍‌ରେ ଛାଡ଼ିଦେଇ ସୌନ୍ଦର୍ଯ୍ୟା ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ସ୍ୱାମୀଙ୍କ ଅଭିଯୋଗ କ୍ରମେ ହାଇ ଗ୍ରାଉଣ୍ଡ ପୋଲିସ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କ'ଣ ପାଇଁ ସୌନ୍ଦର୍ଯ୍ୟା ଏଭଳି ଚରମ ପଦକ୍ଷେପ ନେଲେ ଜାଣିବା ପାଇଁ ପୋଲିସ ତାଙ୍କ ବାପଘର ଲୋକଙ୍କ ବୟାନକୁ ଅପେକ୍ଷା କରିଛି। ସ୍ୱାମୀସ୍ତ୍ରୀ ଖୁସିରେ ରହୁଥିଲେ, ସେମାନଙ୍କ ମଧ୍ୟରେ କୌଣସି ବିବାଦ ନ ଥିଲା ବୋଲି ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ କହିଛନ୍ତି।

ଖବର ଅନୁଯାୟୀ ଡ. ସୌନ୍ଦର୍ଯ୍ୟା ବାଓରିଙ୍ଗ ହସ୍ପିଟାଲରେ ଆସିଷ୍ଟାଣ୍ଟ ପ୍ରଫେସର ତଥା ଡାକ୍ତର ଥିଲେ ଏବଂ ତାଙ୍କ ସ୍ୱାମୀ ନୀରଜ ଏମ୍.ଏସ୍. ରାମେୟା ହସ୍ପିଟାଲରେ ରେଡିଓଲୋଜିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଉଭୟ ଗୋଟିଏ କଲେଜରେ ପଢ଼ୁଥିଲେ। ସକାଳ ସାଢ଼େ ୧୦ଟା ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟାଙ୍କ ରୁମ୍ ନ ଖୋଲିବାରୁ ଚାକରାଣୀ ତାଙ୍କ ସ୍ୱାମୀ ଓ ଅନ୍ୟମାନଙ୍କୁ ଖବର ଦେଇଥିଲେ। ଆପାର୍ଟମେଣ୍ଟ କର୍ମଚାରୀ ଆସି ସୌନ୍ଦର୍ଯ୍ୟାଙ୍କ ମୃତଦେହ ବାଲ୍‌କୋନିରୁ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଶବବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ସୌନ୍ଦର୍ଯ୍ୟାଙ୍କ ବେକରେ ଦାଗ ରହିଥିବାବେଳେ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଘାତ ଚିହ୍ନ ନାହିଁ।



ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ସହ ନାତୁଣୀ ସୌନ୍ଦର୍ଯ୍ୟା ନୀରଜ।

# ଗାନ୍ଧୀ ହତ୍ୟା ସମ୍ପର୍କିତ ଫିଲ୍ମକୁ ନିଷିଦ୍ଧ ଘୋଷଣା ଦାବି

**ନୂଆଦିଲ୍ଲୀ,୨୮।୧**

**ରିଲିଜ୍ ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟରେ ପିଟିଶନ**

ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଯଥାର୍ଥ ପ୍ରତିପାଦିତ କରୁଥିବା 'ହ୍ୱାଇ ଆଇ କିଲ୍ଡ ଗାନ୍ଧୀ' ଶୀର୍ଷକ ଫିଲ୍ମକୁ ନିଷିଦ୍ଧ ଘୋଷଣା କରିବାକୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ଉକ୍ତ ସିନେମାର ସବୁ ପ୍ରକାର ଅନ୍‌ଲାଇନ୍ ରିଲିଜ୍ ଉପରେ ମଧ୍ୟ ରୋକ ଲଗାଇବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

ଆବେଦନକାରୀ ସିକନ୍ଦର ବେଲଙ୍କ ପକ୍ଷରୁ ଆଇନଜୀବୀ ଅନୁଜ ଭଣ୍ଡାରୀ ଏହି ପିଟିଶନ ଦାଏର କରିଛନ୍ତି। ଓଭର୍ ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରସାରିତ ହେଉଥିବା କଣ୍ଟେଣ୍ଟଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ ନିୟନ୍ତ୍ରଣ କରିବା ସକାଶେ ଗାଇଡ୍‌ଲାଇନ୍ ଜାରି କରିବାକୁ ସେ ଏଥିରେ ଶୀର୍ଷ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଆବେଦନକାରୀଙ୍କ ଯୁକ୍ତି ହେଉଛି, ରାଇଟ୍ସ ମିଡିଆ ଇଣ୍ଟରନ୍ୟାଶନାଲ ବ୍ୟାନରରେ କଲ୍ୟାଣୀ ସିଂଙ୍କ ଦ୍ୱାରା ପ୍ରଯୋଜିତ 'ହ୍ୱାଇ ଆଇ କିଲ୍ଡ ଗାନ୍ଧୀ' ଫିଲ୍ମ ହେଉଛି ମହାତ୍ମା ଗାନ୍ଧୀଙ୍କ ହତ୍ୟା କାହାଣୀ ଉପରେ ଆଧାରିତ। ନାଥୁରାମ ଗଡ୍‌ସେ ଗାନ୍ଧିଜୀଙ୍କୁ କାହିଁକି ହତ୍ୟା କଲେ ଓ କୋର୍ଟରେ ଏହି ମାମଲାର ବିଚାରକୁ ନେଇ ଫିଲ୍ମର କଥାବସ୍ତୁ ଗତିଶୀଳ ହୋଇଛି। ଏଥିରେ ଗାନ୍ଧିଜୀଙ୍କ ଛବିକୁ କଳଙ୍କିତ କରି ନାଥୁରାମଙ୍କୁ ମହିମାମଣ୍ଡିତ କରାଯାଇଛି ବୋଲି ଗତ ୨୨ରେ ରିଲିଜ୍ ହୋଇଥିବା ଏହାର ଟ୍ରେଲରରୁ ଜଣାପଡୁଛି। ତେଣୁ ଉକ୍ତ ବିବାଦୀୟ ଫିଲ୍ମକୁ ନିଷିଦ୍ଧ ଘୋଷଣା କରାଯାଉ ବୋଲି ପିଟିଶନର ଦାବି କରିଛନ୍ତି।




### ଯୁବଗୋଷ୍ଠୀ ସକ୍ରିୟ ଥିବା ଦେଶକୁ କେହି ରୋକି ପାରିବେନି: ମୋଦି

**ନୂଆଦିଲ୍ଲୀ,୨୮।୧**

ଷ୍ଟାର୍ଟଅପ୍‌ଠାରୁ ଆରମ୍ଭ କରି କ୍ରୀଡ଼ା ପର୍ଯ୍ୟନ୍ତ ଭାରତର ଯୁବବର୍ଗଙ୍କ ଶକ୍ତିର ଉଚ୍ଚ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯେଉଁ ଦେଶର ଯୁବବର୍ଗ ପ୍ରଥମେ ରାଷ୍ଟ୍ର ମାନସିକତାର ସହ କାର୍ଯ୍ୟ କରୁଛନ୍ତି, ତାକୁ କେହି ଅଟକାଇପାରିବେ ନାହିଁ ବୋଲି ଶୁକ୍ରବାର ନୂଆଦିଲ୍ଲୀର କାରିଆପ୍ପା ଗ୍ରାଉଣ୍ଡରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଏନ୍‌ସିସିକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ନିଆଯାଉଛି। ଗତ ଦୁଇବର୍ଷରେ ସୀମାନ୍ତରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟଙ୍କୁ ସାମିଲ କରାଯାଇଛି। ସଶସ୍ତ୍ର ବାହିନୀରେ ମହିଳାମାନଙ୍କୁ ଅଧିକରୁ ଅଧିକ ଦାୟିତ୍ୱ ପ୍ରଦାନ କରାଯାଉଛି। ସେଥିପାଇଁ ଏନ୍‌ସିସିରେ ଛାତ୍ରୀମାନେ ଅଧିକ ସଂଖ୍ୟାରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ।



ନୂଆଦିଲ୍ଲୀର କାରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ଏନ୍‌ସିସି ରାଲିରେ କ୍ୟାଡେଟ୍‌ମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ଫିଲିପାଇନ୍ସକୁ ବ୍ରହ୍ମୋସ ଦେବ ଭାରତ

**୩୭୪ ନିୟୁତ ଡଲାରର ଚୁକ୍ତିନାମା ସ୍ୱାକ୍ଷର**

**ନୂଆଦିଲ୍ଲୀ,୨୮।୧(ପି.ଟି.)**

ଫିଲିପାଇନ୍ସକୁ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ରପ୍ତାନି କରିବ ଭାରତ। ଏଥିପାଇଁ ଫିଲିପାଇନ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରାଇଭେଟ ଲିମିଟେଡ୍ (ବିଏପିଏଲ୍) ସହ ୩୭୪ ନିୟୁତ ଡଲାର (୨,୭୭୦ କୋଟି ଟଙ୍କା) ମୂଲ୍ୟର ଚୁକ୍ତିନାମା ସ୍ୱାକ୍ଷର କରିଛି। ତେବେ କେତେ ସଂଖ୍ୟାରେ କ୍ଷେପଣାସ୍ତ୍ର ଯୋଗାଇ ଦିଆଯିବ ସେ ନେଇ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଭାରତ ଓ ରୁଷିଆର ମିଳିତ ଉଦ୍ୟୋଗ ବିଏପିଏଲ୍ ପ୍ରସ୍ତୁତ କରୁଥିବା ୨୯୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ବୁଡ଼ାଜାହାଜ, ଜାହାଜ, ବିମାନ ଏବଂ ସ୍ଥଳଭାଗରୁ ନିକ୍ଷେପ କରାଯାଇପାରିବ। ଫିଲିପାଇନ୍ସକୁ ଜାହାଜ ବିଧ୍ୱଂସୀ ବ୍ରହ୍ମୋସ୍ ମିସାଇଲ୍ ଯୋଗାଇ ଦିଆଯିବ ବୋଲି ନୌସେନାର ଜଣେ ଅଧିକାରୀ କହିଛନ୍ତି। ଭାରତର ପ୍ରତିରକ୍ଷା ସରଞ୍ଜାମ ରପ୍ତାନି ବୃଦ୍ଧି ଦିଗରେ ଏହି ଚୁକ୍ତିନାମା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।





ଆଗାମୀ ଦିନରେ ଫିଲିପାଇନ୍ସ ସମେତ ଅନ୍ୟ ଏସୀୟ ରାଷ୍ଟ୍ର ସହ ଏଭଳି ଚୁକ୍ତିନାମା ହେବାକୁ ଯାଉଛି। ଏହା ବ୍ୟତୀତ ଦକ୍ଷିଣ ଚାଇନା ସାଗରକୁ ନେଇ ଚାଇନାର ବିସ୍ତାରବାଦୀ ନୀତି ଓ ପଡୋଶୀ ଦେଶଗୁଡ଼ିକୁ ସାମରିକ ଶକ୍ତିର ଭୟ ଦେଖାଉଥିବାବେଳେ ଉପରୋକ୍ତ ଚୁକ୍ତିନାମା ରଣନୀତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଏକ ସୂତ୍ରରୁ କୁହାଯାଇଛି। ଫିଲିପାଇନ୍ସ ନୌସେନା ପାଇଁ ଉକ୍ତ ଚୁକ୍ତିନାମା ସ୍ୱାକ୍ଷର କରିଥିବାବେଳେ ଆଗାମୀ ଦିନରେ ସ୍ଥଳସେନା ପାଇଁ ବଡ଼ ଡିଲ୍ ହୋଇପାରେ ବୋଲି କୁହାଯାଉଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଭାରତ ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ସାମରିକ ସହଯୋଗ ବୃଦ୍ଧି କରୁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୬,୮୧,୨୩,୫୦୭ | ୫୬,୬୦,୦୧୧ | ୨୯,୦୯,୯୨,୩୮୬ |
| ଭାରତ | ୪,୦୬,୨୨,୭୦୯ | ୪,୯୨,୩୧୬ | ୩,୮୦,୨୪,୭୭୧ |
| ଓଡ଼ିଶା | ୧୨,୩୬,୨୨୨ | ୮୫୬୦(+୫୩) | ୧୧,୭୩,୯୦୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଚନ୍ଦ୍ରଭାଗାରେ ବୁଡ଼ ପକାଇବା ମନା



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**କୋଣାର୍କ,୨୮।୧(ଡି.ଏନ୍.ଏ.)**

## କଟକଣାରେ ମାଘ ସପ୍ତମୀ

ଆସନ୍ତା ଫେବୃୟାରୀ ୬ ଓ ୭ ତାରିଖରେ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ରରେ ମାଘ ସପ୍ତମୀ ବୁଡ଼। ତେବେ ଗତବର୍ଷ ଭଳି ଚଳିତଥର ମଧ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ ସମାପନ ହେବ। ଏଥି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତ୍ରିଶମ୍ଭୁଙ୍କ ବୁଡ଼ ତଥା ତିନି ଠାକୁର(ତ୍ରିବେଣୀଶ୍ୱର, ଐଶ୍ୱନେଶ୍ୱର ଏବଂ ଦକ୍ଷିଣେଶ୍ୱର)ଙ୍କ ନୀତି ସମ୍ପାଦନ, ଆଇନଶୃଙ୍ଖଳା, ପରିମଳ, ଆଲୋକ ବ୍ୟବସ୍ଥା, ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଏଥର ମଧ ସର୍ବସାଧାରଣଙ୍କ ଲାଗି ଚନ୍ଦ୍ରଭାଗାରେ ବୁଡ଼ ପକାଇବା ପାଇଁ ବାରଣ କରାଯାଇଛି। ରୀତିନୀତି ଅନୁଯାୟୀ କେବଳ ଚନ୍ଦ୍ରଭାଗା ତୀର୍ଥରେ ତିନି ଠାକୁରଙ୍କ ସ୍ନାନ ପରେ ସେବାୟତଙ୍କ ସହିତ ମଠ ବାବା, ପ୍ରଶାସନିକ ଅଧିକାରୀଙ୍କ ସମେତ ପ୍ରାୟ ୩ଶହ ଜଣଙ୍କୁ ଅନୁମତି ରହିଛି। ପ୍ରତିବର୍ଷ ଭଳି ମାଘ ଷଷ୍ଠୀ ଓ ସପ୍ତମୀ ଦୁଇଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ମାଘ ସପ୍ତମୀ ସହିତ ଜଡ଼ିତ ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପଟେ ମାଘ ସପ୍ତମୀକୁ ମାତ୍ର ୮ଦିନ ଥିବାରୁ ସମସ୍ତ କାର୍ଯ୍ୟ ଠିକ୍ ପରିଚାଳନା ନେଇ ଆଶଙ୍କା ଦେଖାଦେଇଛି। ଏ ନେଇ ଏନ୍‌ଏସି ପକ୍ଷରୁ ପ୍ରାଥମିକ କାର୍ଯ୍ୟ ଆଗେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିଭଳି କୋଣାର୍କ ଏନ୍‌ଏସି କର୍ମଚାରୀ ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବା ମଧ ଅଭିଯୋଗ ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁବାସ ନାଥଶର୍ମା, ଗୋପ ତହସିଲଦାର ଏସ୍.କେ.ସାଗିର, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଗଣମାଧ୍ୟମ ପ୍ରତିନିଧି, ମାଘମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ତିନି ଠାକୁରଙ୍କ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଆସିପାରେ କାମଚଳା ବଜେଟ

■ ପଞ୍ଚାୟତ ପରେ ପୌର ନିର୍ବାଚନ

■ ଆଜି ଅର୍ଥ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଆଯିବ ନିଷ୍ପତ୍ତି



**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ବଜେଟ ପ୍ରସ୍ତୁତ ଏକ ପ୍ରକାର ଶେଷ କରିଦେଇଛନ୍ତି। ଗତ ସେପ୍ଟେମ୍ବରରୁ ଅର୍ଥ ବିଭାଗ ପକ୍ଷରୁ ବଜେଟ ଆଗତ ପ୍ରକ୍ରିୟାକୁ ଜୋର୍‌ଦାର ଭାବେ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତେବେ ଏଥିରେ ପରିବର୍ତ୍ତନ କରାଯିବା ସମ୍ଭାବନା ବେଶି। ଏବେ ପଞ୍ଚାୟତ ନିର୍ବାଚନ ଲାଗି ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଫେବୃୟାରୀ ୧୬ରୁ ୫ଟି ପର୍ଯ୍ୟାୟରେ ୨୪ ତାରିଖ ନିର୍ବାଚନ ପର୍ଯ୍ୟନ୍ତ ଚାଲିବ। ଏହାପରେ ପୌର ନିର୍ବାଚନ ହେବ। ତେଣୁ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ ପରିବର୍ତ୍ତେ କାମଚଳା ବଜେଟ ଆଗତ କରିବା ସମ୍ପର୍କରେ ଚିନ୍ତା କରିପାରନ୍ତି। ଏନେଇ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶନିବାର ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ବୈଠକରେ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ସେହିପରି ମାର୍ଚ୍ଚରେ ବିଧାନସଭା ଅଧିବେଶନ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସମ୍ଭାବନା ରହିଛି।

ଏନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି, ସରକାରଙ୍କ ପକ୍ଷରୁ ଏଯାଏ କିଛି ଚୂଡ଼ାନ୍ତ ଖବର ଆସିନାହିଁ। କାମଚଳା ବଜେଟ ଆସିପାରେ। ଆଦର୍ଶ ଆଚରଣ ବିଧି ଲାଗିଛି। ଅର୍ଥମନ୍ତ୍ରୀ ବୈଠକ ଡାକିଛନ୍ତି, ତାହା ସରିଲା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ମାର୍ଚ୍ଚ ୩୧ ସୁଦ୍ଧା ବଜେଟ ଆସିବ। କୋଠା, ବାଡ଼ି, ରାସ୍ତା କାମ ଲାଗି କିଛି ପ୍ରସ୍ତାବ ରହି ନ ପାରେ। କେବଳ ସରକାରୀ କର୍ମଚାରୀମାନଙ୍କ ଦରମା, ରାଜ୍ୟ ସରକାର ଆଣିଥିବା ଋଣ ପରିଶୋଧ ସମ୍ପର୍କିତ ଖର୍ଚ୍ଚର ପ୍ରସ୍ତାବ ଆସିପାରେ ବୋଲି ସେ କହିଛନ୍ତି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୂର୍ଣ୍ଣାଙ୍ଗ ବଜେଟ ପାଇଁ ସବୁ କାମ ଶେଷ ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ସରିବା ମାତ୍ରେ ପୌର ନିର୍ବାଚନ ହେବ ବୋଲି ଏଭଳି ନିଷ୍ପତ୍ତି ନିଆଯାଇଛି। କେବଳ ସରକାରୀ ଖର୍ଚ୍ଚ ଯାହା ହେବ ସେନେଇ ଏକ ବଜେଟ ପାସ୍ କରାଯିବ। ୪ ମାସ ପରେ ଆଉଥରେ ପୂର୍ଣ୍ଣାଙ୍ଗ ବଜେଟ ଆଣିବେ ବୋଲି ସେ କହିଛନ୍ତି। ଅନ୍ୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୌର ନିର୍ବାଚନ ହେବ ନା ନାହିଁ ତାହା ଚୂଡ଼ାନ୍ତ ହୋଇନାହିଁ। ଯଦି ପୌର ନିର୍ବାଚନ ହେବ, ତେବେ କାମଚଳା ବଜେଟ ଆଣାଯିବ। ପୌର ନିର୍ବାଚନ ଘୋଷଣା ହେବାପରେ ଆଉ ପୂର୍ଣ୍ଣାଙ୍ଗ ବଜେଟ ଆସିପାରିବ ନାହିଁ। ପୂର୍ଣ୍ଣାଙ୍ଗ ବଜେଟ ପାଇଁ ଯେତିକି ସମୟ ଦରକାର ତାହା ସମ୍ଭବ ନୁହେଁ। କେବଳ କାମଚଳା ବଜେଟ ଆସିବ ବୋଲି ସେ କହିଛନ୍ତି।

# କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନା ଗିରଫ

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିବା ସହ ଏହାର ଭିଡିଓ ଭାଇରାଲ କରିଚର୍ଚ୍ଚାକୁ ଆସିଥିବା କେବିଏନ୍ (କୋଇ ଭି ନହିଁ) ଗ୍ୟାଙ୍ଗର ମୁଖ୍ୟ ବୁବୁ ଜେନା ଶେଷରେ ଧରାପଡ଼ିଛନ୍ତି। ଶୁକ୍ରବାର ନୟାପଲ୍ଲୀ ଥାନା ପୋଲିସ ତାଙ୍କୁ ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡା ଅଞ୍ଚଳରୁ ଗିରଫ କରିଛି। ଏହାସହ ଗଣ୍ଡମୁଣ୍ଡା ଅଞ୍ଚଳରେ ଥିବା ତାଙ୍କ ଘରେ ଚଢ଼ାଉ କରି ଏକ ଖଣ୍ଡା ଜବତ କରିଛି। ବୁବୁଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ୧୨ରୁ ଅଧିକ ମାମଲା ଥିବା ପୋଲିସ କହିଛି। ତେବେ ବୁବୁଙ୍କୁ ମିଶାଇ କେବିଏନ୍ ଗ୍ୟାଙ୍ଗର ୧୦ ଜଣଙ୍କୁ ପୋଲିସ ଏଯାବତ୍ ଗିରଫ କରିଥିବାବେଳେ ଆଉ ୧୯ ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଅଧିକ ତଦନ୍ତ କରୁଛି। ବୁବୁଙ୍କୁ ୭ ଦିନ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ଏଥିସହ ଡିସିପି କହିଛନ୍ତି, ମାରଣାସ୍ତ୍ର ଦେଖାଇ ଭିଡିଓ ସୁଟ୍ କରି ସୋସିଆଲ ମିଡିଆରେ ଛାଡ଼ିବା ଏକ ଅପରାଧ। ଏପରି କାର୍ଯ୍ୟ ଯିଏ କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ୩ ମାସ ତଳେ



ବୁବୁ ଜେନା ଓ ଜବତ ଖଣ୍ଡା।

**ଘରେ ଚଢ଼ାଉବେଳେ ମିଳିଲା ଖଣ୍ଡା**

ପ୍ରଥମେ ଭୁବନେଶ୍ୱରେ ଆତଙ୍କ ସୃଷ୍ଟି କଲାଭଳି କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯୁବକଙ୍କ ହାତରେ ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ରହିଥିଲା। ବିଳମ୍ବିତ ରାତିରେ ସେମାନେ ରାଜଧାନୀ ରାସ୍ତା ଉପରେ ଖୁଲମ୍‌ଖୁଲା ସେସବୁ ମାରଣାସ୍ତ୍ର ବୁଲାଇ ବୁଲୁଥିଲେ। କାର୍ ଝରକାରେ ବନ୍ଧୁକ ଦେଖାଇ ବ୍ଲାଙ୍କ୍ ଫାୟାରିଂ ବି କରୁଥିଲେ। ଏହି ଦୃଶ୍ୟ ତାମିଲ ଫିଲ୍ମର ଅପରାଧୀଙ୍କଠାରୁ ବି କମ୍ ନ ଥିଲା। ଉକ୍ତ ଚରିତ୍ର ଭଳି ଗୀତରେ ଭିଡିଓଗୁଡ଼ିକୁ ଏଡିଟ୍ କରାଯାଇଥିଲା। ଏହି ଗ୍ୟାଙ୍ଗ ଭୁବନେଶ୍ୱର ୟୁନିଟ-୮, ଡେଲ୍ଟା ଛକ, ସିଆର୍‌ପି ଛକ, ନୟାପଲ୍ଲୀ, ବରମୁଣ୍ଡା, ପୁରୁଣା ଭୁବନେଶ୍ୱର ଆଦି ଅଞ୍ଚଳରେ ଆତଙ୍କ ଖେଳାଇବା ସହ ଏହାର ଦୃଶ୍ୟକୁ ଭିଡିଓ କରି ସୋସିଆଲ ମିଡିଆରେ ଛାଡି ନିଜର ଉପସ୍ଥିତି ଜାରି କରିବାକୁ ଚେଷ୍ଟା କରିଥିଲେ। ଗ୍ୟାଙ୍ଗର ସଦସ୍ୟମାନେ ସନ୍ଧ୍ୟାବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକାଠି ହେଉଥିଲେ। ଏହାକୁ ନେଇ ରାଜଧାନୀବାସୀ ଭୟଭୀତ ହୋଇପଡ଼ିବା ସହ ସହରର ସୁରକ୍ଷା ଓ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ କମିଶନରେଟ ପୋଲିସ ଚେତା ପଶିଥିଲା। ସେପ୍ଟେମ୍ବର ୨୧ରେ ନୟାପଲ୍ଲୀ ସିଆର୍‌ପି ଛକ ପ୍ରିୟଦର୍ଶନୀ ମାର୍କେଟରେ ହୋଇଥିବା ଆକ୍ରମଣ ଘଟଣାରେ ବୁବୁ ଫେରାର ହୋଇଯାଇଥିଲେ। ଏହି ଗ୍ୟାଙ୍ଗକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବା ଫଳରେ ଉକ୍ତ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଧରିବାକୁ ଡିସିପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କ ଘର ଭାଙ୍ଗିବା ସହ ମାରଣାସ୍ତ୍ର ଜବତ କରି ଆସୁଛି। ସେଥିପାଇଁ ଚଢ଼ାଉ ହେଉଛି, ସେମାନଙ୍କ ଘରୁ ସେପରେ ଅସ୍ତ୍ରଶସ୍ତ୍ର ବାହାରୁଥିବାରୁ ଏହା କେବିଏନ୍ ଗ୍ୟାଙ୍ଗର ସ୍ଥିତି ଏବେ ବି ରହିଥିବା ଜଣାପଡ଼ିଛି।

# ରାସ୍ତା ଅବରୋଧ ପରେ ଚେତା ପଶିଲା

**ସାରସକଣା,୨୮।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଦେଇଯାଇ ଥିବା ୪୯ନଂ ଜାତୀୟ ରାଜପଥ ଏବଂ ଝାରପୋଖରିଆକୁ ଲାଗିଥିବା ୧୮ନଂ ଜାତୀୟ ରାଜପଥର ସଂଯୋଗସ୍ଥଳ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହାର ମରାମତି ଦାବିରେ ସ୍ଥାନୀୟ ଲୋକେ ଶୁକ୍ରବାର ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଲୋକେ ପ୍ଲାକାର୍ଡ ଧରି ରାସ୍ତା ଉପରେ ବସି ରହିଥିଲେ। ଦେଢ଼ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିବା ପରେ ସ୍ଥାନୀୟ ତହସିଲଦାର ଲଲାଟେନ୍ଦୁ ସି, ବିଡିଓ କରୁଣାକର ଧ୍ୱଜା ଏବଂ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଝାରପୋଖରିଆ ଥାନା ସବଇନ୍‌ସପେକ୍ଟର ଜୟନ୍ତୀ ମଲ୍ଲିକ, ଏସ୍‌ଡିପିଓ କେ.ସି. ହରିପ୍ରସାଦ ଏବଂ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଶୋଚନୀୟ ହୋଇ ପଡ଼ିଥିବା ରାସ୍ତାକୁ ସନ୍ଧ୍ୟା ପୂର୍ବରୁ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପ୍ରଶାସନର ପ୍ରତିଶ୍ରୁତି ମୁତାବକ ସେଠାରେ ସୃଷ୍ଟି ହୋଇଥିବା ଖାଲ ଗୁଡ଼ିକ ପୋତା ଯିବା ସହ ରାସ୍ତା ମରାମତି ହୋଇଥିବା ସୂଚନା ମିଳିଛି।



ରାସ୍ତା ମରାମତି ଦାବିରେ ଆନ୍ଦୋଳନ କରୁଥିବା ଜନ ସାଧାରଣ।

# ଖବରକାଗଜ ସମ୍ପାଦକ ଗିରଫ

**ଯୋଗୀ ଆଦିତ୍ୟନାଥଙ୍କ ଜାଲ ଦସ୍ତଖତରେ ବିଜ୍ଞାପନ ଠକେଇ ଅଭିଯୋଗ**

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦସ୍ତଖତକୁ ଜାଲ୍ କରି ତାହା ମାଧ୍ୟମରେ ବିଜ୍ଞାପନ ସଂଗ୍ରହ ଅଭିଯୋଗରେ ଶୁକ୍ରବାର ଓଡ଼ିଶାର ଜଣେ ସାମ୍ବାଦିକଙ୍କୁ ଦିଲ୍ଲୀ ଇଓଡବ୍ଲ୍ୟୁ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ 'ସମାଜ ଆଇନା' ଖବରକାଗଜର ସମ୍ପାଦକ ତଥା ଧଉଳି ଥାନା ଅଞ୍ଚଳରେ ରହୁଥିବା ମନୋଜ ସେଠୀ। ଗିରଫ ପରେ ତାଙ୍କୁ ଦିଲ୍ଲୀ ପୋଲିସ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଅନୁମତି ପରେ ମନୋଜଙ୍କୁ ଦିଲ୍ଲୀ ପୋଲିସ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିବା ଖାରବେଳନଗର ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି। ତେବେ ସେ ଏପରି ବିଭିନ୍ନ କମ୍ପାନୀଙ୍କଠାରୁ ବିଜ୍ଞାପନ ନେଇ ଠକେଇ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ମନୋଜଙ୍କ ଖବରକାଗଜ ଭୁବନେଶ୍ୱରରୁ ପ୍ରକାଶ ପାଉଛି। ଖାରବେଳନଗର ଥାନା ମାଷ୍ଟରକ୍ୟାଣ୍ଟିନରେ ତାଙ୍କ ଅଫିସ୍ ରହିଛି। ସେ ବଡ଼ବଡ଼ କମ୍ପାନୀଠାରୁ ବିଜ୍ଞାପନ ପାଇବା ପାଇଁ ନୂଆ କୌଶଳ ଆପଣାଇଥିଲେ। ୨୦୧୨ରେ ଯୋଗୀ ଆଦିତ୍ୟନାଥ ଏମ୍‌ପି ଥିବାବେଳେ ତାଙ୍କର ଏକ ଲେଟରପ୍ୟାଡ୍‌ର ନକଲ ପ୍ରସ୍ତୁତ କରିଥିଲେ। ତାହାକୁ ବ୍ୟବହାର କରି 'ସମାଜ ଆଇନା' ଖବରକାଗଜ ପାଇଁ ବିଜ୍ଞାପନ ଆଣୁଥିଲେ। ଉକ୍ତ ଲେଟର ପ୍ୟାଡ୍‌ରେ ଯୋଗୀ ଆଦିତ୍ୟନାଥଙ୍କ ଜାଲ୍ ଦସ୍ତଖତ କରି ବିଜ୍ଞାପନ ପାଇଁ ବିଭିନ୍ନ ବଡ଼ବଡ଼ କମ୍ପାନୀକୁ ମେଲ୍ କରିଥିଲେ। ଫଳରେ ବିଭିନ୍ନ କମ୍ପାନୀ ତାଙ୍କ ଖବରକାଗଜକୁ ବିପୁଳ ଟଙ୍କାର ବିଜ୍ଞାପନ ଦେଇ ଆସୁଥିଲେ। ଏହା ଜାଲ୍ ବୋଲି ଜଣାପଡ଼ିବା ପରେ ଏକ କମ୍ପାନୀ ୨୦୧୬ରେ ମନୋଜଙ୍କ ବିରୋଧରେ ଦିଲ୍ଲୀ କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟ ମାମଲା ରୁଜୁ କରି ମନୋଜଙ୍କ ବିରୋଧରେ ଜାମିନ ବିହୀନ ପରୱାନା(ଏନବିଡବ୍ଲ୍ୟୁ) ଜାରି କରି ତାଙ୍କୁ ଗିରଫ କରିବାକୁ ଦିଲ୍ଲୀ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ମନୋଜ ଫେରାର ହୋଇଯାଇଥିଲେ। ମନୋଜ ଭୁବନେଶ୍ୱରରେ ରହୁଥିବା ଦିଲ୍ଲୀ ପୋଲିସ ଖବର ପାଇଥିଲା। ତାଙ୍କ ନମ୍ବରକୁ ଟ୍ରାକ କରି ମାଷ୍ଟର କ୍ୟାଣ୍ଟିନରେ ଥିବା ଦିଲ୍ଲୀ ପୋଲିସ ଜାଣିବା ପରେ ଖାରବେଳନଗର ଥାନା ପୋଲିସ ସହାୟତାରେ ମନୋଜଙ୍କୁ ଶୁକ୍ରବାର ଗିରଫ କରିଥିଲା।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀରେ ଶେଷ ସ୍ପର୍ଶ ଦେଉଛନ୍ତି।

**ଆଜିର ମନ୍ତବ୍ୟ**

"ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଯୁବପିଢ଼ି 'ଭୋକାଲ୍ ଫର୍ ଲୋକାଲ୍'ରେ ବଡ଼ ଭୂମିକା ନେଇପାରିବେ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**"

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ନିଶାନ୍ତ
ପରିବାରବର୍ଗ


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକଳ ସମ୍ପତ୍ତି ଶିବାଙ୍କୁ ଦେଇ,**
**ଶିବ ପଳେଇଲେ ଲଙ୍ଗଳା ହୋଇ ।**

ନିଜର ଅଧିକାର ପରକୁ ଦେବା ଉଚିତ ନୁହେଁ, କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ନିଜର ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସାପ ମରିବ ନାହିଁ କି**
**ବାଡ଼ି ଭାଙ୍ଗିବ ନାହିଁ ।**

ବେଳେବେଳେ ଦୁଇପଟକୁ ରକ୍ଷା କରିବା ପାଇଁ କିଛି ବ୍ୟକ୍ତି ସୁହାଇଲା ଭଳି କଥା କହୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ କୌଣସି ଦୃଢ଼ ନିଷ୍ପତ୍ତି ନିଆ ନ ଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ହାତୀ ଉପଦ୍ରବ ବଢୁଛି

**ସାତମାଇଲ, ୨୮।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ବୁଧବାର ରାତିରେ ହାତୀପଲ ଖଡଗପ୍ରସାଦ ଗ୍ରାମରେ ପଶି ଚାଷ ନଷ୍ଟ କରିବା ସହିତ ଘରଦ୍ୱାର ଭାଙ୍ଗି ପକାଇଛନ୍ତି। ବ୍ରାହ୍ମଣୀ ପବ୍ଲିକ ସ୍କୁଲ ମଧ୍ୟ ହାତୀଙ୍କ ଉପଦ୍ରବରୁ ବାଦ୍ ପଡିନି। ସେହିପରି ଶିଳ୍ପାଞ୍ଚଳ ହୋଇଥିବାରୁ ହାତୀଙ୍କ ଉପସ୍ଥିତି ଭୟର ବାତାବରଣ ସୃଷ୍ଟି କରିଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି, ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉତ୍ପାଦର ମୂଲ୍ୟ ବୃଦ୍ଧିରେ ଏମ୍ଏସ୍ଏମ୍ଇ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରି ଅଧିକରୁ ଅଧିକ ଉତ୍ତମ ମାନର କର୍ମସଂସ୍ଥାନ ସୃଷ୍ଟି କରୁଛି । ଆନ୍ତର୍ଜାତିକ ଶ୍ରମ ସଂଗଠନ, କୋରିଆ ଆନ୍ତର୍ଜାତିକ ସମନ୍ୱୟ ସଂସ୍ଥା (କୋଇକା), ଆନ୍ଧ୍ର ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'କର୍ମସଂସ୍ଥାନ ଓ ପୋଷଣୀୟ ବିକାଶ ପାଇଁ ଏକ ବଜାରମୁଖୀ, ପ୍ରତିରୋଧୀ ଏବଂ ସମାବେଶୀ ଏମ୍ଏସ୍ଏମ୍ଇ ପରିବେଶ ସୃଷ୍ଟି କରିବା ଉପରେ ଏକ ନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ କୋରିଆ, ଭିଏତ୍‌ନାମ, ଇଣ୍ଡୋନେସିଆ ଏବଂ ବାଂଲାଦେଶ ଭଳି ରାଷ୍ଟ୍ରଗୁଡ଼ିକ ଭାରତର ଆନ୍ଧ୍ର ଏବଂ ଓଡ଼ିଶା ପାଇଁ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ସମ୍ବନ୍ଧରେ ବୈଷୟିକ ଜ୍ଞାନ ପ୍ରଦାନ କରିବେ। ଏସବୁ ରାଷ୍ଟ୍ର କିପରି କୃଷି ଅର୍ଥନୀତିରୁ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛନ୍ତି ତାହା ଆଲୋଚନାରେ ସ୍ଥାନ ପାଇଥିଲା । ବିଶେଷ କରି କୋଭିଡ୍-୧୯ରେ ପ୍ରାୟତଃ ବନ୍ଦ ହୋଇ ପଡ଼ିଥିବା ଉଦ୍ୟୋଗଗୁଡ଼ିକୁ କିପରି ପୁଣିଥରେ ପୁନର୍ଜୀବିତ କରି ସେଗୁଡ଼ିକୁ ପୋଷଣୀୟ ସଂସ୍ଥାଭାବେ ବଞ୍ଚାଇ ରଖାଯାଇପାରିବ, ଯାହା ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁଛି ସେ ସମ୍ପର୍କରେ ମତ ବିନିମୟ କରାଯାଇଥିଲା । ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ସଚିବ ବି.ବି. ସ୍ୱାଇଁ କହିଥିଲେ ଯେ ଏହି କ୍ଷେତ୍ର ଦେଶର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଇଥାଏ । ଏହା କୋଭିଡ୍ କଟକଣା ଯୋଗୁ ବହୁ କ୍ଷତିର ସାମ୍ନା କରିଥିବାବେଳେ ସରକାର ଏହି କ୍ଷେତ୍ର ଯେପରି ସ୍ୱାଭାବିକ ଅବସ୍ଥାକୁ ଆସିପାରିବ ସେ ଦିଗରେ କାର୍ଯ୍ୟ କରୁଛନ୍ତି। ଆନ୍ଧ୍ର ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ କାରିକଲ୍ ଭାଲାଭେନ୍ ଏହି ଆଲୋଚନା ବିଶ୍ୱର ସର୍ବୋତ୍କୃଷ୍ଟ କାର୍ଯ୍ୟଶୈଳୀ ଅନୁକରଣରେ ସାହାଯ୍ୟ କରିବ ବୋଲି କହିଥିଲେ । ଏହି ଆଲୋଚନାରେ ଭାଗନେଇ ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା କହିଥିଲେ ଯେ ଓଡ଼ିଶାରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଦକ୍ଷତା ବିକାଶ ସକାଶେ ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ବୈଷୟିକ ସହାୟତା ନିଶ୍ଚିତ ଭାବେ ଉପଯୋଗୀ ହେବ । ରାଜ୍ୟ ସରକାର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ସକାରାତ୍ମକ ଦିଗରେ ଆଗେଇ ନେବାକୁ ଏକ ବିକାଶୋନ୍ମୁଖୀ ଆଭିମୁଖ୍ୟ ନେଇ ଉପଯୁକ୍ତ ବାତାବରଣ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ । ଏହାଛଡ଼ା ବିଶେଷ ଭାବେ ସ୍ୱୟଂସହାୟିକା ଗୋଷ୍ଠୀ ଆନ୍ଦୋଳନ ଜରିଆରେ ରାଜ୍ୟରେ ମହିଳା ଉଦ୍ୟୋଗଗୁଡ଼ିକର ବିକାଶ ପାଇଁ ସରକାର ଯତ୍ନବାନ ଥିବା କଥା ଉଲ୍ଲେଖ କରିଥିଲେ । ଭାରତରେ ପୋଷଣୀୟ ଉଦ୍ୟୋଗ ପ୍ରୋତ୍ସାହନ (ପିଏସ୍ଇଆର୍) ଅଧୀନରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ଉଦ୍ୟୋଗ କ୍ଷେତ୍ରରେ ଦକ୍ଷତା ଥିବା ମହିଳା ଓ ପୁରୁଷଙ୍କୁ ବିଶେଷ ଭାବେ ଆନ୍ଧ୍ର ଏବଂ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ପ୍ରସ୍ତୁତି, ଲୁଗା ତିଆରି ଆଦି କ୍ଷେତ୍ରରେ ଅଧିକ ଓ ଗୁଣାତ୍ମକ କର୍ମସଂସ୍ଥାନ ଯୋଗାଇବା ଉପରେ ପଦକ୍ଷେପ ନିଆଯାଉଥିବା ଆଇଏଲ୍‌ଓର ଦକ୍ଷିଣ ଏସିଆ ଓ ଭାରତର ନିର୍ଦ୍ଦେଶିକା ବାଗ୍‌ମାର ୱାଲଟେର ସୂଚନା ଦେଇଥିଲେ ।

# ପୁରୀ ରକ୍ତଭଣ୍ଡାରରେ ରକ୍ତ ଅଭାବ

**ପୁରୀ ଅଫିସ,୨୮।୧**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବ ସମସ୍ୟା ଦେଖାଦେଇଛି। ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଆବଶ୍ୟକ ପରିମାଣର ରକ୍ତ ମହଜୁଦ ରହୁନାହିଁ। ଫଳରେ ଜରୁରିକାଳୀନ ସ୍ଥିତିରେ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି। ଏ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପୁରୀ ଜିଲାରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ୨୮୨ ହୋଇଥିବାବେଳେ ପ୍ରତି ମାସରେ ଏମାନଙ୍କ ଲାଗି ୬ଶହରୁ ଊର୍ଦ୍ଧ୍ୱ ରକ୍ତ ପ୍ୟାକେଟ ଅର୍ଥାତ୍ ପ୍ରାୟ ୬ଶହ ୟୁନିଟ୍ ରକ୍ତ ଦରକାର ପଡୁଛି। ତେବେ ଏତେ ପରିମାଣର ରକ୍ତ ସବୁ ମାସରେ ଯୋଗାଡ଼ କରିବା ସମ୍ଭବପର ହେଉନାହିଁ। ସେହିଭଳି ଅନେକ ନର୍ସିଂହୋମ୍ ଓ ଘରୋଇ ହସ୍ପିଟାଲକୁ ମଧ୍ୟ ରକ୍ତ ଦିଆଯାଉଛି। ଫଳରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ହେଉଛି। ସାମାଜିକକର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ପୁରୀ ରକ୍ତଭଣ୍ଡାରରେ ବ୍ୟାପକ ଦୁର୍ନୀତି ହେଉଛି। ଜରୁରିକାଳୀନ ସ୍ଥିତିରେ ବଡ଼ବଡ଼ିଆଙ୍କୁ ରକ୍ତ ଦିଆଯାଉଥିବାବେଳେ ସାଧାରଣ ରୋଗୀ ବଞ୍ଚିତ ହେଉଛନ୍ତି। ଜଣେ ରୋଗୀଙ୍କ ସମ୍ପର୍କୀୟ ଶିଶିର ନାୟକ କହିଛନ୍ତି, ମୁଖ୍ୟ ଚିକିତ୍ସାଳୟରେ ଠିକ୍ ସମୟରେ ରକ୍ତ ନ ମିଳିବା ଯୋଗୁ ଥାଲାସେମିଆ ରୋଗୀଙ୍କ ଜୀବନ ସଙ୍କଟକୁ ଚାଲିଯାଉଛି। ଅନ୍ୟପକ୍ଷରେ ଶିବିର ଓ ସଚେତନତା ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ଅତିକମ୍‌ରେ ପ୍ରତିମାସରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଗୋଟିଏ ଲେଖାଏ ରକ୍ତ ସଂଗ୍ରହ ଶିବିର ହେବା କଥା। ମାତ୍ର ଏଭଳି କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ଠିକ ଭାବେ କାର୍ଯ୍ୟକାରୀ କରିପାରୁନାହିଁ। ବିଶେଷ ଭାବେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ କ୍ଷେତ୍ରରେ ରକ୍ତ ମିଳିବା ଏକ ବଡ଼ ସମସ୍ୟା ହେଲାଣି। ସେହିଭଳି ବେସରକାରୀ ସ୍ତରରେ ଆୟୋଜିତ ହେଉଥିବା ରକ୍ତ ସଂଗ୍ରହ ଶିବିରକୁ ସରକାରୀ ଅନୁଦାନ ମିଳିବାରେ ସମସ୍ୟା ହେଉଛି ବୋଲି ପଣ୍ଡା କହିଛନ୍ତି। ଠିକ ପ୍ରୋଟୋକଲ୍ ପାଳନ ନ କରିପାରିବା କାରଣରୁ ବ୍ଲଡ୍ କ୍ୟାମ୍ପ ପାଇଁ ଅନୁମୋଦନ ଦେବା ସମ୍ଭବପର ହେଉନାହିଁ ବୋଲି ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଶ୍ରୀନିବାସ ମହାନ୍ତି କହିଛନ୍ତି। ସେହିପରି ଜରୁରୀ ସ୍ଥିତିରେ ସମ୍ପର୍କୀୟଙ୍କଠାରୁ ରକ୍ତ ସଂଗ୍ରହ କରି କାମ ଚଳାଇବାକୁ ପଡୁଛି ବୋଲି ମହାନ୍ତି ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଫେବୃୟାରୀ ୧ରୁ ...

ପ୍ରଥମ ପୃଷ୍ଠାରୁ...

କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗର ଭର୍ଚୁଆଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା କହିଛନ୍ତି, ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଜୀବନଜୀବିକାକୁ ଗୁରୁତ୍ୱ ଦେଇ ଶ୍ରୀମନ୍ଦିର ଖୋଲିବା ସପକ୍ଷରେ ମତ ରଖିଥିଲେ। ପୁରୀର ଅର୍ଥନୀତି ଶ୍ରୀମନ୍ଦିର ଉପରେ ମୁଖ୍ୟତଃ ନିର୍ଭରଶୀଳ ଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ହେବା ଫଳରେ ଅନେକ ଶ୍ରେଣୀର ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି। ତେଣୁ କୋଭିଡ୍ ଗାଇଡ୍‌ଲାଇନ୍ ପାଳନପୂର୍ବକ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ପୁଣି ଆରମ୍ଭ କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଛି। ତେବେ ଶ୍ରୀମନ୍ଦିର ଖୋଲିବା ନେଇ କ'ଣ ସବୁ ନିର୍ଦ୍ଦେଶନାମା ରହିବ ତାହାର ବିସ୍ତୃତ ଏସ୍ଓପି ଆସିବା ପରେ ସ୍ପଷ୍ଟ ହେବ। କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୧୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରଖାଯାଇଛି। ଫେବୃୟାରୀ ୧ରୁ ମନ୍ଦିର ଖୋଲିଲେ ମଧ୍ୟ ପୂର୍ବରୁ ଯେଉଁ ନିୟମ ଥିଲା ସେସବୁ ବଳବତ୍ତର ରହିବ। ଶ୍ରଦ୍ଧାଳୁମାନେ କୋଭିଡ୍ କଟକଣା ମାନି କିଓସ୍କୋ ବ୍ୟବସ୍ଥା ଦେଇ ମହାପ୍ରଭୁଙ୍କ ଦର୍ଶନ କରିବେ। ତେବେ ଦର୍ଶନ ସମୟରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ। ପୁରୀ ସହରରେ ରାତି ୯ଟାରୁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେଉଛି। ଏଣୁ କର୍ଫ୍ୟୁ ଲାଗୁ ପୂର୍ବରୁ ଦର୍ଶନ ଶେଷ କରିବା ଲାଗି ଯୋଜନା ହେଉଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ସେବାୟତମାନଙ୍କୁ ସଂକ୍ରମଣଠାରୁ ଦୂରେଇ ରଖିବା ପାଇଁ ସମସ୍ତ ଉଦ୍ୟମ କରାଯିବ। ଏବେ ସୁଦ୍ଧା ପ୍ରାୟ ୩ଶହ ସେବାୟତ ବୁଷ୍ଟର ଡୋଜ୍ ନେଇ ସାରିଛନ୍ତି। ଶ୍ରୀମନ୍ଦିର ଖୋଲିବା ପୂର୍ବରୁ ଅନ୍ୟ ସେବାୟତ, ଶ୍ରୀମନ୍ଦିର କର୍ମଚାରୀ, ଦର୍ଶନ ଦାୟିତ୍ୱରେ ରହୁଥିବା ସ୍ୱେଚ୍ଛାସେବୀଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ। ସେହିପରି ଶ୍ରୀମନ୍ଦିରକୁ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଲୋକ ଆସୁଥିବାରୁ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଛତିଶା ନିଯୋଗ ବୈଠକରେ ପରିଚାଳନା କମିଟି ସଦସ୍ୟ, ନିଯୋଗ ସେବାୟତ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଖୋଲିବା ଖବର ମିଳିବା ପରେ ଶ୍ରଦ୍ଧାଳୁଙ୍କ ସମେତ ବ୍ୟବସାୟୀମାନେ ଖୁସି ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଛନ୍ତି।

### ୩ ଦିନ ୧୦ ଡିଗ୍ରୀ ...

ଭୁବନେଶ୍ୱର ୧୨.୧, ସମ୍ବଲପୁର ୧୧.୪, ହୀରାକୁଦ ୧୧.୪, ତାଳଚେର ୧୧, ବଲାଙ୍ଗୀର ୧୧, କୋରାପୁଟ ୧୦ ଏବଂ ନୟାଗଡ଼ରେ ୧୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୩୧ ଯାଏ ଶୀତର ପ୍ରକୋପ ଜାରି ରହିବ। ୨୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସୋନପୁର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ନୂଆପଡ଼ା, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଏବଂ ବରଗଡ଼ ଜିଲାରେ ଶୀତ ଲହରି ପ୍ରବାହିତ ହେବ। ସେହିପରି ୩୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ବୌଦ୍ଧ, କନ୍ଧମାଳ, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଳାହାଣ୍ଡି ଏବଂ ବରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ଜାନୁୟାରୀ ୩୧ ତାରିଖରେ ଝାରସୁଗୁଡ଼ା, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଏବଂ ବରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ମେଘମୁକ୍ତ ଆକାଶ ସହ ଓଡ଼ିଶାକୁ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଯୋଗୁ ପାରଦ ତଳମୁହାଁ ହେବ। ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

### ୫୧ ଶିଳ୍ପ ନେଇଛନ୍ତି ...

ଚନ୍ଦକା ଏସ୍ଇଜେଡ୍, ମଞ୍ଚେଶ୍ୱର, ଇନ୍‌ଫୋଭ୍ୟାଲି, ଇନ୍‌ଫୋଭ୍ୟାଲି-୨ ଆଇଟି ପାର୍କ, ଇନ୍‌ଫୋଭ୍ୟାଲି-୨ ଇଏମ୍‌ସି ପାର୍କ, ଅଙ୍ଗାରଗାଡ଼ିଆ ଆଦି ବିଭିନ୍ନ ଶିଳ୍ପାଞ୍ଚଳରେ ୪୮ଟି ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ଇଏସ୍‌ଡିଏମ୍ କମ୍ପାନୀଗୁଡ଼ିକୁ ଗତ ୧୦ ବର୍ଷ ମଧ୍ୟରେ ୧୧୬୦.୬୧୨୯ ଏକର ଜମି ଯୋଗାଇ ଦେଇଛନ୍ତି। ସେଥିରୁ ମାତ୍ର ୧୬ଟି ସଂସ୍ଥା କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟ ସଂସ୍ଥାଗୁଡ଼ିକ ଏ ପର୍ଯ୍ୟନ୍ତ ସେ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି।

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ଯେଉଁ ଶିଳ୍ପ ସଂସ୍ଥାଗୁଡ଼ିକ ଜମି ନେଇ ବ୍ୟବହାର କରୁନାହାନ୍ତି ସେସବୁ ଜମିକୁ ଫେରାଇ ଆଣିବାକୁ ଇଡ୍‌କୋ ନିୟମ ଅନୁଯାୟୀ କାରଣଦର୍ଶାଅ ନୋଟିସ ଦିଆଯାଇଛି । ଏଥିସହିତ ଆବଣ୍ଟନ ରଦ୍ଦ ସହ ମକଦ୍ଦମା ରୁଜୁ କରାଯାଇଛି । ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ସକାଶେ ସରକାରୀ ଓ ଘରୋଇ ଜମି ଯୋଗାଇ ଦେବା ପାଇଁ ସରକାର ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିଛନ୍ତି। ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରୁଥିବା ଶିଳ୍ପ ସଂସ୍ଥାକୁ ସରକାରୀ ସହ ଘରୋଇ ଜମି ଯୋଗାଇ ଦେବାକୁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି । ମାତ୍ର ରାଜ୍ୟରେ ଅବ୍ୟବହୃତ ହୋଇ ପଡ଼ିଥିବା ଜମିକୁ ଫେରାଇ ଆଣିବା ଦିଗରେ ସେପରି ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଦୀର୍ଘ ବର୍ଷ ଧରି ମୂଲ୍ୟବାନ ସରକାରୀ ଜମି କେତେକ ସଂସ୍ଥା କବ୍‌ଜାରେ ରହିଯାଇଛି ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ବନ୍ଧୁଙ୍କ ସହ ନିବିଡ଼ ସମ୍ପର୍କକୁ କେନ୍ଦ୍ରକରି କିଛିଟା ପାରିବାରିକ ସମସ୍ୟା ସୃଷ୍ଟି ହୋଇପାରେ। ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ ଏବଂ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଘରୋଇ କାମରେ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ବୃଷ**: କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହାୟତାରେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ। ଅଧ୍ୟାପନା, ସାହିତ୍ୟ, ସଂସ୍କୃତି, କଳା ଓ ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ। ଆନୁଷ୍ଠାନିକ କାମରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ମିଥୁନ**: ଆଜି ଦିନଟିର ଦ୍ୱିତୀୟାର୍ଦ୍ଧରେ କେତେକ ସମସ୍ୟା ଆସିପାରେ। ସାମାଜିକ ସ୍ତରରେ କାମ ହାସଲ ସକାଶେ ପଡ଼ୋଶୀ ସହଯୋଗର ହାତ ବଢାଇବେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ ଫଳତଃ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅଫିସ୍‌ରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି।

**କର୍କଟ**: କର୍ମ କ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ହେତୁ ବ୍ୟସ୍ତତା ଅନୁଭବ କରିବେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ରହିଲେ ଆକସ୍ମିକ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ସିଂହ**: ଆଜିର ପ୍ରତ୍ୟେକ କାମ ସମସ୍ୟା ମଧ୍ୟରେ ଓ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ଅଧିକାଂଶ ସମୟରେ ନକାରାତ୍ମକ ଚିନ୍ତାଧାରା ଯୋଗୁଁ ସାମୟିକ ଚିନ୍ତିତ ରହି ପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯିବାର ସୂଚନା ରହିଛି। ବନ୍ଧୁଙ୍କ ସହ ମିଶି କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି।

**କନ୍ୟା**: କୌଣସି ବ୍ୟକ୍ତି ନିଜ ଫାଇଦା ପାଇଁ ଫନ୍ଦିଫିକର ଯୋଜନା କରିପାରନ୍ତି। ଆଜି ଅର୍ଥ, ସମ୍ମାନ ଓ ଆଦର ଗୌରବ କ୍ଷେତ୍ର ବିଶେଷରେ ପ୍ରାପ୍ତ ହେବାର ସମ୍ଭାବନା ରହିଛି। ଆଲୋଚନା କିମ୍ବା ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା**: ଆର୍ଥିକ ଉନ୍ନତି, ପାରିବାରିକ ସୁସମ୍ପର୍କ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଦିନସାରା ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବାର ସାମାନ୍ୟ ଫୁରୁସତ୍ ମଧ୍ୟ ପାଇବେ ନାହିଁ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା**: କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ଅନୁରାଧା ନକ୍ଷତ୍ର ବ୍ୟକ୍ତିମାନେ ଚେଷ୍ଟା କରୁଥିବା କାମ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ଦୀର୍ଘଦିନରୁ ଖୋଜି ପାଉ ନ ଥିବା ଜିନିଷଟି ମିଳିଯିବା ହେତୁ ଆନନ୍ଦ ଅନୁଭବ କରିବେ।

**ଧନୁ**: ନିଜଲୋକଙ୍କଠାରୁ ଆସ୍ଥାହରାଇ ବସିବେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ବୁଝାମଣା ଅଭାବରୁ ବନ୍ଧୁମାନଙ୍କ ସହ ଛୋଟକଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ବକେୟା କାମଗୁଡ଼ିକ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମକର**: ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଅବସର ସମୟରେ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ଧୀରେ ସୁସ୍ଥେ ସମସ୍ୟା କମିବ କିନ୍ତୁ ବିଭିନ୍ନ ବାଟରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ବୁଝିବିଚାରି କାମ ନ କଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କୁମ୍ଭ**: ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହେବ। ଆଲୋଚନା କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଈର୍ଷାପରାୟଣ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ**: ଲକ୍ଷ୍ୟହୀନ ଯାତ୍ରାରୁ ନିବୃତ୍ତ ରହିଲେ ଭଲ ନଚେତ୍ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିବ। କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଜୟଗାନରୁ ପ୍ରଶଂସିତ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ବନ୍ଧୁ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।


## classifieds Everyday
0674-2580101, 2549302



**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

**Gharabari boundary plot and readymade 2, 3BHK flat at Chhatabara near Infocity-II. 7008563697.** D-22951

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71937

**A Three storied house Built-up area 3555sqft. on a plot (60ft.X44ft.) Lewis road, Bhubaneswar price Rs.4.35cr. Negotiable, only genuine buyers to Contact-7978950573.** D-22965

Sale 3BHK duplex near Gudiapokhari, Uttara best, Price. Contact: 7327043914. D-71933

Buy or Sale Property-8984071303. 18000sqft Triplex Pandra @6.5cr/ 4BHK Duplex Balianta-75,00,000/ 3BHK Apartment Patia@4000. Gangapada 7Acre, Pipili 6Acre. Residential Land Patia-2890, Tankapani-2650, AIIMS-2100, Nakhara-1750, Hanspal-1900, Balianta-950, Sundarpada-900, Jaanla-900. D-22966

**30' ରାସ୍ତା, ଘରବାରି, boundary plot ଗୁଡ଼ିଆପୋଖରୀ Puri-NH ଭୁବନେଶ୍ୱର @8,99lakhs (ready for construction). 9437691481.** D-71783

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911

Nandankanan ଛକରୁ 2.5K.M. Dadha Marketକୁ ଲାଗି plot କିଣନ୍ତୁ। 7008492511. D-22962

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Private plot for sale Patrapada & Kolathia Khandagiri yellowzone 999/-. 9437335686, 7008487006. D-22909



Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

M Planets-7008550473. Simplex/ Duplex Construction @250 and Interior Design (Modular Kitchen/ TV-Unit/ Wardrobe) @300. D-22967



3BHK for rent 12500 per month, Ratnakarbag-1. Mob: 9902406161. D-22964

3BHK Apartment with Two Toilets/ Two Balconies at Baishnavvihar, Bomikhal, Bhubaneswar. 9238574993. D-22963



Full body massage, refresh your mind, relaxed by expert Lady Therapist. 8480939300. D-22828

Newly opening SPA positively health benefits with expert therapist. 8917332216. D-71938



ଘରେ ବସି Part Time SMS sending କାମକରି 9000/- ରୁ 36000/- ରୋଜଗାର କରନ୍ତୁ। ନାମ Registration ପାଇଁ ଯୋଗାଯୋଗ-6371525089. D-22950


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜଳିଗଲା ଲକ୍ଷାଧିକ ଟଙ୍କାର ରାଶନ ସାମଗ୍ରୀ

ସଜନାଗଡ଼, ୨୮।୧(ଡି.ଏନ୍.ଏ.): ବାଲେଶ୍ୱର ଜିଲା ନୀଳଗିରି ବିଜ୍ଞାପିତ ଅଞ୍ଚଳ ଅଧୀନ ୧୩ ନମ୍ବର ୱାର୍ଡ ଗୋପୀନାଥପୁର ଅଞ୍ଚଳରେ ଥିବା ରାଶନ ଷ୍ଟୋର (କଣ୍ଟ୍ରୋଲ)ରେ ଶୁକ୍ରବାର ମଧ୍ୟାହ୍ନରେ ନିଆଁ ଲାଗିଯାଇଥିଲା। ଫଳରେ ମହଜୁଦ ଥିବା ଲକ୍ଷାଧିକ ଟଙ୍କାର ଚାଉଳ ବସ୍ତା ଓ ଗହମ ପୋଡ଼ିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିବା ବେଳେ ଦମକଳ ବାହିନୀ ଆସି ନିଆଁ ଲିଭାଇଥିଲା। ତେବେ ଦମକଳବାହିନୀ ବିଳମ୍ବରେ ଆସିବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଅଗ୍ନିକାଣ୍ଡ କିପରି ଘଟିଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। କୋଭିଡ୍ ସମୟରେ ହିତାଧିକାରୀଙ୍କ ୩ମାସର ରାଶନ ସାମଗ୍ରୀ ପୋଡ଼ିଯାଇଥିବା ବେଳେ କିପରି ବଣ୍ଟନ ହେବ ଏନେଇ ଭାଳେଣି ପଡ଼ିଛି।

### ଗାଡ଼ି ପାର୍କିଂକୁ ନେଇ ସଂଘବଦ୍ଧ ଆକ୍ରମଣ

ରାଉରକେଲା ଅଫିସ୍, ୨୮।୧: ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ କୋଶାର୍କ ହଲ ନିକଟ ବିଦ୍ୟୁତିୟାନ ମାର୍କେଟରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ-୩୫/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଗୋପବନ୍ଧୁପାଲୀ ସ୍ଥିତ କଲୋନୀର ଗୌତମ ସାଓ(୨୯) କୋଶାର୍କ ହଲ ନିକଟରେ ଏକ ଗରମ ପୋଷାକ ଦୋକାନ ଦେଇଛନ୍ତି। ଗୁରୁବାର ରାତିରେ ତାଙ୍କ ଦୋକାନ ସମ୍ମୁଖରେ କିଛି ଯୁବକ କାର୍ ପାର୍କ କରି ମଦ୍ୟପାନ କରିଥିଲେ। ଗୌତମ ଦୋକାନ ସମ୍ମୁଖରେ ଗାଡ଼ି ପାର୍କିଂକୁ ବିରୋଧ କରିବାରୁ ନିଶାସକ୍ତ ଅବସ୍ଥାରେ ଯୁବକମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୌତମଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଛି।

### ନାବାଳକଙ୍କୁ ଅପହରଣ ଅଭିଯୋଗ

ସୋର, ୨୮।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ନାବାଳକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ନନ୍ଦିଆ ସିଂଙ୍କ ପୁଅଙ୍କୁ ଗତ ୨୭ତାରିଖ ସନ୍ଧ୍ୟାରେ ବଳରାମ ସିଂଙ୍କ ପତ୍ନୀ ଓ ପୁଅ ମାଡ଼ ମାରି ଏକ ଶିଳପୁଆରେ ମୁଣ୍ଡକୁ ଆଘାତ କରି ତାଙ୍କ ଘରକୁ ନେଇ ଯାଇଥିଲେ। ଏହାପରେ ନନ୍ଦିଆ ସିଂ ବିଭିନ୍ନ ଆଡ଼େ ଖୋଜାଖୋଜି କରି ତାଙ୍କ ପୁଅକୁ ନ ପାଇ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆରମ୍ଭରୁ ୟୁରିଆ କଳାବଜାର

- ଚାଷୀ ମହଲରେ ବଢୁଛି ଅସନ୍ତୋଷ
- କୃଷି କାର୍ଯ୍ୟାଳୟ ଘେରାଉ କଲେ
- ସାର ଗଚ୍ଛିତ ଥିବା କହିଲେ ସିଡିଏଓ

ବରଗଡ଼ ଅଫିସ୍,୨୮।୧

ବରଗଡ଼ ଜିଲାରେ ରବିଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ଚାଷୀମାନେ ଧାନ ବୁଣାବୁଣି କରିସାରିଥିବା ବେଳେ ଅନେକ ସ୍ଥାନରେ ଧାନପହ୍ଲା ରୁଆ ଚାଲିଛି। ତେବେ ରବି ଫସଲ ଆରମ୍ଭରୁ ୟୁରିଆ ସାରକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି କ୍ରମରେ ଗୁରୁବାର ବରଗଡ଼ ବ୍ଲକ ଖୁଣ୍ଟପାଲି, ବେହେରା, ଗାଇସୀମା, ତୁରୁଙ୍ଗା ଗ୍ରାମର ଚାଷୀମାନେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଫେରାଦ ହୋଇଥିବା ବେଳେ ଶୁକ୍ରବାର ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସହରରେ ଥିବା ଜଣେ ଲାଇସେନ୍ସପ୍ରାପ୍ତ ସାର ଦୋକାନୀ ୟୁରିଆ ସାର (ଇଫ୍‌କୋ)ରେ ସରକାରୀ ଦରଠାରୁ ଅଧିକ ୨ଶହ ଟଙ୍କା ନେଉଥିବା ଅଭିଯୋଗ କରି ସେମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷ ଆରମ୍ଭରୁ ୟୁରିଆ ସାରକୁ ନେଇ ଏଭଳି ଉତ୍ତେଜନା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

ରବି ଫସଲରେ ମୁଖ୍ୟତଃ ବରଗଡ଼ ଜିଲାର ଜଳସେଚିତ ଅଞ୍ଚଳରେ ଧାନଚାଷ କରାଯାଏ। ବର୍ତ୍ତମାନ ପହ୍ଲାରୁଆ ଆରମ୍ଭ ହୋଇଛି। ଏହି ସମୟରେ ୟୁରିଆ ସାରର ଆବଶ୍ୟକତା ଥିବାବେଳେ ଏହାର କଳାବଜାର କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗୁରୁବାର ଚାଷୀମାନେ ବରଗଡ଼ ସହରରେ ଥିବା ଜଣେ ଲାଇସେନ୍ସପ୍ରାପ୍ତ ଦୋକାନୀଙ୍କ ପାଖକୁ ସାର କିଣିବାକୁ ଆସିଥିଲେ। ସାର ବସ୍ତାରେ ଦର ୧୭୦୦ ଟଙ୍କା ଲେଖାଯାଇଥିବା ବେଳେ ସମ୍ପୃକ୍ତ ଦୋକାନୀ ୧୯୦୦ ଟଙ୍କାରେ ବିକ୍ରି କରିଥିଲେ। ଏଭଳି ଅଭିଯୋଗ ନେଇ ସମ୍ପୃକ୍ତ ସାର ଦୋକାନ, ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ ଆଗରେ ଉତ୍ତେଜନା ପ୍ରକାଶ ପାଇଥିଲା।


ଅପରପକ୍ଷେ ଶୁକ୍ରବାର ମଧ୍ୟ ଚାଷୀମାନେ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସି ଘେରିଥିଲେ ଏବଂ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହିତ ସରକାରୀ ଦରରେ ଚାଷୀମାନଙ୍କୁ ୟୁରିଆ ସାର ଯୋଗାଇ ଦେବାକୁ ଦାବି କରିଥିଲେ। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ବ୍ଲକ କୃଷି ଅଧିକାରୀ ସୌମ୍ୟା ଶୁଭଶ୍ରୀ ବିଭାରଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା (ସିଡ଼ିଏଓ)ଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ଚାଷୀମାନେ ଇଫ୍‌କୋ କମ୍ପାନୀର ୟୁରିଆ ସାର ଚାହୁଁଛନ୍ତି। ଗତ ୪ମାସ ତଳୁ ଏହି ସାର ଆସିନାହିଁ ଏବଂ ପୂର୍ବରୁ ଯାହା ଆସିଥିଲା, ତାହା ବିତରଣ ହୋଇସାରିଛି। ଗତବର୍ଷ ଡିସେମ୍ବର ୧ ସୁଦ୍ଧା ଇଫ୍‌କୋ କମ୍ପାନୀର ୟୁରିଆ ସାର ବସ୍ତା ପ୍ରତି ୧୭୦୦ ଟଙ୍କା ଥିଲା ଏବଂ ଡିସେମ୍ବର ୮ରେ ଏହା ୧୯୦୦ ଟଙ୍କାକୁ ବୃଦ୍ଧି ପାଇଛି। ବର୍ତ୍ତମାନ ଇଫ୍‌କୋ କମ୍ପାନୀର ୟୁରିଆ ସାର ମହଜୁଦ ନାହିଁ। କିନ୍ତୁ ଅନ୍ୟ କମ୍ପାନୀର ୟୁରିଆ ସାର ପର୍ଯ୍ୟାପ୍ତ ମହଜୁଦ ରହିଛି। ଫଳରେ ସେହି କମ୍ପାନୀର ୟୁରିଆ ନେଇ ଜମିରେ ପ୍ରୟୋଗ କରିବାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ମହାରଣା ଚାଷୀଙ୍କୁ ନିବେଦନ କରିଛନ୍ତି। ସେହିପରି ଅନ୍‌ଲାଇନ୍‌ରେ ସାର ବିକ୍ରି ହେଉଛି ଏବଂ ସବୁ ତଥ୍ୟ ସେଠାରେ ରହୁଛି। ଫଳରେ ସାର କଳାବଜାର ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି।



କୃଷି କାର୍ଯ୍ୟାଳୟ ଘେରାଉ କରିଥିବା ଚାଷୀବୃନ୍ଦ।

# ଶ୍ରୀଜଗନ୍ନାଥ, ସାହିଯାତକୁ ନେଇ ରାପ୍ ଭିଡିଓ 'ପୁରୀ ଟୋକା'

ପୁରୀ ଅଫିସ, ୨୮।୧




ଆଧୁନିକ ରାପ୍ ସଙ୍ଗୀତରେ ଶ୍ରୀଜଗନ୍ନାଥ ସଂସ୍କୃତିର ଛାପ ଦେଖିବାକୁ ମିଳିଛି। ଏଭଳି ଆକର୍ଷଣୀୟ ରାପ୍ ସଙ୍ଗୀତ ଗାଇ ଚର୍ଚ୍ଚାକୁ ଆସିଛନ୍ତି ରାପର 'ବିଗ୍‌ଡିଲ୍' ଭାବେ ପରିଚିତ ପୁରୀର ସମୀର ରିଷ୍ଟୁ ମହାନ୍ତି। ପୂର୍ବରୁ ସେ ଏକାଧିକ ରାପ୍ ଗାଇ ଚର୍ଚ୍ଚାକୁ ଆସିଥିବାବେଳେ ତାଙ୍କର 'ଖୁସି ତ' ରାପ୍ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଣ୍ଟିଥିଲା। ସମୀର ଜାତୀୟତାବାଦ୍‌କୁ ନେଇ ରାପ୍ ପ୍ରସ୍ତୁତ କରି ସମସ୍ତଙ୍କ ମନ ଜିଣିପାରିଥିଲେ। ସମ୍ପ୍ରତି ସେ ମହାପ୍ରଭୁ ଶ୍ରୀଜଗନ୍ନାଥ, ସାହିଯାତ, ମାଲଖମ୍ବ, ନାଗାନାଚ, ଗୋଟିପୁଅ, ଓଡ଼ିଶୀ ନୃତ୍ୟ, ବେଳାଭୂମି ସମେତ ପୁରୀ କଳା ସଂସ୍କୃତି ଆଦିର ମିଶ୍ରଣରେ ରାପ୍ ଭିଡିଓ 'ପୁରୀ ଟୋକା' ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ବଡ଼ଦାଣ୍ଡରେ ଏହି ଭିଡିଓ ୟୁଟ୍ୟୁବ୍‌ରେ ଲୋକାର୍ପିତ ହୋଇଛି। ଲୋକାର୍ପଣ ଉତ୍ସବରେ ସମୀରଙ୍କ ସମେତ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ ଉପସ୍ଥିତ ଥିଲେ। ଉକ୍ତ ଭିଡିଓ ଯୁବବର୍ଗଙ୍କ ସମେତ ସବୁବର୍ଗର ଦର୍ଶକଙ୍କ ମନ ଛୁଇଁବ ବୋଲି ସମୀର ଆଶା ପ୍ରକାଶ କରିଛନ୍ତି। ସେହିପରି ଆଶୁତୋଷ କହିଛନ୍ତି, ପୁରୀ ହେଉଛି କଳା ଓ ସଂସ୍କୃତିର ଗନ୍ତାଘର। ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ଏଠାରୁ ଅନେକ କଳାକାର ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଅର୍ଜନ କରିପାରିବେ।




କୋଭିଡ୍ ସ୍ଥିତିରେ ଅଫ୍‌ଲାଇନ୍ ପରୀକ୍ଷାକୁ ବାତିଲ ଦାବିରେ ଅଲ୍ ଓଡ଼ିଶା ଡିପ୍ଲୋମା ଫାର୍ମାସି ଷ୍ଟୁଡେଣ୍ଟ୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଔଷଧ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପୋଖରୀରେ ବୁଡ଼ିଗଲେ ବୃଦ୍ଧ

କଣାସ,୨୮।୧(ସ୍ୱ.ପ୍ର.): ପୁରୀ ଜିଲା କଣାସ ବ୍ଲକ ଚୁପୁରିଙ୍ଗ ଗ୍ରାମର ଏକ ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଚଣ୍ଡ ଦଳସିଂହ। ଏ ନେଇ ପୋଲିସ ଗଡ଼ିଶାଗୋଦା ଥାନାରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ଅନୁଯାୟୀ, ଗୁରୁବାର ଚଣ୍ଡ ଗ୍ରାମ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ତେବେ ସନ୍ଦେହରେ ପୋଖରୀ ନିକଟକୁ ଯିବାବେଳେ କିଛି ଭାସୁଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ପୋଖରୀରୁ ଚଣ୍ଡଙ୍କୁ ଉଦ୍ଧାର କରି ସ୍ଥାନୀୟ କଣାସ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବୋଲେରୋ-ବାଇକ୍ ଧକ୍କା, ୨ ଯୁବକ ମୃତ




ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ବାଇକ୍।

ବାଉଁଶୁଣୀ/କନ୍ଧମାଳ, ୨୮।୧(ଡି.ଏନ୍.ଏ.)

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ମନମୁଣ୍ଡା ଥାନା ଖଇରମାଲ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ପିକ୍‌ଅପ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇଜଣ ଯୁବକ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ଶଗଡ଼ା ଫାଣ୍ଡି ଅନ୍ତର୍ଗତ ଝଗୁଡୁଗାଡ଼ିଆ ଗାଁର ହିରୋ ବଗର୍ତ୍ତି (୨୨) ଓ ରାଜକିଶୋର ବଗର୍ତ୍ତି (୨୩)। ହିରୋ ଓ ରାଜକିଶୋର କୌଣସି କାମରେ ମନମୁଣ୍ଡା ପଟରୁ ବୌଦ୍ଧ ଅଭିମୁଖେ ଓଡି ୩୧- ୮୬୧୧ ବାଇକ୍ ଯୋଗେ ଯାଉଥିଲେ। ଖଇରମାଲ ଛକ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବୋଲେରୋ ପିକଅପ୍ ନଂ. ଓଡି ୨୭ବି ୯୮୫୧ ସହ ଧକ୍କା ହୋଇଥିଲା। ଉଭୟ ଯୁବକ ଛିଟିକି ପଡ଼ିଥିଲେ। ଆମ୍ବୁଲାନ୍ସ ଯୋଗେ ଦୁହିଁଙ୍କୁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ମାତ୍ର ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ମନମୁଣ୍ଡା ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

VALENTINA PIPES PVT. LTD.
Rasulgarh Ind. Estate, Bhubaneswar
URGENTLY REQUIRED FOR PLANT
PVC/HDPE Machine Operators, Tele Caller cum Front Executive (F), Quality Control Executive (Fresher).
Call: 8249322439, 8594889709
Email: valentinapipespvtltd18@gmail.com

# ସପ୍ତମ ବେତନ କମିଶନ ଦରମାରେ ପାତରଅନ୍ତର

- ଡେମନଷ୍ଟ୍ରେଟର, ଲାଇବ୍ରେରିଆନ, ପିଇଟିଙ୍କ ମଧ୍ୟରେ କ୍ଷୋଭ
- ସଂଶୋଧନ ଦାବି

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ବହୁ ବିଳମ୍ବରେ ରାଜ୍ୟ ସରକାର ୬୬୨ ଏବଂ ୪୮ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବାକୁ ନିଷ୍ପତ୍ତି ନେଲେ। ୨୦୨୧ ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହାକୁ ଅନୁମୋଦନ ପରେ ବିଧିବଦ୍ଧ ଭାବେ ଘୋଷଣା କରାଗଲା । ତେବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯେଉଁ ସଂଶୋଧିତ ହାର ବିଜ୍ଞପ୍ତି ପ୍ରକାଶ ପାଇଛି ସେଥିରେ ବହୁ ଅସଙ୍ଗତି ରହିଛି। ନିୟମ ଅନୁସାରେ ହିସାବ କରା ନ ଯାଇ ତରବରିଆ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଚଞ୍ଚକତା କରାଯାଇ ଡେମନଷ୍ଟ୍ରେଟର, ଲାଇବ୍ରେରିଆନ ଓ ପିଇଟିଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଇନ୍‌କ୍ରିମେଣ୍ଟ ଓ ଗ୍ରେଡ୍ ପେ'କୁ ୨.୫୭ରେ ଗୁଣନ କରା ନ ଯାଇ ମନଇଚ୍ଛା ସର୍ବନିମ୍ନ ଦରମା ଆଧାରରେ ସପ୍ତମ ବେତନ କମିଶନ ହାରରେ ଦରମା ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା କର୍ମଚାରୀମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଡେମନଷ୍ଟ୍ରେଟର, ଲାଇବ୍ରେରିଆନ ଓ ପିଇଟିଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି।

ସପ୍ତମ ବେତନ କମିଶନ ନାମରେ କର୍ମଚାରୀମାନଙ୍କୁ ଭୁଆଁ ବୁଲାଯାଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ତୁରନ୍ତ ଅସଙ୍ଗତିକୁ ଦୂର କରିବା ସହ ନିୟମାନୁସାରେ ସପ୍ତମ ବେତନ କମିଶନ ଲାଗୁ କରିବାକୁ ଡେମନଷ୍ଟ୍ରେଟର, ପିଇଟି ଓ ଲାଇବ୍ରେରିଆନ ସଂଘ ପକ୍ଷରୁ ଦାବି କରାଯାଇଛି।

# ଧରାପଡ଼ିଲା ନକଲି ଏମ୍‌ଭିଆଇ ଟିମ୍: ୪ ଗିରଫ

ବାଲିକୁଦା,୨୮।୧(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ କଟକ-ମାଛଗାଁ ମୁଖ୍ୟରାସ୍ତାରେ ଏମ୍‌ଭିଆଇ(ମୋଟର ଭେହିକିଲ ଇନ୍ସପେକ୍ଟର) ଟିମ୍ ସାଜି ଗାଡି ଚାଳକଙ୍କୁ ଲୁଟ୍ କରୁଥିବା ଏକ ନକଲି ଏମ୍‌ଭିଆଇ ଟିମ୍ ଶୁକ୍ରବାର ପୋଲିସ ହାତରେ ଧରାପଡ଼ିଛି। ଏହି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଥାନା ଅନ୍ତର୍ଗତ ରାଇବରେଇ ଗାଁର ବିକ୍ରମ ପରିଡ଼ା, ବାଲିକୁଦା ଥାନା ଅରିଲୋ ଗାଁର ଆଶୀର୍ବାଦ ନାୟକ, ଅଜୟ ବାରିକ ଓ ଚିତ୍ତରଞ୍ଜନ ବାରିକ। ସମସ୍ତ ଅଭିଯୁକ୍ତଙ୍କ ବୟସ ୨୦ ରୁ ୨୬ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ କହିଛି। ସେମାନଙ୍କଠାରୁ ଲୁଟ ଟଙ୍କା ସହ ୨ ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କିଛିଦିନ ହେବ ଜିଲାର ବିଭିନ୍ନ ରାସ୍ତାରେ ଲୁଟ୍‌ପାଟ ଚଳାଇଥିଲେ। କଟକ-ମାଛଗାଁ ମୁଖ୍ୟରାସ୍ତାରେ ଗୁରୁବାର ଅଭିଯୁକ୍ତମାନେ ଏମ୍‌ଭିଆଇ ଟିମ୍ ବୋଲି ଦର୍ଶାଇ ଏରସମା ଥାନା ଅଧୀନ ସିହା ଗାଁର ରଞ୍ଜନ ସ୍ୱାଇଁଙ୍କଠାରୁ ଜରିମାନା ଆଦାୟ କରିଥିଲେ। ସ୍ୱାଇଁଙ୍କ ପାଖରେ ଟଙ୍କା ନ ଥିବାରୁ ଅନ୍‌ଲାଇନ୍ ମାଧ୍ୟମରେ ୧ ହଜାର ଟଙ୍କା ନେଇଯାଇଥିଲେ। ଏନେଇ ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ. ୨୮/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। କିଛିଦିନ ପୂର୍ବେ ଡିହସାହି-ଚଷାପଡ଼ା ମୁଖ୍ୟରାସ୍ତାର ଦାଦପୁର ଛକରେ ହୋଇଥିବା ଲୁଟ୍ ଘଟଣାରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ଥିଲା ବୋଲି ପୋଲିସ କହିଛି।



ଗିରଫ ଅଭିଯୁକ୍ତମାନେ।

## ଔଷଧ ଦୋକାନରେ ଡ୍ରଗ୍ସ ବିଭାଗର ଚଢ଼ାଉ

ଗୋପ,୨୮।୧(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଗୋଟିଏ ଔଷଧ ଦୋକାନ ଉପରେ ଶୁକ୍ରବାର ଜିଲା ଡ୍ରଗ୍ସ ବିଭାଗ ପକ୍ଷରୁ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ହେଉଥିବା ଖବର ଶୁଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ୧୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ଭୟରେ ଖୋଲି ନ ଥିଲେ। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା କେତେଜଣ ରୋଗୀ ଓ ତାଙ୍କର ସମ୍ପର୍କୀୟମାନେ ଔଷଧ କିଣିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରକାଶ ଯେ, କିଛି ଦିନ ଧରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିନା ଲାଇସେନ୍ସରେ ଔଷଧ ଦୋକାନ କରିବା, ବିନା ଫାର୍ମାସିଷ୍ଟରେ ଔଷଧ ବିକିବା, କମ୍ ଦାମର ଔଷଧ ଅଧିକ ଦାମରେ ବିକ୍ରି କରିବା ଭଳି ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ହଠାତ୍ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ସମେତ ୩ ଜଣିଆ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଥିବା ଗୋଟିଏ ଔଷଧ ଦୋକାନରେ ଚଢାଉ କରିଥିଲେ। ଦୋକାନର କାଗଜପତ୍ର ଯାଞ୍ଚ କରିବା ସହ ଦୋକାନରୁ କେତେକ ନିର୍ଦ୍ଦିଷ୍ଟ ଔଷଧ ଜବତ କରିଛନ୍ତି। ଔଷଧ ଦୋକାନରେ ଫାର୍ମାସିଷ୍ଟ ନ ଥିବା ସହ ଠିକ କାଗଜପତ୍ର ନ ଦେଖାଇ ପାରିବା ଯୋଗୁ ଦୋକାନ ମାଲିକଙ୍କ ନାମରେ ଗୋଟିଏ ମାମଲା ରୁଜୁ କରାଯିବ ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁ କହିଛନ୍ତି, ନିର୍ଦ୍ଦିଷ୍ଟ ଅଭିଯୋଗ ହେବା ପରେ ଗୋଟିଏ ଔଷଧ ଦୋକାନ ଉପରେ ଚଢ଼ାଉ ହୋଇଛି। ଆଗକୁ ଆହୁରି ଅନେକ ଔଷଧ ଦୋକାନ ଉପରେ ଚଢ଼ାଉ କରାଯିବ। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତରମାନେ ଡାକ୍ତରଖାନାକୁ ଆସୁଥିବା ସରକାରୀ ଔଷଧ ରୋଗୀଙ୍କୁ ଦେବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଡାକ୍ତରମାନେ ରୋଗୀଙ୍କୁ ବାହାରୁ ଆଣିବା ଲାଗି ପ୍ରେସକ୍ରିପ୍ସନ ଲେଖୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଜିଲା ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

**Bhubaneswar Municipal Corporation**
*Progress through Partnership for better Bhubaneswar*
Notice No. 9683 Date: 27.01.2022
Corrigendum - 2: Extension of Submission Date
Auction Sale Notice for Package of / Individual Parking Lots in BMC Area

No. C-1856: In reference to the Auction Sale Notice for Parking of / Individual Parking Lots in BMC Area, Tender No. 1137 dated 06.01.2022, the scheduled date of submission of Tender Paper is 28.01.2022, has been extended to 15.02.2022 (upto 4.00P.M.). Subsequently, the date for opening of Tender Paper has been revised as mentioned below:

| Sl. No. | Description | Date & Time |
|---|---|---|
| 1 | Package of / Individual Parking Lots | 15.02.2022 at 5.00 P.M. |

The last date of sale of tender paper is also extended to 15.02.2022 (during office hour). The details of tender are available in BMC/Zone Office notice boards and BMC website http://bmc.gov.in.

Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0133/2122

OFFICE OF THE JOINT DIRECTOR,
ANIMAL DISEASE RESEARCH INSTITUTE,
PHULNAKHARA, CUTTACK
FAX No. - 0671-2356130/Email- adri.odisha@gmail.com
CORRIGENDUM No.1
Notice No.149/ADRI Dt.28.01.22
TENDER CALL NOTICE FOR PRINTING OF MONTHLY BULLETIN

No.M-68:- In continuous to this office corrigendum notice No.2263 Dt.31.12.2020 sealed Tenders are invited from the reputed Printing Press/ Firms / Agencies having valid GST and income tax clearance certificate / PAN for printing and supply of monthly issue of booklets / bulletins under ASCAD-2020-21 "Monthly Bulletin on different Disease Activities".

The tender papers for the above purpose containing the terms and conditions can be obtained from the Office of the Joint Director, Animal Disease Research Institute, Phulnakhara during office hours on any working day up to dt.23.02.2022 at 1:00 P.M. on payment of Rs.590/- (Rupees six hundred thirty six only) towards cost of tender paper Rs.500/- + VAT 18%. The same can be downloaded from the Deptt. Website - www.odishaahvs.com and submitted along with a B.D. of Rs.590/- drawn in favour of Joint Director, A.D.R.I., Phulnakhara, Cuttack payable at State Bank of India, Link Road, Cuttack.

The Tender paper complete in all respect along with necessary documents may be dropped in the tender box of this office or sent to the Joint Director, ADRI, Phulnakhara, Cuttack by Registered Post / Speed Post / Courier so as to reach on or before **dt.24.02.2022 upto 2.30 P.M.**

The Tenders will be opened on dt.24.02.2022 at 3.00 P.M. in the presence of the bidders or their representatives if any. The Tender received beyond the date and time mentioned above shall not be taken into consideration. Selected printing press will have to deliver the printed booklets within a week of receipt of printing order along with soft copy every month without fail. The Joint Director, ADRI, Phulnakhara, Cuttack reserves the right to reject / cancel/withdraw any or all the tenders without assigning any reason thereof.

Sd./- JOINT DIRECTOR
A.D.R.I., PHULNAKHARA, CUTTACK
OIPR-06078/11/0004/2122

# ପିଡିଏସ୍ ଚାଉଳ ହେରଫେର ଅଭିଯୋଗ

**ଗ୍ରାମରେ ଉତ୍ତେଜନା**

ବାଲେଶ୍ୱର ଅଫିସ, ୨୮।୧

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତର ମଧୁପୁରା ଓ ଅନନ୍ତପୁର ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ପିଡିଏସ୍ ଚାଉଳ ହେରଫେର କରାଯାଉଥିବା ଅଭିଯୋଗରେ ଶୁକ୍ରବାର ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ସଦର ଥାନା ପୋଲିସ, ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟର ଦୁଇ ଅଧିକାରୀ ପହଞ୍ଚି ଘଟଣାକୁ ବୁଝିବା ସହ ସମାଧାନ କରିଥିଲେ। ପରେ ଉତ୍ତେଜନା ଥମିଥିବା ଜଣାପଡ଼ିଛି। ଉକ୍ତ ଦୁଇ ଗ୍ରାମରେ ରାଶନ ସାମଗ୍ରୀ ବାଣ୍ଟିବା ପାଇଁ ଡିଲର ଭାବେ ସୁବାସ ଚନ୍ଦ୍ର ଲେଙ୍କା ଦାୟିତ୍ୱ ନେଇ ଆସୁଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହେବା ପାଇଁ ଗତ ୧୭ତାରିଖରେ ଲେଙ୍କା ଡିଲରରୁ ଇସ୍ତଫା ଦେଇଥିଲେ। ଏପରିକି ତାଙ୍କର ଓଜନକଣ୍ଟା ମଧ୍ୟ ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁଙ୍କ ନିକଟରେ ହସ୍ତାନ୍ତର କରିଥିଲେ। କିନ୍ତୁ ଗତ ଗୁରୁବାର ରାତି ୮ଟାରେ ପିଡିଏସ୍ ଚାଉଳ ଭର୍ତ୍ତିଥିବା ଏକ ଟ୍ରକ୍ ତାଙ୍କ ଘର ନିକଟରେ ପହଞ୍ଚିଥିଲା। ଏହାକୁ ଦେଖି ଗ୍ରାମବାସୀଙ୍କ ମନରେ ପିଡିଏସ୍ ଚାଉଳ ହେରଫେର ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। କିଛି ଗ୍ରାମବାସୀ ଏକଜୁଟ୍ ହୋଇ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଅଟକାଇବା ସହ ବ୍ଲକ ଯୋଗାଣ ଅଧିକାରିଣୀଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ। ଉକ୍ତ ସରପଞ୍ଚ ପ୍ରାର୍ଥୀ ଲେଙ୍କା ପିଡିଏସ୍ ଚାଉଳ ହେରଫେର କରିବା, ଏଥିରେ ବ୍ଲକ ଯୋଗାଣ ଅଧିକାରିଣୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଏହା ନ ହେଲେ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ ଜାରି ରଖିବାର ଚେତାବନୀ ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ସଦର ଥାନା ପୋଲିସ ପହଞ୍ଚି ପ୍ରଥମେ ପିଡିଏସ୍ ଚାଉଳ ଭର୍ତ୍ତି ଟ୍ରକ୍‌କୁ ଉଦ୍ଧାର କରିଥିଲେ। ପରେ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

ଜିଲା ଯୋଗାଣ ବିଭାଗ ଅଧିକାରୀ ରାଉତରାୟଙ୍କ କହିବାନୁସାରେ ପୂର୍ବତନ ଡିଲର ଲେଙ୍କା ଇସ୍ତଫା ଦେବା ପରେ ଉକ୍ତ ଅଞ୍ଚଳରେ ଥିବା ଅନ୍ୟ ଜଣେ ଡିଲର କାର୍ତ୍ତିକ ବିଶ୍ୱାଳଙ୍କୁ ପିଡିଏସ୍ ଚାଉଳ ଦେବାରେ ନିଯୁକ୍ତି କରାଯାଇଥିଲା। ଉକ୍ତ ଚାଉଳ ଭର୍ତ୍ତି ଟ୍ରକ୍‌କୁ ବିଶ୍ୱାଳଙ୍କ ସେଣ୍ଟରରେ ସ୍ଥାନ ନ ଥିବାରୁ ପୂର୍ବତନ ଡିଲର ଲେଙ୍କାଙ୍କ ସେଣ୍ଟରରେ ଚାଉଳ ରଖିବା ପାଇଁ ଆଣିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ପୁଣି ଡିଲର ବିଶ୍ୱାଳ ନିଜ ତତ୍ତ୍ୱାବଧାନରେ ଉକ୍ତ ଚାଉଳକୁ ରଖିଥିବା ପ୍ରକାଶ କରିଛନ୍ତି।




ପିଡିଏସ୍ ଚାଉଳ ଭର୍ତ୍ତି ଟ୍ରକ୍।

# ଏମ୍ଏଚ୍ଏରେ ବନ ଅଧିକାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାର ନିଯୁକ୍ତି କ୍ଷେତ୍ରରେ ଆଇଏଏସ୍ ଗୋଷ୍ଠୀକୁ ଅଣଦେଖା କରି ଆସୁଛନ୍ତି। ଏହି ଧାରା ପୂର୍ବରୁ ଲାଗି ରହିଛି ଓ ଏହା ଏବେ ପୁନର୍ବାର ସ୍ପଷ୍ଟ ହୋଇଛି। ଗତ ବର୍ଷେ କି ଦୁଇ ବର୍ଷ ମଧ୍ୟରେ ନିଯୁକ୍ତି ପାଇଁ ସବୁ ସର୍ଭିସରୁ ଅଧିକାରୀମାନଙ୍କୁ ନେଇ ସରକାର ତାଲିକା ପ୍ରସ୍ତୁତ କରୁଛନ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟଗୁଡ଼ିକର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ସେମାନଙ୍କୁ ଅବସ୍ଥାପିତ କରୁଛନ୍ତି। ଦେଖିବାକୁ ଗଲେ ଆରମ୍ଭରୁ ବିଶେଷକରି ଏହି ସବୁ ପଦବୀ ସମ୍ପୂର୍ଣ୍ଣ ଭାବେ ଆଇଏଏସ୍‌ଙ୍କ ପାଇଁ ସଂରକ୍ଷିତ ରହିଥିଲା। ତେବେ ସେ ଯାହା ହେଉନା କାହିଁକି ସରକାର ନିକଟରେ ୧୯୮୭ ବ୍ୟାଚ୍ ଛତିଶଗଡ଼ କ୍ୟାଡର୍‌ର ଭାରତୀୟ ବନସେବା(ଆଇଏଫ୍ଏସ୍) ଅଧିକାରୀ ବି.ଭି.ଉମାଦେବୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍ଏଚ୍ଏ)ରେ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏହା ଦର୍ଶାଉଛି ଯେ, ସରକାର ଏହି ଧାରାକୁ ଜାରି ରଖିବା ଲାଗି ଚାହୁଁଛନ୍ତି ଓ ଏହା ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଅବଶ୍ୟ ନିୟମପୁସ୍ତିକା ଅନୁସାରେ ସରକାର କାମ କରୁଛନ୍ତି। ଯେକୌଣସି ପଦବୀକୁ ଯେ କୌଣସି ସିଭିଲ ସର୍ଭିସ ଅଧିକାରୀଙ୍କୁ ଆଣିବା ପାଇଁ ସରକାର ନିୟମ ଅଧୀନ ଅଧିକାର ପାଳନ କରୁଛନ୍ତି। ସରକାର ଏବାବଦରେ ନିର୍ଦ୍ଧାରିତ ଅଧିକାରର ସୀମା ନ ଟପି ବାବୁମାନଙ୍କ ମେରିଟ୍ ଏବଂ ପ୍ରଦର୍ଶନ ଆଧାରରେ ନିଯୁକ୍ତି ଦେଉଛନ୍ତି। ଯେ କୌଣସି ପଦବୀ ଉପରେ ଆଇଏଏସ୍‌ମାନଙ୍କର ପ୍ରଥମ ଅଧିକାର ନ ଥିଲେ ମଧ୍ୟ ସେମାନେ ସବୁବେଳେ ପରମ୍ପରା ଉପରେ ଦାବି ଉପସ୍ଥାପନ କରିପାରିବେ ଓ ଏହାକୁ ସମର୍ଥନ କରିବା ଲାଗି ଅତୀତର ଉଦାହରଣ ମଧ୍ୟ ଦେବାରେ କିଛି ଅସୁବିଧା ନାହିଁ। ଅତୀତରେ ଏଭଳି ନିଯୁକ୍ତିଗୁଡ଼ିକରେ ଆଇଏଏସ୍ ଅଧିକାରୀ ମାନଙ୍କ ମନୋଭାବ ମଧ୍ୟ ସ୍ପଷ୍ଟ ହୋଇଥିଲେ ବି ଏବକାର ସରକାର ଅତୀତ ଉପରେ ଧ୍ୟାନ ଦେବାର ସମ୍ଭାବନା କମ୍ ରହିଛି । ସରକାର ଏବେ ବିନା କ୍ୟାଡର ବିଚାରରେ ପଦବୀ ପାଇଁ ଦକ୍ଷ ବାବୁ ଖୋଜିବାରେ ଅଧିକ ଯତ୍ନବାନ୍ ଅଛନ୍ତି। ଗତ ମାସରେ ଗୁଜରାଟ କ୍ୟାଡର୍‌ର ଆଇଏଫ୍ଏସ୍ ଅଧିକାରୀ ଭରତ ଲାଲ୍‌ଙ୍କୁ ପଦୋନ୍ନତି ଦେଇ ଲୋକପାଳ ସଚିବ ଭାବେ ନିଯୁକ୍ତି ଦେଇଥିଲେ। ଏହା ପୂର୍ବରୁ ତାଙ୍କୁ ଜଳଶକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ କେନ୍ଦ୍ରକୁ ଅଣାଯାଇଥିଲା। ତେବେ ଏମ୍ଏଚ୍ଏରେ ଉମାଦେବୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ଆଇଏଏସ୍ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଥିବା ପଦବୀରେ ଏଭଳି ନିଯୁକ୍ତି ଉପରେ ସେମାନେ ବହୁବାର ପ୍ରତିବାଦର ସ୍ୱର ଉଠାଇଛନ୍ତି। ହେଲେ କୌତୂହଳର କଥା, ଉମାଦେବୀଙ୍କ ନିଯୁକ୍ତି ଘଟଣାରେ ଆଇଏଏସ୍‌ମାନଙ୍କ ମଧ୍ୟରେ ସେମାନଙ୍କ ସମ୍ମାନଜନକ କ୍ଷେତ୍ରର ସୁରକ୍ଷା ଲାଗି ଏବେ ସୁଦ୍ଧା ସ୍ପଷ୍ଟ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

### ଚୟନରେ ସତର୍କତା

କମଲନାଥ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ ବିବେକ ଜୋହରିଙ୍କୁ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଆସନ୍ତା ମାର୍ଚ୍ଚରେ ତାଙ୍କ ଲମ୍ବା କ୍ୟାରିୟର ଶେଷ ହେବାକୁ ଯାଉଛି। ୨୦୨୦ରେ ସେ ଅବସର ନେବାର ଥିଲା। କିନ୍ତୁ ସେହି ବର୍ଷ ମାର୍ଚ୍ଚରେ ତାଙ୍କ କାର୍ଯ୍ୟକାଳକୁ ଆଉ ଦୁଇବର୍ଷ ଲାଗି ସମ୍ପ୍ରସାରିତ କରାଯାଇଥିଲା। ତେବେ ଘଟଣାକ୍ରମରେ କମଲନାଥ ସରକାରର ପତନ ଘଟିଲା ଓ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱରେ ଭାଜପା କ୍ଷମତାକୁ ଫେରିଲା । ନୂଆ ମୁଖ୍ୟମନ୍ତ୍ରୀ ଭାବେ ଚୌହାନ୍ ଡିଜିପି ଭାବେ ଜୋହରିଙ୍କୁ ରଖି ସମସ୍ତ ବାବୁଙ୍କୁ ଚକିତ କରିଦେଇଥିଲେ। ଜୋହରିଙ୍କ କାର୍ଯ୍ୟକାଳ ନିକଟରେ ଶେଷ ହେବାକୁ ଯାଉଥିବାରୁ ତାଙ୍କ ପରେ ସେହି ପଦବୀରେ କେଉଁ ବରିଷ୍ଠ ଆଇପିଏସ୍ ଅଧିକାରୀ ରହିବେ ତାହାକୁ ନେଇ ବାବୁ ପରିସରରେ ବେଶ୍ କଳ୍ପନାଜଳ୍ପନା ଲାଗି ରହିଛି। ରାଜ୍ୟ ସରକାର ଏଯାବତ ନିଯୁକ୍ତି ବାବଦରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ସରକାର ମଧ୍ୟ ୟୁନିୟନ୍ ପବ୍ଲିକ ସର୍ଭିସ କମିଶନ(ୟୁପିଏସ୍‌ସି)କୁ ଡିଜିପି ଲାଗି ଯୋଗ୍ୟ ଅଧିକାରୀମାନଙ୍କ ନାମ ତାଲିକା ପଠାଇ ନାହାନ୍ତି, ଯାହାକୁ ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଏହାକୁ କେନ୍ଦ୍ର କରି ବିଭିନ୍ନ ଗୁଜବ ମଧ୍ୟ ବ୍ୟାପିବାରେ ଲାଗିଛି। କିନ୍ତୁ ବୁଦ୍ଧିଜୀବୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ଆସନ୍ତା ବର୍ଷ ହେବାକୁ ଯାଉଥିବା ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଚୌହାନ୍ ସରକାର ଡିଜିପି ଭଳି ଶୀର୍ଷ ପଦବୀ ପାଇଁ ଜଣେ ଦକ୍ଷ ବ୍ୟକ୍ତିଙ୍କ ଚୟନ ନିଶ୍ଚିତ କରିବା ପୂର୍ବରୁ ସତର୍କତାର ସହ ପଦକ୍ଷେପ ନେଉଛନ୍ତି।

Email: dilipcherian@gmail.com

# ପଞ୍ଚାୟତ ନିର୍ବାଚନର ଉଦ୍ଦେଶ୍ୟ ଓ ବାସ୍ତବତା



ଅନିଲ କୁମାର ବିଶ୍ୱାଳ

ରାଜ୍ୟରେ ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଓଡ଼ିଶାରେ ପାଖାପାଖି ୮୫% ଲୋକେ ରୁହନ୍ତି ଗ୍ରାମାଞ୍ଚଳରେ ; ଯେଉଁଠି ଏହି ନିର୍ବାଚନ ହେବାକୁ ଯାଉଛି । ବିଧାନସଭା ଓ ଲୋକ ସଭା ନିର୍ବାଚନ ସହିତ ପଞ୍ଚାୟତ ନିର୍ବାଚନକୁ ତୁଳନା କଲେ ଏହା କୌଣସି ଦୃଷ୍ଟିରୁ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ ହେଉଛନ୍ତି ପଞ୍ଚାୟତ ସ୍ତରରେ ଥିବା ଜନପ୍ରତିନିଧିମାନେ। ଏମାନେ ହିଁ ସିଧାସଳଖ ଲୋକମାନଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥାନ୍ତି। ଆମେ ଯେଉଁ ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ କିମ୍ବା ଅନ୍ତର୍ଭୁକ୍ତ ବିକାଶ କିମ୍ବା ସମାଜର ତଳ ସ୍ତରରେ ଥିବା ଲୋକମାନଙ୍କର ବିକାଶର କଥା କହୁ, ତାହାକୁ ସାକାର କରିବା ପାଇଁ ଯଦି ସବୁଠାରୁ କାହାର ବେଶି ଭୂମିକା ଥାଏ ତାହା ହେଉଛି ପଞ୍ଚାୟତସ୍ତରର ଜନପ୍ରତିନିଧିମାନଙ୍କର। ସାରା ବିଶ୍ୱର ଅନେକ ଦେଶରେ ଆମ ଦେଶ ଭଳି ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ରହିଛି। ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପଞ୍ଚାୟତ ବା ସ୍ଥାନୀୟ ସ୍ୱାୟତ୍ତ ବ୍ୟବସ୍ଥା ଯେତେ ସୁଦୃଢ଼, ଦୁର୍ନୀତିମୁକ୍ତ, ପାରଦର୍ଶୀ ସେହି ଦେଶ ବା ରାଜ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସେତେ ଉଚ୍ଚତର।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ହେଉଛି ଗଣତାନ୍ତ୍ରିକ ଅଧିକାର, ଦାୟିତ୍ୱ, କର୍ତ୍ତବ୍ୟର ମହାପର୍ବ। ନିଜର ଶାସନ ନିଜେ ଚଳାଇବା ପାଇଁ ସମ୍ବିଧାନ ଯେଉଁ ଅଧିକାର ସାଧାରଣ ଜନତାକୁ ଦେଇଥାଏ ତାହାର ମାଧ୍ୟମ ହେଉଛି ନିର୍ବାଚନ। ଅତୀତରେ ଓଡ଼ିଶାରେ ହୋଇଥିବା ପଞ୍ଚାୟତ ନିର୍ବାଚନକୁ ଆମେ ଦେଖିଛେ। ଚଳିତ ଥର ହେବାକୁ ଯାଉଥିବା ନିର୍ବାଚନ ସମ୍ବନ୍ଧୀୟ ଅନେକ କିଛି ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି। ଏସବୁକୁ ତର୍ଜମା କରିଲା ପରେ ଏହା ଆମକୁ ଚିନ୍ତାରେ ପକାଉଛି । ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ନିର୍ବାଚନର ଅସଲ ଉଦ୍ଦେଶ୍ୟ ଓ ବାସ୍ତବତା ଭିତରେ ଅତ୍ୟଧିକ ଫରକ ଅନୁଭୂତ ହେଉଛି।

ଆଜକୁ ୫୦–୬୦ ବର୍ଷ ତଳେ ଆମ ଦେଶରେ କୌଣସି ନିର୍ବାଚନ ବ୍ୟୟବହୁଳ ନ ଥିଲା। କିନ୍ତୁ ଆଜି ସେହି ସ୍ଥିତି ନାହିଁ। ବିଧାନସଭାରୁ ନେଇ ଲୋକ ସଭା, ପଞ୍ଚାୟତରୁ ନେଇ ନଗରପାଳିକା, ସମସ୍ତ ପ୍ରକାରର ନିର୍ବାଚନ ଯେଉଁଭଳି ବ୍ୟୟବହୁଳ ହେଲାଣି ତାହାକୁ ଦେଖିଲେ ରାଜନୀତିରେ ସ୍ୱଚ୍ଛତା ଯେ ଏକ ଅବାସ୍ତବ ବାସ୍ତବତା ତାହା ବୁଝିହେବ। ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜର ଆଧାର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ସରପଞ୍ଚଙ୍କର କାମ କେବଳ ପଞ୍ଚାୟତରେ ଠିକା କାମ ବାଣ୍ଟିବା କିମ୍ବା ସରକାରୀ ଯୋଜନାର ତଦାରଖ କରିବା ନୁହେଁ। ଯଦି କୌଣସି ପଞ୍ଚାୟତରେ ସରପଞ୍ଚ ଓ ଅନ୍ୟ ପଦରେ ଯୋଗ୍ୟ ଲୋକମାନେ ରହିବେ ତା'ହେଲେ ସେ ଗାଁରେ ଚୋରା ମଦ ବିକ୍ରି ହୋଇପାରିବ ନାହିଁ, ଭାଇ ଭାଇ ଭିତରେ ଗଣ୍ଡଗୋଳ ହୋଇ ମାଲିମକଦ୍ଦମାରେ ଗାଁ ଅଶାନ୍ତି ହେବନି, ସରକାରୀ ସ୍କୁଲ, ଡାକ୍ତରଖାନା ଠିକ ଭାବରେ ଚାଲିବ, ଯୋଗ୍ୟ ଲୋକଙ୍କୁ ସରକାରୀ ସୁବିଧା ମିଳିବ, ଗାଁରେ ଭାଇଚାରା ବଜାୟ ରହିବ, ଗାଁରେ ଦୋଳ ମେଳଣ ସୁରୁଖୁରୁରେ ହେବ ଇତ୍ୟାଦି। ମୋଟାମୋଟି ଭାବରେ ଆମେ ଗାଁ କହିଲେ ଭାବପ୍ରବଣତାର ଯେଉଁ ଭାବନାଟି ମନକୁ ଆସେ ତାହା ବଜାୟ ରହିବ।

ହେଲେ ସାମ୍ପ୍ରତିକ ପରିସ୍ଥିତିରେ ଆମେ ଯେଉଁଭଳି ଢଙ୍ଗରେ ପଞ୍ଚାୟତ ନିର୍ବାଚନକୁ ଆଖିରେ ଦେଖୁଛେ ତାହା ନା କେବଳ ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜର ସମ୍ପୂର୍ଣ୍ଣ ବିପରୀତ ବରଂ ଭାରତୀୟ ଗ୍ରାମ୍ୟ ଜୀବନ ଦର୍ଶନର ପରିପନ୍ଥୀ ମଧ୍ୟ। ନିର୍ବାଚନ ଜିତିବା ହାରିବାର ପ୍ରତିଯୋଗିତା ଏତେ ବଢ଼ିଯାଇଛି ଯେ ସବୁ ପ୍ରକାର ନିୟମକାନୁନ, ନୀତି ନୈତିକତାର ଜଳାଞ୍ଜଳି ଭିତରେ ଅନୁଷ୍ଠିତ ହେଉଛି ପଞ୍ଚାୟତ ନିର୍ବାଚନ। ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ଜାନୁୟାରୀ, ଫେବୃୟାରୀରେ ନୋଟବନ୍ଦୀ ସତ୍ତ୍ୱେ ମଦ ବିକ୍ରି ୨୦୦% ବଢ଼ିଥିଲା। ସେହି ନିର୍ବାଚନରେ ଓଡ଼ିଶାରେ ରାଜନୈତିକ ହିଂସା ଏତେ ବଢ଼ିଥିଲା ଯେ ସେହିବର୍ଷର ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ରିପୋର୍ଟରେ ଓଡ଼ିଶା ରାଜନୈତିକ ହିଂସାକାଣ୍ଡରେ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲା। ଅନେକ ଲୋକଙ୍କ ଜୀବନ ଯାଇଥିଲା ନିର୍ବାଚନର ସେହି ଦୁଇମାସରେ। କେଉଁ ଦଳର କର୍ମୀ ମାରିଲେ, କେଉଁ ଦଳର କର୍ମୀ ମରିଲେ ତାହା ପ୍ରସଙ୍ଗ ନୁହେଁ, ବରଂ ଉଦ୍‌ବେଗର କଥା ହେଉଛି ଯେ ଗାଁରେ ଭାଇ ଭାଇ ଭିତରେ ହଣାକଟା ହେଲା, ଗାଁର ଭାଇ ଭାଇକୁ ମାରିଲା। ଚତୁର୍ଦ୍ଦଶ ଅର୍ଥ କମିଶନର ସୁପାରିସ ପରେ ପଞ୍ଚାୟତକୁ ଏବେ ଆର୍ଥିକ ଅନୁଦାନ ବଢ଼ିଛି। ତାହା ହିଁ ହେଉଛି ମୁଖ୍ୟ ଆକର୍ଷଣ, ନିର୍ବାଚନରେ ଏତେ ପ୍ରାର୍ଥୀ ଠିଆହେବାର ଓ ନିର୍ବାଚନ ବ୍ୟୟବହୁଳ ହୋଇଯିବାର। ଅବଶ୍ୟ କିଛି ଲୋକ ସେବା କରିବା ଉଦ୍ଦେଶ୍ୟରେ ଆସୁଛନ୍ତି, କିଛି ପଞ୍ଚାୟତରେ ଆଦର୍ଶ ଶୃଙ୍ଖଳାରେ ସବୁକିଛି ହେଉଛି, ହେଲେ ସେଭଳି ସଂଖ୍ୟା ବହୁତ କମ୍।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେବଳ ଜିଲାପରିଷଦକୁ ଛାଡ଼ିଦେଲେ ବାକି ସରପଞ୍ଚ, ସମିତି ସଭ୍ୟ, ଓାର୍ଡ ସଭ୍ୟ ସବୁ ହେଉଛି ଦଳମୁକ୍ତ ନିର୍ବାଚନ। ଏହି ପଦବୀ ପାଇଁ ନିର୍ବାଚନରେ କୌଣସି ଦଳ ପ୍ରାର୍ଥୀ ଦେବେ ନି କି କୌଣସି ଦଳୀୟ ଚିହ୍ନ, ପତାକା ରହିବନି। କିନ୍ତୁ ବାସ୍ତବରେ ଯାହା ଦେଖିବାକୁ ମିଳୁଛି ଯେ ଅଧିକାଂଶ ପ୍ରାର୍ଥୀ ସେମାନଙ୍କ ବ୍ୟାନର, ପ୍ରଚାରପତ୍ରରେ ଦଳର ନାଁ, ବିଧାୟକ, ସାଂସଦ ଏପରି କି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଫଟୋକୁ ବି ଖୋଲାଖୋଲା ଲଗାଉଛନ୍ତି। ନିଜକୁ ଦଳୀୟ ପ୍ରାର୍ଥୀ ବୋଲି ଘୋଷଣା କରୁଛନ୍ତି। ଏପରି କି ସାମ୍ବିଧାନିକ ପଦବୀରେ ଥିବା ମନ୍ତ୍ରୀମାନେ ପ୍ରଚାରରେ ଅମୁକ ଆମ ଦଳର ସରପଞ୍ଚ କି ସମିତିସଭ୍ୟ ପ୍ରାର୍ଥୀ ବୋଲି ସଭାସମିତିରେ ଖୋଲାଖୋଲି ଘୋଷଣା କରୁଛନ୍ତି। ଏଭଳି ବେଆଇନ କାମ ଖୋଲାଖୋଲି ଚାଲୁଥିବା ବେଳେ ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀମାନେ ଚୁପ୍‌ଚାପ ବସିଛନ୍ତି। ଯଦି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କେଉଁ ମନ୍ତ୍ରୀ କିମ୍ବା ବିଧାୟକଙ୍କୁ ଏପ୍ରସଙ୍ଗରେ ନୋଟିସଟିଏ ପଠାନ୍ତେ ବା ଦଳୀୟ ସମର୍ଥନ ଆଧାରରେ କେଉଁ ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱକୁ ଖାରଜ କରିଦିଅନ୍ତେ ତା'ହେଲେ ଯାଇ କମ୍‌ସେ କମ୍ ଟିକିଏ ଦଳମୁକ୍ତ ହୋଇପାରନ୍ତା। ଦଳମୁକ୍ତ ପଞ୍ଚାୟତ ନିର୍ବାଚନରେ ଓଡ଼ିଶାରେ ସବୁଦଳ ଖୋଲାଖୋଲି ଘୋଷଣା କରିଛନ୍ତି ଯେ ଆମେ ସମସ୍ତ ଆସନରେ ପ୍ରାର୍ଥୀ ଦେବୁ, ବ୍ଲକ ଚେୟାରମ୍ୟାନ ପଦବୀ ହାତେଇବୁ ଇତ୍ୟାଦି। ସେହିପରି ଜିଲା ପରିଷଦ ନିର୍ବାଚନକୁ ଦଳଯୁକ୍ତ କରିବା ମଧ୍ୟ ପରୋକ୍ଷରେ ରାଜନୈତିକ ଦଳମାନଙ୍କୁ ସରପଞ୍ଚ ନିର୍ବାଚନରେ ଖୋଲା ହସ୍ତକ୍ଷେପ କରିବା ପାଇଁ ସୁଯୋଗ ଦେଉଛି। ସମସ୍ତ ରାଜନୈତିକ ଦଳ ପଞ୍ଚାୟତ ନିର୍ବାଚନକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଲ୍ୟବୋଧ ଓ ସାଧାରଣ ଲୋକମାନଙ୍କର ଭାଗୀଦାରି ଦୃଷ୍ଟିରୁ ଦେଖିବା କଥା ଯାହା ସେମାନେ କରୁନାହାନ୍ତି।

ଯଦିଓ ପଞ୍ଚାୟତ ନିର୍ବାଚନରେ ଆମେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛେ ଓ ୫୦% ଆସନ ସଂରକ୍ଷଣ ଦେଉଛେ ହେଲେ ବାସ୍ତବରେ ଏହା ସେତେଟା ଫଳପ୍ରଦ ହେଉନାହିଁ। କାରଣ ମହିଳା ନିର୍ବାଚିତ ହେଲେ ବି ସବୁ ବୁଝୁଛନ୍ତି ସ୍ୱାମୀମାନେ ବା ପୁରୁଷମାନେ। ନିର୍ବାଚନ ଲଢ଼ିବା ପାଇଁ ମନା ନାହିଁ କିନ୍ତୁ ସେମାନେ ଖେଳଣା ନ ହୁଅନ୍ତୁ। ରବରଷ୍ଟାମ୍ପ ପଞ୍ଚାୟତ ପ୍ରତିନିଧି ନିର୍ବାଚିତ ହେଲେ ମହିଳା ସଶକ୍ତୀକରଣ ହୋଇପାରିବ ନାହିଁ।

ପଞ୍ଚାୟତିରାଜ ବ୍ୟବସ୍ଥାରେ ଲୋକମାନେ ନିଜ ଅଞ୍ଚଳର ବିକାଶ ପାଇଁ ଆସୁଥିବା ଯୋଜନାକୁ ନେଇ ନିଜର ମତ ରଖିପାରିବେ। ପଞ୍ଚାୟତିରାଜ ବ୍ୟବସ୍ଥାର ନିୟମ କହୁଛି ପଞ୍ଚାୟତକୁ ଆସୁଥିବା ପ୍ରତିଟି ପଇସାର ଖର୍ଚ୍ଚ ସେହି ପଞ୍ଚାୟତ ବାସିନ୍ଦାଙ୍କ ତତ୍ତ୍ୱାବଧାନ ଓ ସହମତିରେ ହେବ। ହେଲେ ବାସ୍ତବରେ ମିଛ ପଲ୍ଲିସଭା, ଜନ ସଚେତନତାର ଅଭାବ, ପ୍ରଶାସନିକ ଅଧିକାରୀମାନଙ୍କର ମନ୍ଦ ଉଦ୍ଦେଶ୍ୟ ପାଇଁ ତାହା ହୁଏନାହିଁ କି ଲୋକମାନଙ୍କୁ ସାମିଲ କରାଯାଏ ନାହିଁ। ପଞ୍ଚାୟତିରାଜ ବ୍ୟବସ୍ଥାରେ ପଲ୍ଲିସଭା ହେଉଛି ରାଜ୍ୟର ବିଧାନସଭା ଭଳିଆ। ସମ୍ବିଧାନରେ ୭୩ତମ ସଂଶୋଧନ ଅନୁସାରେ ପଲ୍ଲିସଭାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଛି। ସେଠାରେ ହିଁ ଲୋକମାନେ ନିଷ୍ପତ୍ତି ନେଇପାରିବେ ସେମାନଙ୍କର ପଞ୍ଚାୟତକୁ ଆସିଥିବା ଅର୍ଥ କେମିତି ଖର୍ଚ୍ଚ ହେବ। ଯଦି ପଲ୍ଲିସଭାକୁ ପ୍ରଶାସନିକ ଅଧିକାରୀ ବା ନେତାମାନେ ନ ମାନିଲେ ଏହାକୁ ନେଇ ମୋକଦ୍ଦମା ହୋଇପାରିବ। ହେଲେ ପ୍ରାୟ ପଞ୍ଚାୟତରେ ପଲ୍ଲିସଭା କିଛି ମୁଷ୍ଟିମେୟଙ୍କ କବଜାରେ, କେବଳ ଦସ୍ତଖତମରା ବୈଠକ।

ଗାନ୍ଧୀଙ୍କ ହିନ୍ଦ୍ ସ୍ୱରାଜରେ ଯେଉଁ ମଡେଲର କଥା ଲେଖାଯାଇଛି ସେଥିରେ ଗାଁକୁ କେବଳ ଅର୍ଥନୈତିକ ଦୃଷ୍ଟିରୁ ନୁହେଁ ବରଂ ପ୍ରଶାସନିକ, ସାମାଜିକ, ବିଚାର ଦୃଷ୍ଟିରୁ ମଧ୍ୟ ସୁନ୍ଦର କରିବା ଦିଗରେ ଜୋର ଦିଆଯାଇଛି। ହେଲେ ଆମର ପଞ୍ଚାୟତିରାଜର ବ୍ୟବସ୍ଥାଟି ମଧ୍ୟ ସମ୍ପୂର୍ଣ୍ଣ ଗ୍ରାମ୍ୟ ବ୍ୟବସ୍ଥାଭିତ୍ତିକ ନୁହେଁ। ପୋଲିସ ବ୍ୟବସ୍ଥା, ବିଚାର ବ୍ୟବସ୍ଥା ଏସବୁ ଉପରେ ପଞ୍ଚାୟତିରାଜ ବ୍ୟବସ୍ଥା ନୀରବ। ଅବଶ୍ୟ ଏହା ଟିକିଏ ଗମ୍ଭୀରତାର ବିଷୟ। ଏହା ଉପରେ ଆମେ ଆଉ କେବେ ବିସ୍ତୃତ ଚର୍ଚ୍ଚା କରିପାରିବା। ଦେଶର ୭୦ ଭାଗ ଲୋକେ ସିଧାସଳଖ ଭାବରେ ଗାଁରେ ରୁହନ୍ତି। ସହରରେ ରହୁଥିବା ବାକି ୩୦ ଭାଗରୁ ୨୦ ଭାଗ ଲୋକ ଗାଁ ସହିତ ଯୋଗାଯୋଗରେ ଥାଆନ୍ତି। ତେଣୁ ଦେଶର ମୋଟ ୯୦ ଭାଗ ଲୋକ ଗାଁ ସହିତ ଜଡ଼ିତ କହିଲେ ଭୁଲ୍ ହେବ ନାହିଁ। ଆମେ ଯେତେ ବଡ଼ ସହର କରିଲେ ବା ସହରର ବିକାଶକୁ ନେଇ ଯେତେ ଯୋଜନା କରିଲେ ମଧ୍ୟ ଗାଁ ଜୀବନ କିମ୍ବା ଗାଁର ଭାବପ୍ରବଣତା ଦେଶରେ ରହିଛି ଓ ରହିବ ମଧ୍ୟ। ଯଦି ପଞ୍ଚାୟତିରାଜ ବ୍ୟବସ୍ଥାରେ ସୁଧାର ନ ଅଣାଯାଏ, ପଞ୍ଚାୟତ ନିର୍ବାଚନ ନୈତିକତା ଭିତରେ ନ ହୁଏ ତା'ହେଲେ ଏହି ଅନୁଷ୍ଠାନ ପ୍ରତି ଲୋକମାନଙ୍କର ଥିବା ବିଶ୍ୱାସ ଭାଙ୍ଗିଯିବ। ପଞ୍ଚାୟତ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନଙ୍କ ଭିତରେ ତ୍ୟାଗ, ନିଷ୍ଠା, ପ୍ରତିବଦ୍ଧତା, ସହନଶୀଳତାର ଅଭାବ ନ ରହିବା ଅନୁଚିତ।

ହରିରାଜପୁର, ପୁରୀ
ମୋ: ୮୨୪୯୮୬୮୯୬୧

# ଲକ୍ଷ୍ୟ ଏକ, ମାର୍ଗ ଅନେକ



ଇବ୍ରାର ଖାଁ

ଭାରତ ପରି ବିଶାଳ ଗଣତାନ୍ତ୍ରିକ ଦେଶରେ ବହୁ ଧର୍ମ, ଜାତି ଏବଂ ଭାଷାର ଯେଉଁ ଅପୂର୍ବ ସମନ୍ୱୟ ପରିଦୃଷ୍ଟ ହୁଏ ତାହା ପୃଥିବୀର ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳେନି। ଜାତି, ଧର୍ମ, ଭାଷା, ସମ୍ପ୍ରଦାୟ ଏବଂ ଅଞ୍ଚଳକୁ ନେଇ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ଆମେ ସମସ୍ତେ ଭାରତୀୟ। ଏହା ହିଁ ଆମର ଅସଲ ପରିଚୟ। ତେଣୁ ବିଭେଦତା ଭିତରେ ଏକତା ହିଁ ଆମ ଗଣତନ୍ତ୍ରର ମୂଳମନ୍ତ୍ର କହିବା ବାହୁଲ୍ୟ ନୁହେଁ। ଏହି ମାନସିକତାରେ ଉଦ୍‌ବୁଦ୍ଧ ଜନଗଣ ଭେଦଭାବରୁ ଊର୍ଦ୍ଧ୍ୱକୁ ଉଠି ସମାଜରେ ଶାନ୍ତି ସହାବସ୍ଥାନ ସହ ଦୃଢ଼ ଭାଇଚାରାରେ ଗଭୀର ଆସ୍ଥା ପ୍ରକଟ କରୁଥିବାରୁ ଆମ ସାମାଜିକ ଜୀବନ ଯେତିକି ସରସସୁନ୍ଦର ସେତିକି ଶୃଙ୍ଖଳିତ ଏବଂ ପରିମାର୍ଜିତ। ସେଇଥିପାଇଁ ଯଥାର୍ଥରେ କୁହାଯାଇଛି– 'ହିନ୍ଦୁ, ମୁସଲିମ୍, ଶିଖ୍, ଇସାଇ, ଆପସ୍‌ମେଁ ସବ୍ ଭାଇଭାଇ'। ବାହାପୁଆଣିଠାରୁ ଆରମ୍ଭ କରି ମେଳାମହୋତ୍ସବ, ଯାନିଯାତ୍ରା, ପର୍ବପର୍ବାଣି ପର୍ଯ୍ୟନ୍ତ ସବୁଥିରେ ସମସ୍ତେ ଏକାକାର ହୋଇ ଯେପରି ଆନନ୍ଦ ଉଲ୍ଲାସରେ ନିଜକୁ ହଜାଇ ଦିଅନ୍ତି, ତାହା ହିଁ ଦେଶର ସଂସ୍କୃତି ଓ ମହାନ୍ ପରମ୍ପରାକୁ ସାରା ବିଶ୍ୱରେ ଉଜାଗର କରିଥାଏ।

କିନ୍ତୁ ବଗତ କିଛି ଦଶନ୍ଧି ଧରି ବ୍ୟକ୍ତିକୈନ୍ଦ୍ରିକ ସ୍ୱାର୍ଥସିଦ୍ଧି ପାଇଁ ହେଉ ଅଥବା ରାଜନୈତିକ ଅଭୀପ୍‌ସାକୁ ଚରିତାର୍ଥ କରିବା ପାଇଁ ଯେଉଁଭଳି ଭାବରେ ଜନମାନସରେ ଘୃଣା ଆଉ ବିଦ୍ୱେଷର ଜହର ଭରିଦିଆଯାଉଛି ସେଥିରେ ସମାଜରେ ଅସ୍ଥିରତା ସୃଷ୍ଟିହେବାରେ ଲାଗିଛି। ସାମ୍ପ୍ରଦାୟିକ ଧ୍ରୁବୀକରଣ ଦ୍ୱାରା ସମାଜକୁ ଭାଗ ଭାଗ କରି ଦିଆଯାଉଥିବାରୁ ଧାର୍ମିକ ମତବାଦକୁ ନେଇ ବେଳେ ବେଳେ ଯେଉଁ ଅପ୍ରୀତିକର ଘଟଣାମାନ ସୃଷ୍ଟି ହେଉଛି ସେଥିରେ ଦେଶର ସଂହତି ଓ ଏକତା ବହୁଳଭାବେ ପ୍ରଭାବିତ ହେଉଛି। ଯେଉଁଥିପାଇଁ ଆଜି ସମାଜରେ ସ୍ନେହ, ପ୍ରେମ, ଦୟା, ଭକ୍ତି, ଶ୍ରଦ୍ଧା, ଭାଇଚାରା ଓ ସମ୍ବେଦନଶୀଳତା ପରିବର୍ତ୍ତେ ଯେପରି ଘୃଣା ଆଉ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି ତାହା ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ। ବୈଜ୍ଞାନିକ ଦୃଷ୍ଟିକୋଣରୁ ପୃଥିବୀର ଦୂରତ୍ୱ କମିଯାଇଥିଲେ ମଧ୍ୟ ଧାର୍ମିକ ମତବାଦକୁ ନେଇ ଆଜି ମଣିଷଠାରୁ ମଣିଷର ଦୂରତା ବଢ଼ିଯାଇଥିବାରୁ ସମାଜରେ କେହି କାହାକୁ ବିଶ୍ୱାସ କରିବା ଅବସ୍ଥାରେ ନାହାନ୍ତି। ଧର୍ମଶାସ୍ତ୍ରଗୁଡ଼ିକର ତାତ୍ତ୍ୱିକମାନଙ୍କୁ ବିଶ୍ଳେଷଣ କରି ସବୁଧର୍ମର ମୂଳତତ୍ତ୍ୱ ସମାନ ବୋଲି ପ୍ରଚାର କରାଯାଇଥିଲେ ମଧ୍ୟ ସମାଜରେ ସାମ୍ପ୍ରଦାୟିକ ବିଦ୍ୱେଷ ପୁଣି କାହିଁକି ଯେ ମୁଣ୍ଡ ଟେକୁଛି ତାହା ହିଁ ବିଚାର୍ଯ୍ୟ। ଏହାର ସ୍ଥାୟୀ ପ୍ରତିକାର ପାଇଁ ଆଜିପର୍ଯ୍ୟନ୍ତ କୌଣସି ସ୍ତରରେ ଠିକ୍ ପଦକ୍ଷେପ ଗ୍ରହଣ କରା ନ ଯିବା ନିଶ୍ଚୟ ଚିନ୍ତାର ବିଷୟ।

ଆଜି ଦେଶରେ କରୋନା ମହାମାରୀ ଜାତି, ଧର୍ମ ବିଚାର ନ କରି ଲକ୍ଷ ଲକ୍ଷ ଲୋକଙ୍କୁ ଯେପରି ମରଣମୁହଁକୁ ଟାଣି ନେଉଛି ତାହା ନିଶ୍ଚୟ ଉଦ୍‌ବେଗଜନକ। ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରି ଜୀବନକୁ ବାଜି ଲଗାଇ ଅଗଣିତ ଡାକ୍ତର, ନର୍ସ, ଆମ୍ବୁଲାନ୍ସ କର୍ମଚାରୀ, ପୋଲିସ ପ୍ରଶାସନ ଏବଂ ସାମ୍ବାଦିକ ବନ୍ଧୁମାନେ ସର୍ବଗ୍ରାସୀ ମହାମାରୀକୁ ପରାହତ କରିବା ପାଇଁ ଯେପରି ସେବା ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଯୋଗାଇ ଚାଲିଛନ୍ତି ତାହା ପ୍ରଣୀଧାନଯୋଗ୍ୟ। ମାନବ ସେବା ହିଁ ମାଧବ ସେବା। ଏଥିରେ ଅଭିମନ୍ତ୍ରିତ ଅନେକ ମଣିଷ ସଙ୍କଟ ସମୟରେ ଯେକେହି ଅଜଣା ବ୍ୟକ୍ତିର ନିଃସ୍ୱାର୍ଥ ସେବା ପାଇଁ ଆଗେଇ ଆସିବାର ଅନେକ ଦୃଷ୍ଟାନ୍ତ ଆମ ସମାଜରେ ଦେଖିବାକୁ ମିଳେ। ଡାକ୍ତରଖାନା ବେଡ଼ରେ ପଡ଼ିରହିଥିବା ମୁମୂର୍ଷୁ ରୋଗୀର ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ରକ୍ତ ଦେବାକୁ ବହୁ ଅଚିହ୍ନା ବ୍ୟକ୍ତି ନିଜ ରକ୍ତ ଦେଇ ଯେଉଁ ବଦାନ୍ୟତା ପ୍ରଦର୍ଶନ କରନ୍ତି ତାହା ହିଁ ମଣିଷ ପଣିଆର ଶ୍ରେଷ୍ଠ ନିଦର୍ଶନ । ରକ୍ତଦେଇ ରୋଗୀର ଜୀବନ ବଞ୍ଚାଇଥିବା ବ୍ୟକ୍ତିର ଜାତି, ଧର୍ମକୁ ନେଇ କେବେ ବି କୌଣସି ପ୍ରଶ୍ନ ଉତ୍‌ଥାପିତ ହୁଏନାହିଁ। ଅଧିକନ୍ତୁ ବ୍ୟକ୍ତିଜଣକ ଯେ କୌଣସି ଜାତି ବା ଧର୍ମର ହୋଇଥାଆନ୍ତୁ ନା କାହିଁକି ରୋଗୀ ଆଉ ରୋଗୀର ପରିଜନ ତାଙ୍କୁ ଗଭୀର କୃତଜ୍ଞତା ଜଣାଇଥାନ୍ତି। ଏହି ଦୃଷ୍ଟିରୁ ମାନବିକତା ହିଁ ହେଉଛି ଶ୍ରେଷ୍ଠ ଧର୍ମ।

ଧର୍ମ ମଣିଷର ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ କରାଇ ବ୍ୟକ୍ତିକୁ ସତ୍‌ମାର୍ଗରେ ପରିଚାଳିତ କରିବାରେ ସହାୟକ ହୋଇଥାଏ। କୌଣସି ଧର୍ମରେ ହିଂସା, ଅସତ୍ୟ, ନିଷ୍ଠୁରତା, କ୍ରୂରତା ଇତ୍ୟାଦି ଅମାନବୀୟ କାର୍ଯ୍ୟର ସ୍ଥାନ ନ ଥାଏ। ଚୋରି, ମିଥ୍ୟା, ଜୀବହତ୍ୟା, ଅପହରଣ ଓ ବଳାତ୍କାର ଏବଂ ମଣିଷ ମାରିବା ପରି ଜଘନ୍ୟ ଅପରାଧ ସବୁକୁ ପୁଣ୍ୟ ବୋଲି କୌଣସି ଧର୍ମରେ କୁହାଯାଇନି। ତେବେ ଧାର୍ମିକ ମତବାଦକୁ ନେଇ ଏତେ ବିବାଦ କାହିଁକି? କେବଳ ସ୍ୱାର୍ଥସିଦ୍ଧି ପାଇଁ ନୁହେଁ କି? ବିଶ୍ୱବ୍ରହ୍ମାଣ୍ଡକୁ ସର୍ଜନା କରିଥିବା ସ୍ରଷ୍ଟାଙ୍କ ଆଶିଷ ପାଇବା ସବୁ ଧର୍ମାବଲମ୍ବୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସେହି ପରମପୂଜ୍ୟ ସ୍ରଷ୍ଟା ହିଁ ଆମ ସୃଷ୍ଟିର କାରକ ହୋଇଥିବାରୁ ତାଙ୍କୁ ଉପାସନାରେ ସନ୍ତୁଷ୍ଟ କରି ତାଙ୍କ କୃପା କରୁଣାରୁ କାଣିଚାଏ ପାଇବାର ଯେଉଁ ଆତୁରତା ତା'ର ଅନ୍ୟ ନାମ ହିଁ ଧର୍ମ। ଏଥିପାଇଁ ମଣିଷର ଆତ୍ମିକ ଶୁଦ୍ଧତା ନିହାତି ଆବଶ୍ୟକ। ବହୁ ଅର୍ଥ ଶ୍ରାଦ୍ଧକରି ଧର୍ମ ସଭାମାନ ଓ ପ୍ରବଚନର ଆୟୋଜନ କରାଯାଉଥିଲେ ମଧ୍ୟ ସେଥିରେ ଭକ୍ତିପୂତ ଆନ୍ତରିକତା କମ୍, ଲୋକ ଦେଖାଣିଆ ମନୋଭାବ ଅଧିକ ରହୁଥିବାରୁ ତାହା ଧର୍ମକୁ ଆଖିଠାର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସର୍ବବ୍ୟାପି ଅନ୍ତର୍ଯ୍ୟାମୀ ପରମପୂଜ୍ୟ ସୃଷ୍ଟିକର୍ତ୍ତା ଆମର ଟିକିନିଖି ଖବର ରଖିବାରେ ସମର୍ଥ। ସମସ୍ତଙ୍କୁ ଠକି ଦେଇହେବ କିନ୍ତୁ ଉପରବାଲାକୁ ଠକିବା ଅସମ୍ଭବ। ତେଣୁ ସେହି ଦୟାମୟ, କରୁଣାର ସାଗର ଭଗବାନଙ୍କ ଉପାସନା ପାଇଁ ବିଭିନ୍ନ ମାର୍ଗ(ଉପାୟ)ର ଅବତାରଣା କରାଯାଇଛି। ତେଣୁ ବିଭୁ କୃପା ପାଇବା ସମସ୍ତଙ୍କର ଲକ୍ଷ୍ୟ ଏକ କିନ୍ତୁ ତାଙ୍କର ଉପାସନା କରିବାର ମାର୍ଗ(ଧର୍ମ) ଅନେକ। ପୋଖରୀରେ ସ୍ୱଚ୍ଛ ନିର୍ମଳ ଜଳ ରହିଥାଏ। ସେହି ଜଳକୁ ପାଇବା ପାଇଁ ଅନେକ ତୁଠ(ଘାଟ)ର ବ୍ୟବସ୍ଥା କରାଯାଇଥାଏ। ଯିଏ ଯେଉଁ ତୁଠଦେଇ ପୋଖରୀରେ ପ୍ରବେଶ କଲେ ଜଳ ପାଖରେ ହିଁ ପହଞ୍ଚିଥାଏ। ବିଭିନ୍ନ ଧର୍ମର ଉପାସନା ପଦ୍ଧତି ଅଲଗା, ହେଲେ ପାଇବାର ଇଚ୍ଛା ଏକ, ତାହା ହେଲା ପ୍ରଭୁକୃପା।

ଏହି ସାଧାରଣ କଥାକୁ ଅନୁଶୀଳନ କଲେ ଆମେ ଧର୍ମର ଗୂଢ଼ତଥ୍ୟକୁ ହୃଦୟଙ୍ଗମ କରିପାରିବା। ଧର୍ମର ଅସଲ ଉଦ୍ଦେଶ୍ୟକୁ ବୁଝିଗଲେ ସବୁଧର୍ମର ମୂଳଲକ୍ଷ୍ୟ ସମାନ, ଏହା ସମସ୍ତେ ସ୍ୱୀକାର କରିବେ। ସମାଜରେ ଧର୍ମକୁ ନେଇ ସମସ୍ତେ ସଚେତନ ହେଲେ ଯେଉଁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କିମ୍ବା ଗୋଷ୍ଠୀ ଜନ ସମୂହକୁ ବିଭ୍ରାନ୍ତିକର ତଥ୍ୟ ଦେଇ ତତେଇ, ମତେଇ ଧର୍ମ ନାଁରେ ସାଂପ୍ରଦାୟିକ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି ସେମାନଙ୍କ ପ୍ରଚେଷ୍ଟା ନିଶ୍ଚୟ ବିଫଳ ହେବ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା
ମୋ: ୯୩୩୭୬୦୧୭୦୫

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୯ ଜାନୁୟାରୀ ୧୯୯୭

- ଶେଖ ମୁଜିବୁର ରହମନଙ୍କ ହତ୍ୟାକାରୀମାନଙ୍କ ବିଚାର କରି ସେମାନଙ୍କୁ ଦଣ୍ଡବିଧାନ ପାଇଁ ପ୍ରବର୍ତ୍ତିତ ଅପରାଧ ପ୍ରୟାସ ଉଚ୍ଛେଦ ଆଇନର ବୈଧତାକୁ ବାଂଲାଦେଶ ହାଇକୋର୍ଟ କାଏମ ରଖିଛନ୍ତି।
- ପ୍ରମୋଦ କର ବାବଦରେ ସରକାରଙ୍କ ସହ ମତଭେଦର ଆପୋଷ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ପାଇବା ପରେ ଦୀର୍ଘଦିନ ଧରି ମହାରାଷ୍ଟ୍ରରେ ରାଜ୍ୟବ୍ୟାପୀ ଚାଲିଥିବା ସିନେମାହଲ ଧର୍ମଘଟ ପ୍ରତ୍ୟାହୃତ।
- ୪୬ ବର୍ଷରୁ ଊର୍ଦ୍ଧ୍ୱ କଟକ ଷ୍ଟେଟ୍ ବ୍ୟାଙ୍କ ଲକରରେ ରହିଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ 'ଚିତାଭସ୍ମ'କୁ ବିସର୍ଜନ କରିବା ଉଦ୍ଦେଶ୍ୟରେ ଆଲ୍ଲାହାବାଦ ନିଆଯାଇଛି।

## su | do | ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| | | 4 | 8 | 2 | 5 | | | 6 |
| | | | | 4 | 7 | 9 | | |
| | 2 | 8 | | | | | | 3 |
| 5 | | | 4 | | | | | |
| | | | | 7 | 1 | | | |
| | 3 | 7 | | | 9 | | | |
| | 6 | 9 | | | | | | |
| | | | 6 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 1 | 4 | 6 | 9 | 8 | 5 | 2 |
| 8 | 2 | 4 | 3 | 5 | 1 | 9 | 6 | 7 |
| 5 | 6 | 9 | 8 | 2 | 7 | 1 | 3 | 4 |
| 4 | 5 | 2 | 1 | 7 | 3 | 6 | 8 | 9 |
| 6 | 7 | 8 | 5 | 9 | 2 | 4 | 1 | 3 |
| 9 | 1 | 3 | 6 | 4 | 8 | 7 | 2 | 5 |
| 2 | 4 | 6 | 9 | 8 | 5 | 3 | 7 | 1 |
| 1 | 9 | 5 | 7 | 3 | 6 | 2 | 4 | 8 |
| 3 | 8 | 7 | 2 | 1 | 4 | 5 | 9 | 6 |

ଗତକାଲିର ଉତ୍ତର

## ଏଇ ଭାରତରେ

କେରଳର ଛାବରା ଦର୍ଶନ ସିଏମ୍ଆଇ ପବ୍ଲିକ୍ ସ୍କୁଲ ପରିବେଶ ଉପଯୋଗୀ ଅଭିଯାନର ଏକ ସଫଳ ଦୃଷ୍ଟାନ୍ତ । ଏର୍ନାକୁଲମ ଜିଲା କୋନାମାଭୁସ୍ଥିତ ଉକ୍ତ ସ୍କୁଲରେ ଏକ ଆକର୍ଷଣୀୟ ବାଉଁଶ ଉଦ୍ୟାନ କରାଯାଇଛି। ଅଧ ଏକର ଜମିରେ ପ୍ରାୟ ୩୦ ପ୍ରଜାତିର ବାଉଁଶ ଗଛ ଶୋଭା ପାଉଛି। ଏଠାରେ ମତ୍ସ୍ୟପାଳନ ସହ ଜୈବିକ ପରିବା ଚାଷ ମଧ୍ୟ କରାଯାଉଛି। ଏକ ବଡ଼ କୁଣ୍ଡରେ ୫,୦୦୦ରୁ ଊର୍ଦ୍ଧ୍ୱ ମାଛ ଅଛନ୍ତି। ଏତଦ୍ ବ୍ୟତୀତ ଏହି ସ୍କୁଲର ଔଷଧୀୟ ଉଦ୍ୟାନ ମଧ୍ୟ ଆକର୍ଷଣୀୟ। ରାଜ୍ୟ କୃଷି ବିଭାଗ ସହାୟତାରେ ଗଠିତ 'ନେଚର କ୍ଲବ' ମାଧ୍ୟମରେ ଏହି ସବୁ କାର୍ଯ୍ୟ ସଞ୍ଚାଳନ କରାଯାଉଛି। ପିଲା ଓ ଶିକ୍ଷକମାନେ ସ୍କୁଲର ଏହି ପଦକ୍ଷେପକୁ ସଫଳ କରିପାରିଛନ୍ତି। ସ୍କୁଲ ହତାରେ ଫଳୁଥିବା ମାଟିଆଳୁ, ଲାଉ, ଟମାଟୋ, ଭେଣ୍ଡି, ଲଙ୍କା, ବାଇଗଣକୁ ସ୍କୁଲର ଇକୋ ଶପ୍‌ରେ ବିକ୍ରି କରାଯାଉଛି। ଏହାବାଦ୍ ବିଭିନ୍ନ ପ୍ରକାର ମାଛକୁ ପିଲା, ଅଭିଭାବକ, ଶିକ୍ଷକ ସମେତ ଅନ୍ୟମାନଙ୍କୁ ମଧ୍ୟ ବିକ୍ରି କରାଯାଇ ଲବ୍ଧ ଅର୍ଥକୁ ବିଭିନ୍ନ ପ୍ରକାର ଜନକଲ୍ୟାଣ କାର୍ଯ୍ୟ ତଥା ସ୍କୁଲ୍ ବିକାଶରେ ବ୍ୟୟ କରାଯାଉଛି। ଗତ ବର୍ଷ ସ୍କୁଲରେ ୫ କୁଇଣ୍ଟାଲରୁ ବେଶି ପରିବା ଉତ୍ପାଦନ କରାଯାଇଥିଲା। ସ୍କୁଲରେ ସୋଲାର ଲାଇଟ୍ ମଧ୍ୟ ଲଗାଯାଇଛି।

## ଚିରନ୍ତନୀ

ହଜିଗଲା କଥା ଗୋଟି ଗୋଟି ଯେତେ
ପଡ଼ଇ ମନେ
ବିମୁଖ ପ୍ରଣୟୀ ପରାଏ ଯାହାକୁ
ଛାଡ଼ିଲି ମୁହିଁ।
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ
ଶିମୁଳିପାଳ!
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ଲଗାଯାଉ

ମହାଶୟ,

ଜୀବନ ବଞ୍ଚାଇବା ଲାଗି ଗଛର ଆବଶ୍ୟକତା ରହିଛି। ଏହାର ଗୁରୁତ୍ୱ ଜାଣି ମଧ୍ୟ ଗଛ ଲଗେଇବା ପାଇଁ ମନରେ ଯେଉଁଭଳି ଆଗ୍ରହ ବଢ଼ିବା କଥା, ତାହା ପରିଲକ୍ଷିତ ହେଉନାହିଁ। ଖରାଦିନେ ତାତି ବଢୁଛି, ମାତ୍ର ରକ୍ଷା ପାଇବା ଲାଗି ଗଛ ନାହିଁ। ସହରଗୁଡ଼ିକରେ ଗଛ ସଂଖ୍ୟା କ୍ରମେ କମି କମି ଯାଉଛି। ରାସ୍ତାକଡ଼ରେ ଥିବା ପୁରୁଣା ଗଛକୁ କଟାଇ ରାସ୍ତା ଚଉଡ଼ା କରାଯାଉଛି। ଏହା ପରିବେଶ ଉପରେ ଖରାପ ପ୍ରଭାବ ପକାଉଛି। ତଥାପି ଲୋକେ ଗଛ ଲଗେଇବା ଲାଗି ଆକର୍ଷିତ ହେଉନାହାନ୍ତି। ସରକାରୀ ଏବଂ ବେସରକାରୀ ସ୍ତରରୁ ଗଛ ଲଗାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏଥିରେ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଲଗାଯାଇଥିବା ଗଛ ମରିଯାଉଛି। ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସଙ୍ଗେ ସଙ୍ଗେ ନିଜେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲେ ହିଁ ଗଛ ଲଗେଇବାର ମୂଲ୍ୟ ରହିବ। ଗଛ ଲଗେଇବାକୁ ବ୍ୟାପକ ଭାବରେ ପ୍ରଚାର, ପ୍ରସାର କରାଯାଉଥିଲେ ମଧ୍ୟ ଲୋକଙ୍କୁ ଏହା ସେତେ ପ୍ରଭାବିତ କରିପାରୁ ନାହିଁ। ଏଥିପାଇଁ ନିଷ୍ଠା, ଆନ୍ତରିକତା ଓ ଇଚ୍ଛାଶକ୍ତି ଲୋଡା। ଜୀବନ ଲାଗି ଗଛର ଆବଶ୍ୟକତା କେତେ ତାହା ପ୍ରତ୍ୟେକ ବ୍ୟକ୍ତି ହୃଦୟଙ୍ଗମ କରି ବ୍ୟାପକ ଭାବରେ ଗଛ ଲଗେଇବାକୁ ଆଗେଇ ଆସିବା ଦରକାର ; ଯଦ୍ୱାରା ଭବିଷ୍ୟତରେ ଘଟିବାକୁ ଯାଉଥିବା ବଡ଼ ବିପଦକୁ ଏଡ଼ାଯାଇପାରିବ।

–ସୁଧାଂଶୁ ଶେଖର ମହାପାତ୍ର, ଏସ୍‌୫/୧୦୮,
ନୀଳାଦ୍ରିବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନିବେଶକଙ୍କୁ ନିରାଶ କରୁଛି ବଜାର**

କ୍ରମାଗତ ଭାବେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କ୍ଷତି ସହି ଆସୁଛନ୍ତି। ଫଳରେ ଏହାର ନିବେଶକମାନେ ଦୀର୍ଘଦିନ ହେବ ନିରାଶ ହେଉଛନ୍ତି। ଶେୟାର ବଜାରର ସୂଚନା ଅନୁସାରେ ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୭୭ପଏଣ୍ଟ ହ୍ରାସ ପାଇ ୫୭,୨୦୦ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିରେ ୮ ପଏଣ୍ଟ ହ୍ରାସ ଘଟି ୧୭,୧୦୨ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୭୬.୭୧ ପଏଣ୍ଟ (୦.୧୩%) ହ୍ରାସ ପାଇ ୫୭,୨୦୦.୨୩ ରେ ଶେଷ ହୋଇଥିବାବେଳେ ନିଫ୍ଟି୫୦ ମଧ୍ୟ ୮.୨୦ ପଏଣ୍ଟ (୦.୦୫%) ହ୍ରାସ ଘଟି ୧୭,୧୦୧.୯୫ ରେ ସ୍ଥିର ରହିଛି।

## ସଂକ୍ଷେପରେ

### ସିଇଏ ହେବେ ଭି. ଅନନ୍ତ ନାଗେଶ୍ୱରନ



**ନୂଆଦିଲ୍ଲୀ,୨୮।୧:** ଚଳିତ ବର୍ଷର ବଜେଟ ଉପସ୍ଥାପନ ଓ ଅର୍ଥନୈତିକ ସର୍ଭେ ପୂର୍ବରୁ ସରକାର ପରବର୍ତ୍ତୀ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭାବେ ବରିଷ୍ଠ ଅର୍ଥନୀତିଜ୍ଞ ଭେଙ୍କଟାରମନ୍ ଅନନ୍ତ ନାଗେଶ୍ୱରନଙ୍କୁ ନିଯୁକ୍ତ କରିଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ସରକାରୀ ବିବୃତି ଅନୁଯାୟୀ ନାଗେଶ୍ୱରନ୍ ଖୁବ୍‌ଶୀଘ୍ର ଅର୍ଥ ମନ୍ତ୍ରଣାଳୟରେ ତାଙ୍କର ନୂତନ ଭୂମିକା ଗ୍ରହଣ କରିବେ। ୨୦୨୧-୨୨ ଅର୍ଥନୈତିକ ସର୍ଭେ (ଜାନୁୟାରୀ ୩୧ରେ) ଏବଂ ୨୦୨୨-୨୩ ୟୁନିୟନ୍ ବଜେଟ ଉପସ୍ଥାପନା (ଫେବୃୟାରୀ ୧ରେ)ର କିଛିଦିନ ପୂର୍ବରୁ ନାଗେଶ୍ୱରନଙ୍କୁ ଏଭଳି ନିଯୁକ୍ତି ପ୍ରଦାନ କରାଯାଇଛି। ଗତ ୩ବର୍ଷର କାର୍ଯ୍ୟକାଳ ଶେଷ ପରେ ଡିସେମ୍ବରରେ ଏକାଡେମୀକୁ ଫେରିଥିବା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନଙ୍କ ସ୍ଥାନରେ ନାଗେଶ୍ୱରନ୍ ରହିଛନ୍ତି। ନାଗେଶ୍ୱରନ୍ ବର୍ତ୍ତମାନ ପର୍ଯ୍ୟନ୍ତ ଆଇଏଫ୍‌ଏମ୍‌ଆର୍ ଗ୍ରାଜୁଏଟ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ଡିନ୍ ଏବଂ କ୍ରିଆ ବିଶ୍ୱବିଦ୍ୟାଳୟର ଅର୍ଥନୀତିର ବିଶିଷ୍ଟ ପରିଦର୍ଶକ ପ୍ରଫେସର ଥିଲେ। ସେ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପାର୍ଟଟାଇମ୍ ସଦସ୍ୟ ମଧ୍ୟ ଥିଲେ। ନାଗେଶ୍ୱରାନ୍ ଅହମ୍ମଦାବାଦର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍)ରୁ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ଡିପ୍ଲୋମା ଏବଂ ଆମହର୍ଷ୍ଟର ମାସାଚୁସେଟ୍ସ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ଏ ସମ୍ପର୍କରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନାଗେଶ୍ୱରନ୍ ପାରମ୍ପରିକ ଅର୍ଥନୈତିକ ସର୍ଭେ ମିଡିଆ ସଂକ୍ଷିପ୍ତ ବୈଠକରେ ଯୋଗଦେବେ କି ନାହିଁ ତାହା ସ୍ଥିର ହୋଇ ନାହିଁ।

# ୧ ବିଲିୟନ ଡଲାର ବିନିଯୋଗ କରିବ ଗୁଗଲ

**ନୂଆଦିଲ୍ଲୀ,୨୮।୧**

■ ୭୦୦ମିଲିୟନ ଡଲାରରେ ଏୟାରଟେଲ୍‌ର ୧.୨୮% ଅଂଶଧନ କିଣିବ




ଇ ସର୍ଚ୍ଚ କମ୍ପାନୀ ଗୁଗଲ ଭାରତୀ ଏୟାରଟେଲରେ ୧ବିଲିୟନ ଡଲାର ପର୍ଯ୍ୟନ୍ତ ଅର୍ଥ ବିନିଯୋଗ କରିବ ବୋଲି ସୂଚନା ମିଳିଛି। ଏହି ବିନିଯୋଗ ସୁଲଭ ଉପକରଣରେ ଇକ୍ୱିଟି ନିବେଶ ଏବଂ ବ୍ୟବସାୟିକ ସହଭାଗିତାର ମିଶ୍ରଣ ଜରିଆରେ କରାଯିବ ବୋଲି କମ୍ପାନୀଗୁଡ଼ିକ ଶୁକ୍ରବାର ଘୋଷଣା କରିଛନ୍ତି। ଏକ ଭାରତୀୟ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀରେ ଏହା ହେଉଛି ଗୁଗଲର ଦ୍ୱିତୀୟ ବିନିଯୋଗ ଏବଂ କମ୍ପାନୀ ଭାରତ ଉପରେ ଏହାର ବଢୁଥିବା ଧ୍ୟାନକୁ ପ୍ରତିଫଳିତ କରୁଛି ବୋଲି କୁହାଯାଇଛି। ସେହିଭଳି ରିଲାଏନ୍ସ ଜିଓରେ ଗୁଗଲର ୭.୭୩% ଅଂଶଧନ ରହିଛି। ସୁଲଭ ସ୍ମାର୍ଟଫୋନ୍ ଜିଓ ଫୋନ ନେକ୍ସଟ ପାଇଁ ଉଭୟ କମ୍ପାନୀ ମଧ୍ୟ ଅଂଶୀଦାର ହୋଇଛନ୍ତି। ଫଳରେ ୧ ବିଲିୟନ ଡଲାରର ପ୍ରତିବଦ୍ଧତା ଯୋଗୁ ଏୟାରଟେଲର ୭୦୦ ମିଲିୟନ ଡଲାର (୫,୨୨୪ କୋଟି) ମୂଲ୍ୟର ଇକ୍ୱିଟି ନିବେଶକୁ କମ୍ପାନୀ ଅନ୍ତର୍ଭୁକ୍ତ କରୁଛି। କମ୍ପାନୀର ଶେୟାରଗୁଡ଼ିକ ୭୩୪ ଟଙ୍କା ମୂଲ୍ୟରେ ଏକ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ ସହ କମ୍ପାନୀରେ ଗୁଗଲ୍‌କୁ ୧.୨୮ % ଅଂଶଧନ ପ୍ରଦାନ କରାଯିବ। ଏହା ସହିତ ଗୁଗଲ ୩୦୦ ମିଲିୟନ ଡଲାର ପର୍ଯ୍ୟନ୍ତ ନିବେଶକରି ଏୟାରଟେଲର ଅଫରଗୁଡ଼ିକୁ ମାପଚୁପ କରିବା ପାଇ ବିନିଯୋଗ କରିବ ବୋଲି ଜଣାପଡ଼ିଛି। ସହଭାଗିତାର ବୃହତ୍ ରଣନୀତିକ ଲକ୍ଷ୍ୟ ଅନୁଯାୟୀ, ଭାରତର ନିର୍ଦ୍ଦିଷ୍ଟ ନେଟ୍‌ୱର୍କ ବ୍ୟବହାର କରି ଉଭୟ କମ୍ପାନୀ ୫ଜି ଏବଂ ଅନ୍ୟାନ୍ୟ ମାନାଙ୍କ ସୃଷ୍ଟି କରିବେ। ଆମର ଭବିଷ୍ୟତର ପ୍ରସ୍ତୁତ ନେଟ୍‌ୱାର୍କ, ଡିଜିଟାଲ ପ୍ଲାଟ୍‌ଫର୍ମ, ଶେଷ ମାଇଲ ବଣ୍ଟନ ଏବଂ ଦେୟ ଇକୋସିଷ୍ଟମ୍ ସହିତ ଆମେ ଭାରତର ଡିଜିଟାଲ ଇକୋସିଷ୍ଟମର ଗଭୀରତା ଏବଂ ପ୍ରଶସ୍ତତା ବୃଦ୍ଧି ପାଇଁ ଗୁଗଲ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଅପେକ୍ଷା କରିଛୁ ବୋଲି ଭାରତ ଏୟାରଟେଲର ଚେୟାରମ୍ୟାନ୍ ସୁନୀଲ ମିତ୍ତଲ ମତବ୍ୟକ୍ତ କରିଛନ୍ତି। ସେହିପରି ଗୁଗଲ ଏବଂ ଆଲ୍‌ଫାବେଟର ସିଇଓ ସୁନ୍ଦର ପିଚାଇ କହିଛନ୍ତି, ଏୟାରଟେଲ ହେଉଛି ଭାରତର ଡିଜିଟାଲ ଭବିଷ୍ୟତକୁ ଗଢିବା ପାଇଁ ଅଗ୍ରଦୂତ ଏବଂ ସଂଯୋଗକୁ ବିସ୍ତାର କରିବା ଏବଂ ଅଧିକ ଭାରତୀୟଙ୍କ ପାଇଁ ଇଣ୍ଟରନେଟରେ ସମାନ ସୁବିଧା ସୁନିଶ୍ଚିତ କରିବା ପାଇଁ ଆମେ ଏକ ଅଂଶୀଦାରିତା ଦୃଷ୍ଟିକୋଣରେ ଭାଗୀଦାରି ହୋଇ ଗର୍ବିତ ଅଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏୟାରଟେଲରେ ଆମର ବାଣିଜ୍ୟିକ ଏବଂ ଇକ୍ୱିଟି ବିନିଯୋଗ ହେଉଛି ସ୍ମାର୍ଟଫୋନ୍‌ରେ ପ୍ରବେଶ ବୃଦ୍ଧି, ନୂତନ ବ୍ୟବସାୟ ମଡେଲକୁ ସମର୍ଥନ କରିବା ପାଇଁ ସଂଯୋଗକୁ ବଢାଇବା ଏବଂ ଡିଜିଟାଲ ପରିବର୍ତ୍ତନ ଯାତ୍ରା ସମୟରେ କମ୍ପାନୀଗୁଡ଼ିକୁ ସାହାଯ୍ୟ କରିବା ପାଇଁ ଇଣ୍ଡିଆ ଡିଜିଟାଇଜେଶନ ପାଣ୍ଠିର ପ୍ରୟାସର ଗୁଗଲର ଏକ ଅବିରାମତା ବୋଲି ପିଚାଇ ସୂଚନା ଦେଇଛନ୍ତି।

# ପଦ୍ମିନୀ କେୟାରରେ ଯୋଗଦେଲେ ଡାକ୍ତର ଶକ୍ତିପ୍ରସାଦ ଦାସ

**କଟକ,୨୮।୧**



ସାରା ଭାରତରେ ଜଣାଶୁଣା ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶକ୍ତିପ୍ରସାଦ ଦାସ ନିକଟରେ ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ ହସ୍ପିଟାଲ ଦ୍ୱାରା ପରିଚାଳିତ 'ପଦ୍ମିନୀ କେୟାର'ରେ ନିର୍ଦ୍ଦେଶକ (ଡାକ୍ତରୀ ଶିକ୍ଷା ଓ ଗବେଷଣା) ଭାବେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଓଲଟପୁରସ୍ଥିତ ଏସ୍‌ଭି ନିରତାର୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏଥିସହିତ ସେ ମଧ୍ୟ କୋଲକାତାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲୋକୋମୋଟର ଡିଜାବିଲିଟି (ନିଲ୍‌ଡ) ଏବଂ ସିକନ୍ଦରାବାଦରେ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମ୍‌ପାୱାରମେଣ୍ଟ ଅଫ୍ ପରସନ୍ସ ଉଇଥ୍ ଇଣ୍ଟେଲେକ୍‌ଚୁଆଲ ଡିଜାବିଲିଟି (ନିପିଡ୍)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଦୀର୍ଘଦିନର ଅଭିଜ୍ଞତା ଓ ଅନେକ ଜଟିଳ ଅସ୍ତ୍ରୋପଚାରରେ ସଫଳତା ହାସଲ କରିଥିବା ଡାକ୍ତର ଦାସଙ୍କର ଅନେକ ସୁନାମ ରହିଛି। ଲୋକଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ସହ ଡାକ୍ତରୀ ଶିକ୍ଷା ଏବଂ ଗବେଷଣାର ଉନ୍ନତି ଲାଗି ସମସ୍ତ ଉଦ୍ୟମ କରାଯିବ ବୋଲି ଡାକ୍ତର ଦାସ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡ୍ରିମ୍‌ସର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ପ୍ରମୁଖ ଡାକ୍ତର ଦାସଙ୍କ ଯୋଗଦାନକୁ ସ୍ୱାଗତ କରିବା ସହ ତାଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠାନ ଆଗକୁ ବଢ଼ିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ୧୫ ଲକ୍ଷ ଗାଡ଼ି ବିକ୍ରି କଲା ହୋଣ୍ଡା

### ଦୁଇଚକିଆ ଯାନ ବିକ୍ରିରେ ସଫଳତା

**ଭୁବନେଶ୍ୱର,୨୮।୧**

HONDA

ଓଡ଼ିଶାରେ ଦୁଇଚକିଆ ଯାନ ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ କରି ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି, ଯେ ରାଜ୍ୟରେ କମ୍ପାନୀର ୧୫ ଲକ୍ଷରୁ ଅଧିକ ଯାନ ବିକ୍ରି ହୋଇଛି। ଫଳରେ କମ୍ପାନୀ ରାଜ୍ୟରେ ପ୍ରଥମ ୫ଲକ୍ଷ ଗ୍ରାହକ ହାସଲ କରିବା ଲାଗି ୧୫ବର୍ଷ ସମୟ ନେଇଥିବା ବେଳେ ପରବର୍ତ୍ତୀ ୧୦ଲକ୍ଷ ଗ୍ରାହକଙ୍କୁ ମାତ୍ର ୬ବର୍ଷରେ ହାସଲ କରିପାରିଛି ବୋଲି ଜଣାପଡ଼ିଛି। ଏହାର ବ୍ୟକ୍ତିଗତ ଯାନର ଚାହିଦା ବଢ଼ିବା ସହ ୩୨% ବଜାର ଅଂଶକୁ ନେଇ ହୋଣ୍ଡା ରାଜ୍ୟର ଦ୍ରୁତ ଅଭିବୃଦ୍ଧିଶୀଳ ୨ଚକିଆ ବ୍ରାଣ୍ଡରେ ପରିଣତ ହୋଇପାରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ହୋଣ୍ଡା ବ୍ରାଣ୍ଡ ପ୍ରତି ଭଲ ପାଇବା ଓ ବିଶ୍ୱାସ ଓଡ଼ିଶାବାସୀ ଜାରି ରଖିଥିବାରୁ ରାଜ୍ୟରେ ଏହାର ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ । ସେହିଭଳି ଆମେ ଗ୍ରାହକମାନଙ୍କୁ ଗୁଣାତ୍ମକ ଉତ୍ପାଦ ଓ ବିକ୍ରି ପରବର୍ତ୍ତୀ ସେବା, ରାଜ୍ୟ ଭିତରେ ତଥା ସେମାନଙ୍କ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ସେହିପରି ୨ଚକିଆ ଯାନର ଚାହିଦା ବୃଦ୍ଧି ପାଇବା ସହ ହୋଣ୍ଡା ଆକ୍ଟିଭା ଓ ସାଇନ୍ ବର୍ତ୍ତମାନ ସବୁଠୁ ପସନ୍ଦର ମଡେଲ ଭାବେ ଉଭା ହୋଇଛି। ସାରା ରାଜ୍ୟରେ ଏହାର ଡିଲରଶିପ୍, ସ୍ୱୀକୃତିପ୍ରାପ୍ତ ସର୍ଭିସ୍ ସେଣ୍ଟର ଓ ବେଷ୍ଟ ଡିଲ୍ ଆଉଟ୍‌ଲେଟ୍ ଆଦିକୁ ମିଶାଇ ମୋଟ ୨୨୦ ଟଚ୍ ପଏଣ୍ଟ ରହିଛି। ଏହା ଗ୍ରାହକଙ୍କୁ ଶ୍ରେଷ୍ଠ ମାନର ଅନୁଭୂତି ଓ ବିଏସ୍-୬ ମାନର ମୋଟରସାଇକଲ ଓ ସ୍କୁଟର ହୋଣ୍ଡା ଯୋଗାଇ ଦେଉଛୁ। କମ୍ପାନୀ ଗ୍ରାହକମାନଙ୍କ ସୁରକ୍ଷା ଓ ସୁବିଧାକୁ ନଜରରେ ରଖି ଅନ୍‌ଲାଇନରେ ମଧ୍ୟ ଗାଡ଼ି ଦେଖିବା ଓ ବୁକିଂ କରିବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ଗ୍ରାହକମାନେ କମ୍ପାନୀର ୱେବ୍‌ସାଇଟ୍ ପରିଦର୍ଶନ କରି କେବଳ 'ବୁକ୍ ନାଓ' ଟ୍ୟାବ୍‌ରେ କ୍ଲିକ୍ କରି ବିଭିନ୍ନ ଉତ୍ପାଦର ଅର୍ଡର (ବୁକିଂ) କରିପାରିବେ।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**




Arya Barman Jena(Gudu)
ଛୋଟୀ, କେନ୍ଦ୍ରାପଡ଼ା
ମା' ତାରିଣୀଙ୍କ କୃପାରୁ ତୋ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଜେଜେ, ମାଆ, ଅଜା, ଆଈ, ବାବା, ମାମା, ସାନବାବା, ସାନମାମା, ଦେଇ, ପିଉସା, ମାମୁ, ମାଇଁ, ଇସୁ ଓ ତିତଲି ।
ଧ-୨୨୯୭୪

**ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା**



ନିଶାନ୍ତ ମହାନ୍ତି
ଗ୍ରାମ: ସୌରିପାଲି, କଣ୍ଟାମାଳ, ଜିଲ୍ଲା: ବୌଦ୍ଧ
ଆଜି ତୋର ଦ୍ୱିତୀୟ ଜନ୍ମ ଦିବସରେ ଭଗବାନ୍‌ଙ୍କ ଠାରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ।
ଶୁଭେଚ୍ଛା ସହ: ପିତା: ପିଣ୍ଟୁ ମହାନ୍ତି, ମାତା: ଲିଜା ମହାନ୍ତି, ଅଜା: ବାମଦେବ ମହାନ୍ତି, ଆଈ: ସନ୍ଧ୍ୟାରାଣୀ ମହାନ୍ତି, ମାମୁ: ବିମଳ ପ୍ରଧାନ ଓ ଶିଲ୍ପୁ ପ୍ରଧାନ ।
ଧ-୨୨୯୭୦

**ଜନ୍ମଦିନ ଶୁଭେଚ୍ଛା**



ହେତଲ ଦେବତା (ରୋଲି)
ମୀନାବଜାର, ଢେଙ୍କାନାଳ
୧୨ବର୍ଷର ଜନ୍ମବାର୍ଷିକ ଅବସରରେ ମହାପ୍ରଭୁଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଆଶୀର୍ବାଦ ସହ: ଅଜା, ଆଈ, ମାମୁ ଓ ଦେବତା ପରିବାର ।
ଧ-୬୮୮୯

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଇ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245
7653803952
Asrayagad, Gulaijang, Gajapati

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି

କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ
8882703236
9717049785

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।

Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

# ରଚନାଙ୍କ ସହ ଅନୁଭବଙ୍କ 'ଦାଦାଗିରି ହୃଦୟରୁ'

**ଭୁବନେଶ୍ୱର,୨୮।୧**



ଓଡ଼ିଶାର ଲୋକପ୍ରିୟ ଟିଭି ଚ୍ୟାନେଲ 'ଜୀ ସାର୍ଥକ'ର ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ ଦାଦାଗିରି ହୃଦୟରୁ ଧୀରେ ଧୀରେ ଆଗକୁ ବଢ଼ି ଚାଲିଛି। ଏହାକୁ ଆହୁରି ଲୋକପ୍ରିୟ କରିବା ପାଇଁ ସାର୍ଥକ ପରିବାର ଏଥର ଗତ ଦିନର ଓଡ଼ିଆ ଅଭିନେତ୍ରୀ ରଚନା ବାନାର୍ଜୀଙ୍କ ସହ ଅନୁଭବ କରିବେ 'ଦାଦାଗିରି ହୃଦୟରୁ'। ଅନୁଭବଙ୍କ ଦ୍ୱାରା ପରିଚାଳିତ ହେଉଥିବା 'ଦାଦାଗିରି' ଖାଲି ଓଡ଼ିଆ ଦର୍ଶକଙ୍କ ହୃଦୟକୁ ନୁହେଁ, ସାରା ଦେଶର ଲୋକଙ୍କ ମନକୁ ଛୁଇଁ ସାରିଲାଣି ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମ ଆରମ୍ଭରୁ ଅନୁଭବ ପ୍ରଥମ ଖେଳିଲେ ଓଡ଼ିଶାର ବିଭିନ୍ନ ବର୍ଗର ବଛାବଛା ଦର୍ଶକଙ୍କ ସହ। ପରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଝିଲି ଓ ବିଜୟିନୀ' ର ମୁଖ୍ୟ କଳାକାରମାନଙ୍କ ସହ। ଆଉ ଏଥର ଖେଳରେ ଭାଗନେବେ ପ୍ରତିଟି ଓଡ଼ିଆଙ୍କ ଚିର ପରିଚିତ ବଙ୍ଗୀୟ ଅଭିନେତ୍ରୀ ରଚନା ବାନାର୍ଜୀ। ବିଗତ ଦିନରେ ଅନେକ ସୁପରହିଟ୍ ଫିଲ୍ମ ଓ ଗୀତ ଜରିଆରେ ରଚନା ଓଡ଼ିଶାବାସୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ରାଧା ନାଚିବ ନାଚିବ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ର ଗୀତର ତାଳେ ତାଳେ ସେ ନାଚିବା ସହ ଦର୍ଶକଙ୍କୁ ମଧ୍ୟ ନଚାଇଛନ୍ତି। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ଏବେ ବି ସେ ମନେରଖିଛନ୍ତି ବୋଲି ଭାବବିହ୍ୱଳ ହୋଇ କହିଥିଲେ । ରଚନା ବାନାର୍ଜୀ ଓଡ଼ିଆ ଚଳଚ୍ଚିତ୍ର ଜଗତରେ 'ସାଗର ଗଙ୍ଗା' ଜରିଆରେ ପ୍ରଥମ ଡେବ୍ୟୁ ସହ ଶତାଧିକ ସିନେମାରେ ଅଭିନୟ କରି ଓଡ଼ିଶାରେ ତାଙ୍କ ଲୋକପ୍ରିୟତାକୁ ବୃଦ୍ଧି କରିଥିଲେ । ରଚନା ଅନୁଭବଙ୍କ ସହ ଚଳଚ୍ଚିତ୍ର 'କର୍ତ୍ତବ୍ୟ', ନାୟକ ନୁହେଁ ମୁଁ ଖଳନାୟକ' ଆଦିରେ ଅଭିନୟ କରିଛନ୍ତି। ସେହିଭଳି ଜୀ ସାର୍ଥକର ମେଗା ରିଆଲିଟି ଗେମ୍ ଶୋ ଦାଦାଗିରି ସେଟ୍‌ରେ ଓଡ଼ିଶାବାସୀଙ୍କ ଭଲ ପାଇବା, କଳା ସଂସ୍କୃତିକୁ ଭୂୟସୀ ପ୍ରଶଂସା ସହ ତାଙ୍କ ଅଭିନୟ କ୍ୟାରିୟରରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଅବଦାନକୁ ସେ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ସେହିପରି ନୃତ୍ୟ ସହ ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ଓ ଅଭିନୟ 'ଦାଦାଗିରି'ର ସ୍ୱତନ୍ତ୍ର ଅଧ୍ୟାୟର ମୁଖ୍ୟ ଆକର୍ଷଣ। ଅଧ୍ୟାୟଟି ଦର୍ଶକମାନଙ୍କ ହୃଦୟ ଛୁଇଁବ ବୋଲି ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ଅର୍ଘ୍ୟ ରଏ ଚୌଧୁରୀ କହିଛନ୍ତି। ଏହି ସ୍ୱତନ୍ତ୍ର ଅଧ୍ୟାୟ ୨୯ଜାନୁୟାରୀ ରାତି ୯ଟାରେ ଜୀ ସାର୍ଥକରେ ଦର୍ଶକମାନେ ଦେଖିପାରିବେ। ଏଥିସହ ଜୀ ସାର୍ଥକର ମେଗା ଧାରାବାହିକ 'ତୋ ପାଇଁ ମୁଁ ମୋ ପାଇଁ ତୁ' ର କଳାକାରଙ୍କୁ ନେଇ ଆଉ ଏକ ସ୍ୱତନ୍ତ୍ର ଅଧ୍ୟାୟ ୩୦ ଜାନୁୟାରୀ (ରବିବାର) ରାତି ୯ଟାରେ ପ୍ରସାରଣ କରାଯିବ ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟାଡ୍ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ସମସ୍ତ ଅନୁମୋଦନ ସରିଛି


**ନୂଆଦିଲ୍ଲୀ,୨୮।୧**

ଦେଶର ପ୍ରମୁଖ ଋଣପ୍ରଦାନକାରୀ ସଂସ୍ଥାଗୁଡିକ ପ୍ରଥମ ଥରର କାରବାରରେ ପ୍ରାୟ ୫୦,୦୦୦ କୋଟି ଟଙ୍କା ମୂଲ୍ୟର ୧୫ଟି ବଡ଼ ଚାପଗ୍ରସ୍ତ ଋଣକୁ ରିଜୋଲ୍ୟୁସନ୍ ପାଇଁ ମାର୍ଚ୍ଚ ୨୦୨୨ସୁଦ୍ଧା ଜାତୀୟ ସମ୍ପତ୍ତି ପୁନର୍ନିର୍ମାଣ କମ୍ପାନୀ (ଏନ୍‌ଏଆର୍‌ସିଏଲ୍)କୁ ସ୍ଥାନାନ୍ତର କରିବେ ବୋଲି ଜଣାପଡ଼ିଛି। ବର୍ତ୍ତମାନର ଆକଳନ ଅନୁଯାୟୀ, ଋଣଦାତାଙ୍କ ନିକଟରେ ମୋଟ ୩୮ ଆକାଉଣ୍ଟ ଅଛି, ଯେଉଁଥିରେ ୮୩,୮୪୫ କୋଟି ଟଙ୍କାର ଋଣ ରହିଛି। ଏହା ସ୍ଥାନାନ୍ତର ପାଇଁ ଚିହ୍ନଟ ହୋଇଛି ବୋଲି ଶୁକ୍ରବାର ମୁମ୍ବାଇରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଅଧ୍ୟକ୍ଷ ଦୀନେଶ କୁମାର ଖାରା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଏନ୍‌ଏଆର୍‌ସିଏଲ୍‌କୁ ଦିଆଯିବାକୁ ଥିବା ୨ଟ୍ରିଲିୟନ ଟଙ୍କାକୁ ଟାର୍ଗେଟ କରାଯାଇ କୁହାଯାଉଛି କି ଏହାକୁ ବ୍ୟାଡ୍ ବ୍ୟାଙ୍କ ବୋଲି ତୁଳନା କରାଯାଉଛି। ଆକଳନରେ ନିମ୍ନତର ସଂଶୋଧନ ବିଷୟରେ ପଚରାଯିବାରୁ ଖାରା କହିଛନ୍ତି, ସ୍ଥାନାନ୍ତର ପାଇଁ ତାଲିକାଭୁକ୍ତ ହୋଇଥିବା କିଛି ଆକାଉଣ୍ଟର ଆବଶ୍ୟକ କାର୍ଯ୍ୟ ଶେଷ ହୋଇଛି ଏବଂ ଜାଲିଆତି ଭାବେ ଘୋଷିତ ଆକାଉଣ୍ଟଗୁଡିକ ସ୍ଥାନାନ୍ତର ହେବାକୁ ଥିବା ତାଲିକାରେ ସେସବୁକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏଥିସହ ବ୍ୟାଙ୍କଗୁଡ଼ିକର ସଂକଳ୍ପକୁ ଆଧାରକରି ଏନ୍‌ଏଆର୍‌ସିଏଲ୍ ଦ୍ୱାରା ଟାର୍ଗେଟ୍ ଚଳପ୍ରଚଳ କେତେ ହେବ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଏସ୍‌ବିଆଇର ଅଧ୍ୟକ୍ଷ କହିଛନ୍ତି। ଏନ୍‌ଏଆର୍‌ସିଏଲ୍ ଏବଂ ଇଣ୍ଡିଆନ୍ ଋଣ ରିଜୋଲ୍ୟୁସନ୍ କମ୍ପାନୀ ଲିମିଟେଡ୍ (ଆଇଡିଆର୍‌ସିଏଲ୍) ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ଅନ୍ୟ ସମସ୍ତ ଅନୁମୋଦନ ଲାଭ କରିଛି। ଫଳରେ ଉଭୟ ସଂସ୍ଥା ବର୍ତ୍ତମାନ ସମୟରେ ଏହି ବ୍ୟବସାୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏହା ଫଳରେ ଋଣଦାତାମାନେ ନଗଦ ୧୫% ଏବଂ ୮୫% ଭାରତ ସରକାରଙ୍କ ଗ୍ୟାରେଣ୍ଟି ଦ୍ୱାରା ସମର୍ଥିତ ସୁରକ୍ଷା ରସିଦ ଆକାରରେ ପାଇବେ। ସେହିଭଳି ଆର୍ଥିକ ସମ୍ପତ୍ତିର ସିକ୍ୟୁରିଟାଇଜେଶନ ଏବଂ ପୁନର୍ନିର୍ମାଣ ଏବଂ ସୁରକ୍ଷା ସୁଧ (ସର୍ଫେସି) ଅଧିନିୟମ ୨୦୦୨ ର ଏନ୍‌ଏଆର୍‌ସିଏଲ୍ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ଅବସରରେ ଏସ୍‌ବିଆଇ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଇଣ୍ଡିଆନ୍ ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ଋଣଦାତାମାନେ ଏନ୍‌ଏଆର୍‌ସିଏଲ୍‌ରେ ଅଧିକାଂଶ ଅଂଶ ଗ୍ରହଣ କରୁଛନ୍ତି। ଘରୋଇ କ୍ଷେତ୍ରର ଋଣଦାତାମାନେ ଅଣ ସମାଧାନ କମ୍ପାନୀରେ ଅଧିକାଂଶ ଅଂଶଧନ ଧାରଣ କରିବେ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**

୰ରଘୁନାଥ ନନ୍ଦ
ସୁନ୍ଦରପଦା, କପିଳପ୍ରସାଦ
ଆବିର୍ଭାବ: ୧୫।୦୩।୧୯୩୧
ତିରୋଧାନ: ୧୮।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୯୭୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ

୰ ଅର୍ଜୁନ ପୃଷ୍ଟି
ଜନ୍ମସ୍ଥାନ- ବାଣପୁର, ଖୋର୍ଦ୍ଧା
ଆବିର୍ଭାବ-ତା୧୮.୦୭.୧୯୩୩
ତିରୋଧାନ-ତା୧୯.୦୧.୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଅଛୁ।
-ଶୋକ ସନ୍ତପ୍ତ-
ପତ୍ନୀ- ଲକ୍ଷ୍ମୀ, କନ୍ୟା-ମମତା, ଜ୍ୱାଇଁ ରାମେଶ୍ୱର ପୁତ୍ର-ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ; ପୁତ୍ରବଧୂ-କନ୍ୟାକୁମାରୀ, ମାମୁନି, ମୁନ୍‌କୀରାଣୀ, ରୂପାସିକ୍ତା; ନାତି- ଓମ୍, ଗୋପାଳ, ସ୍ୱାଧୀନ, କାହ୍ନା; ନାତୁଣୀ-ମାମା, ସୋମା, ଶୁଭ, ଦିପି, ଲିପି, ଲିଙ୍କି, ପିଙ୍କି; ରଣପୁର ଓ ଚାନ୍ଦପୁର କୋଣାର୍କ କୁଏଲାରୀ ପରିବାର ସମେତ ବନ୍ଧୁ ତଥା ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୨୨୯୩୨

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ
(ଶ୍ୟାମଦାଶପୁର, କୁଜାହାଲା, ଯାଜପୁର)
ତିରୋଧାନ: ୨୯।୦୧।୨୦୧୬
ଆପଣଙ୍କର ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଏବଂ ଗିରିଧାରୀଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ଚଗଲି (ଲିଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନୁ, ନାତୁଣୀ: ଲିସି ।
ଧ-୬୫୯୨୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**

୰ଅର୍ଜୁନ ଚରଣ ବାରିକ
କୋରକୋରା, ଭାୟା: ଅର୍ଣ୍ଣପାଳ, ଭଦ୍ରକ
ଆବିର୍ଭାବ: ୨୦।୦୧।୧୯୧୭
ତିରୋଧାନ: ୨୯।୦୯।୨୦୧୭
ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୨୯୬୧

**ଏକାଦଶାହ ଉପଲକ୍ଷେ**

ସ୍ୱର୍ଗତ ଲକ୍ଷ୍ମଣ ସାହୁ
ଉପରସାହି, ଗାଡ଼କଣ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୯।୧୯୪୬
ତିରୋଧାନ: ୧୯।୦୧।୨୦୨୨
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: ହେମଲତା ସାହୁ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୨୯୭୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୯/୨୦୨୨ Berhampur, Saturday, January 29/ 2022

# ସେମିରେ ଶ୍ୱେତପର୍ଣ୍ଣା

**ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡା। ଏହି ଇଭେଣ୍ଟରେ ସେ ବାଲକେଶରୀ ଯାଦବଙ୍କୁ ସାଥିକରି ଖେଳୁଛନ୍ତି। ଟୁର୍ନାମେଣ୍ଟର ୪ର୍ଥ ଦିବସରେ ମୋଟ ୧୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପୁରୁଷ ସିଙ୍ଗଲ୍ସରେ କିରନ ଜର୍ଜ ତୃତୀୟ ସିଡ୍ ଶୁଭଙ୍କର ଦେଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି

**ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ**

କରିବା ସହ ସେମିଫାଇନାଲରେ ପହଞ୍ଚିଛନ୍ତି। ଅଣସିଡେଡ ୨୧ ବର୍ଷୀୟ କିରନ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ୨୧-୧୬, ୧୦-୨୧, ୨୧-୧୯ରେ ବିଜୟୀ ହୋଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ମାଳବିକା ବନସୁଦ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଶେଷ ୪ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେ ସାଥି ଭାରତୀୟ ଖେଳାଳି ତାନ୍ୟା ହେମନ୍ତଙ୍କୁ ୨୧-୧୩, ୧୬-୨୧, ୨୧-୧୭ରେ ପରାସ୍ତ କରିଛନ୍ତି। ମାଳବିକା ସେମିଫାଇନାଲରେ ଉନ୍ନତି ହୋଦାଙ୍କୁ ଭେଟିବେ। ଉନ୍ନତି କ୍ୱାର୍ଟର ଫାଇନାଲରେ ଅନ୍ୟତମ ଭାରତୀୟ ସାମିୟା ଇମାନ ଫାରୁକିଙ୍କୁ ୨୧-୧୦, ୨୧-୧୫ରେ ପରାସ୍ତ କରିଛନ୍ତି। ୫ମ ସିଡ୍ ଅସ୍ମିତା ଚାଲିହା ୨୧-୧୭, ୨୧-୧୫ରେ ରିଚା ସାଓ୍ୱନ୍ତଙ୍କୁ ହରାଇଥିବାବେଳେ ସ୍ମିତ ତୋଶନିଓ୍ୱାଲ ୮-୨୧, ୨୧-୯, ୨୧-୧୪ରେ ଆମେରିକାର ଇଶିକା ଜୟସ୍ୱାଲଙ୍କୁ ପରାସ୍ତ କରିଛନ୍ତି। ଚାଲିହା ଓ ସ୍ମିତଙ୍କ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ପୁରୁଷ ସିଙ୍ଗଲ୍ସରେ ଗତ ଗୁରୁବାର ୭ମ ସିଡ୍ ମାଲେସିଆର ଜୁନ୍ ଓ୍ୱେଇ ଚିମ୍‌ଙ୍କୁ ହରାଇଥିବା ଅଣସିଡେଡ ମିଥୁନ ମଞ୍ଜୁନାଥ ଏକ ମୁକାବିଲାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ୨୧-୧୩, ୧୪-୨୧, ୮-୨୧ରେ ପ୍ରିୟାଂଶୁ ରାଜାଓ୍ୱତଙ୍କଠାରୁ ହାରି ଯାଇଛନ୍ତି।



ମ୍ୟାଚ ଅବସରରେ ଶ୍ୱେତପର୍ଣ୍ଣା ପଣ୍ଡା ଓ ବାଲକେଶରୀ ଯାଦବ।

# ଦୁଇ ପର୍ଯ୍ୟାୟରେ ହେବ ରଣଜୀ ଟ୍ରଫି

**ନୂଆଦିଲ୍ଲୀ, ୨୮।୧ (ପି.ଟି.):** ଆସନ୍ତା ମାସରେ ଦେଶର ପ୍ରମୁଖ ଘରୋଇ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହେବ। ଏହା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୩୮ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ପ୍ରଥମ ପର୍ଯ୍ୟାୟ ପ୍ରାୟ ଏକ ମାସ ଧରି ଖେଳାଯିବ। କୋଭିଡ୍ ମହାମାରୀ ଯୋଗୁ ଗତବର୍ଷ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ନ ଥିଲା। ଏହା ଜାନୁୟାରୀ ୧୩ରୁ ଖେଳାଯିବାକୁ ସ୍ଥିର ହୋଇଥିଲା। ମାତ୍ର ସମଗ୍ର ଦେଶରେ କରୋନାର ତୃତୀୟ ଲହର ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଶାହା ଏକ ବିବୃତିରେ କହିଛନ୍ତି, ବୋର୍ଡ ଏହି ସିଜନରେ ଦୁଇଟି ପର୍ଯ୍ୟାୟରେ ରଣଜୀ ଟ୍ରଫି ଆୟୋଜନ ଲାଗି ସ୍ଥିର କରିଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ଲିଗ୍ ମ୍ୟାଚଗୁଡ଼ିକ ଖେଳାଯିବ। ନକ୍‌ଆଉଟ ପର୍ଯ୍ୟାୟ ଜୁନ୍‌ରେ ହେବ। ଟୁର୍ନାମେଣ୍ଟ ବେଳେ ମହାମାରୀ ଯେପରି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ନ କରେ ବୋର୍ଡ ତାହା ଉପରେ ନଜର ରଖିଛି। ଶାହା କହିଛନ୍ତି ବିସିସିଆଇ ରଣଜୀ ଟ୍ରଫିର ମହତ୍ତ୍ୱକୁ ବୁଝିଛି। ରଣଜୀ ଟ୍ରଫି ହେଉଛି ଆମର ସବୁଠାରୁ ସମ୍ମାନଜନକ ଘରୋଇ ଟୁର୍ନାମେଣ୍ଟ। ଏଥିରୁ ପ୍ରତିବର୍ଷ ଭାରତୀୟ କ୍ରିକେଟ ପାଇଁ କ୍ରିକେଟ ପ୍ରତିଭା ସୃଷ୍ଟି ହୋଇଥାନ୍ତି। ଏହି ପ୍ରିମିୟର ଇଭେଣ୍ଟର ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଜରୁରୀ। ବୋର୍ଡ ରଣଜୀ ଟ୍ରଫି ଆୟୋଜନ ପାଇଁ ଯୋଜନା ଚଳାଇଛି ବୋଲି କୋଷାଧ୍ୟକ୍ଷ ଅରୁଣ ଧୂମଲ ସୂଚନା ଦେବାର ଦିନକ ପରେ ବିସିସିଆଇ ତରଫରୁ ଏ ବିଷୟ ଘୋଷଣା କରାଯାଇଛି। ବିସିସିଆଇ ମାର୍ଚ୍ଚ ୨୭ରୁ ଆଇପିଏଲ୍ ଆୟୋଜନ କରୁଥିବାରୁ ରଣଜୀ ଟ୍ରଫିକୁ ଦୁଇଟି ପର୍ଯ୍ୟାୟ କରିବା ଆବଶ୍ୟକ ପଡ଼ିଛି। କାରଣ ଦୁଇଟି ବଡ଼ ଟୁର୍ନାମେଣ୍ଟ ଏକ ସମୟରେ କରିବା ସମ୍ଭବ ନୁହେଁ। ଏହାଦ୍ୱାରା ଖେଳାଳିମାନେ ଉପଲବ୍ଧ ହେବେ କି ନା ତାହା ଏକ ବଡ଼ ପ୍ରଶ୍ନ।

# ବ୍ରେଣ୍ଡାନ ଟେଲର ବାସନ୍ଦ

**ଦୁବାଇ, ୨୮।୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଜିମ୍ବାଓ୍ୱେର ପୂର୍ବତନ ଅଧିନାୟକ ବ୍ରେଣ୍ଡାନ ଟେଲରଙ୍କୁ ଖେଳର ସମସ୍ତ ପ୍ରକାର କାର୍ଯ୍ୟକଳାପରୁ ସାଢ଼େ ୩ ବର୍ଷ ଲାଗି ବାସନ୍ଦ କରିଛି। ୨୦୧୯ରେ ଜଣେ ଭାରତୀୟ ବ୍ୟବସାୟୀ ତାଙ୍କୁ ସ୍ପଟ୍ ଫିକ୍ସିଂରେ ସାମିଲ ହେବା ଲାଗି ପ୍ରଲୋଭିତ କରିଥିଲେ। ହେଲେ ଏନେଇ ସେ ତୁରନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନ ଥିଲେ। ସେ ସମୟରେ ଟେଲର ଘଟଣାକ୍ରମେ କୋକେନ ସେବନ କରିଥିଲେ। ଏକ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ତାଙ୍କୁ ଆହୁରି ମଧ୍ୟ ଏକ ମାସ ସସ୍‌ପେଣ୍ଡ କରାଯାଇଛି। ଗତ ଜାନୁୟାରୀ ୨୪ରେ ଟେଲର ଏକ ଚାଞ୍ଚଲ୍ୟକର ବୟାନ ଦେଇଥିଲେ। ଭାରତୀୟ ବ୍ୟବସାୟୀଙ୍କ ସହିତ କଥାବାର୍ତ୍ତା ବେଳେ ପରିସ୍ଥିତିରେ ପଡ଼ି ସେ କୋକେନ ସେବନ କରିଥିଲେ। ପରବର୍ତ୍ତୀ କାଳରେ ଏହାକୁ ନେଇ ତାଙ୍କୁ ବ୍ଲାକ୍‌ମେଲ କରାଯାଇଥିଲା। ଏ ବିଷୟ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବିଳମ୍ବ ଘଟାଇଥିବାରୁ ଆଇସିସି ଦ୍ୱାରା ଏକାଧିକ ବର୍ଷ ପାଇଁ ବାସନ୍ଦ ହୋଇପାରନ୍ତି ବୋଲି କହିଥିଲେ। ଟେଲର କହିଛନ୍ତି, ଏହି ବ୍ୟବସାୟୀଙ୍କ ଆମନ୍ତ୍ରଣ ପାଇ ସେ ଭାରତ ଆସିଥିଲେ। ଜିମ୍ବାଓ୍ୱେରେ ଏକ ଟି୨୦ ଇଭେଣ୍ଟ ଆୟୋଜନ କରିବା ପାଇଁ ବ୍ୟବସାୟୀ ଜଣକ ତାଙ୍କ ଆଗ୍ରହ ପ୍ରକାଶ କରିଥିଲେ। ଏପରିକି ଏହାର ପ୍ରାୟୋଜକ ହେବା ଲାଗି ସେ କହିଥିଲେ। ପୁନଶ୍ଚ ୨୦୧୯ ଅକ୍ଟୋବରରେ ତାଙ୍କୁ ୧୫,୦୦୦ ଆମେରିକୀୟ ଡଲାରର ଅଫର ଦିଆଯାଇଥିଲା। ଟେଲର କିନ୍ତୁ ବ୍ୟବସାୟୀଙ୍କ ନାମ ପ୍ରକାଶ କରି ନ ଥିଲେ। ମ୍ୟାଚ୍‌ଗୁଡ଼ିକର ସ୍ପଷ୍ଟ ଫିକ୍ସିଂ କରିବା ଲାଗି ତାଙ୍କୁ ଆଂଶିକ ପେମେଣ୍ଟ ଦିଆଯାଇଥିଲା। ହେଲେ ସେ ତାହା କାର୍ଯ୍ୟକାରୀ କରି ନ ଥିଲେ। ବେନ୍‌ଜୋଲକଗନାଇନ୍ ପାଇଁ ଡୋପ୍ ଟେଷ୍ଟରେ ତାଙ୍କର ପଜିଟିଭ ଆସିଥିଲା।





# କଟକ ଜାଗୁଆର୍ସ ୯୭ ରନରେ ବିଜୟୀ

**ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ କଟକ ଜାଗୁଆର୍ସ ୯୭ ରନରେ ଭୁବନେଶ୍ୱର ଷ୍ଟ୍ରାଇକର୍ସଙ୍କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୁଆର୍ସ ୫୦ ଓଭରରେ ୫ ଉଇକେଟ ହରାଇ ୩୭୧ ରନ କରିଥିଲା। ଓପନର ସୁମିତ ରାଉତ ୧୩୫ ବଲ୍‌ରୁ ୧୫୮ (୨୩ ଚୌକା, ୨ ଛକା)ର ଦ୍ରୁତ ଶତକ ହାସଲ କରି ଅପରାଜିତ ରହିଥିବାବେଳେ ଯଜ୍ଞଜିତ ସାହୁ ୪୬ ବଲ୍‌ରୁ ବିସ୍ଫୋରକ ୮୭ (୮ ଚୌକା, ୭ ଛକା) ରନର ଇନିଂସ ଖେଳିଥିଲେ। ସମ୍ବିତ ବେଜା ୪୪ ରନ କରିଥିଲେ। ବିପକ୍ଷ ଦଳର ଓମ୍ ପ୍ରକାଶ ତ୍ରିପାଠୀ ଓ ସିଦ୍ଧିମାନ ମିଶ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୭୨ ରନର ବୃହତ୍ ବିଜୟ ଲକ୍ଷ୍ୟ ନେଇ ଖେଳିଥିବା ଷ୍ଟ୍ରାଇକର୍ସ ୫୦ ଓଭରରେ ୮ ଉଇକେଟ ହରାଇ ୨୭୪ ରନ କରିବାକୁ ସକ୍ଷମ ହୋଇଥିଲା। ରିତେଶ କୁମାର ସାହୁ ସର୍ବାଧିକ ୭୫ ଓ ବିଭାସୁ ରାୟ ୪୫ ରନ କରିଥିଲେ। ବିଜୟୀ ଦଳର ସମ୍ବିତଙ୍କୁ ୨ଟି ଉଇକେଟ ମିଳିଥିଲା। ଶତକୀୟ ଇନିଂସ ପାଇଁ ସୁମିତ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଷ୍ଟ୍ରାଇକର୍ସର ସିଦ୍ଧେଶ୍ୱର ପରିଡ଼ା ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଗୁରଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସୁମିତ ରାଉତଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୯/୨୦୨୨ (୮+୮=୧୬ ପୃଷ୍ଠା) | Berhampur, Saturday, January 29/2022 | ପୃଷ୍ଠା-୧



**ମେଡ୍‌ଭେଡେଭ୍ ଫାଇନାଲରେ**
ଡାନିଲ ମେଡ୍‌ଭେଡେଭ୍ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।
୦୮

୦୬
**ବିବାଦୀୟ ମନ୍ତବ୍ୟ ପାଇଁ କ୍ଷମା ମାଗିଲେ ଶ୍ୱେତା**
ଭଗବାନ ତାଙ୍କ ବ୍ରା ମାପ ନେଉଛନ୍ତି ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିନେତ୍ରୀ ଶ୍ୱେତା ତିୱାରୀ ଏଥିପାଇଁ କ୍ଷମା ମାଗିଛନ୍ତି।





ଭୁବନେଶ୍ୱରସ୍ଥିତ ଧଉଳି ଶାନ୍ତିସ୍ତୁପର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମରାମତି କାର୍ଯ୍ୟ ଚାଲିଛି। ଶୁକ୍ରବାର ପର୍ଯ୍ୟଟକମାନେ ବାହାରୁ ସେଲ୍‌ଫି ନେଉଛନ୍ତି।

# କରୋନାରେ ଗଲା ଆଉ ୧୦ ଜୀବନ

- ଦିନକରେ ୫,୦୫୭ ଆକ୍ରାନ୍ତ ଚିହ୍ନଟ
- ଟିକାକରଣକୁ ଗୁରୁତ୍ୱ ଦେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ



ଭୁବନେଶ୍ୱର, ୨୮।୧(ବ୍ୟୁରୋ)


ରାଜ୍ୟରେ କରୋନାର ତୃତୀୟ ଲହର ଜାରି ରହିଥିବାବେଳେ ସଂକ୍ରମଣ କମିବାରେ ଲାଗିଛି। ହେଲେ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଚିନ୍ତା ବଢ଼ିଛି। କିଛିଦିନର ବ୍ୟବଧାନ ପରେ ଏବେ ଦୈନିକ ମୃତ୍ୟୁ ସଂଖ୍ୟା ଦୁଇ ଅଙ୍କ ଛୁଇଁଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨ଜଣ ରହିଥିବାବେଳେ ଭଦ୍ରକ, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ମୟୂରଭଞ୍ଜ, ପୁରୀ ଓ ରାୟଗଡ଼ା ଜିଲାରୁ ଜଣେ ଲେଖାଏ ଆଖି ବୁଜିଛନ୍ତି। ଏହା ସହିତ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୫୬୦କୁ ବୃଦ୍ଧି ପାଇଛି।

ସେହିଭଳି ୬୧,୬୩୫ ନମୁନାରୁ ଆଉ ୫,୦୫୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୮.୨%କୁ ଖସି ଆସିଛି। ଏମାନଙ୍କ ମଧ୍ୟରୁ ୨,୯୩୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୨,୧୨୫ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୧୧୧ ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୪୨୯, କଟକ ୪୯୫, ନୟାଗଡ଼ ୨୧୭, ବାଲେଶ୍ୱର ୨୦୨, ନୂଆପଡ଼ା ୧୯୦, ସମ୍ବଲପୁର ୧୭୯, କଳାହାଣ୍ଡି ୧୬୮, କେନ୍ଦ୍ରାପଡ଼ା ୧୪୪, ନବରଙ୍ଗପୁର ୧୩୬, ମୟୂରଭଞ୍ଜ ୧୩୫, ବଲାଙ୍ଗୀର ୧୩୩, ଯାଜପୁର ୧୨୮, ଜଗତ୍‌ସିଂହପୁର ୧୨୫ ଓ ସୋନପୁରରୁ ୧୦୪ଜଣ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୧,୩୬,୨୨୬ରେ ପହଞ୍ଚିଛି।

ଏପରିସ୍ଥିତିରେ ରାଜ୍ୟବାସୀଙ୍କ ପୁଣିଥରେ ସତର୍କ ଓ ସଚେତନ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ କରୋନ ତୃତୀୟ ଲହର ଏବେ କମିବା ସ୍ତରରେ ରହିଛି। କିନ୍ତୁ ପୂରା ତଳକୁ ଖସିନାହିଁ। ସାମଗ୍ରିକ ଭାବେ ଯାହା ଦେଖାଯାଉଛି, କୋଭିଡ୍ ତଳମୁହାଁ ଅଛି। ଗ୍ରାଫ୍ ତଳକୁ ପହଞ୍ଚିବା ଯାଏ ଆମେ ଆଉ କିଛିଦିନ ଅପେକ୍ଷା କରିବା। ଆମ ରାଜ୍ୟର ଷ୍ଟାଣ୍ଡାର୍ଡ ଓ ପାରାମିଟର ଦେଖି କଟକଣା କୋହଳ ନିଷ୍ପତ୍ତି ନିଆଯିବ। ଏ ପର୍ଯ୍ୟନ୍ତ ଆମେ ତଳକୁ ଆସିନେ। ଯେହେତୁ ଓମିକ୍ରନ୍‌ର ସଂକ୍ରମଣ ହାର ବହୁତ ଅଧିକ, କେତେବେଳେ ବି ବଢ଼ିପାରେ। ତଳକୁ ନ ଆସିବା ଯାଏ ଆମକୁ ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଟିକାକରଣ ଅଧିକ ହେଉଥିବାରୁ ଲୋକଙ୍କ ନିକଟରେ ଲକ୍ଷଣ କମ୍ ରହୁଛି। ତେଣୁ ଯେଉଁମାନେ ଟିକା ନେଇନାହାନ୍ତି, ତୁରନ୍ତ ନେଇଯାଆନ୍ତୁ। ସେହିଭଳି ଯେଉଁମାନେ ଯୋଗ୍ୟ ସେମାନେ ପ୍ରିକଶନାରୀ ଡୋଜ୍ ବି ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ମାପଦଣ୍ଡ ଧାର୍ଯ୍ୟ କରିବାକୁ ମନାକଲେ ସୁପ୍ରିମକୋର୍ଟ

## ଏସ୍‌ସି/ଏସ୍‌ଟିଙ୍କୁ ପଦୋନ୍ନତିରେ ସଂରକ୍ଷଣ



ନୂଆଦିଲ୍ଲୀ,୨୮।୧

ସରକାରୀ ନିଯୁକ୍ତିରେ ଅନୁସୂଚିତ ଜାତି ଓ ଜନଜାତିର କର୍ମଚାରୀମାନଙ୍କ ପଦୋନ୍ନତି ପାଇଁ ମାପଦଣ୍ଡ ଧାର୍ଯ୍ୟ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ପଦୋନ୍ନତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପୂର୍ବରୁ ଉପରୋକ୍ତ ବର୍ଗଙ୍କୁ ସରକାରୀ ଚାକିରିରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ମିଳିଛି କି ନାହିଁ ତାହାର ପରିମାଣାତ୍ମକ ତଥ୍ୟ ସଂଗ୍ରହ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସାମ୍ବିଧାନିକ ଖଣ୍ଡପୀଠର ନିଷ୍ପତ୍ତି ପରେ ସୁପ୍ରିମକୋର୍ଟ ନୂଆ ମାପଦଣ୍ଡ ଧାର୍ଯ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କିତ ସମସ୍ତ ନିଷ୍ପତ୍ତି ସମ୍ପୃକ୍ତ ରାଜ୍ୟ ସରକାର ନେବେ ବୋଲି ଜଷ୍ଟିସ୍ ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ କହିବା ଅନୁଯାୟୀ ଏସ୍‌ସି/ଏସ୍‌ଟି ପ୍ରତିନିଧିତ୍ୱରେ ଅପର୍ଯ୍ୟାପ୍ତତା ସମ୍ପର୍କିତ ତଥ୍ୟ ସଂଗ୍ରହ ସମଗ୍ର ସେବା କିମ୍ବା ବର୍ଗ ପାଇଁ ଗ୍ରହଣୀୟ ହୋଇ ନ ପାରେ। ତେବେ ଏହା ନିର୍ଦ୍ଦିଷ୍ଟ ଗ୍ରେଡ୍ ବା ବର୍ଗର ପଦବୀରେ ପଦୋନ୍ନତି ସମ୍ପର୍କିତ ତଥ୍ୟ ପ୍ରଦାନ କରିପାରିବ। ପଦୋନ୍ନତି ସମ୍ପର୍କିତ ପରିମାଣାତ୍ମକ ତଥ୍ୟ ସଂଗ୍ରହରେ କ୍ୟାଡରକୁ ୟୁନିଟ୍ ଭାବେ ନିଆଯିବା ଆବଶ୍ୟକ। ଏହା ବ୍ୟତୀତ ପଦୋନ୍ନତିରେ ସଂରକ୍ଷଣ ପ୍ରଦାନ ବେଳେ ଆନୁଷଙ୍ଗିକ କାରଣକୁ ମଧ୍ୟ ବିଚାରକୁ ନିଆଯିବା ଦରକାର ବୋଲି ଖଣ୍ଡପୀଠ କହିଛନ୍ତି। ଗତବର୍ଷ ଅକ୍ଟୋବର ୨୬ରେ ସୁପ୍ରିମକୋର୍ଟ ଶୁଣାଣି ଶେଷ କରିବା ପରେ ରାୟ ସଂରକ୍ଷିତ ରଖିଥିଲେ। ସରକାରୀ ନିଯୁକ୍ତିରେ ଏସ୍‌ସି ଏବଂ ଏସ୍‌ଟିଙ୍କ ପାଇଁ ପଦୋନ୍ନତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପାଇଁ ନିଶ୍ଚିତ ତଥା ନିର୍ଣ୍ଣାୟକ ଆଧାର ଧାର୍ଯ୍ୟ କରିବାକୁ ପୂର୍ବରୁ ସରକାର ଅନୁରୋଧ କରିଥିଲେ।

# ବ୍ୟାପକ ହେଉନି ଟେଲିମେଡିସିନ ସେବା

## ପ୍ରଚାର ଅଭାବରୁ ସେବାରୁ ବଞ୍ଚିତ ରୋଗୀ



ଭୁବନେଶ୍ୱର, ୨୮।୧(ବ୍ୟୁରୋ)

କରୋନାର ତୃତୀୟ ଲହର ଓ ନୂଆ ଭାରିଆଣ୍ଟ ଓମିକ୍ରନ୍ ପାଇଁ ରାଜ୍ୟରେ ସଂକ୍ରମଣ ହଠାତ୍ ବଢ଼ିଯାଇଥିଲା। ସ୍ଥିତି ଏପରି ହେଲା ଯେ ହସ୍ପିଟାଲଗୁଡ଼ିକରେ ମଧ୍ୟ ସଂକ୍ରମଣ ବ୍ୟାପି ଗଲା। ଡାକ୍ତର, ନର୍ସ, କର୍ମଚାରୀ ଆକ୍ରାନ୍ତ ହେବାରୁ ଏବେ ରାଜ୍ୟର ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି। ଏହି ସ୍ଥିତି ଏଡ଼ାଇବାକୁ କେତେକ ହସ୍ପିଟାଲରେ ଓପିଡିକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିବାବେଳେ ଆଉ କିଛି ହସ୍ପିଟାଲରେ ଦୈନିକ ରୋଗୀଙ୍କ ସଂଖ୍ୟା କମାଇ ଦିଆଯାଇଛି। ଏପରି କି କେତେକ ସ୍ଥାନରେ ଓପିଡିକୁ ପର୍ଯ୍ୟାୟକ୍ରମେ ଖୋଲାଯାଉଛି। ଏପରିସ୍ଥଳେ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ହସ୍ପିଟାଲରେ ଭିଡ଼ ଓ ସଂକ୍ରମଣ କମାଇବା ପାଇଁ ରାଜ୍ୟ ସରକାର ଟେଲି ମେଡିସିନ ସେବାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏବେ ସରକାରୀ ହସ୍ପିଟାଲଗୁଡ଼ିକ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ନମ୍ବର ଜାରି କରିଛନ୍ତି। ହେଲେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଏଯାଏ ଟେଲି ମେଡିସିନ ସେବା ବ୍ୟାପକ ହୋଇପାରୁ ନାହିଁ। ବହୁ ଲୋକ ବିଶେଷକରି ଗ୍ରାମାଞ୍ଚଳର ଲୋକେ ଏହି ସେବା ସମ୍ପର୍କରେ ଜାଣି ନ ଥିବାରୁ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

ରାଜ୍ୟର ବିଭିନ୍ନ ହସ୍ପିଟାଲରୁ ମିଳିଥିବା ତଥ୍ୟ ଓ ପୂର୍ବରୁ ଦୈନିକ ହସ୍ପିଟାଲ ଆସୁଥିବା ରୋଗୀ ସଂଖ୍ୟାକୁ ତର୍ଜମା କଲେ ଏବେ ଟେଲିମେଡିସିନ ସେବାରେ ଉପକୃତ ହେଉଥିବା ରୋଗୀଙ୍କ ସଂଖ୍ୟା ଅତି ନଗଣ୍ୟ। କଟକ ଏସ୍‌ସିବିରେ ଗତ ୧ରୁ ୨୩ ତାରିଖ ମଧ୍ୟରେ ମାତ୍ର ୧,୪୨୭ଜଣ ଟେଲିମେଡିସିନରେ ଉପକୃତ ହୋଇଥିବାବେଳେ ଶିଶୁଭବନ ଟେଲିମେଡିସିନରେ ୧୭ରୁ ୨୩ ତାରିଖ ମଧ୍ୟରେ ୬୨୫ଜଣ ଚିକିତ୍ସିତ ହୋଇଛନ୍ତି। ସେହିପରି ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ୧ରୁ ୨୩ ତାରିଖ ମଧ୍ୟରେ ୩୮ଜଣ ଯୋଗାଯୋଗ କରିଛନ୍ତି। ଏମାନେ ପୂର୍ବରୁ ଏଠାରେ ଚିକିତ୍ସିତ ହେଉଥିବାବେଳେ କୌଣସି ନୂଆ ରୋଗୀ ଟେଲିମେଡିସିନ-ସେବା ପାଇପାରି ନାହାନ୍ତି। ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରରେ ଟେଲିମେଡିସିନ ସେବା ୨୦୨୦ ଏପ୍ରିଲ ୩୦ରୁ ଆରମ୍ଭ ହୋଇଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସେବା ମିଳିପାରୁଥିବାବେଳେ ସପ୍ତାହରେ ହାରାହାରି ୫୦ରୁ ୬୦ ଜଣ ରୋଗୀ ଫୋନ୍ କରି ପରାମର୍ଶ ନେଉଛନ୍ତି। ତେବେ କୋଭିଡ୍ ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ ଏହା ବେଶ୍ ସହାୟକ ହୋଇଥିଲା ବୋଲି ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର ସୂଚନା ଦେଇଛନ୍ତି। ସେହିପରି ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ଓ ସିଟି ହସ୍ପିଟାଲରେ ଏହି ସେବା ଉପଲବ୍ଧ ରହିଛି। ୨୦୨୦ ଏପ୍ରିଲ ୨୭ରୁ ଏମ୍‌କେସିଜି ଟେଲିମେଡ଼ିସିନ ଜରିଆରେ ଗତ ରବିବାର ସୁଦ୍ଧା ୨,୯୨୦ ଜଣ ଓ ସିଟି ହସ୍ପିଟାଲରେ ୩୦୨ ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଛି। କରୋନାର ପ୍ରଥମ ଲହର ସମୟରୁ ବାଲେଶ୍ୱର ଜିଲାରେ ଆରମ୍ଭ ହୋଇଥିବା ଟେଲିମେଡିସିନ ସେବା ☞ପୃଷ୍ଠା-୬

# ଭାଜପା ସବୁଠୁ ଧନୀ ଦଳ

## ୪୪ ଜାତୀୟ ଦଳର ମୋଟ ସମ୍ପତ୍ତି ୬,୯୮୮.୫୭ କୋଟି: ଏଡିଆର୍

ADR
Association for Democratic Reforms

ନୂଆଦିଲ୍ଲୀ,୨୮।୧

ଭାରତୀୟ ଜନତା ପାର୍ଟି (ଭାଜପା) ହେଉଛି ଦେଶର ସବୁଠୁ ଧନୀ ରାଜନୈତିକ ଦଳ। ୨୦୧୯-୨୦ରେ ୭ ଜାତୀୟ ଦଳ ସମ୍ପତ୍ତିର ମୂଲ୍ୟ ୬,୯୮୮.୫୭ କୋଟି ଥିବାବେଳେ ସେଥିରୁ ଭାଜପାର ସମ୍ପତ୍ତି ହେଉଛି ୪,୮୪୭.୭୮ କୋଟି ଟଙ୍କା। ଅର୍ଥାତ୍ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିକଟରେ ଦଳଗୁଡ଼ିକ ପକ୍ଷରୁ ଘୋଷଣା କରାଯାଇଥିବା ମୋଟ ସମ୍ପତ୍ତିର ପ୍ରାୟ ୭୦% କେବଳ ଭାଜପା ପାଖରେ ରହିଛି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ପକ୍ଷରୁ ଶୁକ୍ରବାର ପ୍ରକାଶିତ ଏକ ରିପୋର୍ଟରୁ ଏହି ବିଷୟ ପ୍ରଘଟ ହୋଇଛି।

ଏଡିଆର୍ ଉକ୍ତ ରିପୋର୍ଟରେ ଦର୍ଶାଇଛି ଯେ, ୨୦୧୯-୨୦ରେ ୭ ଜାତୀୟ ଦଳ ପାଖରେ ମୋଟ ୬,୯୮୮.୫୭ କୋଟି ଟଙ୍କାର ସମ୍ପତ୍ତି ଥିଲା। ଏହାର ୬୯.୩୭% ଅର୍ଥାତ୍ ୪,୮୪୭.୭୮ କୋଟି ଟଙ୍କା ସମ୍ପତ୍ତି ହେଉଛି କେବଳ ଭାଜପାର। ଗୈରିକ ଦଳ ପଛକୁ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ରହିଥିଲା। ବିଏସ୍‌ପି ୬୯୮.୩୩ କୋଟି ଟଙ୍କା ସମ୍ପତ୍ତିର ଅଧିକାରୀ ହୋଇ ଦ୍ୱିତୀୟ ଧନୀ ଦଳ ପାଲଟିଥିଲା। ଏହି ଅବଧି ମଧ୍ୟରେ କଂଗ୍ରେସର ସମ୍ପତ୍ତି ମୂଲ୍ୟ ୫୮୮.୧୬ କୋଟି ହୋଇଥିବାବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ (ସିପିଆଇଏମ୍) ୫୬୯.୫୧୯ କୋଟି ଟଙ୍କାର ସମ୍ପତ୍ତି ରଖିଥିଲା। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିକଟରେ ୨୪୭.୭୮ କୋଟି, ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ୨୯.୭୮ କୋଟି ଏବଂ ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୮.୨୦ କୋଟି ଟଙ୍କା ମୂଲ୍ୟ ସମ୍ପତ୍ତି ଘୋଷଣା କରିଥିବା ଏଡିଆର୍ କହିଛି। ଅନ୍ୟପକ୍ଷେ ଜାତୀୟ ଦଳଗୁଡ଼ିକ ଉପରେ ୭୪.୨୭ କୋଟି ଋଣ ଥିବାବେଳେ ତହିଁରୁ ସର୍ବାଧିକ ୪୯.୫୫ କୋଟି ଟଙ୍କା କେବଳ କଂଗ୍ରେସ ନେଇଛି। ୨୦୧୮-୧୯ରେ ୭ ଜାତୀୟ ଦଳ ମଧ୍ୟରୁ ଭାଜପାର ମୋଟ ସମ୍ପତ୍ତି ୫୪.୨୯% ବୃଦ୍ଧି ପାଇଥିବା ଏଡିଆର୍‌ର ୨୦୨୧ ବିଶ୍ଳେଷଣରୁ ଜଣାପଡ଼ିଛି।

ଅନୁରୂପ ଭାବେ ୪୪ ଆଞ୍ଚଳିକ ଦଳ ମଧ୍ୟ ସେମାନଙ୍କ ମୋଟ ସମ୍ପତ୍ତି ୨,୧୨୯.୩୮ କୋଟି ଟଙ୍କା ବୋଲି ଘୋଷଣା କରିଛନ୍ତି। ସେଗୁଡ଼ିକ ମଧ୍ୟରୁ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ପାଖରେ ସର୍ବାଧିକ ୫୬୩.୪୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ପାର୍ଟି ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ନିକଟରେ ୩୦୧.୪୭ କୋଟି ଟଙ୍କାର ସମ୍ପତ୍ତି ଥିବାବେଳେ ଏଆଇଏଡିଏମ୍‌କେ ୨୬୭.୬୧ କୋଟିର ସମ୍ପତ୍ତି ରଖିଥିବା ଘୋଷଣା କରିଥିଲା। ସବୁଠୁ ୧୦ ଧନୀ ଦଳ ମଧ୍ୟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା (୧୮୫.୯୦ କୋଟି), ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ (୧୮୪.୨୪ କୋଟି) ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ ୪୫.୦୯ କୋଟି ଟଙ୍କାର ସମ୍ପତ୍ତି ଘୋଷଣା କରିଥିବା ଏଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ପୁରୁଖାଙ୍କ ମଝିରେ ଏଏପିକୁ ଫାଇଦା


ଜଗମୋହନ ସିଂ ରାଜୁ (ଭାଜପା)


ନବଜୋତ୍ ସିଂ ସିଦ୍ଧୁ (କଂଗ୍ରେସ)


ବିକ୍ରମ ସିଂ ମାଜିଥିଆ (ଅକାଳୀ ଦଳ)

**ଅମୃତସର,୨୮।୧**

ଯେତିକି ହଲ୍‌ଚଲ୍ ଆମେ ବିଗତ ୫ ବର୍ଷରେ ଦେଖି ନ ଥିଲୁ ଏବେ ଆଗାମୀ ମାସେ ମଧ୍ୟରେ ଦେଖିବୁ ବୋଲି ଅମୃତସରର ଆନନ୍ଦନଗରର ବାସିନ୍ଦା ରମେଶ କୁମାର ମଜାରେ କହିଛନ୍ତି। ରମେଶ ହେଉଛନ୍ତି ଅମୃତସର ପୂର୍ବ ଆସନର ଜଣେ ଭୋଟର, ଯେଉଁଠି ସ୍ଥାନୀୟ ବିଧାୟକ ତଥା ପଞ୍ଜାବ କଂଗ୍ରେସ ସଭାପତି ନବଜୋତ୍ ସିଂ ସିଦ୍ଧୁଙ୍କ ବିରୋଧରେ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ବିକ୍ରମ ସିଂ ମାଜିଥିଆଙ୍କୁ ଟିକେଟ ଦେଇଛି। ସିଦ୍ଧୁଙ୍କ ପ୍ରଦର୍ଶନକୁ ନେଇ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି, ଏହି ନେତା ନିର୍ବାଚନମଣ୍ଡଳୀକୁ ପ୍ରାୟତଃ ଆସନ୍ତି ନାହିଁ। ନିଜ ପ୍ରତିନିଧିମାନଙ୍କ ଜରିଆରେ କିଛି କାମ କରାଇଥାଆନ୍ତି। କେବଳ ରମେଶ ନୁହନ୍ତି, ଏହି ହାଇପ୍ରୋଫାଇଲ ଆସନର ଅଧିକାଂଶ ଭୋଟର ଅନୁରୂପ ମତବ୍ୟକ୍ତ କରିଛନ୍ତି। ସେହିପରି ମାଜିଥିଆଙ୍କ ଏଣ୍ଟ୍ରି ଅମୃତସର ଇଷ୍ଟ ଆସନକୁ ଅକାଳୀଙ୍କ ପ୍ରବେଶ ଲାଗି ବାଟ ଫିଟାଇଥିବା ଜଶପ୍ରୀତ୍ ସିଂ ନାମକ ଜଣେ ଭୋଟର କହିଛନ୍ତି।

ଫେବୃୟାରୀ ୨୦ରେ ପଞ୍ଜାବ ବିଧାନସଭାର ୧୧୭ ଆସନରେ ଭୋଟ ଗ୍ରହଣ କରାଯିବ। ଭାଜପା ପକ୍ଷରୁ ୬୫ ଆସନରେ ପ୍ରାର୍ଥୀ ଦିଆଯାଇଥିବାବେଳେ ଏହାର ସହଯୋଗୀ ଦଳ ଅମରିନ୍ଦରଙ୍କ ପଞ୍ଜାବ ଲୋକ କଂଗ୍ରେସ ୩୭ ଆସନରେ ଲଢ଼ିବ। ସେହିପରି ସୁଖଦେବ ସିଂ ଧିନ୍ଦସାଙ୍କ ଏସ୍ଏଡି-ସଂଯୁକ୍ତ ୧୫ ଆସନରେ ପ୍ରାର୍ଥୀ ଦେବ। ଅମୃତସର ପୂର୍ବ ନିର୍ବାଚନମଣ୍ଡଳୀରେ ୨୦୧୧ ଜନଗଣନା ଅନୁସାରେ ହିନ୍ଦୁ ଭୋଟରଙ୍କ ସଂଖ୍ୟା ୪୯.୩୬% ହୋଇଥିବାବେଳେ ଶିଖ୍ ସମୁଦାୟର ମତଦାତା ୪୮ ପ୍ରତିଶତ ଅଛନ୍ତି।

ଆସନ ଅକାଳୀ ତଖ୍ତ ଏବଂ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟିର କେନ୍ଦ୍ରସ୍ଥଳ ହୋଇଥିବାରୁ ଏଠାରେ ଜିତିବା ଏସ୍ଏଡି ପାଇଁ ମର୍ଯ୍ୟାଦାର ପ୍ରଶ୍ନ ପାଲଟିଛି। ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ଗାଦିଚ୍ୟୁତ କରିଥିବା ପୂର୍ବତନ କ୍ରିକେଟର ସିଦ୍ଧୁ ଏବଂ ଏସ୍ଏଡି ମୁଖ୍ୟ ସୁଖବୀର ସିଂ ବାଦଲଙ୍କ ଶାଳକ ମାଜିଥିଆଙ୍କ ଆଗରେ ଏବେ ଦୁଇଜଣ ନୂଆ ଚ୍ୟାଲେଞ୍ଜର ଅବତୀର୍ଣ୍ଣ ହୋଇଥିବାରୁ ମୁକାବିଲା କଡ଼ା ହେବ ବୋଲି କୁହାଯାଉଛି। ଏହି ଆସନରେ ଭାଜପା ପକ୍ଷରୁ ଅମଲାତନ୍ତ୍ରୀ ଜଗମୋହନ ସିଂ ରାଜୁଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜୀବନଜୋତ୍ କୌରଙ୍କୁ ଟିକେଟ ଦେଇଛି। ବରିଷ୍ଠ ଆଇଏଏସ୍ ଅଫିସର ଜଗମୋହନ ସିଂ ରାଜୁ ନିର୍ବାଚନ ଲଢ଼ିବା ପାଇଁ ଗତ ୨୫ ତାରିଖରେ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ସେ ତାମିଲନାଡୁ ସରକାରଙ୍କ ଚିଫ୍ ରେସିଡେଣ୍ଟ କମିଶନର ଥିଲେ। ଏବେ ମା' ମାଟିର ସେବା କରିବାରେ ନିଜକୁ ଉତ୍ସର୍ଗ କରିବେ ବୋଲି ଜଗମୋହନ କହିଛନ୍ତି। ତେବେ ଏହି ନିର୍ବାଚନମଣ୍ଡଳୀରେ ଭାଜପାର ସାଙ୍ଗଠନିକ ସ୍ଥିତି ଭଲ ନ ଥିବାରୁ ଜଗମୋହନ ଜିତିପାରିବେ ନାହିଁ ବୋଲି ଭୋଟର ମତ ଦେଉଛନ୍ତି। ସିଦ୍ଧୁଙ୍କ କହିବା ହେଲା, ମାଜିଥିଆଙ୍କୁ ଭୋଟର ଆଦୌ ପସନ୍ଦ କରୁ ନ ଥିବାରୁ ସେ ଏଠାରେ ହାରିଯିବେ। ତେଣୁ ଏଏପି ସମର୍ଥକମାନେ ସିଦ୍ଧୁ ଓ ମାଜିଥିଆଙ୍କ ଲଢ଼େଇ ମଝିରେ ଜୀବନଜୋତ୍ ହିଁ ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି। ଜୀବନଜୋତ୍ ହେଉଛନ୍ତି ଏଏପିର ଜିଲା ସଭାନେତ୍ରୀ, ଯିଏକି ସମାଜସେବା ପାଇଁ ଅମୃତସରର ପ୍ୟାଡ୍‌ଓମେନ୍ ଭାବେ ଘରେ ଘରେ ପରିଚିତ। ତେବେ କଂଗ୍ରେସର ଦଳିତ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଏବଂ ଏଏପିର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଚେହେରା ଭଗୱନ୍ତ ମାନ୍ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ମତଦାତାଙ୍କୁ କେତେ ଆକର୍ଷିତ କରୁଛନ୍ତି ତାହା ମାର୍ଚ୍ଚ ୧୦ରେ ଜଣାପଡ଼ିବ।

## ଅମୃତସର ଲଢ଼େଇ


ଜୀବନଜୋତ୍ କୌର (ଏଏପି)

# ବିକାଶ ଲାଗି ଲୋକେ ଉପଯୁକ୍ତ ପ୍ରାର୍ଥୀ ବାଛନ୍ତୁ: ପୁରନ୍ଦେଶ୍ୱରୀ


ରାଜ୍ୟ ଭାଜପା କାର୍ଯ୍ୟାଳୟରେ 'ଲୋକଙ୍କ ଅଭିଯୋଗ–ଅପାରଗ ରାଜ୍ୟ ସରକାର' ଅଭିଯୋଗ ପତ୍ରର ରିଲିଜ୍ କରୁଛନ୍ତି ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ଓ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ଦୀର୍ଘ ୨୨ ବର୍ଷ ଧରି ବିଜେଡି ଶୋଷଣ ରାଜ୍ୟବାସୀ ଦେଖୁଛନ୍ତି। ବର୍ତ୍ତମାନ ଏଠାକାର ଲୋକେ ଏଭଳି କୁଶାସନରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି । ରାଜ୍ୟରେ ନବୀନ ସରକାର ବିଭିନ୍ନ ଜନମଙ୍ଗଳ ଯୋଜନାରୁ ଓଡ଼ିଶାବାସୀଙ୍କୁ ବଞ୍ଚିତ ରଖିଛନ୍ତି । କେନ୍ଦ୍ରରେ ମୋଦି ସରକାର ଗରିବଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରାଇଛନ୍ତି । ରାଜ୍ୟରେ ଯେଉଁ ବିକାଶ ହୋଇଛି, ତାହା କେନ୍ଦ୍ର ସରକାରଙ୍କ ଯୋଗୁ ସମ୍ଭବ ହୋଇପାରିଛି । ତେଣୁ ଓଡ଼ିଶାବାସୀ ଏବେ ପରିବର୍ତ୍ତନ ଚାହୁଁଛନ୍ତି। ଲୋକେମାନେ ଭଲରେ ଜାଣିସାରିଲେଣି କେଉଁ ଦଳ ଏଠାରେ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରୁଛି । ଏ ସମସ୍ତ ପ୍ରସଙ୍ଗକୁ ନେଇ ଭାଜପା ଲୋକଙ୍କ ପାଖକୁ ଯିବ। ରାଜ୍ୟବାସୀ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଆବଶ୍ୟକ ବୋଲି ଭାଜପା ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୁରନ୍ଦେଶ୍ୱରୀ ରାଜ୍ୟ ସରକାରଙ୍କ ବିରୋଧରେ 'ଲୋକଙ୍କ ଅଭିଯୋଗ –ଅପାରଗ ରାଜ୍ୟ ସରକାର' ଅଭିଯୋଗ ପତ୍ରର ରିଲିଜ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାଗଣାରେ ମିଳୁଥିବା ଆବାସ ଯୋଜନା ଏବଂ ଶୌଚାଳୟ ପାଇଁ ଗରିବ ହିତାଧିକାରୀମାନେ ଲାଞ୍ଚ କାହିଁକି ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବହୁ ଗରିବ ହିତାଧିକାରୀଙ୍କୁ କେନ୍ଦ୍ରୀୟ ଯୋଜନାରେ ଆସୁଥିବା ସୁବିଧା ଦିଆଯିବା ପରିବର୍ତ୍ତେ ଦଳୀୟ ଭିତ୍ତିରେ ରାଜ୍ୟର ଶାସକ ଦଳ ବଣ୍ଟନ କରୁଥିବା ସେ ଅଭିଯୋଗ କରିଛନ୍ତି। ୩୭ ପ୍ରତିଶତ ଜମିକୁ ଜଳସେଚନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ୨୨ ବର୍ଷର ଶାସନ ପରେ ସରକାର ରାଜ୍ୟର ୨୨ ପ୍ରତିଶତ ଜମି ଜଳସେଚନ କରିବାରେ ବିଫଳ ହୋଇଛନ୍ତି। ଆଳୁ ଏବଂ ପିଆଜ ମିଶନ ଓଡ଼ିଶାରେ ବିଫଳ ହୋଇଛି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ମୋଦି ସରକାର ଓଡ଼ିଶାକୁ ଆର୍ଥିକ ସହାୟତା ଭାବେ ହଜାର ହଜାର କୋଟି ଟଙ୍କା ଯୋଗାଉଛନ୍ତି, ତଥାପି ରାଜ୍ୟର ୩୦ ପ୍ରତିଶତ ଓଡ଼ିଆ କାହିଁକି ଗରିବ ରହୁଛନ୍ତି ବୋଲି ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବହୁତ ପଛରେ ରହିଯାଇଛି । ଲକ୍ଷ ଲକ୍ଷ ସଂଖ୍ୟାରେ ଚାକିରି ଖୋଜିବା ପାଇଁ ଏଠାକାର ଯୁବକମାନେ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। କେନ୍ଦ୍ରରୁ କୋଟି କୋଟି ଟଙ୍କା ଆସୁଥିବା ସତ୍ତ୍ୱେ ପଞ୍ଚାୟତଗୁଡ଼ିକ ନିଜ ଆବଶ୍ୟକତା ଅନୁସାରେ କାହିଁକି ଖର୍ଚ୍ଚ କରି ପାରୁନାହାନ୍ତି ବୋଲି ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି । ୨୦୨୧ ସୁଦ୍ଧା ରାଜ୍ୟର ଋଣ ଭାର ୧.୫ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଲାଣି। ବର୍ତ୍ତମାନ କାହିଁକି ଓଡ଼ିଶାରେ ଶିଶୁଟି ୨୬,୨୨୨ ଟଙ୍କାର ଋଣ ବୋଝ ନେଇ ଜନ୍ମ ହେବ ଏହାର ଉତ୍ତର ରାଜ୍ୟ ସରକାର ରଖନ୍ତୁ ବୋଲି ପୁରନ୍ଦେଶ୍ୱରୀ ଦାବି କରିଛନ୍ତି।

# ଭୋଟ ପାଇଁ ଭାଜପାର ଶପଥପାଠ

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

**ନିର୍ବାଚନ କମିଶନଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି**

ପଞ୍ଚାୟତ ନିର୍ବାଚନ ପାଇଁ ଜାରି ହୋଇଥିବା ଆଦର୍ଶ ଆଚରଣ ବିଧିକୁ ଭାଜପା ମାନୁନାହିଁ। ଭୋଟ ହାତେଇବା ପାଇଁ ଧର୍ମ ନାଁରେ ଶପଥପାଠ କରାଉଛି। ଧାମନଗରର କରଡ଼ା ପଞ୍ଚାୟତରେ ଭାଜପା ବିଧାୟକ ବିଷ୍ଣୁ ସେଠୀଙ୍କ ନେତୃତ୍ୱରେ ଧର୍ମ ନାଁରେ ଭୋଟ ପାଇଁ ଶପଥପାଠ କରାଯାଇଥିବା ବିଜେଡି ଅଭିଯୋଗ ଆଣିଛି। ବିଧାୟକ ସେଠୀ ଓ ଭାଜପା ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିକରି ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ବିଜେଡି ଦର୍ଶାଇଛି, ଗତ ୨୬ ତାରିଖରେ ଧାମନଗର କରଡ଼ା ପଞ୍ଚାୟତରେ ଭାଜପା ବିଧାୟକ ସେଠୀଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ଦଳୀୟ ଲୋକ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାସହ ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ଧର୍ମ ନାଁରେ ଉକ୍ତ କାର୍ଯ୍ୟକ୍ରମରେ ଶପଥପାଠ କରାଯାଇଥିଲା।

ଲିସ୍‌ବନ୍‌ରେ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ତଥା ସୋସିଆଲିଷ୍ଟ ପାର୍ଟି ସାଧାରଣ ସମ୍ପାଦକ ଆଣ୍ଟୋନିଓ କୋଷ୍ଟା ଶୁକ୍ରବାର ପ୍ରଚାର ବେଳେ ନିଜ ସମର୍ଥକମାନଙ୍କୁ ଅଭିବାଦନ ଜଣାଉଛନ୍ତି। ଜାନୁୟାରୀ ୩୦ରେ ପର୍ତ୍ତୁଗାଲରେ ସାଧାରଣ ନିର୍ବାଚନ ହେବ।



# ବିଡିଓଙ୍କ ସମେତ ୪ ଜଣଙ୍କ ନାମରେ ମାମଲା


ବିଡିଓଙ୍କ କାର୍ଯ୍ୟାଳୟରେ ଏସ୍‌ଡିପିଓ ତଦନ୍ତ କରୁଛନ୍ତି।

**ଦଶମନ୍ତପୁର,୨୮।୧,(ଡି.ଏନ୍.ଏ.)**

**ଜାଲ୍ ଦସ୍ତଖତରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଘଟଣା**

ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନରେ ଦଶମନ୍ତପୁର ବ୍ଲକ ଫୁଲବେଡ଼ା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଈଶ୍ୱର ଗାଦବାଙ୍କ ଜାଲ୍ ଦସ୍ତଖତ କରି ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନିଆଯାଇଥିଲା। ଏହି ଘଟଣା ଜାଣିବା ପରେ ଈଶ୍ୱର ଦଶମନ୍ତପୁର ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଥାନାରେ ବିଡିଓଙ୍କ ସମେତ ୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଫୁଲବେଡ଼ାର ମକର ଗୋଲୋରି,ଉମ୍ବରୁ ଗାଦବା, ରମେଶ ଖରା ଓ ବିଡିଓ ନାମରେ କେସ୍ ନଂ. ୧, ସେକ୍ସନ ୪୧୯, ୪୨୦, ୪୬୮, ୪୭୧,୧୮୮, ଓ ୩୪ ଆଇପିସି ଧାରାରେ ଏହି ମାମଲା ହୋଇଥିବା ଥାନା ଅଧିକାରୀ ବିଜୟରାଜ ମାଝି କହିଛନ୍ତି । ଶୁକ୍ରବାର କୋରାପୁଟ ଏସ୍‌ଡିପିଓ ମନୋଜ ପୂଜାରୀ ଦଶମନ୍ତପୁର ବ୍ଲକ ବିଡିଓଙ୍କ ପ୍ରକୋଷ୍ଠରେ ତଦନ୍ତ କରିବା ସହ ନାମାଙ୍କନପତ୍ର ଓ ପ୍ରତ୍ୟାହାର ପତ୍ରର ସ୍ୱାକ୍ଷରରେ ମେଳ ହେଉ ନ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ସମୟର ସିସିଟିଭି ଫୁଟେଜକୁ ନଷ୍ଟ କରାଯାଇଥିବା କୁହାଯାଉଛି।

# ରାତାରାତି ବଦଳିଗଲା ନିର୍ବାଚନୀ ଚିହ୍ନ

**ବରଗଡ଼ ଅଫିସ୍,୨୮।୧**

ପଞ୍ଚାୟତ ଭୋଟ୍‌କୁ ନେଇ ବରଗଡ଼ ଜିଲାରେ ଘଡ଼ିକେ ଘୋଡ଼ା ଛୁଟୁଛି। ଜିଲାର ଅମ୍ବାଭୋନା ବ୍ଲକର ଜିଲା ପରିଷଦ ଜୋନ–୨ରୁ କଂଗ୍ରେସ ଓ ଭାଜପା ପ୍ରାର୍ଥିନୀ ନାମାଙ୍କନ ପ୍ରତ୍ୟାହାର କରିବା ପରେ ସହଜରେ ବିଜେଡ଼ି ଏହି ଆସନକୁ ହାତେଇ ପାରିଛି ଏବଂ ଏହି ଆସନରୁ ରାଜ୍ୟରେ ପଞ୍ଚାୟତ ଭୋଟ୍‌ରେ ବିଜେଡ଼ି ଖାତା ଖୋଲିଛି। ଏହି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଉକ୍ତ ବ୍ଲକ ଅନ୍ତର୍ଗତ ଲଖନପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ସୀମାନ୍ତ କୁମାର ସାହୁଙ୍କ ନିର୍ବାଚନୀ ଚିହ୍ନ ରାତାରାତି ବଦଳିଯିବା ଏବେ ଆଲୋଚନାର ବିଷୟ ହୋଇଛି। ଏ ନେଇ ଶୁକ୍ରବାର ସରପଞ୍ଚ ପ୍ରାର୍ଥୀ ସୀମାନ୍ତ ବରଗଡ଼ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ନିକଟରେ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଲଖନପୁର ପଞ୍ଚାୟତର ସରପଞ୍ଚ ଆସନ ପାଇଁ ୫ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଗତ ୨୫ତାରିଖରେ ପ୍ରଥମେ ପ୍ରକାଶିତ ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ତାଲିକାରେ ପ୍ରାର୍ଥୀ ସୀମାନ୍ତଙ୍କୁ ଖୋଲାଛତା ଚିହ୍ନ ମିଳିଥିଲା ଏବଂ ସେ ନେଇ ପଞ୍ଚାୟତ ନୋଟିସ ବୋର୍ଡ଼ରେ ମଧ୍ୟ ଉଲ୍ଲେଖ ରହିଥିବା ସୀମାନ୍ତ କହିଛନ୍ତି। ଏହାପରେ ସେ ସେହି ଚିହ୍ନକୁ ନେଇ ବ୍ୟାନର, ପୋଷ୍ଟର ଛାପିଥିବାବେଳେ ତାଙ୍କ ସମର୍ଥକଙ୍କୁ ଖୋଲାଛତାରେ ପ୍ରଚାର କରିବାକୁ କହିଥିବା ସୀମାନ୍ତ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ସମୟରେ ତାହା ପରିବର୍ତ୍ତନ କରାଯାଇ ଅନ୍ୟ ଏକ ତାଲିକାରେ ସୀମାନ୍ତଙ୍କୁ ଲଙ୍ଗଳ ଚିହ୍ନ ମିଳିଥିବା ନେଇ ଉଲ୍ଲେଖ ରହିଛି ଏବଂ ଏହାକୁ ନେଇ ତାଙ୍କ ସମର୍ଥକ ତଥା ଭୋଟରମାନେ ଦ୍ୱନ୍ଦ୍ୱରେ ପଡ଼ିଥିବା ସେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ପଞ୍ଚାୟତର ଅନ୍ୟ ୨ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ବଦଳିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ କହିଛନ୍ତି।


ଜଣେ ସରପଞ୍ଚ ପ୍ରାର୍ଥୀ ଏଡ଼ିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ବିଜେଡି କାର୍ଯ୍ୟକର୍ତ୍ତା ସାଜି କାମ କରୁଛନ୍ତି ସରକାରୀ ଅଧିକାରୀ: ଭାଜପା

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

**ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ**

ଶାସକ ଦଳ ପାଇଁ ପଞ୍ଚାୟତ ନିର୍ବାଚନ ପ୍ରଚାରରେ ସରକାରୀ ଅଫିସରମାନେ ମାତିଛନ୍ତି। ସରକାରୀ ଅଧିକାରୀମାନେ ବିଜେଡି ସପକ୍ଷରେ ଭୋଟ ଆଣିବା ଦାୟିତ୍ୱରେ ଲାଗିଛନ୍ତି। ଏଭଳି କିଛି ଅଭିଯୋଗ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭାଜପା ପ୍ରତିନିଧି ଦଳ ଶନିବାର ଭେଟିଛି। ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ମାଲକାନାଗିରି କାଲିମେଳା ଜୋନ୍‌ରେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ରୀନା କବାସି ଅପହରଣ ଘଟଣାରେ ହୋମ୍‌ଗାର୍ଡ ସୁଧୀର ସ୍ୱାଇଁ ନିଜ ଆକାଉଣ୍ଟରୁ ରୀନାଙ୍କ ପିତାଙ୍କୁ ଟଙ୍କା ଦେଇଛନ୍ତି। ଏକଥା ରୀନାଙ୍କ ଭାଇ ଗଣମାଧ୍ୟମ ଆଗରେ କହିଛନ୍ତି। ଏହାସହ ହୋମ୍‌ଗାର୍ଡଙ୍କ ଆକାଉଣ୍ଟରୁ ଟଙ୍କା ଯାଇଥିବାର ପ୍ରମାଣ ମଧ୍ୟ ମିଳିଛି। ଏହା ବିରୋଧରେ ଏତଲା ଦାୟର କରାଯାଇଛି। ହୋମ୍‌ଗାର୍ଡ ସୁଧୀର ଜଣେ ସରକାରୀ କର୍ମଚାରୀ ହୋଇ ମଧ୍ୟ ଭାଜପା ପ୍ରାର୍ଥୀଙ୍କୁ ପ୍ରଲୋଭନ ଦେଖାଇବା ସହ ଧମକାଇଛନ୍ତି। ସେହିପରି ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ହେଁ ସେ ବିଡିଓଙ୍କ ଉପସ୍ଥିତିରେ ବ୍ଲକ ଅଫିସ୍‌ରେ ପତାକା ଉତ୍ତୋଳନ କରିଛନ୍ତି। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ସେହିପରି ପୋଲସରା ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା ସରକାରୀ ଅଫିସକୁ ବିଜେଡି ଅଫିସରେ ପରିଣତ କରିଦେଇଛନ୍ତି। ଚିକିଟିର ପାତ୍ରପୁର ବ୍ଲକ ଅଙ୍କୁଲି ପଞ୍ଚାୟତରେ ଏକ ମାତ୍ର ପ୍ରାର୍ଥୀ ନମିତା ନାୟକ ଜିତିଥିଲେ ମଧ୍ୟ ବିଡିଓ ଚକ୍ରାନ୍ତ କରି ପ୍ରାର୍ଥିପତ୍ର ଚୋରିର ବାହାନାକରି ଆଉ ଥରେ ନିର୍ବାଚନ କରୁଛନ୍ତି। ଏସବୁ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛି।

# ଘୋଡ଼ାରେ ଚଢ଼ି ୬୨ ବର୍ଷୀୟ ପ୍ରାର୍ଥୀଙ୍କ ପ୍ରଚାର

**କେନ୍ଦ୍ରାପଡ଼ା ଅଫିସ, ୨୮।୧**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ସମିତିସଭ୍ୟ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ଭୋଟ ଭିକ୍ଷା ଭିଡିଓ ଏବେ ଜିଲାରେ ଭାଇରାଲ ହେବାରେ ଲାଗିଛି। ସାହୁ କାହିଁକି ପ୍ରାର୍ଥୀ ହୋଇଛନ୍ତି କହିବା ପାଇଁ ଘୋଡ଼ାର ସାହାରା ନେଇଛନ୍ତି। ଘୋଡ଼ା ପିଠିରେ ବସି ଘରକୁ ଘର ବୁଲି ପ୍ରାର୍ଥିତ୍ୱ ସମ୍ପର୍କରେ ବୁଝାଉଛନ୍ତି। ୬୨ ବର୍ଷୀୟ ଏହି ପ୍ରାର୍ଥୀଙ୍କ ପ୍ରଚାରକୁ ପଞ୍ଚାୟତବାସୀ ମନଭରି ଉପଭୋଗ କରୁଛନ୍ତି। ବିଶେଷ କରି ନୂତନ ଓ ଯୁବବର୍ଗ ଭୋଟର ଘୋଡ଼ା ପଛରେ ରହି ପ୍ରଚାରକୁ ଆଗକୁ ନେଉଛନ୍ତି। ଏ ସମ୍ପର୍କରେ ପ୍ରାର୍ଥୀ ସାହୁ କୁହନ୍ତି, ରାଜ୍ୟ ସରକାର କୋଭିଡ୍-୧୯ କଟକଣା ଜାରି କରିଛନ୍ତି। ଏଥିସହ ରାଜ୍ୟ ନିର୍ବାଚନ କମିଶନ ମାତ୍ର ୫ ଜଣଙ୍କୁ ସାଙ୍ଗରେ ଧରି ପ୍ରାର୍ଥୀଙ୍କୁ ପ୍ରଚାର ପାଇ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ କଟକଣାକୁ ଗୁରୁତ୍ୱ ଦେଇ ଘୋଡ଼ାରେ ପ୍ରଚାର ସହଜ ଓ ସୁବିଧା ହେଉଛି। ଅପରପକ୍ଷରେ ପ୍ରଚାରରେ ଅଧିକାଂଶ ପ୍ରାର୍ଥୀ ବାଇକ୍ ଓ ୪ ଚକିଆ ଗାଡ଼ି ବ୍ୟବହାର କରୁଛନ୍ତି। ଅତ୍ୟଧିକ ତେଲ ଦରକୁ ବିରୋଧ କରୁଥିବା ଜଣେ ଶୁଭେଚ୍ଛୁ ଏହି ଘୋଡାକୁ ପ୍ରଚାର କାର୍ଯ୍ୟରେ ଲଗାଇବା ପାଇଁ ଦେଇଛନ୍ତି। ଘୋଡା କେବଳ ନିର୍ବାଚନୀ ପ୍ରଚାର ଖର୍ଚ୍ଚକୁ କମ କରିନାହିଁ, ବରଂ ଭୋଟରଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। ପ୍ରଚାର ସମୟରେ ତେଲ ଦର ବୃଦ୍ଧିକୁ ବିରୋଧ କରୁଛି। ସାନଜରିଆ ପଞ୍ଚାୟତର ଭୋଟର ରଘୁନନ୍ଦନ ଦାସ, ଜୟନ୍ତ ସାହୁ କୁହନ୍ତି, ଶ୍ରୀକାନ୍ତଙ୍କ ଏହି ଅଭିନବ ନିର୍ବାଚନ ପ୍ରଚାର କୌଶଳ ସମସ୍ତଙ୍କୁ ଆକର୍ଷିତ କରିଛି। ଯେଉଁଠିକୁ ଗଲେ ପ୍ରତ୍ୟେକ ସ୍ଥାନରେ ଭୋଟରମାନେ ଅଟକାଇ ରଖୁଛନ୍ତି। ପ୍ରଚାର ସମୟର ଘୋଡା ଚଢ଼ା ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୂଚନାଯୋଗ୍ୟ, ଶ୍ରୀକାନ୍ତ ଗତ ପଞ୍ଚାୟତ ନିର୍ବାଚନରେ ଅରଡପଲ୍ଲୀରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏଥର ଅରଡପଲ୍ଲୀ ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷଣ ଥିବାରୁ ସାହୁ ସାନଜରିଆରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।


ଘୋଡ଼ାରେ ଚଢ଼ି ପ୍ରଚାର କରୁଛନ୍ତି ଶ୍ରୀକାନ୍ତ ସାହୁ।

# ନିର୍ଦ୍ୱନ୍ଦ୍ୱ ପରେ ବିଜେଡିରେ ସମିତିସଭ୍ୟା

**ପରଜଙ୍ଗ, ୨୮।୧(ଡି.ଏନ୍.ଏ.)**

**ନାମାଙ୍କନ ପ୍ରତ୍ୟାହାର ପୂର୍ବରୁ ଭାଜପାରେ ମିଶିଥିଲେ**

ଗତ ନିର୍ବାଚନରେ ବିଜେଡି ସମର୍ଥନରେ ଜିତିଥିଲେ ସମିତିସଭ୍ୟ ପଦବୀ। ଚଳିତ ନିର୍ବାଚନରେ ପୁନର୍ବାର ସମିତିସଭ୍ୟ ଆଶାୟୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ତେବେ ଅପ୍ରତ୍ୟାଶିତ ଭାବେ ନାମାଙ୍କନ ପ୍ରତ୍ୟାହାର ପୂର୍ବଦିନ ସମର୍ଥକଙ୍କ ଗହଣରେ ଯୋଗଦେଲେ ଭାଜପାରେ। ଫଳରେ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରିଥିବା ଭାଜପା ସମର୍ଥିତ ସମିତିସଭ୍ୟା ଆଶାୟୀ ନିଜର ନାମାଙ୍କନ ପ୍ରତ୍ୟାହାର କରିନେଲେ। ଏହାପରେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତର ସମିତିସଭ୍ୟା ଭାବେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି ସୁରମା ଜେନା। ହେଲେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାର ଦୁଇଦିନ ନ ପୂରୁଣୁ ପୁଣି ବିଜେଡି ଶିବିରକୁ ସେ ପ୍ରତ୍ୟାବର୍ତ୍ତନ କରିବା ଆଞ୍ଚଳିକ ରାଜନୀତିରେ ଚର୍ଚ୍ଚିତ ବିଷୟ ପାଲଟିଛି। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ଶାସକ ଦଳର ସଫଳ କୂଟନୀତି ବୋଲି କହୁଥିବାବେଳେ ନବୀନ ସରକାରଙ୍କ ନୀତି ଆଦର୍ଶ ଏବଂ ସ୍ଥାନୀୟ ନେତୃମଣ୍ଡଳୀଙ୍କ ଭାବମୂର୍ତ୍ତି ପାଇଁ ଘରବାହୁଡ଼ା କରିଥିବା ସୁରମା ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଚଳିତ ନିର୍ବାଚନରେ କୁଆଲୋ ପଞ୍ଚାୟତର ସମିତିସଭ୍ୟ ପଦବୀ ମହିଳା ବର୍ଗ ଲାଗି ସଂରକ୍ଷିତ ରହିଛି। ଏଥିଲାଗି ବିଜେଡି ସମର୍ଥନରେ ସୁରମା ଏବଂ ଭାଜପା ସମର୍ଥନରେ ସ୍ନେହଲତା ବେହେରା ନାମାଙ୍କନ ଦାଖଲ କରିଥିଲେ। ତେବେ ୨୪ ତାରିଖ ରାତିରେ ହଠାତ୍ ସୁରମା ଭାଜପାରେ ଯୋଗଦେଇଥିଲେ। ଏହି ସମୟରେ ସ୍ୱାମୀ ଶ୍ରବଣ କୁମାର ଜେନା ମଧ୍ୟ ଉପସ୍ଥିତ ଥିଲେ। ଦଳୀୟ ଆଲୋଚନାକ୍ରମେ ସ୍ନେହଲତା ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିଲେ। ଏହାପରେ ସୁରମା ଏକମାତ୍ର ପ୍ରାର୍ଥିନୀ ହୋଇଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ। ତେବେ ଗୁରୁବାର ରାତିରେ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ଡିହଡୋଳସ୍ଥିତ ବାସଭବନରେ ସୁରମା ବିଜେଡିରେ ଯୋଗଦେଇଛନ୍ତି। ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଯୁବନେତା ଅସିତ୍ କୁମାର ରାୟଚୌଧୁରୀ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସଙ୍ଗଠକ ପ୍ରିୟଦର୍ଶୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ଭାଜପା ମଣ୍ଡଳ ସଭାପତି ଦୟାନିଧି ସାହୁ ପ୍ରତିକ୍ରିୟାରେ କୁହନ୍ତି, ସେ ବିଜେଡି ଛାଡ଼ି ଭାଜପାରେ ମିଶିଥିଲେ। ତେବେ କାହିଁକି ପୁଣି ବିଜେଡିକୁ ଗଲେ, ସେଠାରେ କେତେଦିନ ରହିବେ କି ପୁଣି ଫେରିବେ ତାହା ଜାଣି ନ ଥିବା ସେ କହିଛନ୍ତି।


ବିଜେଡିରେ ସାମିଲ ହେବା ଅବସରରେ ସୁରମା ଜେନା ଓ ଅନ୍ୟମାନେ।

## ସଂକ୍ଷେପରେ

### ଶିମିଳିପାଳରେ ମାଈ ହାତୀ ମୃତ



**ବାରିପଦା ଅଫିସ,୨୮।୧:** ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନର୍ଥ ଡିଭିଜନ ପିଠାବଟା ରେଞ୍ଜ ଚମ୍ପାଗଡ଼ରେ ଏକ ମାଈ ହାତୀର ମୃତ୍ୟୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତଶରୀର ବ୍ୟବଚ୍ଛେଦ ପରେ ରକ୍ତ ନମୁନା ପରୀକ୍ଷା ପାଇଁ ଡେରାଡୁନକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ଏମ୍.ଜଗଜ୍ୟାନନ୍ଦ ପ୍ରକାଶ କରିଛନ୍ତି। ମୃତ ହାତୀର ବୟସ ୧୫ବର୍ଷ ହେବ ବୋଲି ବନ ବିଭାଗ କହିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ତ୍ରାକ୍ସ ଜନିତ ରୋଗରେ ହାତୀଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା, ପିଠାବଟା ରେଞ୍ଜ ଅଧିକାରୀ ଓ ଶିମିଳିପାଳ ୱାଇଲ୍ଡ ଲାଇଫ ଡା. ପିୟୂଷ ସୋରେନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ୩ ଲକ୍ଷ ଝାମ୍ପିନେଲେ

**ରାଇରଙ୍ଗପୁର,୨୮।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଶୁକ୍ରବାର ୨ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କଠାରୁ ୩ ଲକ୍ଷ ଟଙ୍କା ଝାମ୍ପି ନେଇ ପଳାଇ ଯାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବହଳଦା ଥାନା ଅଧୀନ ତେନ୍ତଲା ଗ୍ରାମର ଆହ୍ଲାଦ ଚରଣ ମର୍ମୁ ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ରାଇରଙ୍ଗପୁର ସ୍ଥିତ ଷ୍ଟେଟ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ କାର୍ ଯୋଗେ ସହରସ୍ଥିତ ହୋଟେଲ ନିଶାମଣି ନିକଟକୁ ଯାଇଥିଲେ। ସେଠାରେ ଟଙ୍କା ବ୍ୟାଗ ଧରି କାର୍‌ରୁ ଓହ୍ଲାଇବା ମାତ୍ରେ ବାଇକ୍ ଯୋଗେ ଦୁଇ ଦୁର୍ବୃତ୍ତ ଆସି ତାଙ୍କ ହାତରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ପଳାଇ ଯାଇଥିଲେ। ଟାଉନ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ ଓ ଚଢ଼ାଉ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇପାରି ନାହାନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୩୧/୨୨) ରୁଜୁ ହୋଇଛି।

### ଧର୍ମ ପରିବର୍ତ୍ତନ ଉଦ୍ୟମରୁ ଉତ୍ତେଜନା
#### ପୋଲିସ ହସ୍ତକ୍ଷେପରେ ସମାଧାନ ହେଲା ମାମଲା

**ଗୁଣପୁର,୨୮।୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ପୌରାଞ୍ଚଳ ଅଧୀନ ବଡ଼ ଆର୍ସିଂଗୁଡ଼ାଠାରେ ଧର୍ମାନ୍ତରୀକରଣକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖା ଦେଇଥିଲା। ପ୍ରୋଲଭନ ଦେଖାଇ ଧର୍ମାନ୍ତରୀକରଣ କରାଯାଉଥିବାରୁ ଗ୍ରାମର ଲୋକଙ୍କ ମଧ୍ୟରେ ଅଶାନ୍ତି ଦେଖା ଦେଇଥିଲା। ଏହାକୁ ନେଇ ଗୁଣପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚିଥିଲା। ଆଗକୁ ଏଭଳି ନ କରିବାକୁ ଚେତାବନି ଦେବା ସହ ବୁଝାଶୁଝା ପରେ ଉତ୍ତେଜନା କମିବା ସହ ଧର୍ମାନ୍ତରୀକରଣ କାର୍ଯ୍ୟ ବନ୍ଦ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଡେସାଲ ଗ୍ରାମର ମାନସି ଶବର ବଡ଼ ଆର୍ସିଂଗୁଡ଼ା ଗ୍ରାମକୁ ଆସି ରଥ ଶବରଙ୍କୁ ଟଙ୍କା ପ୍ରଲୋଭନ ସହ ରୋଗରୁ ସୁସ୍ଥ ହୋଇଯିବେ କହି ଧର୍ମ ପରିବର୍ତ୍ତନ କରାଉଥିଲେ। ଏହା ଦେଖି ଗାଁରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

### ଲ୍ୟାମ୍ପ୍ସ ନିର୍ଦ୍ଦେଶକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ
#### ୧କୋଟି ୪୧ଲକ୍ଷ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ



**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨୮।୧ (ଡି.ଏନ୍.ଏ.):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ କୁକୁଡ଼ା ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ପରିକ୍ଷିତ ସାହୁଙ୍କ ବାସଭବନରେ ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ପୂଜାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ନିର୍ଦ୍ଦେଶକ ସାହୁଙ୍କ ସରକାରୀ ଅଫିସ୍ ଓ ରାଜଗାଙ୍ଗପୁର ସହର ଭାଟାପଡାସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ତାଙ୍କ ବାସଭବନରୁ ୬୦ହଜାର ନଗଦ ଟଙ୍କା ଓ ଏକ କୋଟି ୪୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ମଣ୍ଡି ନେଉନି ଧାନ, ଚାଷୀଙ୍କ ରାସ୍ତା ଅବରୋଧ

**ପୁରୁଷୋତ୍ତମପୁର,୨୮।୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡବରଗାଁର ଚାଷୀମାନେ ଶୁକ୍ରବାର ଅମଳ ଧାନକୁ ରାସ୍ତା ଉପରେ ରଖି ଆନ୍ଦୋଳନ କରିଛନ୍ତି। ଯାହାଦ୍ୱାରା ଆଛୁଲି-କୋଦଳା ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଗତ ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ କିଛି ଧାନ ଅମଳ ହୋଇଛି। ଏହି ଧାନକୁ ମଣ୍ଡି ନେଉନାହିଁ। ମିଲରମାନେ ବସ୍ତା ୭୫ କେଜି ବଦଳରେ ୮୦ କେଜି ଦାବି କରି ଶୋଷଣ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିନେଇ ଯୋଗାଣ ବିଭାଗ ଗୁରୁତ୍ୱ ଦେଉନାହିଁ। ଅମଳ ଧାନ ଜମିରେ ପଡିରହି ବାର୍ହା ଖାଇ ନଷ୍ଟ କରିଦେଲାଣି। କରଜ କିପରି ଶୁଝିବେ ସେଥିନେଇ ଚିନ୍ତାରେ ପଡିଛନ୍ତି। ତୁରନ୍ତ ଉପଯୁକ୍ତ ମୂଲ୍ୟରେ ମଣ୍ଡି, ମିଲର ଧାନ କିଣିବା ଲାଗି ଚାଷୀମାନେ ଦାବି କରିଛନ୍ତି। ଖବର ପାଇ ପୁରୁଷୋତ୍ତମପୁର ପୋଲିସ ଥାନା ଏସ୍‌ଆଇ ସୁନିଲ୍ କୁମାର ପ୍ରଧାନ ଘଟଣାସ୍ଥଳକୁ ଆସି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିବା ସହ ତହସିଲଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।



ରାସ୍ତା ଅବରୋଧ କରି ଧାରଣାରେ ଚାଷୀମାନେ ବସିଛନ୍ତି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ
## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

**ବାଲେଶ୍ୱର ଅଫିସ, ୨୮।୧**

ବାଲେଶ୍ୱର ଆଡିସନାଲ୍ ସେସନ୍ସ -କମ୍ ସ୍ପେଶାଲ ଜଜ୍ କୋର୍ଟରେ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଏହାର ଶୁଣାଣି କରି ଅଭିଯୁକ୍ତ ମନ୍ମଥ ଜେନା (୫୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ୍ ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୧୮ ମେ' ୧୬ତାରିଖରେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଘରେ ଜେଜେମା'ଙ୍କ ସହ ଥିଲେ। ତାଙ୍କ ମା' ଓ ବାପା କୌଣସି କାମରେ ବାହାରକୁ ଯାଇଥିବା ବେଳେ ମନ୍ମଥ ପହଞ୍ଚି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ନାବାଳିକା ଜଣକ ଆହତ ହେବା ସହ ଚିତ୍କାର କରିଥିଲେ। ଘଟଣାସ୍ଥଳରେ ଜେଜେମା' ପହଞ୍ଚିବାରୁ ଅଭିଯୁକ୍ତଜଣକ ଦୌଡ଼ି ପଳାଇଥିଲେ। ଘରେ ନାବାଳିକାଙ୍କ ମା' ପହଞ୍ଚି ଘଟଣା ସମ୍ପର୍କରେ ଜାଣି ସ୍ୱାମୀଙ୍କୁ ଫୋନ୍ କରି ଜଣାଇଥିଲେ। ଏନେଇ ଗ୍ରାମରେ ଭଦ୍ରଲୋକଙ୍କ ସହ ଆଲୋଚନା କରି ପରଦିନ ଅର୍ଥାତ୍ ୧୭ ତାରିଖରେ ବାଲିଆପାଳ ଥାନାରେ ନାବାଳିକାଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ। ଏନେଇ ବାଲିଆପାଳ ଥାନାରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା (ନଂ.୧୩୬/୧୮) ରୁଜୁ ହୋଇ କୋର୍ଟରେ ମାମଲା ବିଚାରଧୀନ ରହିଥିଲା। ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ୯୯% ଲକ୍ଷ୍ୟ, ୭୧%ଙ୍କୁ ମିଳିଛି ନିଯୁକ୍ତି
## ଭିସୁଟ୍‌ର ସମାବର୍ତ୍ତନ ଉତ୍ସବ ୩୧ରେ

**ସମ୍ବଲପୁର,୨୮।୧(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷ ଶେଷ ହୋଇନାହିଁ, ହେଲେ ଶେଷ ବର୍ଷର ୭୧ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କମ୍ପାନୀ ପକ୍ଷରୁ ନିଯୁକ୍ତି ଦେବାକୁ ଅଫର ଦିଆସରିଛି। ସମ୍ବଲପୁର ଭିସୁଟ୍ ପକ୍ଷରୁ ୯୯ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ଦେବାର ଲକ୍ଷ୍ୟ ରହିଛି ବୋଲି ଶୁକ୍ରବାର ଭିସୁଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବଂଶୀଧର ମାଝି କହିଥିଲେ। ସେ ଆହୁରି କହିଥିଲେ, ଜାନୁୟାରୀ ୩୧ରେ ଭିସୁଟ୍‌ର ୧୩ତମ ସମାବର୍ତ୍ତନ ଉତ୍ସବ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହେବ। କୋଭିଡ୍ ସମୟରେ ମଧ୍ୟ ଶିକ୍ଷାଦାନ ଓ ନିଯୁକ୍ତି କ୍ଷେତ୍ରରେ ପ୍ରଭାବ ପଡିନାହିଁ। ବିଗତ ବର୍ଷରେ ୯୫ ପ୍ରତିଶତ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ଉନ୍ନତମାନର ଶିକ୍ଷାଦାନ ଓ ଗବେଷଣା ନେଇ ଯୋଜନା କରାଯାଉଛି। ରାଜ୍ୟ ବାହାର ଶିକ୍ଷା ଅନୁଷ୍ଠାନ ସହିତ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ବିଭିନ୍ନ ବିଭାଗ ଏକାଠି ଗବେଷଣା କରିବା ନେଇ ସୁବିଧା ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସମାବର୍ତ୍ତନ ଉତ୍ସବରେ ୧୨୩୪ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି। ସେମାନଙ୍କ ମଧ୍ୟରେ ୮୭୨ ବିଟେକ, ୨୪ ବି-ଆର୍ଚ,୧୦୯ ଜଣ ଏମ୍‌ଟେକ, ୨୬ ଏମ୍‌ସିଏ, ୫୭ ଏମ୍‌ଏସ୍‌ସି, ୨୬ ଡୁଆଲ ଡିଗ୍ରୀ, ୩୬ ଜଣ ଇଣ୍ଟିଗ୍ରେଟେଡ ଏମ୍‌ଏସ୍‌ସି ରହିଛନ୍ତି। ୨୪ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ ବୋଲି କହିଥିଲେ। କେନ୍ଦ୍ରୀୟ ଅନୁଦାନ ପାଇବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ଏହା ହେଲେ ଅନୁଷ୍ଠାନର ବହୁବିଧ ଅନୁସନ୍ଧାନ ପାଇଁ ବାଟ ଖୋଲିବ। ଅନୁଷ୍ଠାନରେ ଅଧାପନା ସହ ଛାତ୍ରୀଛାତ୍ର ସୁବିଧା ପାଇପାରିବେ ବୋଲି କହିଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି।

# ଚାଇଲ୍ଡ ଆଣ୍ଡ୍ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟି ଲୋଗୋ ଉନ୍ମୋଚିତ

**ଭୁବନେଶ୍ୱର, ୨୮।୧ (ବ୍ୟୁରୋ)**

ଚାଇଲ୍ଡ ଆଣ୍ଡ୍ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଲୋକସେବା ହେଉଛି ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶ ବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର । ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା। ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା'ର ବିକଳ୍ପ ନାହିଁ । ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଉନ୍ନତିକଳ୍ପେ ସମର୍ପିତ ପ୍ରୋଜେକ୍ଟ 'ଦେବଦତ୍ତ'କୁ ଲୋକାର୍ପଣ କରି ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ମୁଖ୍ୟ ପ୍ରଫେସର କଳ୍ପନା ଦାସ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନର ଅଧିକାରୀଙ୍କ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନୂତନ ଲୋଗୋକୁ ଉନ୍ମୋଚନ କରୁଛନ୍ତି।

# '୪ ସପ୍ତାହରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦିଅ'
## ଶ୍ରୀମନ୍ଦିରରେ ନାବାଳକ ଯୌନ ନିର୍ଯାତନା ମାମଲା

**ପୁରୀ ଅଫିସ,୨୮।୧**

ଶ୍ରୀମନ୍ଦିରରେ ନାବାଳକଙ୍କୁ ସେବାୟତଙ୍କ ଯୌନ ନିର୍ଯାତନା ମାମଲାରେ ଶୁକ୍ରବାର ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରିପୋର୍ଟ ତଲବ କରିଛନ୍ତି। ଏ ନେଇ ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କୁ ଆସନ୍ତା ୪ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୪ ସପ୍ତାହ ମଧ୍ୟରେ ଏସ୍‌ପି ରିପୋର୍ଟ ଦାଖଲ କରିବାରେ ସମର୍ଥ ନ ହେଲେ ତାଙ୍କୁ ବ୍ୟକ୍ତିଗତ ଭାବେ କମିଶନଙ୍କ ନିକଟରେ ହାଜର ହେବାକୁ ପଡ଼ିବ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସିଂହଦ୍ୱାର ଥାନାରେ ରୁଜୁ ହୋଇଥିବା କେସ୍ ନଂ. ୧୧୭/୨୦୨୧ ଅନୁଯାୟୀ, ଶ୍ରୀମନ୍ଦିର ପରିସରସ୍ଥ ଭୁବନେଶ୍ୱରୀ ଓ ଲକ୍ଷ୍ମୀ ମନ୍ଦିର ପଛପଟକୁ ଜଣେ ନାବାଳକଙ୍କୁ ନେଇ ଜଣେ ସେବାୟତ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏ ସଂକ୍ରାନ୍ତରେ ଆଇପିସି ଧାରା ୨୯୪, ୩୭୭, ୫୦୬ ଓ ପୋକ୍ସୋ ଆକ୍ଟ ଧାରା ୬ରେ ମାମଲା ରୁଜୁ ହୋଇ ତଦନ୍ତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ସେବାୟତ ଜଣକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ପୋଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ଜୟନ୍ତ ଅଭିଯୋଗ କରିଥିଲେ।



କଟକ ଯୋବ୍ରା ଆନିକଟ୍ ମହାନଦୀରେ ଜଣେ ବ୍ୟକ୍ତି ମାଛ ଧରୁଛନ୍ତି।

# ୭୫ ବର୍ଷରେ ଆକାଶବାଣୀ କଟକ

**କଟକ ଅଫିସ, ୨୮।୧**

ଆକାଶବାଣୀ କଟକ କେନ୍ଦ୍ରର ୭୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି। ବିଭିନ୍ନ ବର୍ଗର ଶ୍ରୋତାଙ୍କ ପାଇଁ ଭିନ୍ନ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପରିବେଷଣ କରି ଆକାଶବାଣୀ କଟକ ଏକ ପୂର୍ଣ୍ଣାଙ୍ଗ ଅନୁଷ୍ଠାନରେ ପରିଣତ ହେବା ସହ ଶ୍ରୋତାଙ୍କ ପ୍ରିୟଭାଜନ ହୋଇପାରିଛି। ଏବେ ଆକାଶବାଣୀ କଟକ କେନ୍ଦ୍ରରେ ବିବିଧଭାରତୀ ପ୍ରସାରଣ ସେବା, ଏଫ୍.ଏମ୍. ରେନ୍‌ବୋ ଓ ଡିଟିଏଚ୍ ସେବା କାର୍ଯ୍ୟ କରୁଛି। ବିଶେଷଭାବରେ ଆକାଶବାଣୀ କଟକର ଆଞ୍ଚଳିକ ସମ୍ବାଦ ବିଭାଗ ସମ୍ବାଦ ପରିବେଷଣ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି। ଏବେ ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମଗୁଡ଼ିକ ମୋବାଇଲ ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି, ଯାହାକୁ ଦେଶ ବିଦେଶର ଶ୍ରୋତା ଅନାୟାସରେ ଶୁଣିପାରୁଛନ୍ତି।

୭୫ ବର୍ଷ ପାଳନ ଅବସରରେ ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଅଧିକାରୀ ପ୍ରକାଶ କୁମାର ପତି, କାର୍ଯ୍ୟକ୍ରମ ପ୍ରମୁଖ ତରୁଣକାନ୍ତି ରାଉତ, ସମାଚାର ବିଭାଗ ମୁଖ୍ୟ ତପନ କୁମାର ମହାରଣାଙ୍କ ସମେତ ବହୁ ପଦାଧିକାରୀ ଓ କର୍ମଚାରୀ କୋଭିଡ ନିୟମ ଅନୁପାଳନ କରି ଚାରା ରୋପଣ କରିଥିଲେ। ୧୯୪୮ ଜାନୁୟାରୀ ୨୮ରେ କଟକ କିଲାପଡିଆରୁ ପ୍ରଥମେ ଆକାଶବାଣୀ କଟକ କେନ୍ଦ୍ର କାର୍ଯ୍ୟ ଆରମ୍ଭ କରିଥିଲା। ପରେ ଏହାକୁ ବକ୍ସିବଜାରସ୍ଥିତ ମଧୁପୁର ହାଉସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ୧୯୬୮ ମସିହାରୁ ଆକାଶବାଣୀ କଟକ କେନ୍ଦ୍ର ବିଧିବଦ୍ଧ ଭାବେ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କାର୍ଯ୍ୟାଳୟରୁ କାର୍ଯ୍ୟକ୍ଷମ ହୋଇଥିଲା।



ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଛି।

# ଓବିସି ସଂରକ୍ଷଣ ନେଇ ରାଜ୍ୟପାଳଙ୍କୁ ଫେରାଦ

**ଭୁବନେଶ୍ୱର, ୨୮।୧(ବ୍ୟୁରୋ)**

ବେକାରୀ ସମସ୍ୟା, ଓବିସି ସଂରକ୍ଷଣ ଓ ଜାତି ଜନଗଣନାକୁ ନେଇ ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ୩ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟପାଳଙ୍କୁ ଭେଟି ନେଇ ଆଲୋଚନା କରିଛନ୍ତି। ରାଜ୍ୟରେ ପଛୁଆବର୍ଗଙ୍କୁ ନାମଲେଖା ଓ ନିଯୁକ୍ତିରେ ୨୭ ଭାଗ ସ୍ଥାନ ସଂରକ୍ଷଣ ଦିଆଯାଉ। ଜାତି ଜନଗଣନା ନ ହେବା ଯୋଗୁ ରାଜ୍ୟର ପଛୁଆବର୍ଗ ୨୦୨୧ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ପଛୁଆବର୍ଗ ଜନଗଣନା କରିବା ପାଇଁ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏଥିସହ ବିହାର, ଉତ୍ତରପ୍ରଦେଶ ଜଳୁଥିବା ବେକାରୀ ବିରୋଧ ନିଆଁ ଓଡ଼ିଶାକୁ ବ୍ୟାପିବା ପୂର୍ବରୁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ନିଯୁକ୍ତି ଉପରେ ସମୟୋଚିତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସେହିପରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ଦେଇ ବେକାର ଯୁବତୀଯୁବକଙ୍କୁ ନିୟମିତ ନିଯୁକ୍ତି ସୁଯୋଗ ଦେବାପାଇଁ ବେହେରା ଦାବି କରିଛନ୍ତି।

ସେ କହିଛନ୍ତି, ଦେଶରେ ବେକାରୀ ସମସ୍ୟା ଉତ୍କଟ ରୂପ ଧରିଥିବାବେଳେ ବିହାର, ଉତ୍ତରପ୍ରଦେଶ ଓ ରାଜସ୍ଥାନର ବେକାରୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଛନ୍ତି। କେତେବେଳେ ଟ୍ରେନ୍‌ରେ ନିଆଁ ଲଗାଉଛନ୍ତି ତ ଆଉ କେତେବେଳେ ଧାରଣାରେ ବସି ରହୁଛନ୍ତି। ରେଲ୍‌ୱେରେ ୩୫ ହଜାର ୨୮୧ ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଯୁବତୀଯୁବକଙ୍କୁ ପୁନଶ୍ଚ କମ୍ପ୍ୟୁଟର ପରୀକ୍ଷା କରିବା ପାଇଁ ନୋଟିସ ପରେ ଏହି ଆନ୍ଦୋଳନ ତେଜିବାରେ ଲାଗିଛି। ଆନ୍ଦୋଳନକୁ ଦମନ କରିବା ପାଇଁ ବିହାର, ଉତ୍ତରପ୍ରଦେଶ ପୋଲିସ ବେକାରୀ ଯୁବତୀଯୁବକଙ୍କୁ ଲାଠି ମାଡ କରିବା ସହିତ ୫ ହଜାର ଯୁବତୀଯୁବକଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି। ଏବେ ଏହି ଆନ୍ଦୋଳନର ନିଆଁ ବିଭିନ୍ନ ରାଜ୍ୟକୁ ବ୍ୟାପିବାରେ ଲାଗିଲାଣି। ଓଡ଼ିଶାରେ ମଧ୍ୟ ବେକାରୀଙ୍କ ଆନ୍ଦୋଳନ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୧ ଲକ୍ଷ ବେକାରଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ୧ଲକ୍ଷ ୩୧ ହଜାର ପଦବୀ ଖାଲି ପଡ଼ିଥିବାବେଳେ ନିୟମିତ ନିଯୁକ୍ତି ଅତି ନଗଣ୍ୟ। ବହୁ ସୂତା କଳ, ଚିନିକଳ ଓ ଟେକ୍ସଟାଇଲ ମିଲ ଓ ଝୋଟକଳ ବନ୍ଦ ହୋଇପଡ଼ିରହିଥିବାରୁ ଲୋକଙ୍କୁ କାମ ମିଳୁନାହିଁ। ତେଣୁ ସେମାନେ ବାଧହୋଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି ବୋଲି ବେହେରା ଅଭିଯୋଗ କରିଛନ୍ତି।




ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ସମାଜବାଦୀ ପାର୍ଟିର କର୍ମକର୍ତ୍ତା।

## ସଂକ୍ଷେପରେ

### ପଞ୍ଚାୟତ ନିର୍ବାଚନରେ ଅବତୀର୍ଣ୍ଣ ପ୍ରାର୍ଥୀଙ୍କୁ ତାଲିମ

କାଶୀନଗର,୨୮।୧:ଚଳିତ ପଞ୍ଚାୟତ ନିର୍ବାଚନରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଆଚରଣ ବିଧି ସମ୍ପର୍କରେ ତାଲିମ ଦିଆଯାଇଥିଲା। ବିଡିଓ ତଥା ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଉପସ୍ଥିତ ପଞ୍ଚାୟତ ନିର୍ବାଚନରେ ଅବତୀର୍ଣ୍ଣ ପ୍ରାର୍ଥୀମାନଙ୍କୁ କେତେ ଟଙ୍କା କେଉଁଭଳି ଭାବରେ ଏବଂ କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ କରିପାରିବେ ନିର୍ବାଚନ କମିଶନରଙ୍କ ଗାଇଡ ଲାଇନ ଅନୁଯାୟୀ ନିର୍ଦ୍ଧାରିତ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖର୍ଚ୍ଚର ହିସାବ ରଖିବା ନିମନ୍ତେ କମିଶନଙ୍କ ପ୍ରଦତ୍ତ ପୁସ୍ତିକା ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଏଥିରେ ଯୋଗ ଦେଇଥିଲେ।

### ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ

କାଶୀନଗର,୨୮।୧:ମହାତ୍ମା ଗାନ୍ଧୀଙ୍କ ସ୍ମୃତିସଭା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ଦ୍ୱାରା ଆୟୋଜିତ ହୋଇଥିଲା। ଗତ ୨୩ ତାରିଖ ନେତାଜୀ ଜୟନ୍ତୀଠାରୁ ବିଭିନ୍ନ ସ୍ଥାନରେ କେତେକ ଗାନ୍ଧି ସଚେତନ ସଙ୍ଗଠନ ଦ୍ୱାରା ସ୍ମୃତି ସଭା ଆୟୋଜିତ ହେଉଛି। କାଶୀନଗର ବଂଶଧାରା ପାଠାଗାରଠାରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ପ୍ରଶାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଚିବ ଦଣ୍ଡପାଣି ମହାପାତ୍ର, ରଘୁରାମ ସାହୁ, ପ୍ରବୀଣ କୁମାର, ତ୍ରିନାଥ ନାୟକ, ପ୍ରଶାନ୍ତ ସାହୁ, ରାଜେଶ ପଟ୍ଟନାୟକ, ରାଜେଶ ମିଶାଲ, ମନୋଜ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ବଂଶଧାରା ପାଠାଗାର ସଭାପତି ହୃଷୀକେଶ ଗୌଡ଼ ଗାନ୍ଧୀଙ୍କ ମହାନ ଆଦର୍ଶ ସମ୍ପର୍କରେ ବୁଝାଇଥିଲେ।

### ୨ ସରପଞ୍ଚ, ୩ ସମିତିସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ

ଛତ୍ରପୁର,୨୮।୧(ଡି.ଏନ୍.ଏ.): ଛତ୍ରପୁର ବ୍ଲକରେ ୩ ସମିତିସଭ୍ୟ ଓ ୨ ସରପଞ୍ଚ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛି। ଚମାଖଣ୍ଡି, ଅଗସ୍ତିନୂଆଗାଁ, କଣମଣା ପଞ୍ଚାୟତରେ ସମିତିସଭ୍ୟ ପଦବୀ ଏବଂ ଚମାଖଣ୍ଡି ଓ ଅଗସ୍ତିନୂଆଗାଁରେ ସରପଞ୍ଚ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସେହିପରି ୧୭୧ ୱାର୍ଡମେମ୍ବର ପଦବୀ ମଧ ନିର୍ଦ୍ୱନ୍ଦ୍ୱ ରହିଛି। ବର୍ତ୍ତମାନ ବ୍ଲକର ୧୮ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୫୭ ଜଣ ପ୍ରାର୍ଥୀ ରଣାଙ୍ଗନରେ ରହିଥିବାବେଳେ ସମିତିସଭ୍ୟ ପଦବୀ ପାଇଁ ୪୭, ୱାର୍ଡମେମ୍ବର ପଦବୀ ପାଇଁ ୨୪୭ ଜଣ ପ୍ରାର୍ଥୀ ଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ଲକର ୨୮୨ଟି ୱାର୍ଡ ମଧରୁ ୧୨ଟି ୱାର୍ଡ ପାଇଁ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ସେ ସବୁ ୱାର୍ଡ ପାଇଁ ପୁଣି ଥରେ ନାମାଙ୍କନ ଦାଖଲ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଜାନୁୟାରୀ ୨୯ରୁ ୩୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯିବ। ଫେବୃୟାରୀ ୧ରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୨ ତାରିଖ ଅପରାହ୍ନ ୩ଟା ସୁଦ୍ଧା ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ଫେବୃୟାରୀ ୪ ଅପରାହ୍ନ ୩ ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ସେହିଦିନ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

### ନଦୀରେ ବୁଡ଼ି ବୃଦ୍ଧା ନିଖୋଜ

ପାରଳାଖେମୁଣ୍ଡି,୨୮।୧(ଡି.ଏନ୍.ଏ.): ଗୁରାଣ୍ଡି ଥାନା ଅନ୍ତର୍ଗତ ବାପୁଜିପେଣ୍ଠ ନିକଟରେ ମହେନ୍ଦ୍ର ତନୟା ନଦୀରେ ବୁଡ଼ି ଶୁକ୍ରବାର ଜଣେ ମହିଳା ନିଖୋଜ ହୋଇଛନ୍ତି। ସେ ହେଲେ ଲକ୍ଷ୍ମୀ ବିଶ୍ୱାଳ (୭୫)। ପୂର୍ବାହ୍ନରେ ବୃଦ୍ଧା ଜଣଙ୍କ ଗାଧୋଇବା ପାଇଁ ନଦୀକୁ ଯାଇ ଆଉ ଫେରି ନ ଥିଲେ। ଖବର ପାଇ ପରିବାର ଲୋକ ଏବଂ ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଖୋଜାଖୋଜି ଜାରି ରଖିଛନ୍ତି। ପାଖାପାଖି ଆଠ ଘଣ୍ଟାରୁ ଅଧିକ ସମୟ ବିତିବାକୁ ଯାଉଛି, କିନ୍ତୁ ନିଖୋଜ ମହିଳାଙ୍କ କୌଣସି ପତ୍ତା ମିଳି ନ ଥିବା ଗୁରାଣ୍ଡି ଥାନାଧିକାରୀ ରବିନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି।

### ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ

ଧରାକୋଟ,୨୮।୧(ଡି.ଏନ୍.ଏ.)-ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଧରାକୋଟ ପୋଲିସ ବ୍ୟାପକ ପ୍ରସ୍ତୁତି କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ହାତକୁ ନେଇଛି। ଏହାସହ ଉତ୍ତେଜନା ପ୍ରବଣ ଗ୍ରାମ ମୁଣ୍ଡମରାଇ, ଜାହାଡା, ଗୋଲା ଦାମୋଦର ପଲ୍ଲୀ, କମା ଶାସନ, ଘଆଷିବିଲି ଓ ସରଧାପୁର ଆଦି ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଥିବା ବେଳେ ନିର୍ବାଚନ ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ୧୮୨ଜଣଙ୍କ ନାମରେ ୧୦୭ କେସ ରୁଜୁ କରାଯାଇଛି। ଏଥିସହ ୧୫ଜଣ ୱାରେଣ୍ଟ ଖିଲାପକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ୮ଜଣ ଅଭ୍ୟାସ ଗତ ଅପରାଧୀଙ୍କ ବିରୋଧରେ ୧୧୦ଦଫା ଲଗାଯାଇଛି। ଶୀଘ୍ର ଅନ୍ୟ ୱାରେଣ୍ଟିମାନଙ୍କୁ ଗିରଫ କରାଯିବା ସହ ନିର୍ବାଚନକୁ ଅବାଧ ଓ ଶୃଙ୍ଖଳିତ କରାଯିବା ବୋଲି ଥାନାଧିକାରୀ ଉମାକାନ୍ତ ସାହୁ କହିଛନ୍ତି।

# ଭଞ୍ଜନଗର: ୩ ଜିଲା ପରିଷଦ ଜୋନ୍‌ରେ ୧୧ ପ୍ରାର୍ଥୀ

**ରେଲୱେ ଲାଇନ୍, ଘୁମୁସର ଜିଲା, ହାଇକୋର୍ଟ ବେଞ୍ଚ ଦାବିକୁ ଗୁରୁତ୍ୱ ନାହିଁ**

ଭଞ୍ଜନଗର,୨୮।୧(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭଞ୍ଜନଗର ବ୍ଲକ ରାଜନୀତି ସରଗରମ ହୋଇଛି । ବ୍ଲକ ଅନ୍ତର୍ଗତ ୩ ଜିଲା ପରିଷଦ ଜୋନ୍‌ରେ ବିଭିନ୍ନ ଦଳରୁ ମୋଟ ୧୧ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ୫୦ନଂ. ଜୋନ୍‌ରେ ବିଜେଡ଼ିରୁ ଶୈଳବାଳା ବିଷୋୟୀ, ଭାଜପାରୁ ସସ୍ମିତା ବେହେରା, କଂଗ୍ରେସରୁ ସୁଲତା କୁମାରୀ ପାଣିଗ୍ରାହୀ ପ୍ରାର୍ଥୀ ହୋଇଛନ୍ତି। ୫୧ ନଂ. ଜୋନ୍‌ରେ ବିଜେଡ଼ିରୁ ଜିତେନ୍ଦ୍ର କେଶରୀ ଆରୁଖ, କଂଗ୍ରେସରୁ ସନ୍ତୋଷ କୁମାର ଗୌଡ଼, ଭାଜପାରୁ ରବିନ୍ଦ୍ର କୁମାର ଗୌଡ଼, ଆପ୍‌ରୁ ଅନିଲ ସେଠୀ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରମେଶ ଚନ୍ଦ୍ର ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହିପରି ଜୋନ୍ ନଂ.୫୨ରେ ବିଜେଡ଼ିରୁ ଭାଗ୍ୟଲତା ସେଠୀ, କଂଗ୍ରେସରୁ ସାଗରି ନାଇକ ଓ ଭାଜପାରୁ କାମିନୀବାଳା ସେଠୀ ମଧ୍ୟରେ ଲଢ଼େଇ ହେଉଛି ।

ପଞ୍ଚାୟତଗୁଡ଼ିକରେ ମୁଖ୍ୟତଃ ବିଜେଡ଼ି ଓ ଭାଜପା ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବ୍ଲକର ଅଧିକାଂଶ ପଞ୍ଚାୟତରେ କଂଗ୍ରେସ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ଦେଇପାରିନାହିଁ । ବର୍ତ୍ତମାନ ସମସ୍ତ ପ୍ରାର୍ଥୀ ପ୍ରଚାର ଆରମ୍ଭ କରି ଦେଇଛନ୍ତି । ଶାସକ ଦଳ ବିକାଶ ଏବଂ ଶୃଙ୍ଖଳିତ ଶାସନକୁ ଆଧାର କରି ଭୋଟରଙ୍କ ପାଖକୁ ଯାଉଥିବା ବେଳେ ବିରୋଧୀଦଳ ଗୁଡ଼ିକ ଦୁର୍ନୀତିକୁ ପ୍ରସଙ୍ଗ କରିଛନ୍ତି। ଏଥିସହ ପ୍ରାର୍ଥୀମାନେ ସ୍ଥାନୀୟ ସମସ୍ୟା ଏବଂ ବିକାଶକୁ ଆଧାର କରି ପ୍ରଚାରକୁ ଓହ୍ଲାଇଛନ୍ତି । ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକର ଜିଲା ପରିଷଦ ପ୍ରାର୍ଥୀମାନଙ୍କୁ ଡ଼ାକି ପ୍ରାର୍ଥୀମାନେ କିଭଳି ବିଜୟୀ ହେବେ ସେ ନେଇ ଆଲୋଚନା କରିଛନ୍ତି। ଭାଜପାର ପ୍ରଦ୍ୟୁମ୍ନ ନାୟକ, ଅଯୋଧ୍ୟା ନାଥ ମହାପାତ୍ର, କଂଗ୍ରେସର ପ୍ରଶାନ୍ତ ବିଷୋୟୀ ପ୍ରମୁଖ ନିଜ ଦଳର ପ୍ରାର୍ଥୀ କିଭଳି ବିଜୟୀ ହେବେ ସେନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ଘୁମୁସରର ପ୍ରମୁଖ ଦାବି ବ୍ରହ୍ମପୁର ଭାୟା ଭଞ୍ଜନଗର ଫୁଲବାଣୀ ରେଲୱେ ଲାଇନ, ଘୁମୁସର ଜିଲା ଘୋଷଣା ଏବଂ ବ୍ରହ୍ମପୁର ଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ପ୍ରତି କୌଣସି ଦଳ ଗୁରୁତ୍ୱ ଦେଉନାହାନ୍ତି । କେତେଜଣ ସଚେତନ ନାଗରିକ କିଛିଦିନ ହେବ ଘୁମୁସର ଜିଲା ଘୋଷଣା ପାଇଁ ସୋସିଆଲ ମିଡ଼ିଆରେ ଦାବି ଉପସ୍ଥାପନ କରୁଛନ୍ତି। ଭଞ୍ଜନଗର ବ୍ଲକର ଅଧିକାଂଶ ବୁଥ୍ ଉତ୍ତେଜନା ପ୍ରବଣ ଅଛି । ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡ଼ି ଓ ଭାଜପା ବିଭିନ୍ନ ଇସ୍ୟୁକୁ ନେଇ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ଥାନା ଅଧିକାରୀ ଧିରେଶ ଦାସଙ୍କ ନେତୃତ୍ୱରେ କେତକ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଏଥିସହ ୧୦୭ ଦଫାରେ ୨୫୩ ଜଣଙ୍କୁ ନୋଟିସ୍ ଦିଆଯାଇଥିବା ବେଳେ, ୧୧୦ ଦଫାରେ ୫, ଦଫା ୮୨ରେ ୧୪ ଜଣ ଏବଂ ଜାମିନ ବାତିଲ ପାଇଁ ୩୫ଜଣଙ୍କୁ ନୋଟିସ ଦିଆଯାଇଛି ।

## ନିର୍ବାଚନ ପରିଚାଳନା ନେଇ ପ୍ରସ୍ତୁତି ବୈଠକ

ଚକାପାଦ,୨୮।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଚକାପାଦ ବ୍ଲକ ପରିସରରେ ଗୁରୁବାର ବିଭିନ୍ନ ପଞ୍ଚାୟତର ନିର୍ବାଚନ ରଣାଙ୍ଗନରେ ପ୍ରତିଦ୍ୱନ୍ଦିତା କରୁଥିବା ପର୍ଥୀମାନଙ୍କୁ ନେଇ ଭିଡିଓ କନଫରେନ୍ସ ମାଧ୍ୟମରେ ନିର୍ବାଚନ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଜିଲାର ନିର୍ବାଚନ ପର୍ଯ୍ୟବେକ୍ଷକ ଦେବେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପରିଚାଳନା ଉପରେ ସ୍ୱଚ୍ଛତା ଓ ହିଂସା ମୁକ୍ତ ଉପରେ ବୈଠକରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ପ୍ରାର୍ଥୀଙ୍କୁ ନେଇ ଆଲୋଚନା କରିଥିଲେ। ସରପଞ୍ଚ ଓ ସମିତି ୨ ଲକ୍ଷ୍ୟ ଟଙ୍କା ଲେଖାଏ ଖର୍ଚ୍ଚ କରିପାରିବେ ବୋଲି କହିଥିଲେ। ଜିଲା ପରିଷଦ ପାର୍ଥୀମାନେ ୫ ଲକ୍ଷ ଟଙ୍କା ବ୍ୟୟ କରିପାରିବେ। ନିର୍ବାଚନୀ ପ୍ରଚାରର ଜିଲାପରିଷଦ ପ୍ରାର୍ଥୀମାନେ ୫ ଚାରିଚକିଆ ଯାନ ଓ ୧୦ ଦୁଇ ଚକିଆ ଯାନ ବ୍ୟବହାର କରି ପାରିବେ। ଏହି ନିର୍ବାଚନୀ ନିୟମକୁ ଯେଉଁ ପାର୍ଥି ଉଲ୍ଲଂଘନ କରନ୍ତି ତାଙ୍କ ପାଇଁ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ବ୍ଲକ ନିର୍ବାଚନ ଅଧିକାରୀ ଅନିଲ କୁମାର ପଟ୍ଟନାୟକ ଗ୍ରାମପଞ୍ଚାୟତ ଅଧିକାରୀ ଉମା ଚରଣ ସାହୁ ଯୋଗଦେଇଥିଲେ ।

## ବାଲି ଟ୍ରକ୍ ଦୁର୍ଘଟଣା, ଚାଳକ ଗୁରୁତର

ହିଞ୍ଜିଳିକାଟୁ,୨୮।୧(ଡି.ଏନ.ଏ.):ପଡ଼ୋଶୀ ଆନ୍ଧ୍ରକୁ ଚାଲାଣ ହେଉଥିବା ଏକ ବାଲି ବୋଝେଇ ଟ୍ରକ୍ ଶୁକ୍ରବାର ହିଞ୍ଜିଳିକାଟୁ ନିକଟ ସୋମପୁର ଛକ ନିକଟରେ ଓଲଟି ଯିବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ଟ୍ରକ ଚାଳକ ଆସିକା ଥାନା କଲେଜ ଛକ ଅଞ୍ଚଳର ଅମିତ କୁମାର ପାଢ଼ୀ (୩୧)। ସ୍ଥାନୀୟ ଲୋକେ ଆହତ ଅମିତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କଂଗ୍ରେସର ମିଶ୍ରଣ ପର୍ବ

ଫୁଲବାଣୀ ଅଫିସ, ୨୮।୧



ଜିଲା କଂଗ୍ରେସ କର୍ମକର୍ତ୍ତା ।

କନ୍ଧମାଳରେ ୩ ପ୍ରମୁଖ ଦଳ ଜିଲା ପରିଷଦ ଗଠନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଫୁଲବାଣୀରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ଦଳର କର୍ମୀମାନେ ଆସି କଂଗ୍ରେସରେ ସାମିଲ ହୋଇଥିଲେ । ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ନିଲମ୍ବନ କରିଥିବା ଦଳୀୟ ବିଧାୟକ ଜାକବ ପ୍ରଧାନଙ୍କ ଉପରୁ ନିଲମ୍ବନ ଆଦେଶ ଉଠି ଥିବାରୁ ସେ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ପୁଣି ଦଳକୁ ଫେରିଥିବାରୁ ତାଙ୍କ ଉପସ୍ଥିତି ଦଳକୁ ଅଧିକ ମଜବୁତ କରିବ ବୋଲି ଜିଲା କଂଗ୍ରେସ ସଭାପତି ଅନାମ ନାୟକ ପ୍ରକାଶ କରିଥିଲେ। ଦଳ ଗତ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦରେ ମାତ୍ର ୪ଟି ସିଟ୍ ଜିତିଥିଲା । ଏଥର ଅଧିକ ସିଟ ଜିତି ଜିଲା ପରିଷଦକୁ ହାତେଇବାକୁ ଆପ୍ରାଣ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ । ମିଶ୍ରଣ ପର୍ବରେ ଜିଲା ପର୍ଯ୍ୟବେକ୍ଷକ ବିସ୍ମୟ ମହାପାତ୍ର, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, କନ୍ଧମାଳ ସଂସଦ କ୍ଷେତ୍ର ପର୍ଯ୍ୟବେକ୍ଷକ ଅମୀରଚାନ୍ଦ ନାୟକ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ଜିଲା ମହିଳା କଂଗ୍ରେସ ସଭାପତି ରୁଦା ମଲ୍ଲିକ, ପିସିସି ସମ୍ପାଦକ ଚନ୍ଦ୍ରଶେଖର ପରିଡା, ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର ପ୍ରମୁଖ ଯୋଗ ଦେଇଥିଲେ । ସୋସିଆଲ ମିଡିଆ ଅଧ୍ୟକ୍ଷ ନନ୍ଦକିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୧୦୭ ଏସ୍‌ଏଚ୍‌ଜିକୁ ୩.୧୩ କୋଟି ଋଣ

**ଗତବର୍ଷ ୯୯% ଋଣ ଶୁଝିଛନ୍ତି ମହିଳା ସଂଘ**

ଛତ୍ରପୁର,୨୮।୧(ଡି.ଏନ.ଏ.)

ମିଶନ ଶକ୍ତି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ଜୀବିକାରେ ଉନ୍ନତି ଆଣିବା ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଗଞ୍ଜାମ ଜିଲାର ୧୦୭ଟି ଏସ୍‌ଏଚ୍‌ଜିକୁ ଶୁକ୍ରବାର ଛତ୍ରପୁରସ୍ଥିତ ସଂସ୍କୃତି ଭବନଠାରେ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ୩.୧୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଆଉ ୨୦୦ ଏସ୍‌ଏଚ୍‌ଜିକୁ ୪.୨୫ କୋଟି ଟଙ୍କା ଋଣ ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଜିଲାର ୧,୩୦୭ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୩୦.୬୬ କୋଟି ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ମହିଳା ସଂଘଗୁଡ଼ିକ ୯୯ ପ୍ରତିଶତ ଋଣ ଟଙ୍କା ପରିଶୋଧ କରିଛନ୍ତି । ଆଚରଣବିଧି ଲାଗୁ ହୋଇଥିବାରୁ କାର୍ଯ୍ୟକ୍ରମରେ କୋଣସି ପ୍ରଶାସନିକ ଅଧିକାରୀ ଯୋଗ ଦେଇ ନ ଥିଲେ। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଜି. ଜୟପାଣ୍ଡିଆନ, ଉପ ଆଞ୍ଚଳିକ ପ୍ରବନ୍ଧକ ହୃଦାନନ୍ଦ ଦାସ, ଏମଏସଏମଇ ପ୍ରୋସେସିଂ ସେଣ୍ଟର ମୁଖ୍ୟ ପ୍ରଶାନ୍ତ କୁମାର ନନ୍ଦ, ଶାଖା ପରିଚାଳକ ଶାନ୍ତନୁ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଋଣ ବଣ୍ଟନ କରାଯାଉଛି।

### ୧୦୮ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ଆର.ଉଦୟଗିରି,୨୮।୧(ଡି.ଏନ.ଏ.)

ମୋହନା ପୋଲିସ ବୁଧବାର ବିଳମ୍ବିତ ରାତିରେ କମଳାପୁର ନାକା ଗେଟ୍‌ରେ ଯାନବାହନ ଯାଞ୍ଚ କରୁଥିବା ବେଳେ ଏକ କାର୍ (ନଂ ଓଡି଼୦୪ ବି ୦୨୦୩)ରୁ ୧୦୮ କିଲୋ ଗଞ୍ଜେଇ ଜବତ କରିଥିଲା। ଉକ୍ତ ଗଞ୍ଜେଇ ଗଜପତିରୁ ବ୍ରହ୍ମପୁର ଏବଂ ପରେ ରାଜ୍ୟ ବାହାରକୁ ଚାଲାଣ ପାଇଁ ନିଆଯାଉଥିବା ପୋଲିସ ସୂଚନା ଦେଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ମୋହନା ଥାନା ଚାନ୍ଦିପୁଟ ଗ୍ରାମର ଦୀପକ କୁମାର ଗୌଡ ଏବଂ ଶ୍ରୀଧର ଦୀକ୍ଷିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ପୋଲସରା,୨୮।୧(ଡି.ଏନ.ଏ.)

ପୋଲସରା ଥାନା ଅଧୀନ ସୁନାରିବୁଗୁଡା ହଜ ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଲସରା ଥାନା ଚିରିକିପଡା ଶାସନ ଗ୍ରାମର ବାପୁନି ସାହୁ । ଯୁବକ ଜଣକ ବାଇକ୍‌ରେ ପୋଲସରା ଅଭିମୁଖେ ଯାଉଥିବା ବେଳେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ମୁଖ୍ୟ ସଡ଼କଠାରୁ ପ୍ରାୟ ଦଶଫୁଟ ଖାଲକୁ ଛିଟିକି ପଡିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୪୫/୨୨ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ନୂତନ ଜେଏମ୍‌ଏଫ୍‌ସିଙ୍କ ଯୋଗଦାନ

ଛତ୍ରପୁର,୨୮।୧(ଡି.ଏନ୍.ଏ.)

ଛତ୍ରପୁର ସିଭିଲ କୋର୍ଟରେ ନୂତନ ଜେଏମ୍‌ଏଫ୍‌ସି ଭାବେ ଶୁକ୍ରବାର ପ୍ରଜ୍ଞା ପାରମିତା ପ୍ରତିହାରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଜାନୁୟାରୀ ୨୫ରେ ପୂର୍ବରୁ କାର୍ଯ୍ୟରତ ଜେଏମ୍‌ଏଫ୍‌ସି ପ୍ରଜ୍ଞା ପାରମିତା ସ୍ୱାଇଁଙ୍କର ଶେରଗଡ଼ କୋର୍ଟକୁ ବଦଳି ହେବାରୁ ତାଙ୍କ ସ୍ଥାନ ଖାଲି ରହିଥିଲା। ସେହି ସ୍ଥାନରେ ପ୍ରତିହାରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସୋର, ବାଲେଶ୍ୱର କୋର୍ଟରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ଏପିପି ସୌରୀ ପ୍ରସାଦ ବେହେରା, ଛତ୍ରପୁର ବାର ଆସୋସିଏଶନ ସଭାପତି ପ୍ରଦୀପ ପାଢ଼ୀ ଓ ଅନ୍ୟ ଆଇନଜୀବୀମାନେ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ।

### ୧୦୦ ଲିଟର ଦେଶୀ ମଦ ଜବତ

ପାତ୍ରପୁର,୨୮।୧(ଡି.ଏନ.ଏ.)

ଖାରିଆଗୁଡ଼ା ଫାଣ୍ଡି ପୋଲିସ ଗୁରୁବାର ରାତିରେ ବେଆଇନ ଚାଲାଣ ହେଉଥିବା ୧୦୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଶୁକ୍ରବାର ଦୁଃଖିଶ୍ୟାମ ସବରଙ୍କୁ କୋର୍ଟ ଚାଲାଣ କରାଯାଇଛି। ହରିପୁର ଗ୍ରାମରୁ ଦୁଃଖିଶ୍ୟାମ ବାଇକରେ ସୁରଙ୍ଗୀ ଅଞ୍ଚଳକୁ ମଦ ଧରି ଯାଉଥିବା ବେଳେ ପୋଲିସ ପିଛା କରି ତାଳପଡ଼ା ଗ୍ରାମ ନିକଟରେ ଧରିଥିଲା।

## ପୋଚାଲୁଣ୍ଡି ପଞ୍ଚାୟତରେ ୮ ସରପଞ୍ଚ ପ୍ରାର୍ଥୀ

ବୁଗୁଡ଼ା,୨୮।୧(ଡି.ଏନ୍.ଏ.)

**ପାଙ୍ଗିଡ଼ିରେ ନିର୍ଦ୍ୱନ୍ଦ୍ୱ**

ବୁଗୁଡ଼ା ବ୍ଲକରେ ୨୧ ପଞ୍ଚାୟତର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନିଜ ଚିହ୍ନ ପାଇ ପ୍ରଚାର ଆରମ୍ଭ କରିଛନ୍ତି। ବ୍ଲକର ୩ ଜିଲା ପରିଷଦ ଜୋନରେ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେଉଛି। ସରପଞ୍ଚ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଅବଶିଷ୍ଟ ୭୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ପାଙ୍ଗିଡ଼ି ସରପଞ୍ଚ ପ୍ରାର୍ଥୀନୀ ଭାଗ୍ୟଲତା ବିଷୋୟୀ ନିର୍ଦ୍ୱନ୍ଦ୍ୱ ରହିଛନ୍ତି। ଅନ୍ୟ ୨୦ ପଞ୍ଚାୟତରେ ୭୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୨୧ ପଞ୍ଚାୟତର ସମିତି ସଭ୍ୟ ପଦବୀ ପାଇଁ ୫୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ସରପଞ୍ଚ ପଦବୀ ପାଇଁ ପୋଚାଲୁଣ୍ଡି ପଞ୍ଚାୟତରେ ସର୍ବାଧିକ ୮ ଜଣ ଲଢୁଥିବା ବେଳେ ଭଗବାନପୁର ପଞ୍ଚାୟତରେ ୭, ଅନ୍ତରପଡା ଓ ମାଣିତରା ପଞ୍ଚାୟତରେ ୫ ଜଣ ଲେଖାଏ, ବାଲିପଦର ଓ ବିରଞ୍ଚିପୁର ପଞ୍ଚାୟତରେ ୪ ଜଣ ଲେଖାଏ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅରଖପୁର, ଆଶ୍ରମ କରଡ଼ାବାଡ଼ି, କରଚୁଲି, କରସିଙ୍ଗି, କଳମ୍ବ, ଖୋଲଖାଲି, ତାକରଡା, ମୋଟାବାଡ଼ି ଓ ସଙ୍କୁରୁ ଆଦି ୯ଟି ପଞ୍ଚାୟତରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଗୋଳାବନ୍ଧ, ଗୋଳିଆ, ଗୌଡିଆବୋରଦା, ବି.କରଡ଼ାବାଡ଼ି ଓ ଭାମଶିଆଳି ଆଦି ୫ଟି ପଞ୍ଚାୟତରେ ଦ୍ୱିମୁଖୀ ଲଢ଼େଇ ହେଉଛି। ଅନ୍ୟପକ୍ଷରେ ସମିତିସଭ୍ୟ ପଦବୀ ପାଇଁ ପୋଚାଲୁଣ୍ଡି ଓ ମୋଟାବାଡ଼ି ପଞ୍ଚାୟତରେ ସର୍ବାଧିକ ୫ ଜଣ ଲେଖାଏ ପ୍ରାର୍ଥୀ ଲଢୁଥିବା ବେଳେ କରସିଙ୍ଗି ଓ ମାଣିତରା ପଞ୍ଚାୟତରେ ୪ ଜଣ ଲେଖାଏ ପ୍ରାର୍ଥୀ ହୋଇଛନ୍ତି।

### ଦେଶୀ ମଦ ଜବତ, ଜଣେ ଗିରଫ

ଗୋପାଳପୁର,୨୮।୧(ଡି.ଏନ.ଏ.)

ଚୋରା ଦେଶୀମଦ ବିକ୍ରିକରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ଶୁକ୍ରବାର ଜଣେ ଯୁବକକୁ କୋର୍ଟଚାଲାଣ କରିଛି। ସେ ହେଲେ ତତଡ଼ାପଲି ଗ୍ରାମର ଏଚ୍.ପୁରୁଷୋତ୍ତମ (୨୫)। ଗୁରୁବାର ସନ୍ଧ୍ୟାରେ ଏହି ଥାନା ଅନ୍ତର୍ଗତ ଗୋଳନ୍ଥରା ଚଟିରୁ ଗୋବିନ୍ଦନଗର ଅଭିମୁଖେ ଚୋରା ଦେଶୀ ମଦ ଧରିଯାଉଥିବା ବେଳେ ଗୋଳନ୍ଥରା ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିବା ସହ ୯୦ ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ଥାନା ନଂ. ୨୭/୨୨ରେ ମାମଲା ରୁଜୁ କରି ହୋଇଛି।

# ପ୍ରାର୍ଥୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗୋପାଳପୁର,୨୮।୧(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ପ୍ରାର୍ଥୀ ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନାମାଙ୍କନ ଦାଖଲ ଶେଷ ହୋଇଥିବା ବେଳେ ପ୍ରାର୍ଥୀମାନଙ୍କ ଚିହ୍ନ ମିଳିସାରିଛି। ଏ ନେଇ ପ୍ରାର୍ଥୀମାନଙ୍କ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବ୍ଲକ ସଦଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବିଡିଓ ତଥା ନିର୍ବାଚନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, କନିଷ୍ଠ ତହସିଲଦାର ସୋନାଲି ଚାନ୍ଦ, ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପତି ବାଲାଜୀ ସାମନ୍ତରାୟ, ରଙ୍ଗେଇଲୁଣ୍ଡା ଓଏସ୍‌ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଭାରପ୍ରାପ୍ତ ଜିପିଓ ରୁପକ୍ ସାମନ୍ତରା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଭିଡ ନିୟମାନୁସାରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କୁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଆଚରଣ ବିଧି ସମ୍ପର୍କରେ ଅବଗତ କରାଯାଇଥିଲା।

### ଦୁର୍ଘଟଣାରେ କାର୍ ଚାଳକଙ୍କ ମୃତ୍ୟୁ

କବିସୂର୍ଯ୍ୟନଗର,୨୮।୧(ଡି.ଏନ.ଏ.)

କବିସୂର୍ଯ୍ୟନଗର ଥାନା ତହସିଲ ଆଗରେ ଏକ କାର ସହ ଡାଲା ଅଟୋର ମୁହାଁମୁହିଁ ଧକ୍କା ହେବାରୁ କାର ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅରୁଣ କୁମାର ନାୟକ। କବିସୂର୍ଯ୍ୟନଗର ବ୍ଲକ ବାଉଁସିଆଠାରେ ଏକ ନିର୍ବାଚନୀ ସମ୍ମିଳନୀରେ ଯୋଗ ଦେଇ ଏଏନ୍‌ସି ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଜେଡି ଜିଲା ଉପସଭାପତି ମନୋରଞ୍ଜନ ମହାପାତ୍ର କବିସୂର୍ଯ୍ୟନଗର ଫେରୁଥିଲେ। ନିଜେ ଅଧ୍ୟକ୍ଷ ଆଗ ସିଟରେ ବସିଥିବା ବେଳେ ପଛ ସିଟରେ ପ୍ରଶ୍ନ ନାୟକ ଓ ଦିଲ୍ଲୀପ ସାହୁ ଓ ଚାଳକ ଅରୁଣ ବସିଥିଲେ। କବିସୂର୍ଯ୍ୟନଗର ତହସିଲ ଅଫିସ ଆଗରେ ବିପରୀତ ପଟୁ ଆସୁଥିବା ଏକ ଡାଲା ଅଟୋ ସହ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରଟି ନିୟନ୍ତ୍ରଣ ହରାଇ ରୋଡ଼ ତଳକୁ ଖସି ପଡିଥିଲା। କିଛି ଲୋକ କାର ଗ୍ଲାସ ଭାଙ୍ଗି ଚାଳକ ଅରୁଣ ଓ ଅଧ୍ୟକ୍ଷ ମନୋରଞ୍ଜନଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିଶମ ବାହିନୀ ଦୁହିଁଙ୍କୁ ସ୍ଥାନୀୟ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁଇ ଗାଡି ଜବତ କରିବା ସହ ଅଟୋ ଚାଳକକୁ ଥାନାରେ ଅଟକ ରଖିଛି। ମୃତଦେହ ପୋଲିସ ଜବତ କରି ଆସିକା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

## ଚର୍ଚ୍ଚ ଖୋଲିବା ଦାବିରେ ରାସ୍ତାରୋକୋ



ଖ୍ରୀଷ୍ଟିୟାନମାନେ ରାସ୍ତାରୋକୋ କରିଛନ୍ତି।

ପାରଳାଖେମୁଣ୍ଡି,୨୮।୧(ଡି.ଏନ୍.ଏ.)

ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟସ୍ଥିତ ବହୁ ପୁରାତନ ରୋମାନ କ୍ୟାଥଲିକ ଚର୍ଚ୍ଚକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ରୋମାନ କ୍ୟାଥଲିକ ଚର୍ଚ୍ଚ ଖୋଲିବାକୁ ପୁଣି ଦାବି କରିଛନ୍ତି ଶତାଧିକ ଖ୍ରୀଷ୍ଟ ଧର୍ମାବଲମ୍ବୀ। କୋର୍ଟଙ୍କ ରାୟ ପରେ ବି କାହିଁକି ଚର୍ଚ୍ଚ ଖୋଲାଯାଉନି ସେ ନେଇ ଶୁକ୍ରବାର ରାଜରାସ୍ତାକୁ ଅବରୋଧ କରାଯାଇଛି। ୨୨ ବର୍ଷ ହେଲା ଲାଗିରହିଥିବା ଏହି ବିବାଦରେ କୋର୍ଟ ରାୟ ପରେ ମଧ ସର୍ବସାଧାରଣଙ୍କ ପାଇଁ ଚର୍ଚ୍ଚ ବନ୍ଦ ପଡିଛି। ପ୍ରାୟ ମାସେ ହେବ ଆଗୋରାତ୍ର ଅଞ୍ଚଳର ମହିଳାମାନେ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରତ ଥିଲେ। କିନ୍ତୁ ବାରମ୍ବାର ଜିଲା ପ୍ରଶାସନକୁ ଗୁହାରି ଜଣାଇବା ସତ୍ତ୍ୱେ ମଧ କୌଣସି ସୁଫଳ ମିଳି ନ ଥିବାରୁ ଶତାଧିକ ଖ୍ରୀଷ୍ଟ ଧର୍ମାବଲମ୍ବୀ ମହିଳା ରାସ୍ତା ଅବରୋଧ କରିଥିଲେ। ୧୨ ଘଣ୍ଟାବ୍ୟାପୀ ପାରଳାଖେମୁଣ୍ଡି-ମୋହନା-ବ୍ରହ୍ମପୁରକୁ ସଂଯୁକ୍ତ କରୁଥିବା ଜାତୀୟ ରାଜପଥକୁ ଅବରୋଧ କରି ରଖିଥିବାରୁ ଗମନାଗମନ ଠପ୍ ହୋଇଯାଇଛି।

**ଗମନାଗମନ ଠପ୍**

## ଭଲିବଲ, ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦିଗପହଣ୍ଡି,୨୮।୧(ଡି.ଏନ୍.ଏ.)

ଦିଗପହଣ୍ଡି କଲୋନୀ ୟୁଥ୍ ରିକ୍ରିଏସନ୍ କ୍ଲବ ସିୱାଇଆରସି ପକ୍ଷରୁ ଆୟୋଜିତ ଭଲିବଲ ଓ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଭଲିବଲ ଫାଇନାଲ ମ୍ୟାଚରେ ଗୋକର୍ଣ୍ଣପୁର ଟିମ୍‌କୁ ହରାଇ ଆୟୋଜକ ସିୱାଇଆରସି ଟିମ୍ ଚାମ୍ପିୟନ ହୋଇଥିଲା। ଗୋକର୍ଣ୍ଣପୁର ଟିମ୍‌ର ରାଜା ଶ୍ରେଷ୍ଠ ଖେଳାଳି ଏବଂ ଦିଗପହଣ୍ଡି ରାଜପ୍ୟାଲେସ ଟିମ୍‌ର ଶିବାଙ୍କୁ ଶ୍ରେଷ୍ଠ ନେଟର ଭାବେ ବିବେଚିତ କରାଯାଇ ପୁରସ୍କୃତ ପାଇଁ ମନୋନୀତ କରାଯାଇଥିଲା। ସେହିଭଳି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଦିଗପହଣ୍ଡିର କୁନା ଓ ଭୀମୁଡୁ ଯୋଡିଙ୍କୁ ହରାଇ ହିଞ୍ଜିଳିକାଟୁର ଦୀପକ ଓ ଅଭୟ ଯୋଡି ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଆଇନଜୀବୀ ହରପ୍ରସାଦ ରଥ ସଂଯୋଜନା କରିଥିଲେ। ଦିଗପହଣ୍ଡି ବିଡ଼ିଓ ହଳଧର ଶବର ମୁଖ୍ୟଅତିଥି, କ୍ରୀଡା ପ୍ରଶିକ୍ଷକ ଏମ୍. ଗୌରାଙ୍ଗ, ଆଇନଜୀବୀ ମନୋରଞ୍ଜନ ପଣ୍ଡା, ସାମାଜିକ କର୍ମୀ ତପନ କୁମାର ମିଶ୍ର ଏବଂ ରାଜକିରଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।




ପୁରସ୍କାର ବିତରଣ ଉତ୍ସବରେ ଅତିଥିବୃନ୍ଦ।

## ସଂକ୍ଷେପରେ

### ବନ୍ଦ କୋଠରିରୁ ମୃତଦେହ ଜବତ

**ଗଞ୍ଜାମ,୨୮।୧(ଡି.ଏନ.ଏ.):** ଗଞ୍ଜାମ ଥାନା ୱାର୍ଡ ନଂ. ୪ ରାଉଲସାହିର ଏକ ଘରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବଳରାମ ପଣ୍ଡା (୪୫)। ବଳରାମ ଘରେ ବୃଦ୍ଧ ମା'ଙ୍କ ସହ ରହୁଥିଲେ। ଗତ ଦୁଇଦିନ ହେବ ସେ ଘରୁ କୁଆଡେ ଯାଇ ନ ଥିଲେ। ରାତିରେ ମା' ଡାକିବା ପରେ ମଧ ସେ ଉଠି ନ ଥିଲେ। ପରେ ଦେଖିଲା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଗଞ୍ଜାମ ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ଘଟଣାର ତଦନ୍ତ ଚଳାଇଛନ୍ତି। ଆଡିଶନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ ସାଇଣ୍ଟିଫିକ ଟିମ୍ ସହ ଘଟଣାର ଛାନ୍‌ଭିନ କରିଛନ୍ତି। ତହସିଲଦାର ଅରୁଣ ନାୟକଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ତହସିଲଦାର ମୃତକଙ୍କ ମା'ଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ତଥା ବିଜେଡି ଏନ୍‌ଏସି ସଭାପତି ସୁଧୀର କୁମାର ପାଢ଼ୀ ମଧ ୪ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

### ପୋଲସରା ବ୍ଲକ: ୨ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

**ପୋଲସରା,୨୮।୧(ଡି.ଏନ.ଏ.):** ପୋଲସରା ବ୍ଲକର ୨୬ ପଞ୍ଚାୟତ ଲାଗି ୭୦ ଜଣ ସରପଞ୍ଚ ପ୍ରାର୍ଥୀ ରହିଛନ୍ତି। ସେଥିମଧ୍ୟରୁ ଘୋଡ଼ାପଲାଣ ଓ ବାଲିଛାଇ ପ୍ରମୁଖ ପଞ୍ଚାୟତ ଅପ୍ରତିଦ୍ୱନ୍ଦ୍ୱୀ ରହିଛି। ୬୮ଟି ସରପଞ୍ଚ ପଦବୀ ଲାଗି ଭୋଟରମାନେ ମତଦାନ କରିବେ। ସେହିପରି ସମିତିସଭ୍ୟ ଲାଗି ୫୯ ଜଣ ପ୍ରାର୍ଥୀ ୨୫ଟି ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଖଣ୍ଡୁରୁ ପଞ୍ଚାୟତରେ ସମିତିସଭ୍ୟ ପଦବୀଟି ଅପ୍ରତିଦ୍ୱନ୍ଦ୍ୱୀ ରହିଛି। ସେହିପରି ୱାର୍ଡ ସଭ୍ୟ ପଦବୀ ନିମନ୍ତେ ୧୪୭ ୱାର୍ଡସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ୧୮୪ ଆସନରେ ୩୮୭ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ନାବାଳିକା ବଳାତ୍କାର ମାମଲା**

**ବ୍ରହ୍ମପୁର ଅଫିସ,୨୮।୧:** ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ତଥା ପୋକ୍‌ସୋ ଜଜ୍ ଗୁରୁପ୍ରସାଦ ସାହୁ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ହେଲେ ସଦରଥାନା ଅନ୍ତର୍ଗତ ନିମଖଣ୍ଡିର ଗଗନ ସାହୁ। ଗଗନ ଜଣେ କଲେଜ ଛାତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିବା ପରେ ପ୍ରତାରିତ କରିଥିବା ନେଇ ୨୦୧୪ ମାର୍ଚ୍ଚ ୨୭ରେ ସଦର ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ନଂ.୫୭/୧୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଥାନା ଏସଆଇ ଏସ.ବେହେରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। କିଛିମାସ ପରେ ଅଭିଯୁକ୍ତ ହାଇକୋର୍ଟରୁ ଜାମିନ ପାଇଥିଲେ। ଶୁକ୍ରବାର ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ ଓ ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ରଘୁନାଥ ପ୍ରସାଦ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

### ଜୋନସ୍ତରୀୟ କର୍ମୀ ସମ୍ମିଳନୀ

**କବିସୂର୍ଯ୍ୟନଗର,୨୮।୧(ଡି.ଏନ.ଏ.):** କବିସୂର୍ଯ୍ୟନଗର ବାଉଁସିଆ ପଞ୍ଚାୟତ ତୋଟା ପଡିଆରେ ବିଧାୟିକା ଲତିକା ପ୍ରଧାନଙ୍କ ଆବାହକତ୍ୱରେ ବିଜେଡି ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ଲାଗି ନିବେଦନ କରିଥିଲେ ବିଧାୟିକା, ନେତୃବୃନ୍ଦ। ଗଞ୍ଜାମ ଜିଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ୭ ନଂ ଜୋନ ପ୍ରାର୍ଥୀ ତଥା ପ୍ରାକ୍ତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ, ୬ ନଂ ଜୋନ ପ୍ରାର୍ଥୀ ସଙ୍ଗୀତା ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ସୁନୀଲ କୁମାର ପୋଲାଇ, ବ୍ରଜେନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ, ତପନ ପ୍ରଧାନ, ଛବିରାଣୀ ତ୍ରିପାଠୀ, ଅମ୍ବିକା ପୋଲାଇ, ପ୍ରଦୀପ ଗୌଡ଼ ଆଦି ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଏଥିରେ ୭ ପଞ୍ଚାୟତର ବିଜେଡି କର୍ମକର୍ତ୍ତା, କର୍ମୀ ଯୋଗ ଦେଇଥିଲେ।

# ଜୋର ଧରିଲା ହାଇକୋର୍ଟ ବେଞ୍ଚ ଆନ୍ଦୋଳନ

**ସ୍ଥାୟୀ ବେଞ୍ଚ ଏକମାତ୍ର ବିକଳ୍ପ : ଓକିଲ ସଂଘ**

ବ୍ରହ୍ମପୁର ଅଫିସ,୨୮।୧

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ଆନ୍ଦୋଳନ ଶୁକ୍ରବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ଏଥିଯୋଗୁ ସମସ୍ତ ଅଦାଲତରେ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପରେ ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ସମ୍ପାଦକ ପ୍ରଦୀପ କୁମାର ବେହେରା, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର ସମେତ ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, କପିଳେଶ୍ୱର ପଟ୍ଟନାୟକ, ମନୋଜ ପଟ୍ଟନାୟକ, ରାମ ପଣ୍ଡା, ବିରଞ୍ଚି ମହାପାତ୍ର, ଅକ୍ଷୟ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଅସିତ ସାବତ, ସଞ୍ଜୟ ମିଶ୍ର, ହୀରକ ରଥ, ବରୁଣ ଗୌଡ଼, ଅଭୟ ପଣ୍ଡା, ସୁଶୀଲ ତ୍ରିପାଠୀ, ସଞ୍ଜୟ ମିଶ୍ର, ସୁନୀଲ ସ୍ୱାଇଁ, କରୁଣାକର ପାଣିଗ୍ରାହୀ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ। ସୂଚନାଯୋଗ୍ୟ, ଗତ ୩ ଦଶନ୍ଧି ପୂର୍ବରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହୋଇଛି, କିନ୍ତୁ ସମସ୍ୟାର ସମାଧାନରେ ସରକାରଙ୍କ ଉପେକ୍ଷା ଅବ୍ୟାହତ ରହିଛି। ଅନ୍ୟପକ୍ଷରେ ୨୦୦୮ ମସିହାରେ ଆନ୍ଦୋଳନ ତୀବ୍ରତର ହୋଇଥିଲା ଯଦ୍ୱାରା ମାସ ମାସ ଧରି ଅଦାଲତ ବର୍ଜନ କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା ତଥାପି ଦାବି ପୂରଣ ନ ହେବାରୁ ପ୍ରତିମାସର ଶେଷ ୪ ଦିନ କୋର୍ଟ ବର୍ଜନ ପାଇଁ ଓକିଲ ସଂଘ ନିଷ୍ପତ୍ତି ନେଇଛି। ଗଞ୍ଜାମ ଓକିଲ ସଂଘର ସଭାପତି ସୁବୁଦ୍ଧି କହିଛନ୍ତି, ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଗଞ୍ଜାମ ଓକିଲ ସଂଘ ଓ ଜିଲା କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମି ରହିଛି। ତେଣୁ ରାଜ୍ୟ ସରକାର ଅଧିକ ଅବହେଳା ନ କରି ତୁରନ୍ତ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି।

# ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ ଚାଲିଛି।

ବ୍ରହ୍ମପୁର ଅଫିସ,୨୮।୧

ବ୍ରହ୍ମପୁର ମହାନଗର ନିଗମ ୧୦ନଂ. ୱାର୍ଡ ଅନ୍ତର୍ଗତ ଆଇନା ବନ୍ଧ ସାହିଠାରେ ବିଏମ୍‌ସି ଏନଫୋର୍ସମେଣ୍ଟ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ଏହି ଅଞ୍ଚଳରେ ପ୍ରାୟ ୨୦ଟି ଘରର କାନ୍ଥ ଓ ପାହାଚ ଗୁଡ଼ିକୁ ସରକାରୀ ଜାଗାରେ ଥିବାରୁ ଉଚ୍ଛେଦ କରାଯାଇଥିଲା। ବିଏମସି ପକ୍ଷରୁ ସ୍ମାର୍ଟ ରୋଡ ଓ ଡ୍ରେନେଜ ନିର୍ମାଣ ଦୃଷ୍ଟିରୁ ଏପରି ଜବରଦଖଲ ଉଚ୍ଛେଦ କରାଯାଇଥିବା ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ କହିଛନ୍ତି। ଆଜିର ଉଚ୍ଛେଦ ସମୟରେ ବିଏମସି ଡେପୁଟି କମିଶନର ଅଦ୍ୱୈତ ସ୍ୱାଇଁଙ୍କ ସମେତ ଏନଫୋର୍ସମେଣ୍ଟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୀମାକୁ କେନ୍ଦ୍ର କରି ୨ ଗ୍ରାମବାସୀ ମୁହାଁମୁହିଁ



ଉତ୍ତ୍ୟକ୍ତ ଗ୍ରାମବାସୀ ।

ବାଲିଗୁଡ଼ା,୨୮।୧(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବୁଡ୍ଡୁକିଆ ଗ୍ରାମ ପଞ୍ଚାୟତର ଦୁଇ ଗାଁ ସୀମାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ହୋଇଛି। ଦୀର୍ଘ ବର୍ଷର ବିବାଦ ଗୁରୁବାର ଉଗ୍ରରୂପ ଧାରଣ କରିଛି। ସୀମାକୁ ନେଇ ବାଲିସୁଗା ଓ ମାଦିନାଟ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗୋଷ୍ଠୀ ସଂଘର୍ଷରେ ମାଦିନାଟ ଗ୍ରାମର ଜଣେ ବ୍ୟକ୍ତିଙ୍କ ସମେତ ୨ଜଣ ମହିଳା ଆହତ ହୋଇଛନ୍ତି। ଗତ ସେପ୍ଟେମ୍ବରରେ ବାଲିଗୁଡ଼ା ପୋଲିସ ଉପସ୍ଥିତିରେ ବାଲିଗୁଡ଼ା ତହସିଲ ପକ୍ଷରୁ ଉଭୟ ଗ୍ରାମର ସୀମା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ବାଲିସୁଗା ଗ୍ରାମବାସୀ ମାଦିନାଟ ଗ୍ରାମରେ ଘର କରୁଥିବା ବେଳେ ମାଦିନାଟବାସୀ ବିରୋଧ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ଏହା ଆମ ପୂର୍ବ ପୁରୁଷଙ୍କ ଜମି। ବହୁ ବର୍ଷ ଧରି ଆମେ ଏହି ଜମିରେ ଚାଷବାସ କରି ଜୀବିକା ନିର୍ବାହ କରିଆସୁଛୁ। ଘଟଣାକୁ ନେଇ ବହୁବାର ଥାନାର ଦ୍ୱାରସ୍ଥ ହୋଇଛୁ, ହେଲେ ପରିସ୍ଥିତି ସୁଧୁରୁନି ବୋଲି ବାଲିସୁଗା ଗ୍ରାମବାସୀ କହିଛନ୍ତି। ଏ ନେଇ ବର୍ତ୍ତମାନ ସୁଦ୍ଧା ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇନାହିଁ।

# ବିଜୁଳି କର୍ମଚାରୀ ସଂଘର ଆନ୍ଦୋଳନ ଜାରି

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା ହିନ୍ଦ ମଜଦୁର ସଭା**

ବ୍ରହ୍ମପୁର ଅଫିସ,୨୮।୧

ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ବିଜୁଳି କର୍ମଚାରୀ ସଂଘର ଧାରଣା ଜାରି ରହିଛି। ଧାରଣାକୁ ହିନ୍ଦ ମଜଦୁର ସଭା ସମର୍ଥନ ଜଣାଇଛି। ବିଜୁଳି କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସଂଘ ଦାବି କରିଛି। ସଂଘ କହିଛି ଯେ, ଟାଟା ପାୱାର ବିଦ୍ୟୁତ ଯୋଗାଣ ସଂସ୍ଥାକୁ ହାତକୁ ନେବା ପରେ ଅସ୍ଥାୟୀ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରୁନାହିଁ। ଫଳରେ ପ୍ରାୟ ୩ ହଜାର କର୍ମଚାରୀ ଜୀବିକା ହରାଇଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲେ ସୁଦ୍ଧା ଟିପିଏସଓଡିଏଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଟାଟା ପାୱାର ବିଦ୍ୟୁତ ଯୋଗାଣ ସଂସ୍ଥା ହାତକୁ ନେବା ପରେ ୟୁନିଟ ପିଛା ୫୦ ପଇସା ବୃଦ୍ଧି କରିଛି। ଫଳରେ ଗ୍ରାହକଙ୍କ ଆର୍ଥିକ ଭାର ବୃଦ୍ଧି ପାଇଛି। ପୂର୍ବରୁ ଟାଟା ପାୱାର କରିଥିବା ଚୁକ୍ତିନାମାକୁ ସଂପୂର୍ଣ୍ଣ ଖିଲାପ କରିଛି ବୋଲି ଅଭିଯୋଗ ହୋଇଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ସଂଘର ରାଜ୍ୟ ଉପସଭାପତି ରବି ରଥ ଦାବି କରିଛନ୍ତି।

# ଡିଏଲ୍‌ଏସ୍‌ଏ ପକ୍ଷରୁ ଜାତୀୟ ବାଳିକା ଦିବସ

ବ୍ରହ୍ମପୁର ଅଫିସ,୨୮।୧

ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ (ଡିଏଲଏସ୍‌ଏ) ପକ୍ଷରୁ ଜାତୀୟ ବାଳିକା ଦିବସ ସିଭିଲ ଅଦାଲତ ପରିସରରେ ପାଳିତ ହୋଇଯାଇଛି। ଡିଏଲ୍‌ଏସ୍‌ଏର ଅଧକ୍ଷ ତଥା ଜିଲା ଜଜ୍ ଆନନ୍ଦଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଆଭାସିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ କୈଳାସ ସାହୁ ସ୍ୱାଗତଭାଷଣ ଦେଇଥିଲେ। ଏଥିରେ ଶେରଗଡସ୍ଥିତ ପାକିଡି ହିଲ ଆଦର୍ଶ ବିଦ୍ୟାଳୟ ଓ କୁକୁଡାଖଣ୍ଡି କୁସୁମୀ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ ସାମିଲ ହୋଇଥିଲେ। ବରିଷ୍ଠ ଦେୱାନୀ ବିଚାରପତି ସ୍ମୃତିରଞ୍ଜନ ମହାପାତ୍ର, ୨ୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ରାଜେନ୍ଦ୍ର କୁମାର ଦାସ ଅତିଥି ଭାବେ ଯୋଗଦେଇ ନାରୀଙ୍କ ଆଇନଗତ ଅଧିକାର, ସହନଶୀଳତା, ସମାଜ ଗଠନରେ ଗୁରୁଦାୟିତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୧ମ ଅତିରିକ୍ତ ଜିଲା ଜଜ୍ ସଂଘମିତ୍ରା ଶର୍ମା, ୨ୟ ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର, ୩ୟ ଅତିରିକ୍ତ ଜିଲା ଜଜ୍ ଅଲ୍ପନା ସ୍ୱାଇଁ, ରେଜିଷ୍ଟ୍ରାର ଅମରେଶ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସାଇକେଲରେ ପରିବେଶ ସଚେତନତା କରୁଛନ୍ତି ନାର୍ପତ

ପାରଳାଖେମୁଣ୍ଡି,୨୮।୧(ଡି.ଏନ୍.ଏ.)

ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ରାଜସ୍ଥାନର ଯୁବକ ନାର୍ପତ ସିଂ(୩୪)। ୨୦୧୯ ଜାନୁୟାରୀରୁ ଜମ୍ମୁ ବିମାନବନ୍ଦରଠାରୁ ସାଇକେଲରେ ସେ ଏଭଳି ଯାତ୍ରା ଆରମ୍ଭ କରିଛନ୍ତି। ଯୁବକ ଜଣକ ସାଇକେଲରେ ଯାତ୍ରା କରି ଗୁରୁବାର ପାରଳାଖେମୁଣ୍ଡିରେ ପହଞ୍ଚି ଥିବାବେଳେ ଶୁକ୍ରବାର ବ୍ରହ୍ମପୁର ଅଭିମୁଖେ ବାହାରିଛନ୍ତି। ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ସେହିପରି ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ସମସ୍ତେ ମାନୁଥିଲେ ମଧ ଏହାକୁ ନେଇ କେହି ସଚେତନ ନୁହନ୍ତି। ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ସାଇକେଲରେ ଗତ ଦୁଇବର୍ଷ ହେଲା ଅଭିଯାନ ଆରମ୍ଭ କରିଛନ୍ତି ନାର୍ପତ।



ନାର୍ପତ ସିଂ

ସେ ବର୍ତ୍ତମାନ ସୁଦ୍ଧା ୨୬ ହଜାର କିଲୋମିଟର ରାସ୍ତା ବୁଲି ସାରିଥିବା ବେଳେ ଦେଶର ବିଭିନ୍ନ ସ୍ଥାନ ବୁଲିବା ସମୟରେ ବିଭିନ୍ନ ଚାରାରୋପଣ ମଧ କରିଛନ୍ତି। ଏବେ ସୁଦ୍ଧା ସେ ୯୨ ହଜାରରୁ ଅଧିକ ଗଛ ଲଗାଇଥିବା କହିଛନ୍ତି।

# ଧାନଗଦା ଜଳିଗଲା

ବୁଗୁଡ଼ା,୨୮।୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳବାଡ଼ି ଗ୍ରାମ ରାସ୍ତା କଡରେ ଥିବା ଧାନଗଦା ଅଗ୍ନିକାଣ୍ଡରେ ଜଳିଯାଇଛି। ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ବସନ୍ତ ବିଷୋୟୀଙ୍କ ପାଳ ଗଦାଟି ସମ୍ପୂର୍ଣ୍ଣ ପୋଡି ଯାଇ ପାଖରେ ଥିବା ଧାନ ଗଦାକୁ ମଧ ନିଆଁ ଲାଗିଯାଇଥିଲା।

# ବିଜେଡି କର୍ମୀ ସମ୍ମିଳନୀ




ଏମ୍‌ପିଙ୍କ ସମେତ ବିଧାୟକ, ପୂର୍ବତନ ବିଧାୟକ ଏବଂ ଅନ୍ୟମାନେ ।

ଫୁଲବାଣୀ ଅଫିସ, ୨୮।୧

କନ୍ଧମାଳ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଫୁଲବାଣୀର ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଗଠନ ଗରିବାକୁ ଏହି ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି । କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ଏକ ହୋଇ ସମସ୍ତ ଜିଲା ପରିଷଦ ସିଟ୍ ଜିତିବାକୁ ଉଦ୍ୟମ କରିବାବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ ଜିଲାର ୩ଟି ବିଧାନସଭା ମଣ୍ଡଳୀର ବିଧାୟକମାନେ ଯୋଗଦେଇ ନିଜ ନିର୍ବାଚନମଣ୍ଡଳୀର ସବୁ ଜିଲା ପରିଷଦ ଜୋନକୁ ଜିତିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଦେବେନ୍ଦ୍ର କହଁର ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

# ଆସିକା ପୋଲିସର ପ୍ରସ୍ତୁତି

ଆସିକା,୨୮।୧(ଡି.ଏନ.ଏ)

ଆସିକା ଥାନା ଅନ୍ତର୍ଗତ ଆସିକା ବ୍ଲକର ୩୨୬ ଓ ଶେରଗଡ ବ୍ଲକର ୧୧ ଏପରି ମୋଟ ୩୩୭ ବୁଥରେ ଶାନ୍ତିପୂର୍ଣ୍ଣ ମତଦାନ ଲାଗି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆସିକା ବ୍ଲକର ୩୬ଟି ବୁଥକୁ ଅତି ଉତ୍ତେଜନାପ୍ରବଣ ଚିହ୍ନଟ କରାଯାଇଛି। ସେହିପରି ଆସିକା ବ୍ଲକର ୨୦ଟି ଓ ଶେରଗଡ ବ୍ଲକର ୪ଟି ବୁଥକୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ବିଭିନ୍ନ ଗ୍ରାମାଞ୍ଚଳରେ ପୋଲିସ ପଇଁତରା ମାରୁଥିବା ବେଳେ ରାସ୍ତାରେ ଯାନବାହାନ ଯାଞ୍ଚ ଚାଲିଛି। ଭୋଟ ଦିନ ଅଧିକ ପୋଲିସ ମୁତୟନ ହେବେ ବୋଲି ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ବିଭିନ୍ନ ଅଞ୍ଚଳର ୧୪୦ଜଣଙ୍କ ବିରୋଧରେ ୧୦୭ ମାମଲା ଓ ୧୫ଜଣଙ୍କ ବିରୋଧରେ ୧୧୦ ମାମଲା ରୁଜୁ କରାଯାଇଛି । ବିଭିନ୍ନ ଇଲାକାର ୪୩ଜଣଙ୍କୁ ସେମାନଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଦାଖଲ ଲାଗି ନୋଟିସ କରାଯାଇଥିଲା। ସେଥିମଧ୍ୟରୁ ୨୪ଜଣ ଥାନାରେ ବନ୍ଧୁକ ଦେଇଛନ୍ତି।

# ବିଦ୍ୟାଳୟ ଯାଇ ପାଠ ବୁଝିପାରିବେ ଛାତ୍ରୀଛାତ୍ର

**ଜାରି ରହିବ ଅନ୍‌ଲାଇନ, ୟୁଟ୍ୟୁବ ଶିକ୍ଷାଦାନ**

ବ୍ରହ୍ମପୁର ଅଫିସ,୨୮।୧

କରୋନା ସଂକ୍ରମଣ ପ୍ରତିହତ ଲାଗି ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ ଶ୍ରେଣୀଗୃହ ଶିକ୍ଷାଦାନ ବନ୍ଦ ରହିଛି। ଏହାର ବିକଳ୍ପ ଭାବେ ଅନଲାଇନ ଓ ୟୁଟ୍ୟୁବରେ ଶିକ୍ଷାଦାନ କରାଯାଉଛି। ତେବେ ଆର୍ଥିକ ଦୁର୍ବଳ ଶ୍ରେଣୀର ଅଧିକାଂଶ ଛାତ୍ରୀଛାତ୍ରଙ୍କ ପାଖରେ ସ୍ମାର୍ଟ ଫୋନ ସୁବିଧା ନ ଥିବାରୁ ସେମାନେ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଥିବା ନେଇ ଗତ୧୯ ତାରିଖରେ 'ଧରିତ୍ରୀ'ରେ ଏକ ଖବର ପ୍ରକାଶ ପାଇଥଲା। ତେବେ ଏଣିକି ସ୍ମାର୍ଟଫୋନ ସୁବିଧା ନ ଥିବାରୁ ପଢ଼ିପାରୁ ନଥିବା ତଥା ଅନଲାଇନ ପାଠରେ ସନ୍ଦେହ ଥିଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ନିଜ ସନ୍ଦେହ ଦୂର କରିପାରିବେ ବୋଲି ସଳଚନା ମିଳିଛି। ଏ ନେଇ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨୫ ତାରିଖରେ ଚିଠି ସଂଖ୍ୟା ୧୦୩୮ ପ୍ରକାରେ ନିର୍ଦ୍ଦେଶ ଜାରି ହୋଇଛି। ସୂଚନାଯୋଗ୍ୟ, ଜିଲାରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ପଢୁଥିବା ପ୍ରାୟ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନିକଟରେ ସ୍ମାର୍ଟ ଫୋନ୍ ନାହିଁ। ସେମାନେ ୟୁଟ୍ୟୁବ ଓ ଅନଲାଇନ ଗୁଗୁଲ ମିଟ ଦ୍ୱାରା ହେଉଥିବା ପାଠ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି। ଇତିମଧ୍ୟରେ ପୁନର୍ବାର ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲା ଅଫଲାଇନ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ କୁହାଯାଇଛି। ତେଣୁ ପିଲାମାନେ ବିଦ୍ୟାଳୟ ଯାଇ ପାଠ ବୁଝିବା ଜରୁରୀ ହୋଇପଡିଛି। ଏନେଇ ବ୍ରହ୍ମପୁର ଭିଭିଗିରି ସରକାରୀ ବାଳିକା ପ୍ରଶିକ୍ଷଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ପଟ୍ଟନାୟକଙ୍କୁ ପଚାରିବାରେ ଦୁଇ ଦିନ ମଧ୍ୟରେ ନୂଆ ନିୟମ କାର୍ଯ୍ୟକାରୀ ହେବ ଏବଂ ଅନଲାଇନ ଓ ୟୁଟ୍ୟୁବ କ୍ଲାସ ପୂର୍ବଭଳି ଚାଲୁରହିବ ବୋଲି କହିଛନ୍ତି।

# ମାନ୍ଦା ପଡ଼ିଛି ନିର୍ବାଚନୀ ପ୍ରଚାର

**ସୁରଟରୁ ଫେରୁଛନ୍ତି ଗଞ୍ଜାମ ଶ୍ରମିକ**

ବ୍ରହ୍ମପୁର ଅଫିସ,୨୮।୧

ଗଞ୍ଜାମ ଜିଲାରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ ପ୍ରଚାର ମାନ୍ଦା ପଡ଼ିଛି। କୋଭିଡ କଟକଣା ଯୋଗୁ ବିଭିନ୍ନ ଦଳର ସୀମିତ କର୍ମୀ ଗ୍ରାମାଞ୍ଚଳରେ ଘର ଘର ବୁଲି ଲୋକଙ୍କୁ ନିଜ ଆଡ଼କୁ ଆଣିବାକୁ ପ୍ରୟାସ କରୁଛନ୍ତି। ଅପରପକ୍ଷରେ ଶାସକ ବିଜେଡି ସମର୍ଥକମାନେ ସରକାରଙ୍କ ବିକାଶମୂଳକ ଯୋଜନା ନେଇ ସଚେତନ କରାଉଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ କର୍ମୀମାନେ ବିକାଶ ଖୋଜୁଥିବା ଏବଂ ଭୋଟ ରାଜନୀତି ପାଇଁ ଏହା ମିଥ୍ୟା ପ୍ରଚାର ହୋଇଥିବା କୁହାଯାଇଛି।

ଜିଲାର ପୋଲସରା, ବେଗୁନିଆପଡ଼ା, ଖଲ୍ଲିକୋଟ, ହିଞ୍ଜିଳିକାଟୁ, ଆସିକା, ସାନଖେମୁଣ୍ଡି ସମେତ ବିଭିନ୍ନ ଅଞ୍ଚଳର ଲକ୍ଷାଧିକ ଶ୍ରମିକ ଗୁଜରାଟର ସୁରଟରେ କାମ କରୁଛନ୍ତି। ନିଜ ଭିଟାମାଟିରେ ସେମାନଙ୍କ ନାମ ଭୋଟର ତାଲିକାରେ ଅଛି। ନିର୍ବାଚନରେ ସେମାନଙ୍କ ମତଦାନ ପାଇଁ ନେତାମାନେ ଉଦ୍ୟମ ଚଳାଇଛନ୍ତି। ସମସ୍ତ ସୁବିଧା ଯୋଗାଇ ଆଣିବାର ବ୍ୟବସ୍ଥା କରୁଛନ୍ତି। ଇତିମଧ୍ୟରେ ଲକ୍ଷାଧିକ ଶ୍ରମିକ ନିଜ ଅଞ୍ଚଳକୁ ଫେରିଛନ୍ତି। ତେଣୁ ପୁଣି କରୋନା ସଂକ୍ରମଣ ବଢ଼ିବା ଆଶଙ୍କା ରହୁଛି। ଫେରନ୍ତା ଶ୍ରମିକଙ୍କ ଗହଳି ବ୍ରହ୍ମପୁର, ଛତ୍ରପୁର, ଖଲିକୋଟ, ଗଞ୍ଜାମ ଆଦି ରେଳ ଷ୍ଟେଶନରେ ଦେଖିବାକୁ ମିଳୁଛି। ଅଧିକାଂଶ ଶାସକ ଦଳ ଲୋକ ପ୍ରତିନିଧି ପ୍ରବାସୀ ଓଡ଼ିଆଙ୍କୁ ଆଣୁଥିବା କୁହାଯାଇଛି। ଷ୍ଟେଶନରେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉନଥିବା ବହୁ ଅଭିଯୋଗ ହୋଇଛି। ତେଣୁ ଗତବର୍ଷର ସ୍ଥିତି ଲେଉଟିବାର ଆଶଙ୍କା କରାଯାଇଛି। ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ସଭାପତିଙ୍କ ବ୍ରହ୍ମପୁରସ୍ଥିତ ଭବନ ଠାରେ ଦଳର ଜିଲା ପରିଷଦ ଜୋନ ପ୍ରାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇଥିବା ଖବର ମିଳିଛି।

# ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୨୮।୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ବୁଥ ଅନୁଯାୟୀ ଭୋଟର ତାଲିକା ରହିଥିଲା। ବର୍ତ୍ତମାନ ୱାର୍ଡ ଅନୁଯାୟୀ କରାଯିବାକୁ ବୈଠକରେ ଆଲୋଚନା ହୋଇଛି। ପୂର୍ବରୁ ବିଏମ୍‌ସିରେ ୪୦ଟି ୱାର୍ଡ ରହିଥିଲା। ବର୍ତ୍ତମାନ ତାହା ବୃଦ୍ଧି ପାଇ ୪୨ ୱାର୍ଡ ହୋଇଛି। ତେଣୁ ୱାର୍ଡ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ କରାଯାଇ



ବୈଠକରେ ଉପସ୍ଥିତ ଜିଲାପାଳ ଓ ବିଏମସି ଅଧିକାରୀ ବୃନ୍ଦ।

ୱାର୍ଡରେ ବୁଥ ଗଠନ କରାଯିବା ପରେ ବୁଥ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ ହେବ। ଆସନ୍ତା ୩ ତାରିଖ ସୁଦ୍ଧା ଉକ୍ତ ସମସ୍ତ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ ଭୋଟର ତାଲିକା ପ୍ରସ୍ତୁତିରେ କେଉଁ ସମସ୍ୟା ରହିଛି ଓ କିଭଳି ସମାଧାନ ହୋଇପାରିବ ସେ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଭୋଟ ଗ୍ରହଣ କେନ୍ଦ୍ର, ଗଣତି କେନ୍ଦ୍ର ଓ ଇଭିଏମ ରଖିବା ସ୍ଥାନ ସଂପର୍କରେ ମଧ ଆଲୋଚନା ହୋଇଥିଲା।

**ବ୍ରହ୍ମପୁର ମହାନଗର ନିର୍ବାଚନ ନେଇ ତତ୍ପରତା**

ବର୍ତ୍ତମାନ ସୁଦ୍ଧା ପୌର ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ। ଯେ କୌଣସି ସମୟରେ ତାରିଖ ଘୋଷଣା ହୋଇପାରେ। ଏହାପୂର୍ବରୁ ନିର୍ବାଚନ ସଂପର୍କିତ ସମସ୍ତ କାର୍ଯ୍ୟ ସାରିବା ପାଇଁ ଜିଲାପାଳ ବିଏମସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅତିରିକ୍ତ କମିଶନର ଆଶୁତୋଷ ସାମଲ ଓ ସହକାରୀ ଜିଲାପାଳ ମାଳେଶ୍ୱର ପାତ୍ରଙ୍କ ସମେତ ବିଏମସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ସର୍ବକନିଷ୍ଠ କେଲିଗ୍ରାଫି ଶିକ୍ଷୟିତ୍ରୀ



**ଜୟପୁର:** ନିଷ୍ଠାର ସହିତ କଠିନ ପରିଶ୍ରମ କଲେ ସବୁକ୍ଷେତ୍ରରେ ସଫଳତା ମିଳିଥାଏ। ଏହାର ଏକ ଉଦାହରଣ ହେଉଛନ୍ତି ୧୩ବର୍ଷର ବାଳିକା ଗୌରୀ। ଏଇ ବୟସରେ ବି ସେ ଏବେ ୧୫୦୦ରୁ ଅଧିକ ପିଲାଙ୍କୁ କେଲିଗ୍ରାଫି ଆର୍ଟ ଶିଖାଇ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ରାଜସ୍ଥାନର ଆଜମେର ଅଞ୍ଚଳର ୧୩ ବର୍ଷର ଝିଅ ଗୌରୀ। ଏବେ ଅଷ୍ଟମ ଶ୍ରେଣୀର ଛାତ୍ରୀ। କିନ୍ତୁ ଏଇ ବୟସରୁ ସେ ୧୫୦୦ରୁ ଅଧିକ ପିଲାଙ୍କୁ କେଲିଗ୍ରାଫି ଟ୍ରେନିଂ ଦେଇ ସାରିଲେଣି। କେଲିଗ୍ରାଫି ହେଉଛି ଅକ୍ଷର ସବୁରେ ବିଭିନ୍ନ ଡିଜାଇନ୍ କରିବାର ଏକ ସ୍ୱତନ୍ତ୍ର କଳା। ବିଶ୍ୱାସ ହେଉ ନ ଥିଲେ ବି ଏଭଳି ଏକ କାମ କରି ଗୌରୀ ଏବେ ସମସ୍ତଙ୍କୁ ଉତ୍ସାହିତ କରିପାରିଛନ୍ତି। ଗୌରୀଙ୍କ ମାଆ କୁହନ୍ତି କି ଯେଉଁ ବୟସରେ ପିଲାମାନେ କଲମ ଧରିବା ଶିଖି ନ ଥାନ୍ତି ସେ ବୟସରେ ସେ ଅକ୍ଷର ଶିଖି ଡିଜାଇନ୍ କରିବାକୁ ଚେଷ୍ଟା କରୁଥିଲେ। ପରେ ସେ କେଲିଗ୍ରାଫିର ଶିକ୍ଷା ନେଇଥିଲେ। ଏହା ସହିତ ନିଜେ କମ୍ପ୍ୟୁଟରରୁ ଦେଖି ଏହି କ୍ଷେତ୍ରରେ ଖୁବ୍‌ଶୀଘ୍ର ଦକ୍ଷତା ହାସଲ କରିପାରିଥିଲେ। ତେଣୁ ତାଙ୍କର ଏଭଳି କଳା ପ୍ରତିଭା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିପାରିଥିଲା। ଆଉ ଦିନ କେଇଟା ମଧ୍ୟରେ ସେ ନିମନ୍ତ୍ରଣ ପତ୍ର, ବିଭିନ୍ନ ଉପହାର, ମେମୋରିଆଲ୍ ଡକ୍ୟୁମେଣ୍ଟ, ସାର୍ଟିଫିକେଟ୍, ପୋଷ୍ଟର, ଗ୍ରୀଟିଂ କାର୍ଡ, ପୁସ୍ତକର ପ୍ରଚ୍ଛଦ ପୃଷ୍ଠା ତଥା ସେରାମିକ୍ ଏବଂ ମାର୍ବଲରେ ମଧ୍ୟ ଶବ୍ଦଗୁଡ଼ିକୁ ସୁନ୍ଦରଭାବେ ଉପସ୍ଥାପନ କରିବାର କଳାରେ ସିଦ୍ଧହସ୍ତ ହୋଇ ଯାଇଥିଲେ। ଏବେ ସେ ୧୫୦ରୁ ଅଧିକ ଡିଜାଇନ୍ କରି ପାରୁଛନ୍ତି। ତେଣୁ ତାଙ୍କ ପାଖରୁ ଏହି କଳା ଶିଖିବା ପାଇଁ ଅନେକ ଆଗ୍ରହ ପ୍ରକାଶ କରିଥିଲେ। ଏମିତି କି ବ୍ରିଟେନରୁ ଆମେରିକା ପର୍ଯ୍ୟନ୍ତ ଅନେକ ଦେଶର ଛାତ୍ର ମଧ୍ୟ ଏବେ ତାଙ୍କଠାରୁ ଏହି କଳାରେ ଟ୍ରେନିଂ ନେଇ ସାରିଲେଣି। ଏତେ କମ୍ ବୟସରୁ ତାଙ୍କର ଏହି ସଫଳତା ତାଙ୍କୁ ଅନେକଗୁଡ଼ିଏ ରେକର୍ଡର ଅଧିକାରୀ କରିପାରିଛି। ଏହା ସହିତ ଏବେ ସେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର ପାଇଁ ବି ମନୋନୀତ ହୋଇସାରିଛନ୍ତି।

# କ୍ଷମା ମାଗିଲେ ଶ୍ୱେତା

ଭଗବାନ ତାଙ୍କ ବ୍ରା ମାପ ନେଉଛନ୍ତି ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିନେତ୍ରୀ ଶ୍ୱେତା ତିୱାରୀ ଏଥିପାଇଁ ଶୁକ୍ରବାର କ୍ଷମା ମାଗିଛନ୍ତି। ତେବେ ତାଙ୍କ ମନ୍ତବ୍ୟକୁ ଭୁଲ୍ ଉପସ୍ଥାପନା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କର ଆଗାମୀ ୱେବ୍ ସିରିଜ୍ 'ଶୋ ଷ୍ଟପର'କୁ ପ୍ରମୋଟ କରିବା ଲାଗି ଭୋପାଳ ଯାଇଥିଲେ। ଉକ୍ତ ଶୋ' ଫେଶନ ଜଗତକୁ ଆଧାର କରି ନିର୍ମାଣ କରାଯାଇଛି, ଯେଉଁଥିରେ ସୌରଭ ରାଜ ଜୈନ ଏବଂ ରୋହିତ ରାୟ ମଧ୍ୟ ଅଭିନୟ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଶ୍ୱେତା ନିଜର ଅନ୍ତଃବସ୍ତ୍ର ସମ୍ପର୍କରେ ମନ୍ତବ୍ୟ ଦେବାବେଳେ ସେଥିରେ ଭଗବାନଙ୍କୁ ଯୋଡ଼ିଥିଲେ। ତାଙ୍କ ବ୍ରା ମାପ୍ ଭଗବାନ ନେଉଛନ୍ତି ବୋଲି ସେ କହିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସେ କ୍ଷମା ମାଗିଛନ୍ତି। କାହାର ଭାବାବେଗକୁ ଆଘାତ ଦେଇଥିଲେ ସେଥିପାଇଁ ମୁଁ କ୍ଷମା ମାଗୁଛି। ତେବେ ତାଙ୍କ ମନ୍ତବ୍ୟକୁ ଭୁଲ୍ ଉପସ୍ଥାପନ କରାଯାଇଥିବା ଶ୍ୱେତା କହିଛନ୍ତି। ତାଙ୍କର ଜଣେ ସହକର୍ମୀ ପୂର୍ବ ଶୋ'ରେ କରିଥିବା ଭୂମିକାକୁ ଲକ୍ଷ୍ୟ କରି ସେ ଦେଇଥିବା ମନ୍ତବ୍ୟକୁ ନେଇଯାଇ ସେଠାରେ ଉପସ୍ଥାପନ କରାଯାଇଛି। ସୌରଭ ରାଜ ଜୈନଙ୍କ ଭଗବାନ ଭୂମିକାରେ ଲୋକପ୍ରିୟ ଅଭିନୟ ପରିପ୍ରେକ୍ଷୀରେ ସେ 'ଭଗବାନ' ଶବ୍ଦ ବ୍ୟବହାର କରିଥିବା ଜଣେ ସମ୍ପୂର୍ଣ୍ଣ ବିଷୟକୁ ଶୁଣିଲେ ବୁଝିପାରିବେ ବୋଲି ଅଭିନେତ୍ରୀ କହିଛନ୍ତି। ଲୋକେ ଭୂମିକାରେ ଥିବା ନାମକୁ ଅଭିନେତା ଅଭିନେତ୍ରୀଙ୍କ ପାଇଁ ବ୍ୟବହାର କରିଥାନ୍ତି। ସେହି ଅନୁଯାୟୀ ସେ ଭଗବାନ ଭୂମିକାର ନାମକୁ ନେଇଥିଲେ ବୋଲି କହିଛନ୍ତି।



# 'ସଲାର'ର ମୁଖ୍ୟ ଭୂମିକାରେ ଶ୍ରୁତି

**ହାଇଦ୍ରାବାଦ:** ପ୍ରଭାସ ଅଭିନୀତ 'ସଲାର'ର ସ୍ୱତନ୍ତ୍ର ପୋଷ୍ଟର ରିଲିଜ୍ କରି ପ୍ରଯୋଜକ ଚଳଚ୍ଚିତ୍ରର ହିରୋଇନ୍ ଶ୍ରୁତି ହାସନଙ୍କୁ ତାଙ୍କ ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଛନ୍ତି। ଶୁକ୍ରବାର ଶ୍ରୁତି ତାଙ୍କର ଜନ୍ମଦିନ ପାଳନ କରିଛନ୍ତି। ପ୍ରଶାନ୍ତ ନୀଲ୍‌ଙ୍କ ନିର୍ଦ୍ଦେଶିତ 'ସଲାର'ରେ ଶ୍ରୁତି ଆଦ୍ୟା ଭୂମିକାରେ ଅଭିନୟ କରୁଛନ୍ତି। ପୋଷ୍ଟରରେ ସେ ଲମ୍ବା ପୋଷାକ ପରିଧାନ କରି ଆକାଶକୁ ନିରୀକ୍ଷଣ କରୁଥିବା ଦେଖାଯାଇଛି। ଶ୍ରୁତି ଜଣେ ରାଜନୈତିକ ଖବରଦାତା ଭୂମିକାରେ ଅଭିନୟ କରିବେ ବୋଲି ପ୍ରଚାର ହେଉଥିବାବେଳେ ପ୍ରଯୋଜକ ଏହା ଉପରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ଏହା ପ୍ରଭାସଙ୍କର ହାଇବଜେଟ ଫିଲ୍ମ ହେବାକୁ ଯାଉଛି। ପ୍ରଶାନ୍ତ ନୀଲଙ୍କ 'କେଜିଏଫ୍' ଭଳି ଏହା ମଧ୍ୟ ବେଶ୍ ଭଲ ବ୍ୟବସାୟ କରିବ ବୋଲି ଆଶା କରାଯାଉଛି।



# ଜେସିବିରେ ପହଞ୍ଚିଲେ ବର



**ଶିମ୍ଲା:** ବିବାହକୁ ସ୍ମରଣୀୟ କରିବା ଲାଗି ଲୋକେ ବିଭିନ୍ନ ତରିକା ଆପଣାଇଥାନ୍ତି। କିଏ ହେଲିକପ୍ଟରରେ ତ କିଏ ଘୋଡ଼ା ଚଢ଼ି ବିବାହ କରିବାକୁ ଯାଇଥାନ୍ତି। ହେଲେ ହିମାଚଳପ୍ରଦେଶରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ସେଠାରେ ପ୍ରବଳ ତୁଷାରପାତ ଯୋଗୁ ରାସ୍ତା ବରଫାବୃତ୍ତ ରହିଥିବାରୁ ଜଣେ ବର ବିବାହ ସ୍ଥଳରେ ପହଞ୍ଚିବା ପାଇଁ ଜେସିବିର ସହାୟତା ନେଇଛନ୍ତି। କେବଳ ବର ନୁହନ୍ତି, ବରଯାତ୍ରୀମାନେ ମଧ୍ୟ ଜେସିବିରେ ଶୋଭାଯାତ୍ରା କରି କନ୍ୟାଘରେ ପହଞ୍ଚିଥିଲେ। ବିବାହ ସମ୍ପନ୍ନ ହେବା ପରେ ସେମାନେ ଜେସିବିରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଗତ ରବିବାର ପ୍ରବଳ ତୁଷାରପାତ ହେଉଥିବାବେଳେ ଶିମଲାର ଗିରିପାର ଅଞ୍ଚଳର ବିଜୟ ପ୍ରକାଶ ବାହା ହେବାକୁ ବାହାରିଥିଲେ। ବିବାହ ଶୋଭାଯାତ୍ରା କୌଣସି ପ୍ରକାରେ ଦାଲ୍ୟାନୁ ପର୍ଯ୍ୟନ୍ତ ଯାଇଥିଲା। ଏହା ପରେ ତୁଷାରପାତ ଯୋଗୁ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଶୋଭାଯାତ୍ରା ଆଗେଇବା ସମ୍ଭବ ନ ଥିଲା। ଶେଷରେ ପରିବାର ପକ୍ଷରୁ ଦୁଇଟି ଜେସିବି ଡକାଯାଇଥିଲା। ସେଠାରୁ ବର ଓ ବରଯାତ୍ରୀମାନେ ୨ ଜେସିବିରେ ୩୦ କିଲୋମିଟର ଯିବା ପରେ କନ୍ୟାଘରେ ପହଞ୍ଚିଥିଲେ। ବରଯାତ୍ରୀ ଦଳରେ ବର ପିତା ଜଗତ ସିଂ, ଭାଇ ସୁରେନ୍ଦ୍ର ଏବଂ ଫଟୋଗ୍ରାଫରଙ୍କ ସହ ୧୦ ଜଣ ଥିଲେ। ଗିରିପାରଠାରେ ପହଞ୍ଚିବା ପରେ ବିଜୟଙ୍କର ଶକୁନ୍ତଳାଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ପୂର୍ବଭଳି ବରକନ୍ୟା ଓ ଅନ୍ୟମାନେ ଜେସିବିରେ ଘରକୁ ଫେରିଥିଲେ।

## ରାଜ୍ୟ ଖବର

# ୬ହଜାର ଘରୋଇ ବିଦ୍ୟାଳୟ ସୁରକ୍ଷା ନେଇ ଆଲୋଚନା

### ୫ ପ୍ରସ୍ତାବ ଗ୍ରହଣ କରିବାକୁ ପୁନଃ ଅନୁରୋଧ କଲା ସଂଘ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ (ଅପୋସୋ) ପକ୍ଷରୁ ଶୁକ୍ରବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ୬ହଜାରରୁ ଊର୍ଦ୍ଧ୍ୱ ଘରୋଇ ବିଦ୍ୟାଳୟର ସୁରକ୍ଷାକୁ ନେଇ ଆଲୋଚନା ହେବା ସହ ସରକାରଙ୍କ ନିକଟରେ କେତେକ ଦାବି ରଖିବାକୁ ନିଷ୍ପତ୍ତି ହୋଇଛି।

ସଂଘ ସଭାପତି ସତ୍ୟନାରାୟଣ ମିଶ୍ର କହିଛନ୍ତି, କରୋନା ମହାମାରୀ ସ୍ଥିତି ନ ସୁଧୁରିବା ଯାଏ ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ସ୍ୱୀକୃତି ପାଇଥିବା ଘରୋଇ ବିଦ୍ୟାଳୟଗୁଡିକରେ ସି.ଓ.ଆର୍./ଏନ୍.ଓ.ସି. ଅବଧିର ସମୟ ସୀମାକୁ ଆଉ ୩ବର୍ଷ ବୃଦ୍ଧି କରାଯାଉ। ଗତ ୨ବର୍ଷ ମଧ୍ୟରେ ପ୍ରାୟ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିନା ଟିସିରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଏହାକୁ ସଂଘ ବିରୋଧ କରିଛି। ଏଥିସହ ସ୍କୁଲ୍‌ଗୁଡ଼ିକ ମାସ ମାସ ଧରି ବନ୍ଦ ରହୁଥିବାରୁ ଶିକ୍ଷା ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ଏପରିସ୍ଥଳେ ଡାକ୍ତର ତଥା ବୈଜ୍ଞାନିକଙ୍କ ପରାମର୍ଶ ଅନୁସାରେ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯାଇ ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଖୋଲା ନ ଗଲେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି କରୋନାରେ ଗତ ୨ବର୍ଷର ଭୟାବହତାକୁ ନେଇ ଘରୋଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ୨୫% ମାଗଣା ଶିକ୍ଷାର ପ୍ରାପ୍ୟ ଦେବା ପାଇଁ ସରକାରୀ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଜିଲା/ ବ୍ଲକ ଶିକ୍ଷାଧିକାରୀମାନେ କୌଣସି ପଦକ୍ଷେପ ନେଉନାହାନ୍ତି। ସଂଘ ଏହି ୫ଟି ପ୍ରସ୍ତାବକୁ ସରକାରୀ ସ୍ତରରେ ଜଣାଇଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳି ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ସରକାର ଏ ନେଇ ସ୍ୱତନ୍ତ୍ର ବିଚାର କରିବାକୁ ସଂଘ ପୁନଃ ଅନୁରୋଧ କରିଛି। ବୈଠକରେ ସଂଘର ସାଧାରଣ ସମ୍ପାଦକ ଅବନ୍ତୀ କୁମାର ସୂତାର, ସହକାରୀ ସମ୍ପାଦକ ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାକ୍ଷୀ ଆସିଲେନି, ହୋଇପାରିଲାନି ସବ୍ୟସାଚୀଙ୍କ ମାମଲା ଶୁଣାଣି

ଗୁଣପୁର,୨୮।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କୋର୍ଟରେ ଶୁକ୍ରବାର ଦ୍ୱିତୀୟ ଦିନରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ହାଜର କରାଯାଇଥିଲା। ଶୁକ୍ରବାର ତାଙ୍କର ୯ଟି ମାମଲାର ବିଚାରଣା ହେବାର ଥିଲା। ହେଲେ ଜଣେ ହେଲେ ସାକ୍ଷୀ ନ ଆସିବାରୁ ତାଙ୍କ ବିଚାର ପ୍ରକ୍ରିୟା ହୋଇପାରି ନ ଥିଲା। ଆସନ୍ତା ୯ରେ ପୁଣି ତାଙ୍କୁ ହାଜର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୁଣପୁର ଜେଲରେ ଦୁଇ ଦିନ ଧରି ସବ୍ୟସାଚି ରହିବା ପରେ ତାଙ୍କୁ ବ୍ରହ୍ମପୁର ଜେଲ୍ ହାଜତକୁ ପଠାଯାଇଛି। ସବ୍‌ଜଜଙ୍କ କୋର୍ଟରେ ୪ଟି ଏବଂ ଏଡିଜେଙ୍କ କୋର୍ଟରେ ୫ଟି ମାମଲାର ବିଚାର ପାଇଁ ରହିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ତାଙ୍କର ଅନ୍ୟ ୧୦ ମାମଲାର ବିଚାର ହେବାର ଥିଲା। ସାକ୍ଷୀ ନ ପହଞ୍ଚିବାରୁ ବିଚାର ହୋଇପାରି ନ ଥିଲା।




ପୁରୀ ମେଡିକାଲ ଛକଠାରେ ଶୁକ୍ରବାର କିନ୍ନର ସଂଘ, ସାଥୀ ଅନୁଷ୍ଠାନ, ସିପାର ଏବଂ ୟୁଏନ୍‌ଡିପି ମିଳିତ ଆନୁକୂଲ୍ୟରେ ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଇଥିଲା।

# ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି

### ନୟାଗଡ଼ରୁ ୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ ଘଟଣା

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ନୟାଗଡ ଜିଲା ଟାଉନ ଥାନା ଉଦୟପଥ ଲେନ୍‌ସ୍ଥିତ ଏକ ଭଡାଘରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ସହ ଭିକି ରାଓ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ( ଏସ୍‌ଟିଏଫ୍)। ଏହି ଘଟଣାରେ ତଦନ୍ତ ଜାରି ରହିଥିବାବେଳେ ଅଧିକ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଜେଲରେ ଥିବା ଭିକିଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଖୋର୍ଦ୍ଧା ଏସ୍‌ଡିଜିଏମ୍ କୋର୍ଟରେ ଆବେଦନ କରିଥିଲା। ତେବେ ଶୁକ୍ରବାର ୨ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି କୋର୍ଟ। ଏସ୍‌ଟିଏଫ୍ ଭିକିଙ୍କୁ ରିମାଣ୍ଡରେ ନେଇ ବ୍ରାଉନସୁଗାର ର୍‍ୟାକେଟର ଅଧିକ ଖୋଳତାଡ଼ କରବା ସହ ଖସି ପଳାଇଥିବା ମାଷ୍ଟର ମାଇଣ୍ଡ ଶିବୁ ଦାସଙ୍କୁ ଧରିବାକୁ ଉଦ୍ୟମ କରିବ। ଏହି ବେଆଇନ ବ୍ୟବସାୟରେ ଆଉ କେତେଜଣ ସାମିଲ ଅଛନ୍ତି, କେଉଁଠୁ ବ୍ରାଉନସୁଗାର ଆସୁଥିଲା, କେଉଁ ଅଞ୍ଚଳକୁ ପଠାଯାଉଥିଲା, ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଫ୍ ପଚରାଉଚରା କରିବ ବୋଲି ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଶିବୁ ମାଛ ବ୍ୟବସାୟୀ କରୁଥିବା କହି ନୟାଗଡ଼ ଟାଉନ ଉଦୟପଥରେ ଏକ ଘରକୁ ୩ ମାସ ତଳେ ଭଡ଼ାରେ ନେଇଥିଲେ। ସେ ସେଠାରେ କେତେଜଣ ଲୋକଙ୍କୁ ରଖି ବ୍ରାଉନସୁଗାର ହୋଲ୍‌ସେଲ ବ୍ୟବସାୟ କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଗତ ସୋମବାର ରାତି ପ୍ରାୟ ୧୦ଟାବେଳେ ସେଠାରେ ଚଢ଼ାଉ କରିଥିଲା। ପୂର୍ବରୁ ଶିବୁ ଖବର ପାଇ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ହେଲେ ଏସ୍‌ଟିଏଫ୍ ଅଧିକାରୀଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ ଭିକି। ଚଢ଼ାଉବେଳେ ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗାର ସହ ନଗଦ ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ଟି ପିସ୍ତଲ, ୪୩ ରାଉଣ୍ଡ ଅଫୁଟା ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ ଆଦି ଜବତ କରାଯାଇଥିଲା। ଏସ୍‌ଟିଏଫ୍ ଟିମ୍ ଶିବୁଙ୍କ ସ୍ତ୍ରୀଙ୍କୁ ପଚରାଉଚରା କରି ସେଠାରୁ ପଳାଇ ଆସିଥିଲା।

# ଡାକ୍ତରୀ ପରାମର୍ଶ ପାଇଁ ଫୋନ୍ ନମ୍ବର ଜାରି

**ଭୁବନେଶ୍ୱର, ୨୮।୧(ବ୍ୟୁରୋ):** କରୋନାରୁ ସୁସ୍ଥ ହେବା ପରେ ଡାକ୍ତରୀ ପରାମର୍ଶ ପାଇଁ ରାଜ୍ୟ ସରକାର ଶୁକ୍ରବାର ସମସ୍ତ ଜିଲା ଲାଗି ଭିନ୍ନ ଭିନ୍ନ ଫୋନ୍ ନମ୍ବର ଜାରି କରିଛନ୍ତି। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। କୌଣସି ବ୍ୟକ୍ତି କରୋନାରୁ ଆରୋଗ୍ୟ ଲାଭ କରିବା ପରେ କିମ୍ବା ମାନସିକ ରୋଗରେ ପୀଡ଼ିତ ଯେକୌଣସି ରୋଗୀ କୌଣସି ସହାୟତା ପାଇଁ ଜାରି ହୋଇଥିବା ନମ୍ବରକୁ ଫୋନ କରି ଦକ୍ଷ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇପାରିବେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମର ପରାମର୍ଶଦାତା ଅଛନ୍ତି।

# ଅବକାରୀ, ପୋଲିସ ଟିମ୍ ଉପରେ ଆକ୍ରମଣ

### ପୋଲିସ ଏସ୍‌ଆଇ, ୫ କର୍ମଚାରୀ ଆହତ

ରାଇଘର,୨୮।୧(ଡି.ଏନ୍.ଏ.)

ମଦ ଧରିବାକୁ ଯାଇଥିବା ଅବକାରୀ ଓ ପୋଲିସ ଟିମ୍ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ପୋଲିସ ଏସ୍‌ଆଇଙ୍କ ସମେତ ୫ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି ଦୁଇ ବିଭାଗର ଗାଡ଼ି ଭଙ୍ଗାରୁଜା କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଓ ରାଇଘର ପୋଲିସ ଟିମ୍ ମିଳିତ ଭାବେ ରାଇଘର ବ୍ଲକ କଚାରପାରା ପଞ୍ଚାୟତର ତାରିଗାଁ ଗ୍ରାମରେ ଚଢ଼ାଉ କରିଥିଲେ। ଅବକାରୀ ବିଭାଗର ଦୁଇ ଗାଡ଼ି ଓ ପୋଲିସ ବିଭାଗର ଗୋଟିଏ ଗାଡ଼ିରେ ଅଧିକାରୀ ଓ କର୍ମଚାରୀ ପହଞ୍ଚି ପ୍ରଥମେ ୨ ଘରୁ ଦେଶୀମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ନଷ୍ଟ କରିଥିଲେ। ଏହାପରେ ଗ୍ରାମର ମଧ୍ୟ ସ୍ଥଳରେ ପହଞ୍ଚିବା ବେଳକୁ ଲୁଚି ରହିଥିବା ଗ୍ରାମବାସୀ ଏକତ୍ରିତ ହୋଇ ପୋଲିସ ଓ ଅବକାରୀ ଟିମ୍ ଉପରେ ଆକ୍ରମଣ କରିଥିଲେ। ପଥର ମାଡ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏଥିରେ ରାଇଘର ଥାନା ଏସ୍‌ଆଇ ମନୋରଞ୍ଜନ ବେହେରାଙ୍କ ସମେତ ରାଇଘର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ କୁଶ ଜାଲ, ସୁରେନ୍ଦ୍ର ପଣ୍ଡା, ଦେବାଶିଷ ଦାସ ପ୍ରମୁଖ ଆହାତ ହୋଇଛନ୍ତି। ସମସ୍ତ କର୍ମଚାରୀ ଏ ନେଇ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ୨୬/୧୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ

### ବ୍ୟାପକ ହେଉନି...

ଅଦ୍ୟାବଧି ଜାରି ରହିଛି। ପ୍ରତିଦିନ ୫୦ରୁ ଅଧିକ ରୋଗୀ ଏହି ସେବା ପାଇଁ ଫୋନ୍ କରୁଥିବାବେଳେ ୪,୮୭୧ଜଣ ଉପକୃତ ହୋଇଥିବା ଜଣାପଡ଼ିଛି। ତେବେ କୋଭିଡ୍ ସମେତ ସମସ୍ତ ରୋଗର ନିରାକରଣ ନିମନ୍ତେ ଜାରି ହୋଇଥିବା ୪ଟି ନମ୍ବରକୁ ପ୍ରତିଦିନ ୪୦୦ରୁ ଊର୍ଦ୍ଧ୍ୱ କଲ୍ ଆସିଥାଏ। ଏପଟେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଟେଲିମେଡିସିନ ସେବା ଜାନୁୟାରୀ ୧୪ରୁ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହୋଇଥିବା ସୂଚନା ମିଳିଛି। ଟେଲିମେଡିସିନ ସେବା ମାଧ୍ୟମରେ ରୋଗୀ ଘରେ ବସି ଫୋନ୍ କରି ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଯଦିଓ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ବ୍ୟବସ୍ଥା ହୋଇ ନାହିଁ, ତଥାପି ଜିଲା ହସ୍ପିଟାଲ ସହିତ ଯୋଡ଼ାଯାଇ ରୋଗୀଙ୍କୁ ସେବା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ରୋଗୀମାନେ ନିକଟ ପିଏଚ୍‌ସି କିମ୍ବା ସିଏଚ୍‌ସିକୁ ଯାଇ ସେଠାରେ ଥିବା ଡାକ୍ତରଙ୍କ ଜରିଆରେ ଟେଲିମେଡିସନ କେନ୍ଦ୍ରରେ ବସିଥିବା ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଜାରି ହୋଇଥିବା ଫୋନ୍ ନମ୍ବରରେ ହ୍ୱାଟ୍‌ସଆପ୍ ବ୍ୟବସ୍ଥା ଥିବାରୁ ଡାକ୍ତରମାନେ ରୋଗୀଙ୍କ ସମସ୍ୟା ବୁଝି ଉପଯୁକ୍ତ ପରାମର୍ଶ ଦେବା ସହ ପ୍ରେସ୍‌କ୍ରିପ୍‌ଶନ ଲେଖିବାର ବ୍ୟବସ୍ଥା ରହିଛି। ତେବେ ଟେଲିମେଡିସିନ କେନ୍ଦ୍ରରେ ଥିବା ଡାକ୍ତରଙ୍କ ଦ୍ୱାରା ରୋଗର ଚିକିତ୍ସା ସମ୍ଭବ ନ ହେଲେ ରୋଗୀଙ୍କୁ ସ୍ପେଶାଲିଷ୍ଟ କିମ୍ବା ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କ ସହ ସିଧାସଳଖ ସଂଯୋଗ କରି ଦିଆଯାଉଛି। ରୋଗୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଗୁରୁତର ବା ଜଟିଳ ଥିଲେ ତାଙ୍କୁ ହସ୍ପିଟାଲ ଆସିବା ପାଇଁ ପରାମର୍ଶ ଦିଆଯାଉଛି।

# ପ୍ରଥମ ଓଡ଼ିଆ ପୂର୍ଣ୍ଣାଙ୍ଗ ଉପନ୍ୟାସ



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

**'ବିବାସିନୀ' ରାମଶଙ୍କର ରାୟଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ। ଏହା ବାରିପଦାରୁ ପ୍ରକାଶିତ ଉତ୍କଳପ୍ରଭା (୧୮୯୧) ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଇଥିଲା ଏବଂ ୧୮୯୫ରେ କଟକ ପ୍ରିଣ୍ଟିଂ କମ୍ପାନୀ, କଟକଙ୍କ ଦ୍ୱାରା ପୁସ୍ତକ ରୂପେ ପ୍ରକାଶିତ। ରାମଶଙ୍କର ଗୌରୀଶଙ୍କର ରାୟଙ୍କ ଅନୁଜ। ୧୮୫୭ରେ କଟକ ଜିଲା ଅସୁରେଶ୍ୱର ନିକଟସ୍ଥ ଦୀକ୍ଷିତପଡ଼ାରେ ତାଙ୍କର ଜନ୍ମ। ପିତା ସଦାଶିବ ପ୍ରସାଦ ଓ ମାତା ଅନ୍ନପୂର୍ଣ୍ଣା ଦେବୀ।**

ରାମଶଙ୍କର ନିଜ ଗ୍ରାମରେ ଚାଟଶାଳୀ ଶିକ୍ଷା ସମାପ୍ତ ପରେ ସାତବର୍ଷ ବୟସରୁ କଟକ ଚାଲି ଆସିଥିଲେ। ୧୮୭୭ରେ କଟକ କଲେଜରୁ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରବେଶିକା ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ୧୮୭୮ରେ ମଝିଆ ଭାଇ ହରିଶଙ୍କରଙ୍କ ଉଦ୍ୟମରେ ବଙ୍ଗଳା 'ରାମାଭିଷେକ' ନାଟକ କଟକଠାରେ ମଞ୍ଚସ୍ଥ ହୋଇଥିଲା। ଏହା ରାମଶଙ୍କରଙ୍କୁ ଓଡ଼ିଆରେ ନାଟକ ଲେଖିବାକୁ ଅନୁପ୍ରେରିତ କରିଥିଲା। ଫଳରେ ସେ କାଞ୍ଚିକାବେରୀ, ବନବାଳା, କଳିକାଳ, ରାମ ବନବାସ, ବୁଢ଼ାବର, କଂସବଧ, ବିଷମୋଦକ, ଯୁଗଧର୍ମ, କାଞ୍ଚନମାଳୀ, ଚୈତନ୍ୟଲୀଳା ଓ ଲୀଳାବତୀ ପ୍ରଭୃତି ନାଟକ ଓ ପ୍ରହସନମାନ ରଚନା କରିଥିଲେ।

ରାମଶଙ୍କର ଓ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମରେ ୧୮୭୮ରେ 'ଉତ୍କଳମଧୁପ' ପତ୍ରିକା ପ୍ରକାଶ ପାଇଥିଲା। ଏଥିରେ ରାମଶଙ୍କରଙ୍କ 'ସୌଦାମିନୀ' ଉପନ୍ୟାସ ଧାରାବାହିକ ଭାବେ ପ୍ରକାଶିତ। ଉତ୍କଳମଧୁପ ବନ୍ଦ ହୋଇଯିବାରୁ ଏହି ଉପନ୍ୟାସ ମଧ୍ୟ ଅସମ୍ପୂର୍ଣ୍ଣ ରହିଗଲା। ବାରିପଦାରୁ ପ୍ରକାଶିତ 'ଉତ୍କଳପ୍ରଭା' (୧୮୯୧) ପତ୍ରିକାରେ ରାମଶଙ୍କରଙ୍କ 'ବିବାସିନୀ' ଧାରାବାହିକ ପ୍ରକାଶ ପାଇଥିଲା। ଓଡ଼ିଆ ସାହିତ୍ୟରେ ଉପନ୍ୟାସର ଅଭାବ ଏବଂ ପାଠକଙ୍କ ଆଗ୍ରହକୁ ସମ୍ମାନ ଜଣାଇ 'ଉତ୍କଳପ୍ରଭା'ର ସମ୍ପାଦକ ରାମଶଙ୍କରଙ୍କୁ ଉପନ୍ୟାସଟିଏ ରଚନା କରିବାକୁ ଅନୁରୋଧ କରିଥିଲେ। ଫଳରେ ରାମଶଙ୍କର 'ବିବାସିନୀ' ଲେଖି ପଠାଇଥିଲେ। ପ୍ରଭାର ପ୍ରଥମ ଭାଗ ପ୍ରଥମ ସଂଖ୍ୟା ବୈଶାଖ- ୧୨୯୮ ସାଲ (୧୮୯୧)ରୁ ଉପନ୍ୟାସଟି ଧାରାବାହିକ ଭାବେ ପ୍ରକାଶ ପାଇଥିଲା। 'ଉତ୍କଳପ୍ରଭା'ରେ 'ବିବାସିନୀ' ପ୍ରକାଶ ପାଇଥିବାରୁ ରାମଶଙ୍କର ଏକଶତ ଟଙ୍କା ପୁରସ୍କାର ପାଇଥିଲେ। ପୁସ୍ତକଟି ପ୍ରକାଶ କରିବା ପାଇଁ ହିନ୍ଦୋଳର ରାଜା ଆର୍ଥିକ ସାହାଯ୍ୟ କରିଥିବାରୁ ଲେଖକ ହିନ୍ଦୋଳର ରାଜା ଜନାର୍ଦ୍ଦନ ସିଂହ ମର୍ଦ୍ଦରାଜ ଜଗଦ୍ଦେବଙ୍କୁ ପୁସ୍ତକଟି ଉତ୍ସର୍ଗ କରିଥିଲେ।

'ବିବାସିନୀ' ଅଣତିରିଶ ପରିଚ୍ଛେଦ ବିଶିଷ୍ଟ। ପ୍ରଭାରେ ପ୍ରକାଶିତ ପାଠକୁ ସାମାନ୍ୟ ଖଣ୍ଡନ ମଣ୍ଡନ କରି ରାମଶଙ୍କର ତାକୁ ପୁସ୍ତକ ରୂପ ଦେଇଥିଲେ। ଏହାକୁ ଏକ ଐତିହାସିକ ଉପନ୍ୟାସ ରୂପେ ଅନେକ ଗବେଷକ ସ୍ୱୀକାର କରନ୍ତି। 'ସୌଦାମିନୀ', 'ପଦ୍ମମାଳୀ', 'କେନ୍ଦୁଝର ବିଦ୍ରୋହ' ସଦୃଶ 'ବିବାସିନୀ'ର ଗଠନ କୌଶଳ ଇତିହାସ ନିର୍ଭର। ୧୮୯୧ରେ ରଚିତ ଏହି ଉପନ୍ୟାସଟି ପ୍ରାୟ ଶହେ କୋଡ଼ିଏ ବର୍ଷ ତଳର ଓଡ଼ିଶା ଇତିହାସର ଏକ ଘଟଣା ଆଧାରିତ। ମରହଟ୍ଟା ସୁବେଦାର ଶମ୍ଭୁଜୀ ଗଣେଶ ୧୭୬୮ରୁ ୧୭୭୦ ପର୍ଯ୍ୟନ୍ତ ପ୍ରାୟ ଦୁଇବର୍ଷ ଓଡ଼ିଶାର ଶାସନ ଭାର ଗ୍ରହଣ କରିଥିଲେ। ୧୭୭୦ରେ ଓଡ଼ିଶାରେ ଏକ ଭୀଷଣ ଦୁର୍ଭିକ୍ଷ ଦେଖାଦେଇଥିଲା। ସୁବେଦାରଙ୍କ ଅପଶାସନ ଓ ଶୋଷଣ ମନୋବୃତ୍ତି ଦୁର୍ଭିକ୍ଷକୁ ଅଧିକ ଭୟାବହ କରି ଗଢ଼ି ତୋଳିଥିଲା। ଏଥିରେ ଅନେକ ଲୋକ ହନ୍ତସନ୍ତ ହୋଇଥିଲେ। ଏହି ଘଟଣା ସହିତ ସ୍ୱକଳ୍ପନାରୁ କିଛି ସମ୍ଭାବ୍ୟ ଘଟଣା ସନ୍ନିବେଶିତ କରି ରାମଶଙ୍କର ଉପନ୍ୟାସଟି ପ୍ରସ୍ତୁତ କରିଥିଲେ। ଉପନ୍ୟାସଟି ଘଟଣାପ୍ରଧାନ ଓ ରୋମାନ୍ସଧର୍ମୀ।

ଦୁର୍ଭିକ୍ଷ ପ୍ରପୀଡ଼ିତ ଦେଶବାସୀଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ କୁଜଙ୍ଗର ପ୍ରତାପୀ ଷଣ୍ଢରାଜା ରଘୁନାଥ ପଟ୍ଟନାୟକ ଏକ ଡକାୟତ ଦଳ ଗଠନ କରନ୍ତି। ଏହି ଦଳ ରାଜକର୍ମଚାରୀ ଦ୍ରୁମନ ସର୍ଦ୍ଦାରର ସମର୍ଥନ କ୍ରମେ ଦେଶର କୃପଣ ଧନିକ ଲୋକଙ୍କଠାରୁ ଧନ ଲୁଣ୍ଠନ କରୁଥିଲେ। କୁଜଙ୍ଗର ଷଣ୍ଢରାଜା ବଡ଼ ପ୍ରତିପତ୍ତିଶାଳୀ ଥିଲେ ଏବଂ ମରହଟ୍ଟା ସୁବେଦାରଙ୍କୁ ମାନୁ ନ ଥିଲେ। ଷଣ୍ଢରାଜାଙ୍କ ଡକାୟତ ଦଳ ନବ ଗ୍ରାମର ରାଧାଗୋବିନ୍ଦ ଚୌଧୁରୀ ଓ ଗୋବର୍ଦ୍ଧନ ଦାସଙ୍କ ଘରେ ଅଭିନବ କୌଶଳରେ ଡକାୟତି କରି ଧନସମ୍ପତ୍ତି ସହିତ ଚୌଧୁରୀଙ୍କ ପାଳିତା କନ୍ୟା ବାଳବିଧବା କଳାବତୀ ଓ ଗୋବର୍ଦ୍ଧନ ଦାସଙ୍କ ଅନୂଢ଼ା କନ୍ୟା ରସକଳାଙ୍କୁ ନେଇଯାଇଥିଲେ। ସମସ୍ତ ସମ୍ପତ୍ତି ଡକାୟତ ଦଳ ଓ ଦରିଦ୍ର ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଗଲା। ରସକଳାକୁ ଷଣ୍ଢରାଜାଙ୍କ ନବରରେ ରଖାଇ ଡକାୟତ ଦଳ ସର୍ଦ୍ଦାର ରଘୁନାଥ ପଟ୍ଟନାୟକ କଳାବତୀଙ୍କୁ ନିଜ ଘରକୁ ନେଇଗଲେ। ରଘୁନାଥଙ୍କ ସହକାରୀ ମାମୁ ମାୟାଧର ଦୁଇଝିଅଙ୍କ ମଧ୍ୟରୁ ଜଣକୁ ପାଇବାକୁ ଆଶା କରିଥିଲେ। ଆଶା ଭଙ୍ଗ ହେବାରୁ ସେ ବିଦ୍ରୋହୀ ହୋଇ ସୁବେଦାର ଶମ୍ଭୁଜୀ ଗଣେଶଙ୍କଠାରେ ଡକାୟତି କଥା କହିଦେଲେ। ସୁବେଦାର କୌଣସି ପଦକ୍ଷେପ ନେବା ପୂର୍ବରୁ ଦୁର୍ଭିକ୍ଷ ଉତ୍ପୀଡ଼ିତ ଲୋକେ ତାଙ୍କ ବାସଗୃହରେ ନିଆଁ ଲଗାଇଦେଲେ। ସୁବେଦାର ନରାଜ ବନକୁ ଚାଲିଗଲେ ଏବଂ ବିଶ୍ୱାସଘାତକ ମାୟାଧର ନଦୀ ପହଁରି ପଳାଇବା ସମୟରେ ବୁଡ଼ିମଲେ। ବିପତ୍ନୀକ ରଘୁନାଥ କଳାବତୀଙ୍କୁ ବିବାହ କରିବାକୁ ମନସ୍ଥ କରିଥିଲେ। କିନ୍ତୁ କଳାବତୀ ଓ ଷଣ୍ଢରାଜାଙ୍କ ଅନୁରୋଧ କ୍ରମେ ରସକଳାକୁ ବିବାହ କଲେ। ଡକାୟତ ଦଳଙ୍କ ଜନସେବାମୂଳକ କାର୍ଯ୍ୟରେ ଦୁର୍ଭିକ୍ଷର ପ୍ରକୋପ କମିଥିଲା। ମହାନଦୀର ନନ୍ଦିକେଶ୍ୱରୀ ପଠାରେ ବିବାହ ଅନୁଷ୍ଠିତ ହୋଇଥିଲା। କଳାବତୀ ଜୀବନର ବ୍ରତ ଉଦ୍‌ଯାପନ କରିବାକୁ ଯାଇ ମହାନଦୀ ଜଳରେ ଆତ୍ମବିସର୍ଜନ କଲା।

ବିବାସିନୀର କାହାଣୀ ଦୀର୍ଘ ଓ ଏକମୁଖୀ। ଏହା ମୁଖ୍ୟତଃ ପ୍ରେମାଖ୍ୟାନମୂଳକ। ବାବାଜୀ ହନୁମାନ ଦାସ ଓ ଗିରିଧାରୀ ଦାସଙ୍କ ପ୍ରସଙ୍ଗ, ଦାସ ଖାଡ଼ଙ୍ଗାଙ୍କ କରୁଣ ଜୀବନ କଥା ରାମଶଙ୍କରଙ୍କ କଳ୍ପନାପ୍ରସୂତ। ରାମଶଙ୍କର ଆଧୁନିକ ଦୃଷ୍ଟିଭଙ୍ଗୀର ଲେଖକ ହେଲେ ମଧ୍ୟ ସମକାଳୀନ ସଂସ୍କାର କଳାବତୀ ବାଲ୍ୟବିଧବାକୁ ପୁନଃ ବିବାହ କରାଇବାକୁ ପଶ୍ଚାତ୍‌ପଦ ହୋଇଛି। କଳାବତୀ ନିଜେ ରଘୁନାଥଙ୍କୁ ଭଲ ପାଉଥିଲେ ମଧ୍ୟ ତାଙ୍କୁ ବିବାହ ନ କରି ତାଙ୍କ ସହ ରସକଳାକୁ ବିବାହ କରାଇଛି। ରଘୁନାଥଙ୍କ ଉଦ୍ଦେଶ୍ୟରେ ଲିଖିତ ଚିଟାଉରେ କଳାବତୀ ନିଜକୁ 'ବିବାସିନୀ' ବୋଲି ଉଲ୍ଲେଖ କରିଛି।


ବିବାସିନୀର କାହାଣୀ ବଡ଼। ବର୍ଣ୍ଣନା କାବ୍ୟଧର୍ମୀ। ଏହାର ବିଶେଷତ୍ୱ ଇତିହାସକୁ କାହାଣୀରେ ରୂପାନ୍ତର କରିବା ଓ ଅତୀତରେ ଆତ୍ମଗୋପନ କରିବା। ଉପନ୍ୟାସର ମୂଳଧର୍ମ ସମୟକୁ ପ୍ରକ୍ରିୟା ଭାବରେ ଦେଖିବା ଓ ରୂପାନ୍ତର କରିବା। ରାମଶଙ୍କର କାବ୍ୟ ନା ଉପନ୍ୟାସ ଲେଖିବେ– ଏହି ଦ୍ୱନ୍ଦ୍ୱ ଭିତରେ ଲେଖିଛନ୍ତି 'ବିବାସିନୀ'। ଇତିହାସର ବାସ୍ତବଧର୍ମୀ ଚରିତ୍ରାୟନ 'ବିବାସିନୀ'କୁ 'ପଦ୍ମମାଳୀ'ଠାରୁ ପାଦେ ଆଗକୁ ନେଇଛି ଏବଂ ମହିମାମଣ୍ଡିତ ହୋଇଛି ପ୍ରାରମ୍ଭିକ ପର୍ଯ୍ୟାୟର ଓଡ଼ିଆ ଉପନ୍ୟାସ ଧାରା।

– ୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬

## ଅତୀତର ବହି



ରାମଶଙ୍କର ରାୟ


BIBASINI
(A NOVEL)
BY
RAM SANKAR ROY.
ବିବାସିନୀ
(ଉପନ୍ୟାସ)
CUTTACK,
Printed by the Cuttack Printing Company,
1895.

## କବିତା

### ଦୁଃଖର ନୀଳଢେଉ

ପିନାକୀ ମିଶ୍ର

କିଏ କହିଲା ତୋର ଦୁଃଖ ନାହିଁ?

ଦୁଃଖଭାରାରେ
ତୋତେ ପା' ନିଦ ନାହିଁ,
ଏ ମୁକୁଟ, ଏ ପିତାମ୍ବରୀ, ଏ ପଉଟିଅନ୍ନ
ଏ ସବୁରେ ମାତିବାକୁ
ତୋତେ ବା ବେଳକାହିଁ!
ଦୁଃଖ କ'ଣ ନାଭିନାଡ଼
ଛିଣ୍ଡିଲେ ବି ଓଦାଥିବ,
ଦୁଃଖ କ'ଣ ଛାଇ
ଯେ ସାଥିରେ ମଲାଯାଏଁ ଥିବ!

ଦୁଃଖ କ'ଣ ତାଳଗଛ ତାଳ
ବେଳ ନାଇଁ ଅବେଳ ନାଇଁ, ଦୁଲ୍‌ଦାଲ୍
ଦୁଃଖ କ'ଣ ଶୁଷ୍କ ମରୁବାଲି
ଯେ ପବନ ଉଡ଼େଇ ନେଲେ ବି ଫେରିବ!
ଦୁଃଖ କ'ଣ ମଲାନଈ
ସ୍ମୃତିସବୁ ଚିତଳ ପରି ଛଟପଟ,
ଦୁଃଖ କ'ଣ ଖାଙ୍କର ପେଟର କୁହାଟ
ଯେ ବଡ଼ଦାଣ୍ଡ ଦେଖି ନଥିବା
ଅପନ୍ତରା ଅର୍ଖିତ ନିଜକୁ ସମ୍ପିବ!

ଦୁଃଖ କ'ଣ ବାହୁନୁଥିବା ଯମୁନା
ଯେ ଉଜାଣି ବହିବ ବିରହରେ!
ତୁ' ପରା ଦୁଃଖୀଟେ ବୋଲି
କେହି ନଥିଲେ ପାଖରେ, ଶିଆଳିଲତାରେ।
ତୁ' ଆଡ଼ମୁହାଁ ହେଲେ ବଢ଼େ କ୍ଷଣିକସୁଖ,
ତୁ' ଅନେଇଁଥିଲେ ଦୁଃଖ ଉପରେ ଦୁଃଖ
ଆଉ ସେ ଦୁଃଖର ପୁଟୁଳିଧରି
ବଡ଼ଦାଣ୍ଡେ ଡଗଡଗ, ତୋ' ଦେଉଳମୁହାଁ।

ଦୁଃଖ ଚିପୁଡ଼େ, କଷେ, ପେଶେ,
ଝଡ଼ ପରେ ବି ବାପୁଡ଼ା ତୋତେ ଭରସେ,
ଦୁଃଖ ନମ୍ର କରେ, ବିନୟ ପବନ ବହେ,
ହଁ ଦେଖୁଛି ଅମାପ ଦୁଃଖ ଝୁଲେଇଚି
ତୋ' ଠେଙ୍ଗବାହା।
ପଥର ଉପରେ ପଥର
ଦୁଃଖ ଉପରେ ଦୁଃଖ
ଦେଉଳ ଭିତରେ ସାନ୍ତ୍ୱନା ଛଳଛଳ।

ତୋର ସୁଖ କାଇଁ!
ଦୁଃଖ ଦରିଆରେ ତ ନିଜେ ଭାସୁଥିଲୁ,
ଚିଲିକା ମଝିରେ ଲୁଚିଥିଲୁ,
ଏ ଦେଉଳ, ଏ ପଥ, ଏ ରଥ, ଏ ନେତ
ତୋ' ଇସାରା ଆଡ଼ମ୍ବର ନୁହଁ
ତୋ' ବନ୍ଧୁପୀରତି କିଏ ବୁଝିଛି!
ତୁ' ମହାଦୁଃଖୀ
ଯେମିତି ରଜାକୁ ନିଦ ନ ଥାଏ ରାତିରେ।
ତୋତେ ବି ଦଇବ ଛାଡ଼ିନିରେ
ଏଠି ଦି'ଦିନ, ସେଠି ଦି'ଦିନ
ହାତ ଆଉଁଶିଲୁ,
ବଦଳରେ ଅପମାନ ପାଇଲୁ,
ମାଟିକି ଛୁଇଁ ଯିଏ ଦୁଃଖ ପାଏ,
ଦୁଃଖମାନେ ହାଟ ବସାନ୍ତି
ବେଢ଼ାରେ, ଅଧରାତିରେ
ତୁ' ହାଟମଝିର କାଠ
ସହିସହି ଫୁଲିଛି ତୋ' ଗର୍ଭପେଟ।

ମୋ: ୯୪୩୮୧୧୮୩୯୭

### ପ୍ରଚାରକ

ଡ. ଗୌରୀଶଙ୍କର ସାହୁ

ମୁଠାଏ ମାଟି ପାଇଁ ପର କରେ ଘର।
ସନ୍ନ୍ୟାସୀ ବି ଘର ଛାଡ଼େ
ବଣ ବା ପାହାଡ଼ରେ ରହେ
ଲକ୍ଷ୍ୟ – ନିର୍ବାଣ।
ସେ ଜାଣିଶୁଣି
ଜଞ୍ଜାଳକୁ କରେ ଅଙ୍ଗୀକାର
ଆଶା– ବଡ଼ ହିନ୍ଦୁ ପରିବାର।

ତା' ପାଇଁ କେବେ ନଈପଠା ଶେଯ
ତ ଆଶ୍ରା ଆକାଶ।
ଓଳିଏ ଖାଇଲେ ଆଉ ଓଳି ଉପାସ
ହେଲେ ସଦା ହସ ହସ।

ସେ ଜଣେ ପରିବ୍ରାଜକ
ସଂଘ ଶାଖା ତା'ର ଅତୀତ,
ବର୍ତ୍ତମାନ ଓ ଭବିଷ୍ୟତ।
ଗୁରୁ ତା'ର ମଣିଷ କି ଦେବତା ନୁହେଁ
ଗୈରିକ ନେତ।
ସେଇ ନେତ, ଯାହା
ଯୁଗ ଯୁଗ ଧରି ଦେଖିଆସିଛି
ଲଢୁଆ ହିନ୍ଦୁର ସୁଖ ଆଉ ଦୁଃଖ।

ସେ ଚାଷୀ ନୁହେଁ
ହେଲେ ତା' ପାଇଁ ବଞ୍ଚିଛି ଚାଷ,
ସେ ଶ୍ରମିକ ନୁହେଁ, ହେଲେ ତା' ପାଇଁ
ନ୍ୟାୟ ପାଏ ମେହନତି ମଣିଷ
ସେ ଛାତ୍ର ନୁହେଁ, ହେଲେ
ଛାତ୍ରସମାଜକୁ ଶିଖାଏ
ଜ୍ଞାନ, ଶୀଳ, ଏକତାର ମନ୍ତ୍ର,
ସେ ରାଜା ନୁହେଁ, ବରଂ
ଜଣେ ତପସ୍ୱୀ ଚାଣକ୍ୟ।

ସେ ଜଣେ ମହାପୁରୁଷ।
ତା' ପାଇଁ ଆଗ ଦେଶ, ବାକି ସବୁ ପଛ।
ସେ ହିନ୍ଦୁ, କିନ୍ତୁ ତମ ଆମ ପରି ନୁହେଁ।

ହିନ୍ଦୁ ଇଚ୍ଛେ ମୋକ୍ଷ
ସେ କିନ୍ତୁ ମାଗେ ପୁନର୍ଜନ୍ମ।

ମୋ: ୭୯୭୮୪୨୧୮୩୫

### ଉପହାର

ଦୀପ୍ତି ମୁଣ୍ଡ

ଢେଣାକାଟି
କିଏ ଯଦି ଉପହାର ଦିଏ
ଖୋଲା ଆକାଶଟିଏ।
ମନେହୁଏ,
ଛଳନାର କୁହୁଡ଼ିରେ ଢଙ୍କା
ଏ ଜୀବନରେ
ବଞ୍ଚିବାର ଅଭିସାରକୁ
ସତେ ଯେମିତି, ସେ
ପରିହାସ କରେ।

ଭବାନୀପାଟଣା, କଳାହାଣ୍ଡି
ମୋ: ୭୦୦୮୯୯୨୮୧୫

## ପୁସ୍ତକ ପରିଚୟ

### ଶୂନ୍ୟ ଚିତ୍ରାୟନ




**କବି:** ମମତା ଦାଶ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ :** ଟ. ୧୪୦/–

ଆଲୋଚ୍ୟ କବିତା ସଂକଳନଟି ମମତାଙ୍କର ୭ମ କବିତା ସଂକଳନ ଓ ଏଥିରେ ମୋଟ ୪୦ଟି କବିତା ସ୍ଥାନିତ। ପ୍ରଚ୍ଛଦ ଲେଖରେ ପ୍ରକାଶକ ଲେଖିଛନ୍ତି: "ଏଥିରେ ସେ (କବି) ତାଙ୍କର ସ୍ୱଭାବଗତ ରହସ୍ୟବାଦୀ ଚେତନାରୁ କିଛିଟା ମୁକୁଳି ଆସି ସାଧାରଣ ଗତାନୁଗତିକ ଜୀବନ ବଞ୍ଚୁଥିବା ମଣିଷମାନଙ୍କ ଭିତରେ ନିଜର କାବ୍ୟ ଦୃଷ୍ଟିକୁ ବିସ୍ତାରିତ କରିଛନ୍ତି। ଏହି ଅଭିଜ୍ଞତାକୁ ନେଇ ସେ ପୁଣି ସୃଷ୍ଟି କରିଛନ୍ତି ଗଭୀରତର ରହସ୍ୟର କାବ୍ୟଲୋକ।" ଜାଗତିକତାର କଥା କହିଲାବେଳେ ବି ମମତା ତାଙ୍କର ସ୍ୱଭାବସୁଲଭ ରୀତିରେ ଜାଗତିକତାର ଊର୍ଦ୍ଧ୍ୱକୁ ଉଠିଯାଆନ୍ତି। ତାଙ୍କ କବିତାର ଭୂମି ହୁଏ ଚେତନା, ସ୍ଥୂଳ ମନ ନୁହେଁ– ଏଇ ସତ୍ୟଟି 'ଶୂନ୍ୟ ଚିତ୍ରାୟନ'ର ପ୍ରାୟ କବିତାରେ ବାରବାର ଉଜାଗର ହୋଇଉଠେ। ଯଥା: ୧. "ଏକ ଶୂନ୍ୟରଙ୍ଗ ଜଳାଶୟରୁ/ ପାଣି ଉଠାଇ କଣା ମାଠିଆଟାରେ/ ଭରୁଛି ମୁଁ।/ କିଛି ପାଣି ଝଡ଼ିଯାଉଛି/ କିଛି ବା ଶୋଷିନେଉଛି ମାଟି।/ ବାକି ଯାହା ବହିଯାଉଛି,/ ମୁଁ ସେ କାଦୁଅ ପାଣି/ ଆଞ୍ଜୁଳାଏ ଧରି ଉଠାଉଛି ଆକାଶ ଆଡ଼କୁ।" (ଶୋଷ, ପୃ: ୨୯), ୨. "ମୁଁ ମାଟିର ରକ୍ତବିନ୍ଦୁକୁ ଧରିଛି ପାପୁଲିରେ,/ ମୁଁ ଅଲଗା କରି ଚିହ୍ନିଛି ମୋର ଭାବ ଅଭାବକୁ,/ କାକର ବୁନ୍ଦାଟିର ନମ୍ର ଆଗ୍ରହକୁ,/ ଅଶ୍ରୁର ଲବଣତ୍ୱକୁ, ନଦୀର ପଙ୍କ ବାସ୍ନାକୁ।/ ନିରୁପାୟ କ୍ଳାନ୍ତ ଭାଗ୍ୟକୁ।" (ପ୍ରତ୍ୟାହାର, ପୃ:୯୩)। ଏ ଉପଲବ୍ଧିକୁ ଛୁଇଁବାକୁ ହେଲେ ପାଠକକୁ ଶବ୍ଦର ଅଭିଧାନ, ବ୍ୟଞ୍ଜନା ଡେଇଁ ଏକ ଅର୍ଥୋତ୍ତର ସ୍ଥିତିରେ ପହଞ୍ଚିବାକୁ ହେବ। ବହିର ବହୁ କବିତା ଅନ୍ଧାରରୁ ଆଲୋକ ଆଡ଼େ ଲମ୍ବିଥିବା ଆରୋହଣର କବିତା। ତେବେ ପ୍ରଚ୍ଛଦରେ ଉଲ୍ଲେଖ ଥିବା 'ଗୋପନତା' ଶବ୍ଦଟି ଦ୍ୱନ୍ଦ୍ୱରେ ପକାଏ। 'ଗୋପନ' ଶବ୍ଦଟି ଓଡ଼ିଆରେ ବିଶେଷ୍ୟ ଓ ବିଶେଷଣ ଉଭୟ ଭାବେ ବ୍ୟବହୃତ। 'ଗୋପନ'ରୁ ପୁଣି ବିଶେଷଣରେ 'ଗୋପନୀୟ' ବା 'ଗୋପ୍ୟ' ହୁଏ। କିନ୍ତୁ 'ଗୋପନତା' ହୁଏ କି? ପଛ ପ୍ରଚ୍ଛଦରେ ବହିର ନାମ ଇଂଲିଶ୍‌ରେ 'ଚେତନା ଚିତ୍ର' ବୋଲି ଉଲ୍ଲେଖ ଅଛି। ବହିର ୨୩ ନମ୍ବର କବିତାଟି 'ଚେତନା ଚିତ୍ର'। ବୋଧହୁଏ ପ୍ରଥମେ କବି ବହିର ଏହି ନାମକରଣ କରିବାକୁ ମନସ୍ଥ କରିଥିଲେ ଓ ସେହି ଅନୁସାରେ ପ୍ରକାଶକ ପ୍ରଚ୍ଛଦ ପ୍ରସ୍ତୁତ କରିଥିଲେ। କିନ୍ତୁ ପରେ ବହିର ନାମ 'ଶୂନ୍ୟ ଚିତ୍ରାୟନ' ରଖାଯାଇଛି। କିନ୍ତୁ ପ୍ରକାଶକ ନାଁଟି ବଦଳାଇବାକୁ ଭୁଲିଯାଇଛନ୍ତି।

### ରେବତୀ




**ଜାନୁୟାରୀ, ୨୦୨୨ ସଂଖ୍ୟା**
**ସମ୍ପାଦିକା :** ସୁବାସିନୀ ଜେନା
**ମୂଲ୍ୟ :** ଟ. ୫୦/–

'ରେବତୀ'ର ଏହି ସଂଖ୍ୟାଟିରେ ପ୍ରସଙ୍ଗ ରହିଛି 'ନୂଆ ରେବତୀ' ଏବଂ ଫକୀରମୋହନଙ୍କ 'ରେବତୀ'କୁ ନେଇ ସ୍ୱତନ୍ତ୍ର ବିମର୍ଶ। 'ସମ୍ପାଦକୀୟ'ର ଶୀର୍ଷକ ରହିଛି 'ପାରିବାରିକ ନୂଆପଣ', ଯେଉଁଥିରେ ସମ୍ପାଦିକା ଆଶା ରଖିଛନ୍ତି 'ମାଇକ୍ରୋ ଫ୍ୟାମିଲି'ର ଶୂନ୍ୟତାକୁ ହଟାଇ ଆଗକୁ ଆମ ସମାଜକୁ ଫେରିବ ପୁଣି ସେଇ ପୁରୁଣା ପରିବାର ବ୍ୟବସ୍ଥା, ଯେଉଁ ପରିବାରରେ ଦିଶିବ ବୁଢ଼ାବାପା ଓ ମାଆଙ୍କର ମୁହଁ। ସେମାନଙ୍କ କୋଳରେ ବସି ଗେହ୍ଲା ହେଉଥିବେ ଘରର ନବଜାତକ। ନୂଆବର୍ଷରେ ଆମ ସଂସ୍କୃତି ଓ ପରିବାର ବ୍ୟବସ୍ଥାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟକୁ ନେଇ ସୁବାସିନୀଙ୍କର ଏ ଅନୁଚିନ୍ତା ପାଠିକାପାଠକଙ୍କ ମନରେ ନୂଆ ବିଚାର ଆଣିବ ନିଶ୍ଚୟ। ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କ ଗଳ୍ପକୁ ନେଇ ରଞ୍ଜନ ପ୍ରଧାନଙ୍କ ଆଲେଖ୍ୟ ଖୁବ୍ ଅନ୍ତରଙ୍ଗ। ସତ୍ୟପ୍ରିୟ ମହାଲିକଙ୍କ "୧/୫: ରେବତୀ ଆଜିକାଲି", ରବୀନ୍ଦ୍ର କୁମାର ଦାସଙ୍କ 'ନୂଆ ରେବତୀ', ଜ୍ଞାନୀ ଦେବାଶିଷ ମିଶ୍ରଙ୍କ "ରେବତୀ: ଅସହାୟ ଭାଗ୍ୟ ଓ ନିଷ୍ଠୁର ନିୟତିବାଦର ପ୍ରବାହ" ସମେତ ଡ. ସନ୍ତୋଷ କୁମାର ନାୟକ ଓ ମଣୀନ୍ଦ୍ର କୁମାର ମେହେରଙ୍କ 'ରେବତୀ' ବିଶ୍ଳେଷଣ ଦୃଷ୍ଟିକୋଣର ଭିନ୍ନତାକୁ ସୂଚାଏ। ଓଡ଼ିଆ ପାଠକଙ୍କ ମାନସପଟରୁ ପ୍ରାୟ ଅପସୃତ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କୁ ହଠାତ୍ ଆଣି ଏକ କବିତା ସହ ଏହି ସଂଖ୍ୟାରେ ହାଜର କରାଇବା 'ରେବତୀ' ପତ୍ରିକାର ଏକ ବଡ଼ କମାଲ। ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ 'ଦ୍ରୌପଦୀ' କାବ୍ୟ ଓ ଗୋପବନ୍ଧୁଙ୍କୁ ନେଇ ପବିତ୍ରମୋହନ ଦାଶଙ୍କର 'ଦାସେ ଆପଣେ' ଉପନ୍ୟାସର ଭାଗ୍ୟ ପରଖିବାକୁ ଲେଖା ଦୁଇଟିର ସମ୍ପୂର୍ଣ୍ଣ ପ୍ରକାଶ ଯାଏଁ ଅପେକ୍ଷା କରିବାକୁ ହେବ। ଅନ୍ୱେଷଣଧର୍ମୀ ସମ୍ପାଦନା 'ରେବତୀ'କୁ ଓଡ଼ିଆ ପତ୍ରିକା ଇତିହାସରେ ଦୀର୍ଘାୟୁ କରିବ ବୋଲି ଆଶା।

## କାଳକାଳକୁ

**"ଗୋଟିଏ ପ୍ରତାରଣା,
ଯଦି ଉତ୍ତରଣ ଆଣେ,
କୋଟିଏ ସତ୍ୟଠାରୁ ଭଲ।"**

**–ଆଲେକ୍‌ଜାଣ୍ଡାର ପୁଷ୍କିନ୍**



**ଆଲେକ୍‌ଜାଣ୍ଡାର ପୁଷ୍କିନ୍‌ଙ୍କ** ଜନ୍ମ ୬ ଜୁନ୍ ୧୭୯୯ରେ, ମସ୍କୋରେ ଓ ମୃତ୍ୟୁ ମାତ୍ର ୩୭ ବର୍ଷ ବୟସରେ ୨୯ ଜାନୁୟାରୀ ୧୮୩୭ରେ ସେଣ୍ଟ ପିଟର୍ସବର୍ଗରେ। ରୁଷ୍‌ର ଏହି ପ୍ରଖ୍ୟାତ ଲେଖକ ଏକାଧାରରେ ଥିଲେ କବି, ନାଟ୍ୟକାର ଓ ଔପନ୍ୟାସିକ। ସମାଲୋଚକଙ୍କ ମତରେ ରୁଷୀୟ କବିତାର ସ୍ୱର୍ଣ୍ଣଯୁଗର ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣଧାର। ପ୍ରଖ୍ୟାତ ନାଟକ "Boris Godunov" ଓ ଲୋକପ୍ରିୟ କାବ୍ୟ-ଉପନ୍ୟାସ "Eugene Onegin"ର ରଚୟିତା ପୁଷ୍କିନ୍ ମାତ୍ର ୧୫ ବର୍ଷ ବୟସରେ ଲେଖିଥିଲେ ଜୀବନର ପ୍ରଥମ କବିତା। ସ୍ନାତକ ଶ୍ରେଣୀର ଛାତ୍ର ଥିବାବେଳେ ଲେଖିଥିଲେ "Ode to Liberty" କବିତା, ଯେଉଁଥିପାଇଁ ତାଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା। ପ୍ରତାରଣା ଓ ନୈରାଶ୍ୟରେ ଉବୁଟୁବୁ ପୁଷ୍କିନ୍ ଥିଲେ ଆଶାବାଦୀ। କହୁଥିଲେ: "ଯଦି ଜୀବନ ତୁମକୁ ପ୍ରତାରିତ କରେ, ଦୁଃଖ କର ନାହିଁ, କ୍ରୋଧିତ ହୁଅ ନାହିଁ। ବିଷାଦକୁ ମାନିନିଅ, ଆନନ୍ଦର ଦିନ ଅବଶ୍ୟ ଆସିବ।"

## ମା' ପାଇଁ କାନ୍ଦ

ସୁଧାକର ନନ୍ଦ

ଗଳ୍ପ

ସେଦିନ ରବିବାର। ଶାଶୁଙ୍କୁ ଡାକ୍ତର ଦେଖାଇବା ପାଇଁ ଲକ୍ଷ୍ମୀଙ୍କ ସ୍ୱାମୀ କଟକ ଯାଇଥା'ନ୍ତି। ଶ୍ୱଶୁର ଔଷଧ ଖାଇ ଆରଘରେ ଶୋଇ ପଡ଼ିଥା'ନ୍ତି। ଝିଅ ସରସ୍ୱତୀ ପଢ଼ାଘରେ ବସି ପାଠ ପଢ଼ାରେ ମନଦେଇଥାଏ। ପୁଅକୁ କ୍ଷୀର ଦେଇସାରି ଲକ୍ଷ୍ମୀ ରନ୍ଧାବଢ଼ା କାମରେ ଲାଗିପଡ଼ିଲେ। କିଛି ସମୟ ପରେ ପୁଅଟି ଉଠିଲା। ଅଳ୍ପଅଳ୍ପ କାନ୍ଦୁକାନ୍ଦୁ ଚିହିଡ଼ା ଛାଡ଼ି କାନ୍ଦିଲା। ବାଧ୍ୟ ହୋଇ ଚୁଲିକୁ ନିଭାଇ ଲକ୍ଷ୍ମୀ ପୁଅ ପାଖକୁ ଉଠିଗଲେ। କ୍ଷୀର ଦେଇ ଶୋଇ ପକେଇବାକୁ ସମୟ ନ'ଥିଲା। ଏଣେ ଭାତ କରଚାଉଳିଆ ହେବ। ଉପରେ ନ କହିଲେ ବି ଶ୍ୱଶୁର ମନେମନେ ବିରକ୍ତ ହେବେ। ତେଣୁ ପୁଅ ମୁଣ୍ଡ ଉପର ଚାଳରେ ଟଙ୍ଗା ଯାଇଥିବା ଶିକାରୁ ମାଣ ଭିତରେ ଥିବା ବୁନ୍ଦିଆ ମିଠେଇରୁ ଫାଳେ ଆଣି ପୁଅ ହାତରେ ଦେଲେ। ବୁନ୍ଦିଆ ମିଠେଇଟି ପାଟିରେ ଦେବା ମାତ୍ରେ ତା' କାନ୍ଦ ବନ୍ଦ ହୋଇଗଲା। ଏବେ ଲକ୍ଷ୍ମୀ ରାନ୍ଧିବା ପାଇଁ ଚୁଲି ପାଖକୁ ଉଠି ଆସିଲେ।

ତା'ପରଦିନ ସ୍ୱାମୀ ବିଲକୁ ଯାଇଥାଆନ୍ତି। ଶାଶୁ ଶ୍ୱଶୁର ଜଳଖିଆ ଖାଇବା ପରେ ଔଷଧ ଖାଇ ଟିକିଏ ଘୁମେଇ ପଡ଼ିଥା'ନ୍ତି। ସରସ୍ୱତୀ ସ୍କୁଲକୁ ଯାଇଥାଏ। ସେଦିନ ବଡ଼ି କରିବା ପାଇଁ ତିନ୍ତେଇ ଥିବା ବିରିକୁ ସେ ବାଟୁ ଥାଆନ୍ତି। ପୁଅ ଶୋଇଥାଏ। ପୁଅର କାନ୍ଦଣା ଶୁଭିଲା। ବିରିବଟା ବନ୍ଦକଲେ। କାଳେ ଶାଶୁ ଶ୍ୱଶୁରଙ୍କ ନିଦ ଭାଙ୍ଗିଯିବ ଭାବି ହାତ ଧୋଇଲେ। ତୁନି କରିବାକୁ ପୁଅ ପାଖକୁ ଦୌଡ଼ିଗଲେ। ମାଣ ଭିତରେ ପଶି ଶିକାରେ ଥିବା ବୁନ୍ଦିଆ ମିଠେଇରୁ ଗୋଟିଏ ଆଣି ପୁଅ ହାତରେ ଧରାଇ ତାକୁ ଗେହ୍ଲା କରି କହିଲେ– "ନେ' ମୋ' ବାଇଆ ଖାଆ।" ମିଠେଇଟି ପାଟିରେ ଲଗେଇଲା ମାତ୍ରେ ପୁଅର କାନ୍ଦଣା ଚୁପ୍। ଏବେ ସେ କାମରେ ଲାଗିଲେ।

ଏତିକିବେଳେ ସରସ୍ୱତୀ ସ୍କୁଲରୁ ଆସି ପହଞ୍ଚିଲା। ଭାଇ ମିଠେଇ ଖାଉଛି ଦେଖି ତା'ପାଟିରୁ ଲାଳ ବୋହିଲା। ତାକୁ ଗୋଟିଏ ମିଠେଇ ଦେଇ ଲକ୍ଷ୍ମୀ କହିଲେ "ତୋ' ଭାଇ କାନ୍ଦିବାରୁ ତାକୁ ଏଇ ମିଠେଇଟି ଦେଲି। ସେ ଚୁପ୍ ହେଲା। ନେ' ତୁ ଗୋଟେ ଖାଇଦେ। ରନ୍ଧା ଟିକେ ଡେରି ହେବ। ମିଠେଇଟି ଖାଇଦେଇ ପାଠ ପଢ଼ିବୁ ଯା'।"

ତା'ପରଦିନ ଗୁରୁଦିବସ। ସରସ୍ୱତୀର ସ୍କୁଲ ବେଳୁଁ ଛୁଟି ହୋଇଗଲା। ସବୁଦିନ ପରିକା ଲକ୍ଷ୍ମୀ କାମରେ ଲାଗିଥା'ନ୍ତି। ପୁଣି ପୁଅ କାନ୍ଦିଲା। ସେ କାମ ଛାଡ଼ି ପୁଅ ପାଖକୁ ଆସିଲେ। ଦୁଆର ପାଖରୁ ପୁଅକୁ ଅନାଇ ଦେଇ କ'ଣ ଭାବିଲେ କେଜାଣି ଆଉ ମିଠେଇ ନ'ଦେଇ ଫେରିଗଲେ। ପୁଅ ବେଶି କାନ୍ଦିବାରୁ ସରସ୍ୱତୀ ତାକୁ କାଖେଇଲା। ଯେତେ ଚେଷ୍ଟାକଲେ ବି ବୋଧ କରିପାରିଲା ନାହିଁ। ବିରକ୍ତ ହୋଇ ମା'କୁ କହିଲା, "ମା' କାହିଁକି ମୋ' ଭାଇଟାକୁ କନ୍ଦଉଛୁ କହିଲୁ? ଶିକାରେ ମିଠେଇ ନାହିଁକି?"

ମା' କହିଲେ 'ହଁ ଅଛି।'

ସରସ୍ୱତୀ କହିଲା, "ମୋ' ହାତ ଶିକାକୁ ପାଇବ ନାହିଁ। ତୁ' ଆସି ତାକୁ ଗୋଟେ ଦଉନୁ, ସେ ଚୁପ୍ ହୋଇଯିବ। ମୁଁ ମାଗିବି ବୋଲି ଭାବୁଛୁ କି? ଆଜି ଗୁରୁଦିବସ ବୋଲି ସ୍କୁଲରେ ପିଲାମାନଙ୍କୁ ସେଉ-ବୁନ୍ଦିଆ ଖାଇବାକୁ ଦିଆଗଲା। ମୋର ଆଉ ମିଠେଇ ଖାଇବାକୁ ଇଚ୍ଛାନାହିଁ। ଭାଇକୁ ଗୋଟେ ଦେ'।"

ମା' କହିଲେ: ନା' ତାକୁ ଦିଆଯିବ ନାହିଁ, ସେ କାନ୍ଦୁଥାଉ।

ସରସ୍ୱତୀ କହିଲା : କାହିଁକି? ଦି'ଦିନ ହେଲା ସେ କାନ୍ଦିଲାବେଳକୁ ତାକୁ ମିଠେଇ ଦେଉଥିଲୁ। ଆଜି ଦଉନୁ କାହିଁକି?

ମା' କହିଲେ, "ଦି'ଦିନ ହେଲା ସେ ମା'କୁ ପାଇବା ପାଇଁ କାନ୍ଦୁଥିଲା। ତେଣୁ ମା'ତାକୁ ମିଠେଇ ଦେଉଥିଲା। ଆଜି ସେ ମିଠେଇ ପାଇଁ କାନ୍ଦୁଚି। ମୁଁ କିଆଁ ଦେବି? ଯୋଉ ମିଠେଇ ପାଇଁ କାନ୍ଦୁଛି ସେଇ ମିଠେଇ ତାକୁ କ'ଣ ଦେଉଛି ଦେଉ।"

ପ୍ରକୃତ କଥା ହେଲା ପୁଅ କାନ୍ଦୁଥିଲାବେଳେ ଲକ୍ଷ୍ମୀଦେବୀ ଦୌଡ଼ିଯାଇ ଦୁଆର ମୁହଁରେ ପହଞ୍ଚିଲେ। ଅନାଇ ଦେଖିଲେ ଯେ ପୁଅ ତାଙ୍କର ଆଗ ଦୁଇଥର ପରି ତାଙ୍କ ଆଡ଼କୁ ନ ଅନାଇ ଶିକାକୁ ଚାହିଁ କାନ୍ଦୁଛି। ତେଣୁ ସେ ଜାଣିନେଲେ, ଆଜି ପୁଅ ତା'ର ମା' ପାଇଁ ନୁହେଁ, ମିଠେଇ ପାଇଁ କାନ୍ଦୁଛି। ସେଇକଥା ସରସ୍ୱତୀକୁ ବୁଝାଇ ସାରିବା ପରେ ମା'କହିଲେ, "ଆରେ ସରସ୍ୱତୀ! ମା' ପାଇଁ କାନ୍ଦିଲେ ସିନା ମା' ମିଠେଇଦିଏ। ମା'ପାଇଁ ନ'କାନ୍ଦି ମିଠେଇ ପାଇଁ କାନ୍ଦିଲେ କିଛି ମିଳେନା।" ଏଇକଥା ସେ ଆଜିଠୁଁ ଜାଣୁ।"

ଲକ୍ଷ୍ମୀଙ୍କ ଶ୍ୱଶୁର ସେତେବେଳକୁ ଉଠି ସାରିଥିଲେ। ସରସ୍ୱତୀକୁ ଲକ୍ଷ୍ୟ କରି କହିଲେ: ଶୁଣିଲୁ ତ ସର। ସୁନାବୋହୂ ମୋର କେତେ ବଢ଼ିଆ କଥାଟିଏ କହିଲା। ଏ କଥାକୁ ଜୀବନସାରା ମନେରଖିବୁ ନାତୁଣୀ। ଆକୁଳ ହୋଇ ଭଗବାନ୍‌ଙ୍କ ପାଇଁ କାନ୍ଦିଲେ ତାଙ୍କ ମନ ତରଳି ଯାଏ। କାନ୍ଦୁଥିବା ତାଙ୍କ ପୁଅ-ଝିଅଙ୍କୁ ସେ ସବୁ ଦିଅନ୍ତି। କିନ୍ତୁ ଠାକୁରଙ୍କୁ ଛାଡ଼ି ନିଜ ସୁଖ ପଛରେ ଗୋଡ଼େଇଲେ କିଛି ମିଳେନାହିଁ। ତୋ' ଭାଇ ପରି ଖାଲି କାନ୍ଦିବାକୁ ପଡ଼େ।

ମୋ: ୯୪୩୮୩୯୫୪୦୨



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୯/୨୦୨୨ Berhampur, Saturday, January 29/ 2022

# ଭାରତକୁ ବ୍ରୋଞ୍ଜ ପଦକ

**ମସ୍କଟ, ୨୮।୧(ପି.ଟି.)**


ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଗତଥରର ଚାମ୍ପିୟନ ଭାରତ ଏଥର ଏସିଆ କପ୍ ମହିଳା ହକିରେ ବ୍ରୋଞ୍ଜ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ସ୍ଥାନ ପ୍ଲେ-ଅଫ୍ ମ୍ୟାଚରେ ଭାରତ ୨-୦ ଗୋଲରେ ଚାଲିନାକୁ ହରାଇ ଦେଇଛି। ଦକ୍ଷିଣ କୋରିଆଠାରୁ ସେମିଫାଇନାଲ ପରାଜୟର ଗ୍ଲାନିକୁ ଭୁଲି ଭାରତ ଏହି ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା

**ଏସିଆ କପ୍ ମହିଳା ହକି**

ଭାରତ ପ୍ରଥମ ଦୁଇ କ୍ୱାର୍ଟରରେ ଗୋଟିଏ ଲେଖାଏ ଗୋଲ ଦେଇଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୧୩ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ଗୁରଜିତ କୌରଙ୍କ ଶଟ୍‌କୁ ଚାଇନିଜ ଗୋଲକିପର ଅଟକାଇ ଦେଇଥିଲେ ହେଁ ଫେରିଆସୁଥିବା ବଲ୍‌କୁ ରିବାଉଣ୍ଡ ଶଟ୍ ଜରିଆରେ ଗୋଲରେ ପରିଣତ କରିଥିଲେ ଶର୍ମିଳା ଦେବୀ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଭଲ ଖେଳିଥିଲା। ଚାଇନା ଡିଫେନ୍ସ ବିଭାଗ ଉପରେ ବାରମ୍ବାର ଚାପ ପ୍ରୟୋଗ କରି ଭାରତ ୧୯ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ପାଇଥିଲା। ଏଥର ଗୁରଜିତ ଡ୍ରାଗ୍‌ଫ୍ଲିକ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୦ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷରେ ଚାଇନା ଏକ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଦଳ ପକ୍ଷରୁ ସ୍କୋର ହୋଇଥିବା ଶଟ୍‌କୁ ଭାରତୀୟ ଅଧିନାୟିକା ତଥା ଗୋଲକିପର ସବିତା ପୁନିଆ ଚମତ୍କାର ସେଭ୍ କରିଥିଲେ। ୨ ଗୋଲରେ ପଛୁଆ ରହିଥିବା ଚାଇନା ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲା। ମାତ୍ର ଭାରତ ଚାପ ବଜାୟ ରଖି ଏକାଧିକଥର ଚାଇନା ଗୋଲପୋଷ୍ଟ ଏରିଆ ମଧ୍ୟକୁ ପ୍ରବେଶ କରିଥିଲେ ହେଁ ଗୋଲ ଦେବାର ପୂର୍ଣ୍ଣ ସୁଯୋଗ ସୃଷ୍ଟି ହୋଇପାରି ନ ଥିଲା। ମ୍ୟାଚ ଶେଷ ହେବାକୁ ୧୦ ମିନିଟ ଥିବାବେଳେ ଗୋଲ ପରିଶୋଧ ପାଇଁ ଚାଇନା ନିକଟରେ ସୁଯୋଗ ଥିଲା। ମାତ୍ର ପେନାଲ୍ଟି କର୍ନରକୁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହ ଡିଫେଣ୍ଡ କରିଥିଲେ। ଶେଷମୁହୂର୍ତ୍ତରେ ଚାଇନା କ୍ରମାଗତ ୩ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ତାହାକୁ ଗୋଲରେ ଫିନିଶ୍ କରିପାରି ନ ଥିଲା।

କୋଭିଡ-୧୯ ଜନିତ କାରଣରୁ ଅଭ୍ୟାସର ଅଭାବ ଭାରତୀୟ ପ୍ରଦର୍ଶନରେ ସ୍ପଷ୍ଟ ବାରି ହେଉଥିଲା। ଅପେକ୍ଷାକୃତ ଦୁର୍ବଳ ମାଲେସିଆକୁ ୯-୦ରେ ହରାଇ ଭାରତ ଅଭିଯାନ ଆରମ୍ଭ କରିଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ଏସିଆନ ଗେମ୍ସ ଚାମ୍ପିୟନ ଜାପାନଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେବେ ସିଙ୍ଗାପୁରକୁ ୯-୧ ଗୋଲରେ ହରାଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ କୋରିଆଠାରୁ ୨-୩ ଗୋଲରେ ହାରିଯିବାରୁ ଦଳକୁ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ଖେଳିବାକୁ ହୋଇଥିଲା।

## ସୁସ୍ଥ ହେଲେ ଧୂଲଙ୍କ ସମେତ ୫ ଖେଳାଳି

**ଓସ୍‌ବୋର୍ନ (ଆଣ୍ଟିଗୁଆ), ୨୮।୧ (ପି.ଟି.):** କରୋନା ସଂକ୍ରମିତ ହୋଇଥିବା ଅଧିନାୟକ ୟାଶ ଧୂଲଙ୍କ ସମେତ ଭାରତର ୫ କ୍ରିକେଟ ଖେଳାଳି ସୁସ୍ଥ ହୋଇଛନ୍ତି। ଶନିବାର ବାଂଲାଦେଶ ବିପକ୍ଷ ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ କ୍ୱାର୍ଟରଫାଇନାଲ ପାଇଁ ସେମାନେ ଉପଲବ୍ଧ ହେବେ। ହେଲେ ଧୂଲଙ୍କ ଅନୁପସ୍ଥିତିରେ ଉଗାଣ୍ଡା ବିପକ୍ଷରେ ଫାଇନାଲ ଲିଗ୍ ମ୍ୟାଚରେ ଅଧିନାୟକତ୍ୱ କରିଥିବା ନିଶାନ୍ତ ସିନ୍ଧୁ ଏବେ କରୋନା ସଂକ୍ରମିତ ହୋଇଛନ୍ତି। ନକଆଉଟ ମ୍ୟାଚ୍ ପାଇଁ ସେ ଉପଲବ୍ଧ ହେବେ ନାହିଁ। ଧୂଲଙ୍କ ବ୍ୟତୀତ ଉପଅଧିନାୟକ ଶେଖ ରଶିଦ, ସିଦ୍ଧାର୍ଥ ଯାଦବ, ଆରାଧ୍ୟ ଯାଦବ ଓ ମାନବ ପାରଖ କରୋନାରେ ସଂକ୍ରମିତ ହୋଇଥିଲେ।

## ଜାତୀୟ ଖୋ ଖୋ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ୫


ଜାତୀୟ ଖୋ ଖୋ ପ୍ରଶିକ୍ଷଣ ପାଇଁ ମନୋନୀତ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଖୋ ଖୋ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ୫ ଖେଳାଳି ଯୋଗ ଦେଇଛନ୍ତି। ସେମାନେ ହେଲେ ଲିପୁନ ମୁଖୀ, ଅର୍ଜ୍ଜୁନ ସିଂ, ଭରତ କୁମାର ପ୍ରଧାନ, ଜଗନ୍ନାଥ ଦାସ ଓ ଜଗନ୍ନାଥ ମୁର୍ମୁ। ଏହି ଶିବିର ଫେବୃୟାରୀ ୨୬ ପର୍ଯ୍ୟନ୍ତ ଚାଲିବ। ଆଗାମୀ ଦିନରେ ଖୋ ଖୋ କ୍ରୀଡ଼ାକୁ ଉଚ୍ଚସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ରାଜ୍ୟ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି।

# ମେଡଭେଡେଭ୍‌ଙ୍କୁ ଭେଟିବେ ନାଡାଲ



ସେମିଫାଇନାଲରେ ଶୁକ୍ରବାର ରିଟର୍ନ ଶଟ୍ ଖେଳିବା ଅବସରରେ ରାଫାଲ ନାଡାଲ।

**ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ**

**ମେଲବୋର୍ନ, ୨୮।୧ (ଏପି):** ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରବିବାର ଡାନିଲ ମେଡଭେଡେଭ ଓ ରାଫାଲ ନାଡାଲଙ୍କ ମଧ୍ୟରେ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ମେଡଭେଡେଭ ୭-୬(୫), ୪-୬, ୬-୪, ୬-୧ ସେଟ୍‌ରେ ଷ୍ଟିଫାନୋସ ସିତ୍‌ସିପାସଙ୍କୁ ପରାସ୍ତ କରିଛନ୍ତି। ଏଥିସହ ଓପନ ଯୁଗରେ ମେଡଭେଡେଭ ପ୍ରଥମ ଖେଳାଳିଭାବେ କ୍ରମାଗତ ବଡ଼ ଟୁର୍ନାମେଣ୍ଟରେ ଟାଇଟଲ ଜିତିବା ଦିଗରେ ଅଗ୍ରସର ହୋଇଛନ୍ତି। ସେ ୨୦୨୧ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଥିଲେ। ଅନ୍ୟ ଏକ ସେମିଫାଇନାଲରେ ନାଡାଲ ୬-୩, ୬-୨, ୩-୬, ୬-୩ ସେଟ୍‌ରେ ମାଟେଓ ବେରେଟିନିଙ୍କୁ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ରୋଜର ଫେଡରର ଓ ନୋଭାକ୍ ଜୋକୋଭିଚ୍‌ଙ୍କ ସମକକ୍ଷ ୨୦ ଟାଇଟଲ ଜିତି ସାରିଥିବା ନାଡାଲ ରେକର୍ଡ ୨୧ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଦିଗରେ ଅଗ୍ରସର ହୋଇଛନ୍ତି। ପୂର୍ବରୁ ୨୦୦୯ରେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିବା ଏହି ସ୍ପାନିଶ୍ ତାରକା ଏହାକୁ ମିଶାଇ ୬ଷ୍ଠ ଥର ପାଇଁ ଏଠାରେ ଫାଇନାଲରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆରେ ପହଞ୍ଚିବା ବେଳକୁ ନାଡାଲ ଟୁର୍ନାମେଣ୍ଟରେ କେତେବାଟ ଅଗ୍ରସର ହେବେ ତାହାକୁ ନେଇ ସନ୍ଦିହାନ ଥିଲେ। କାରଣ ପାଦରେ ଯନ୍ତ୍ରଣାଜନିତ କାରଣରୁ ସେ ବେଶ୍ କିଛିଦିନ ଟେନିସରୁ ଦୂରେଇ ରହିଥିବାବେଳେ କୋଭିଡ୍-୧୯ ଜନିତ ଭୟ ମଧ୍ୟ ରହିଥିଲା। ଗତବର୍ଷ ସେ ଫ୍ରେଞ୍ଚ ଓପନ ସେମିଫାଇନାଲରେ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ହାରିଯିବା ପରେ ୱିମ୍ବେଲଡନ୍‌ରୁ ଓହରି ଯାଇଥିଲେ। ଅଗଷ୍ଟ ପରେ ବର୍ଷ ଶେଷ ପର୍ଯ୍ୟନ୍ତ ଆଉ କୌଣସି ଟୁର୍ନାମେଣ୍ଟରେ ଖେଳି ନ ଥିଲେ। ‘‘ପାଦକୁ ନେଇ ପ୍ରତିଦିନ କିଛି ନା କିଛି ସମସ୍ୟା ଲାଗି ରହିଥିଲା। ଏଠାରେ ମଧ୍ୟ ତାହା ଲାଗି ରହିଛି। ତେଣୁ ସମ୍ଭବତଃ ଭବିଷ୍ୟତକୁ ନେଇ ମୁଁ ସବୁବେଳେ ଦ୍ୱନ୍ଦ୍ୱରେ ରହିବି’’ ବୋଲି ମ୍ୟାଚ ଜିତିବା ପରେ ନାଡାଲ ପ୍ରକାଶ କରିଛନ୍ତି। ଏଠାରେ ମୋତେ ପୂର୍ବରୁ ଅନେକଥର ଭାଗ୍ୟ ସାଥ୍ ଦେଇନାହିଁ। ମୁଁ ଏକାଧିକଥର ଫାଇନାଲ ଖେଳିଥିଲେ ହେଁ ଆହତ ସମସ୍ୟା ଯୋଗୁ ବିଜୟରୁ ବଞ୍ଚିତ ହୋଇଛି ବୋଲି ସେ କହିଛନ୍ତି। ୨୦୧୨ ଫାଇନାଲରେ ନାଡାଲ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଜୋକୋଭିଚ୍‌ଙ୍କଠାରୁ ହାରିଥିଲେ। ୨୦୧୪ରେ ଷ୍ଟାନ୍ ୱାଵରିଙ୍କା, ୨୦୧୭ ଫାଇନାଲରେ ରୋଜର ଫେଡରର ଏବଂ ୩ ବର୍ଷ ପୂର୍ବରୁ ଜୋକୋଭିଚ୍‌ଙ୍କଠାରୁ ଟାଇଟଲ ମୁକାବିଲାରେ ପରାସ୍ତ ହୋଇଥିଲେ। ତେବେ ୨୦୨୨ରେ ତାହାର ପୁନରାବୃତ୍ତି ହେଉ ବୋଲି ନାଡାଲ ଚାହୁଁନାହାନ୍ତି। ପ୍ରକାଶଯୋଗ୍ୟ ଯେ, ଆଣ୍ଠୁ ସମସ୍ୟା ଯୋଗୁ ଫେଡରର ଏଥର ଟୁର୍ନାମେଣ୍ଟ ଖେଳୁନାହାନ୍ତି। ୯ ଥର ଅଷ୍ଟ୍ରେଲିଆନ ଓପନ ଜିତିଥିବା ଜୋକୋଭିଚ୍ ଏଥର ଭିଜା ପାଇଁ ୧୧ ଦିନର ଲଢ଼େଇ ପରେ ସ୍ୱଦେଶ ଫେରି ଯିବାକୁ ବାଧ୍ୟ ହୋଇଛନ୍ତି। ଅଷ୍ଟ୍ରେଲିଆର କଠୋର କୋଭିଡ୍-୧୯ ଟିକା ସମ୍ପର୍କିତ ଔପଚାରିକତା ପୂରଣରେ ସେ ସମର୍ଥ ହୋଇପାରି ନ ଥିଲେ।

# ସୁପର ଓଭରରେ ଜିତିଲା ଗ୍ରୀନ୍ସ

**ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ**



ଆୟୁଷ ଚାନ୍ଦଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱର ଗାଡ଼କଣ୍ଡସ୍ଥିତ ଗଡ଼େଶ୍ୱର ଖେଳପଡିଆରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ଓ ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଉତ୍କଣ୍ଠାପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ସୁପର ଓଭରରେ ଶେଷ ହୋଇଛି। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ହରାଇ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ସମସ୍ତ ଉଇକେଟ ହରାଇ ୧୪୮ ରନ କରିଥିଲା। ଆୟୁଷ ଚାନ୍ଦ (୫୨ରନ) ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିଥିବାବେଳେ ମୃତ୍ୟୁଞ୍ଜୟ ମହାପାତ୍ର ୨୫, ଆୟୁଷ ମହାନ୍ତି ୨୭ ରନ କରିଥିଲେ । ବିପକ୍ଷ ଦଳର ସୟଦ ତୁଫେଲ ଅହମ୍ମଦ ୩ଟି, ଏସ୍‌କେ ନାକିବ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୪୯ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ ହରାଇ ସମାନ ୧୪୮ ରନ କରିଥିଲା। ଦଳ ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ୭୩ ଓ ଶାଶ୍ୱତ ରାଉତ ୩୬ରନ କରିଥିଲେ। ଗ୍ରୀନ୍ସ ପକ୍ଷରୁ ଅଭିଷେକ ସେନାପତି, ସୁମିତ ମିଶ୍ର, ଅଭିନ ନନ୍ଦ, ବିଶ୍ୱଜିତ ପ୍ରଧାନ ଓ ଆୟୁଷ ଚାନ୍ଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ ଟାଇରେ ଶେଷ ହେବାରୁ ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ ହରାଇ ୫ ରନ କରିଥିଲା। ୬ ରନର ବିଜୟ ଲକ୍ଷ୍ୟକୁ ଗ୍ରୀନ୍ସ ବିନା କ୍ଷତିରେ ୩ଟି ବଲ ଆଗରୁ ହାସଲ କରି ନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଆୟୁଷ ଚାନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଗ୍ରୀନ୍ସ ଆସୋସିଏଶନର ସଭାପତି ପ୍ରଦୀପ ଜେନା। ଏହା ବ୍ୟତୀତ ମ୍ୟାପଟେକ ସଲ୍ୟୁଶନର ନିର୍ଦ୍ଦେଶକ ଅଜୟ ମହାପାତ୍ର ୨ ହଜାର ୧ ଟଙ୍କା ନଗଦ ରାଶି ପ୍ରଦାନ କରିଥିଲେ। ସୁପର ଓଭରରେ ଟିମ୍‌କୁ ଜିତାଇଥିବା ଆୟୁଷ ଓ ଅଭିନବଙ୍କୁ ଅକ୍ଷୟ ଚାନ୍ଦ ଓ ଅଜୟ ମହାପାତ୍ର ଏକ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟର ପ୍ରଦୀପ ଜେନା ଓ ପ୍ରସନ୍ନ ବେଉରା ପରିଚାଳନା କରିଥିବା ବେଳେ ଅନଲାଇନ ସ୍କୋରିଂରେ ଅଭିଷେକ ମହାନ୍ତି ସହାୟତା କରିଥିଲେ। ରବିବାର ଗ୍ରୀନ୍ସ ଓ ପ୍ରଗତି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଇରାନକୁ ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା

**ତେହେରାନ, ୨୮।୧ (ଏପି):** ଇରାକକୁ ୧-୦ ଗୋଲରେ ପରାସ୍ତ କରି ଇରାନ କ୍ରମାଗତ ତୃତୀୟ ଥର ପାଇଁ ଫିଫା ଫୁଟବଲ ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଷ୍ଟ୍ରାଇକର ମେହେଦି ଟାରେମି ଦ୍ୱିତୀୟାର୍ଦ୍ଧରେ ଖେଳର ୪୮ ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଦେଶର ଇତିହାସରେ ଇରାନ ମୋଟ ଉପରେ ୬ଷ୍ଠଥର ପାଇଁ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଛି।

## ଦ୍ୱିତୀୟରେ ପହଞ୍ଚିଲା ଜାମସେଦପୁର

**ବାମ୍ବୋଲିମ୍, ୨୮।୧:** ଇଣ୍ଡିଆନ ସୁପରଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଜାମସେଦପୁର ଏଫ୍‌ସି ୧-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ମ୍ୟାଚର ୪୯ତମ ମିନିଟରେ ଡାନିଏଲ ଚିମା ଚୁକ୍‌ଉ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଏହାକୁ ମିଶାଇ ୧୨ ମ୍ୟାଚ ଖେଳିଥିବା ଜାମସେଦପୁର ୬ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୨୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୧୪ ମ୍ୟାଚରୁ ୬ଷ୍ଠ ପରାଜୟ ସହ ଗୋଆ ୧୪ ପଏଣ୍ଟ ସହିତ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।


ମା’ ମଙ୍ଗଳା କ୍ଲବ ଦାସପୁର, ଖୋର୍ଦ୍ଧା ଆନୁକୂଲ୍ୟରେ ଶୁକ୍ରବାର ଆରମ୍ଭ ହୋଇଥିବା ଏକାଦଶତମ ବାର୍ଷିକ ଫୁଟବଲ ପ୍ରତିଯୋଗିତାରେ ଦଲୁଆ କ୍ଲବ ଓ ଦେଉଳିଆ ପାଟଣା କ୍ଲବ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ।

## ମ୍ଲାଡେନୋଭିକ୍-ଡୋଡିଗ୍‌ଙ୍କୁ ଟାଇଟଲ

**ମେଲବୋର୍ନ, ୨୮।୧(ଏପି)**

ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକ୍ ଓ କ୍ରୋଏସିଆର ଇଭାନ ଡୋଡିଗ୍ ଯୋଡ଼ି ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଏହି ଫ୍ରାନ୍ସ-କ୍ରୋଏସିଆ ଯୋଡ଼ି ଅଷ୍ଟ୍ରେଲିଆର ଜିମି ଫୋରଲିସ ଓ ଜାସନ କୁବ୍ଲେରଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ମ୍ଲାଡେନୋଭିକ୍ ପୂର୍ବରୁ ୨୦୧୪ରେ ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ସେତେବେଳେ ସେ ଡାନିଏଲ ନେଷ୍ଟରଙ୍କୁ ପାର୍ଟନର କରିଥିଲେ। ଏହା ବ୍ୟତୀତ ସେ ୨୦୧୮ ଓ ୨୦୨୦ରେ ମହିଳା ଡବଲ୍ସ ଟାଇଟଲ ମଧ୍ୟ ବିଜୟିନୀ ହୋଇଛନ୍ତି। ଏଥରକୁ ମିଶାଇ ସେ ମୋଟ ୫ ମେଜର ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଡୋଡିଗ୍ ମଧ୍ୟ ୩ଟି ଅନ୍ୟ ଗ୍ରାଣ୍ଡସ୍ଲାମ ମିକ୍ସଡ ଡବଲ୍ସ ଏବଂ ୨ ଥର ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଗତବର୍ଷ ସେ ଫିଲିପ ପୋଲାସେକ୍‌ଙ୍କୁ ସାଥିକରି ଅଷ୍ଟ୍ରେଲିଆନ ଓପନ ବିଜୟୀ ହୋଇଥିଲେ।


ମିକ୍ସଡ ଡବଲ୍ସ ଟ୍ରଫି ସହ କ୍ରିଷ୍ଟିନା ମ୍ଲାଡେନୋଭିକ୍ ଓ ଇଭାନ ଡୋଡିଗ୍

# ଶ୍ରୀଲଙ୍କାକୁ ହରାଇ ସେମିଫାଇନାଲରେ ଆଫଗାନିସ୍ତାନ

**୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍**

**କୁଲିଜ୍ (ଆଣ୍ଟିଗୁଆ), ୨୮।୧**

ଶ୍ରୀଲଙ୍କାକୁ ୪ ରନରେ ହରାଇ ଆଫଗାନିସ୍ତାନ ଚଳିତ ୧୯ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୪୭.୧ଓଭରରେ ମାତ୍ର ୧୩୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅବ୍‌ଦୁଲ ହାଦି ୩୭, ନୁର ଅହମ୍ମଦ ୩୦ରନ କରିଥିଲେ। ବିପକ୍ଷ ଦଳର ଭିନୁଜା ରନପଲ୍ ମାତ୍ର ୧୦ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ପରେ ଆଫଗାନିସ୍ତାନ ଚମତ୍କାର ବୋଲିଂ କରି ଶ୍ରୀଲଙ୍କାକୁ ୪୬ ଓଭରରେ ୧୩୦ ରନରେ ଅଲଆଉଟ କରିଦେଇଥିଲା। ଶ୍ରୀଲଙ୍କାର ଟପ୍ ସ୍କୋରର ଅଧିନାୟକ ଡୁନିଥ୍ ୱେଲାଲାଗେ ୬୧ବଲ୍‌ରୁ ୩୪ ରନ କରିଥିଲେ। ଆଫଗାନିସ୍ତାନର ବିଲାଲ ସାମି ୨ ଏବଂ ନୁର ଅହମ୍ମଦ, ନଭିନ ଜାଦ୍ରାନ, ଇଝାରୁଲ୍ଲା ନାଭିଦ, ନାଙ୍ଗେୟାଲିଆ ଖାରୋଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଆଫଗାନିସ୍ତାନ ବର୍ତ୍ତମାନ ଫେବୃୟାରୀ ୧ରେ ପ୍ରଥମ ସୁପର ଲିଗ୍ ସେମିଫାଇନାଲରେ ଇଂଲଣ୍ଡକୁ ଭେଟିବ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ